# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 3/2022 Page 16 ₹ 7.00 ★★★★★★

୪୮ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 279 | ମୂଲ୍ୟ ₹୭/-




**୭୪ କୋଟିର ମାଲିକାଣୀ ସୋନାକ୍ଷୀ**

ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ୭୪ କୋଟି ମୂଲ୍ୟ ସମ୍ପତ୍ତିର ମାଲିକାଣୀ।

୧୩

୧୬

**କଲ୍ୟାଣ ଚୌବେ ଏଆଇଏଫ୍ଏଫର ନୂଆ ସଭାପତି**

କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।





କେରଳର କୋଚି ଶିପ୍‌ୟାର୍ଡରୁ ଶୁକ୍ରବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଜଳାବତରଣ।

# ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ

## କ୍ୱାର୍ଟର୍ସରୁ ମିଳିଲା ଝୁଲନ୍ତା ମୃତଦେହ, ପୋଲିସ କହୁଛି ଆତ୍ମହତ୍ୟା

- ୨ ଦିନ ଛୁଟିରେ ଥିଲେ, ପୁଣି ଶୁକ୍ରବାର ଛୁଟି ନେଇଥିଲେ
- ବାପାଙ୍କ ଶ୍ରାଦ୍ଧ ଦିବସରେ ଅଘଟଣ
- ୨ ବର୍ଷରେ ଦେଇଥିଲେ ୭୬ କେସ୍‌ର ରାୟ

**କଟକ ଅଫିସ/ଯାଜପୁର ଅଫିସ୍,୨।୯**

କଟକ ସ୍ୱତନ୍ତ୍ର ପୋକ୍ସୋ (ପ୍ରୋଟେକସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସେସ୍) କୋର୍ଟରେ ବିଚାରପତି ସୁବାସ କୁମାର ବିହାରୀ (୫୦)ଙ୍କର ସିଡିଏ ସେକ୍ଟର-୯ସ୍ଥିତ ସରକାରୀ ବାସଭବନରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶୁକ୍ରବାର ତାଙ୍କ ବାପା ବିଷ୍ଣୁ ଚରଣ ବିହାରୀଙ୍କ ଶ୍ରାଦ୍ଧ ଥିବା ବେଳେ ତାଙ୍କର ଏଭଳି ମୃତ୍ୟୁ ଘଟଣା ଅନେକଙ୍କୁ ବିଷାଦଗ୍ରସ୍ତ କରିଛି। ସେ ୨୦୨୨ରେ ୭୬ ମାମଲାର ରାୟ ଦେଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ କେସ୍‌ରେ ଦୋଷୀଙ୍କୁ ଦଣ୍ଡବିଧାନ କରି ନ୍ୟାୟ ବ୍ୟବସ୍ଥାରେ ଏକ ଉଲ୍ଲେଖନୀୟ ଛାପ ସୃଷ୍ଟି କରିଛନ୍ତି। ତାଙ୍କ ମୃତଦେହକୁ ମର୍କତନଗର ଫେଜ୍-୧ ପୋଲିସ ସ୍ଥାନୀୟ ଏକ ହସ୍ପିଟାଲରୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହେବା ସହ ଅନେକଙ୍କୁ ସ୍ତମ୍ଭୀଭୂତ କରିଦେଇଛି।

ଏସିପି ତାପସ ପ୍ରଧାନଙ୍କ ସୂଚନା ଅନୁସାରେ, ବିଚାରପତି ବିହାରୀ ୨ ଦିନ ଛୁଟିରେ ରହିଥିଲେ। ଶୁକ୍ରବାର ସେ କାର୍ଯ୍ୟରେ ଯୋଗଦେବାର ଥିଲା। ମାତ୍ର ତାଙ୍କ ବାପାଙ୍କ ଶ୍ରାଦ୍ଧ ଥିବାରୁ ସେ କୋର୍ଟ କାର୍ଯ୍ୟରେ ଯୋଗଦେବା ବଦଳରେ ପୁଣି ଛୁଟି ନେବା ନିମନ୍ତେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାବେଳେ ତାଙ୍କ ଷ୍ଟେନୋଙ୍କୁ ଦରଖାସ୍ତ ଟାଇପ୍ କରି ପଠାଇବାକୁ କହିଥିଲେ। ସେ ଛୁଟି ମଧ୍ୟ ନେଇଥିଲେ। ହେଲେ ଏହାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହୋଇଥିଲା। ଏସିପି କହିଛନ୍ତି ଯେ, ବିଚାରପତି ବିହାରୀଙ୍କ ସ୍ତ୍ରୀ ବାହାରକୁ ଯାଇଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ ତାଙ୍କ ଅର୍ଦ୍ଦଳିଙ୍କୁ ଆଉ କିଛି କାମ ନାହିଁ, ଯାଅ ବୋଲି କହିଥିଲେ। ଅର୍ଦ୍ଦଳି ଜଣକ କ୍ୱାର୍ଟର୍ସରୁ ଚାଲିଯିବା ପରେ ବିଚାରପତି ବିହାରୀ ଏକୁଟିଆ ରହିବାର ସୁଯୋଗରେ ଆତ୍ମହତ୍ୟା କରିଥାଇ ପାରନ୍ତି। ସ୍ତ୍ରୀ ଫେରିବା ପରେ ସ୍ୱାମୀ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ତୁରନ୍ତ ଅର୍ଦ୍ଦଳିଙ୍କ ସହାୟତାରେ ସେ ଝୁଲନ୍ତା ଶରୀରକୁ ତଳକୁ ଓହ୍ଲାଇଥିଲେ। ଏହାପରେ ସ୍ଥାନୀୟ ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହସ୍ପିଟାଲ ପକ୍ଷରୁ ସୂଚନା ପାଇ ପୋଲିସ ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ☞ପୃଷ୍ଠା-୪



ସୁବାସ କୁମାର ବିହାରୀ

# ନୌସେନାର ନୂଆ ପତାକା ଉନ୍ମୋଚିତ

**ନୂଆଦିଲ୍ଲୀ,୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କେରଳର କୋଚି ଶିପ୍‌ୟାର୍ଡରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଜଳାବତରଣ କରିବା ଅବସରରେ ନୌସେନାର ନୂଆ ପତାକା (ଏନ୍‌ସାଇନ) ଉନ୍ମୋଚନ କରିଛନ୍ତି। ନୂଆ ପତାକାର ଉପର ଭାଗରେ ଭାରତର ଜାତୀୟ ପତାକା ଏବଂ ଏହା ପାଖକୁ ନୀଳ ରଙ୍ଗର ଅଷ୍ଟଭୁଜ ଆକୃତି ମଧ୍ୟରେ ଜାତୀୟ ସଙ୍କେତ ରହିଛି। ଛତ୍ରପତି ଶିବାଜୀଙ୍କ ସିଲ୍ ଦ୍ୱାରା ଅନୁପ୍ରାଣିତ ହୋଇ ଏଭଳି ଅଷ୍ଟକୋଣୀୟ ଡିଜାଇନ କରାଯାଇଛି। ନୂଆ ଏନ୍‌ସାଇନ ଗ୍ରହଣ କରି ଭାରତ ଏହାର ଦାସତ୍ୱର ବୋଝକୁ ହଟାଇଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୩୪ରେ ନୌସେନାକୁ ରୟାଲ ଇଣ୍ଡିଆନ ନାଭି (ଆର୍‌ଆଇଏନ୍) ଭାବେ ନାମିତ କରାଯାଇଥିଲା। ସ୍ୱାଧୀନତା ପରେ ଦେଶ ବିଭାଜନ ସହ ନୌସେନା ରୟାଲ ଇଣ୍ଡିଆନ ନାଭି ଓ ରୟାଲ ☞ପୃଷ୍ଠା-୪

ପୂର୍ବରୁ



ଏବେ



**ଆଜିର ସମ୍ପାଦକୀୟ**

**ସଙ୍କୁଚିତ କ୍ଷେତ୍ର**

**୪ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟା**

☞ପୃଷ୍ଠା-୪

# ୧୨ ବର୍ଷ ହେଲା ଭଣ୍ଡାଉଛି ଏମ୍‌ସିଏଲ୍

- ଧାରଣାରେ ବସିଲେ ଗୋପାଳପ୍ରସାଦ କ୍ଷତିଗ୍ରସ୍ତ

**ତାଳଚେର, ୨।୯ (ନି.ପ୍ର.)**

ଜମି ବଦଳରେ ମିଳିବ ପର୍ଯ୍ୟାପ୍ତ କ୍ଷତିପୂରଣ। ଖଣିରେ ଦିଆଯିବ ନିଯୁକ୍ତି। ଥଇଥାନ ବ୍ୟବସ୍ଥା ମଧ୍ୟ କରିବ କୋଇଲା କମ୍ପାନୀ। ଏପରି ପ୍ରଲୋଭନ ଦେଖାଇ ହିଙ୍ଗୁଳା କ୍ଷେତ୍ର ନିମନ୍ତେ ୨୦୧୦ରେ ତାଳଚେର ଗୋପାଳପ୍ରସାଦବାସୀଙ୍କ ୩୪୮ ଏକର ଜମି ଅଧିଗ୍ରହଣ କରିଥିଲା ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)। ହେଲେ ୧୨ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, କ୍ଷତିପୂରଣ ନ ଦେଇ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଭଣ୍ଡାଇ ଚାଲିଥିବା କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଏପରି କି ଅନୁଗୋଳ ଜିଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶକୁ ଏମ୍‌ସିଏଲ୍ ବେଖାତିର କରୁଥିବାରୁ ଶୁକ୍ରବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଗୋପାଳପ୍ରସାଦର ୧୫୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ। ସେମାନେ ହିଙ୍ଗୁଳା ଏରିଆ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ୪ ତାରିଖ ମଧ୍ୟରେ ନ୍ୟାୟ ନ ମିଳିଲେ ୫ରେ ସମୂହ ଗଣଧାରଣା ଦିଆଯିବା ସହ ୬ ତାରିଖରୁ ଏମ୍‌ସିଏଲ୍ କର୍ମଚାରୀଙ୍କୁ ଗୋପାଳପ୍ରସାଦ ସୀମାରେ ପୂରାଇ ଦିଆଯିବ ନାହିଁ ବୋଲି କ୍ଷତିଗ୍ରସ୍ତମାନେ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ୨୦୧୦ ମସିହାରେ ତାଳଚେରସ୍ଥିତ ହିଙ୍ଗୁଳା କ୍ଷେତ୍ର ନିମନ୍ତେ ଏମ୍‌ସିଏଲ୍ ପକ୍ଷରୁ ୩ୟ ପର୍ଯ୍ୟାୟରେ ଗୋପାଳପ୍ରସାଦ ☞ପୃଷ୍ଠା-୪






# ବ୍ଲଡ୍ ଗ୍ରୁପ୍ ଜଣାଇବ ହୃଦ୍‌ଘାତ ଆଶଙ୍କା

**'ଏ' ବ୍ଲଡ଼ଗ୍ରୁପଧାରୀଙ୍କୁ ଅଧିକ ବିପଦ**

**ୱାଶିଂଟନ,୨।୯**

୬୦ ବର୍ଷ ବୟସ ପୂର୍ବରୁ କେଉଁ ବ୍ୟକ୍ତିଙ୍କଠାରେ ହୃଦ୍‌ଘାତ ଆଶଙ୍କା କେତେ ତାହା ବ୍ଲଡ୍ ଗ୍ରୁପ୍‌ରୁ ଜଣାପଡ଼ିବ। ଆମେରିକାର ମାରିଲାଣ୍ଡସ୍ ସ୍କୁଲ ଅଫ୍ ମେଡିସିନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। କମ୍ ବୟସ ବର୍ଗଙ୍କ କ୍ଷେତ୍ରରେ ହୃଦ୍‌ଘାତ ସମସ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଅନୁସନ୍ଧାନ କରାଯାଇଥିଲା। ଦୁଇ ପ୍ରକାର ବ୍ୟକ୍ତି ବିଶେଷଙ୍କ ବ୍ଲଡ୍ ଗ୍ରୁପ୍‌କୁ ନେଇ ବିଶେଷଜ୍ଞମାନେ ଏହି ଷ୍ଟଡି କରିଛନ୍ତି। ଯୁବଗୋଷ୍ଠୀ ଯେଉଁମାନଙ୍କଠାରେ ହୃଦ୍‌ଘାତ ସମସ୍ୟା ଦେଖାଦେଇଛି ଏବଂ ବୟସ୍କ ବର୍ଗ ଯେଉଁମାନେ ଆଦୌ ଏହି ସମସ୍ୟା ଅନୁଭବ କରିନାହାନ୍ତି। ଅଧ୍ୟୟନ ରିପୋର୍ଟ ମୁତାବକ 'ଏ' ବ୍ଲଡ୍‌ଗ୍ରୁପ୍ ଧାରୀ ବକ୍ତିମାନଙ୍କ କ୍ଷେତ୍ରରେ ୬୦ ବର୍ଷ ପୂର୍ବରୁ ହୃଦ୍‌ଘାତ ଜନିତ ସମସ୍ୟା ଦେଖାଯିବାକୁ ଥିବାବେଳେ ଯେଉଁମାନଙ୍କ ବ୍ଲଡ୍‌ଗ୍ରୁପ୍ 'ଓ' ସେମାନଙ୍କଠାରେ ହୃଦ୍‌ଘାତ ଆଶଙ୍କା କମ୍ ।

ନ୍ୟୁରୋଲୋଜି ଜର୍ନାଲରେ ପ୍ରକାଶିତ ଏହି ଷ୍ଟଡି ରିପୋର୍ଟ ଅନୁସାରେ ହୃଦ୍‌ଘାତ ସଂକ୍ରାନ୍ତରେ ବିଶେଷଜ୍ଞଙ୍କ ଦ୍ୱାରା ମୋଟ ୪୮ଟି ଅନୁସନ୍ଧାନ ହୋଇଛି। ୧୭ ହଜାର ହୃଦ୍‌ଘାତ ଦ୍ୱାରା ଆକ୍ରାନ୍ତଙ୍କ ସହ ୬ ଲକ୍ଷ ସୁସ୍ଥ ବ୍ୟକ୍ତିଙ୍କୁ ନେଇ ଏହି ଷ୍ଟଡି କରାଯାଇଛି। କ୍ରୋମୋଜୋମ୍‌ରେ ଥିବା ଜିନ୍‌ରୁ ବ୍ୟକ୍ତିଙ୍କ କେଉଁ ବ୍ଲଡ୍‌ଗ୍ରୁପ୍ ତାହା ଜଣାପଡ଼ିଥାଏ। ସମସ୍ତ ବ୍ଲଡ୍ ଗ୍ରୁପ୍ ମଧ୍ୟରୁ 'ଏ' ବ୍ଲଡ୍ ଗ୍ରୁପ୍ ଥିବା ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ହୃଦ୍‌ଘାତ ହେବାର ଆଶଙ୍କା ୧୬% ଅଧିକ ରହିଥାଏ। ସେହିପରି 'ଓ' ବ୍ଲଡ୍ ଗ୍ରୁପ୍ ଥିବା ଲୋକଙ୍କଠାରେ ଏହି ଆଶଙ୍କା ୧୨% କମ୍ ଥାଏ। କାନାଡିଆନ୍ ବ୍ଲଡ୍ ସର୍ଭିସ୍ ଅନୁସାରେ ୩୯% କାନାଡାବସୀଙ୍କ ବ୍ଲଡ୍‌ଗ୍ରୁପ୍ 'ଓ' ପଜିଟିଭ୍ ହୋଇଥିବାବେଳେ ୩୬% ଲୋକଙ୍କର 'ଏ' ପଜିଟିଭ ବ୍ଲଡ୍ ଗ୍ରୁପ୍ । ଏ ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିଙ୍କଠାରେ କେଉଁ କାରଣରୁ ହୃଦ୍‌ଘାତ ସମସ୍ୟା ଅଧିକ ତାହା ଜଣାପଡ଼ି ନଥିବା ଅଧ୍ୟୟନର କୋ-ଅଥର ଷ୍ଟିଭେନ୍ ଜେ.କିଟନର କହିଛନ୍ତି। ଅଧ୍ୟୟନ ମୁତାବକ 'ପୋଲିପିଲ୍' ଔଷଧ ସେବନ ଦ୍ୱାରା ରକ୍ତ ଚାପ ନିୟନ୍ତ୍ରଣ ହୁଏ। ସେହିପରି କମ୍ ସମୟ ଶୋଇବା ଦ୍ୱାରା ହୃଦ୍‌ଘାତ ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ରହିଥିବା ଅନୁସନ୍ଧାନରୁ ଜଣାପଡ଼ିଛି।


DSPL - 161

ଓଡ଼ିଶା ସରକାର

**କୋଭିଡ୍ ଟୀକାକରଣ ଅମୃତ ମହୋତ୍ସବ**




**ଏବେ ମାଗଣାରେ ମିଳୁଛି କୋଭିଡ୍ ପ୍ରିକସନ୍ ଡୋଜ୍**

- ୧୮ ରୁ ୫୯ ବର୍ଷ ବୟସ୍କ ମାନଙ୍କ ପାଇଁ।
- ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁଅଛି।
- କୋଭିସିଲ୍ଡ କିମ୍ବା କୋଭାକ୍ସିନ୍ ଟୀକାର ଦ୍ୱିତୀୟ ମାତ୍ରା ନେଇଥିବା ବ୍ୟକ୍ତିମାନେ ୬ ମାସ ପରେ କୋର୍ବିଭାକ୍ସ ଟୀକା ପ୍ରିକସନ୍ ଡୋଜ୍ ଭାବେ ନେଇପାରିବେ।
- ସରକାରୀ କୋଭିଡ୍ ଟୀକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ଦିଆଯାଉଛି।
- କୋଭିଡ୍ ସଂକ୍ରମଣ ବଢୁଥିବାରୁ ପ୍ରିକସନ୍ ଡୋଜ୍ ନେବା ଅତ୍ୟନ୍ତ ଜରୁରୀ।

ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଆଗଧାଡିର କର୍ମୀ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ପାଇଁ ପ୍ରିକସନ୍ ଡୋଜ୍ ଟୀକାକରଣ ପୂର୍ବଭଳି ଚାଲୁଅଛି।

**କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ**

ଟୀକା ନେଇଥିଲେ ମଧ୍ୟ କୋଭିଡ୍ ନିୟମ କଡାକଡି ପାଳନ କରନ୍ତୁ

ଅଧିକ ଜାଣିବା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ, କୋ-ୱିନ୍ ପୋର୍ଟାଲ୍ ଲଗ୍-ଇନ୍ କରନ୍ତୁ କିମ୍ବା ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।

OIPR-10003/13/0074/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

**କାର୍ ମାଡ଼ିଯାଇ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ**

ଗୁଜରାଟର ଆରାବଲୀରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଶ୍ରଦ୍ଧାଳୁମାନେ ୫ ତାରିଖରେ ଆରମ୍ଭ ହେବାକୁ ଥିବା ଭାଦ୍ରବ ପୂର୍ଣ୍ଣିମା ଉତ୍ସବରେ ଯୋଗଦେବା ଲାଗି ଚାଲି ଚାଲି ବନସକଣ୍ଠାସ୍ଥିତ ଅମ୍ବାଜି ମନ୍ଦିର ଅଭିମୁଖେ ଯାଉଥିବାବେଳେ ଦ୍ରୁତ ବେଗରେ ଆସୁଥିବା ଇନୋଭା ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଶ୍ରଦ୍ଧାଳୁମାନେ ଦାହୋଦ୍‌ରୁ ବାହାରିଥିବାବେଳେ କ୍ରିଷ୍ଣପୁର ଗ୍ରାମ ନିକଟ ୪-ଲେନ୍ ରାଜପଥରେ ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ତିସ୍ତା ସିତଲଭାଡ୍‌ଙ୍କୁ ଅନ୍ତରୀଣ ଜାମିନ



**ନୂଆଦିଲ୍ଲୀ,୨।୯(ପି.ଟି.):** ୨୦୦୨ ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗତ ଜୁନ୍ ୨୫ରେ ଗିରଫ ହୋଇଥିବା ସାମାଜିକ କର୍ମୀ ତିସ୍ତା ସିତଲଭାଡ୍‌ଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଗୁଜରାଟ ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନ ଉପରେ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ପାସ୍‌ପୋର୍ଟ ତଳକୋର୍ଟରେ ସମର୍ପଣ କରିବାକୁ ପ୍ରଧାନ ବିଚାରପତି ୟୁ.ୟୁ.ଲଲିତ, ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଜାଲିଆତି କରି ନିରୀହ ଲୋକଙ୍କୁ ଦଙ୍ଗାରେ ଫସାଇବା ମାମଲାର ତଦନ୍ତରେ ସହାୟତା କରିବାକୁ ତାଙ୍କୁ କୁହାଯାଇଛି। ଆବେଦନକାରୀ ଜଣେ ମହିଳା ଓ ସେ ଦୁଇମାସ ହେଲା ଜେଲ୍‌ରେ ରହିଲେଣି। ତାଙ୍କ ଆବେଦନ ହାଇକୋର୍ଟରେ ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ବର୍ତ୍ତମାନ ସ୍ଥିତିରେ ସେ ଅନ୍ତରୀଣ ଜାମିନ ପାଇବାକୁ ହକ୍‌ଦାର ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଏହା ସାଧାରଣ ଆଇପିସି ଅପରାଧ ମାମଲା ହୋଇଥିବାରୁ ଜାମିନ ପ୍ରଦାନରେ ପ୍ରତିବନ୍ଧକ ରହିବ ନାହିଁ ବୋଲି ଗୁରୁବାର ମାମଲା ଶୁଣାଣି ବେଳେ ସିଜେଆଇ ଜଷ୍ଟିସ ଲଲିତ କହିଥିଲେ।

### ହରିୟାଣାରେ ଭାଜପା ନେତାଙ୍କୁ ହତ୍ୟା

**ଗୁରୁଗ୍ରାମ,୨।୯:** ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଭାଜପା ନେତା ତଥା ସୋହନା ବଜାର କମିଟିର ପୂର୍ବତନ ଉପସଭାପତି ସୁଖବୀର ଖଟାନାଙ୍କୁ ୫ ଜଣ ଦୁର୍ବୃତ୍ତ ଗୁରୁଗ୍ରାମର ଏକ ଶୋ'ରୁମ୍ ଭିତରେ ଗୁଳିକରି ହତ୍ୟା କରିଛନ୍ତି। ସୁଖବୀର ସୋହନାରୁ ଜିଲା ପରିଷଦ ନିର୍ବାଚନ ଲଢ଼ିବା ଲାଗି ପ୍ରସ୍ତୁତି ଚଳାଇଥିଲେ। ତାଙ୍କ ପୁଅଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ଭିଣୋଇଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ରେମଣ୍ଡ ଶୋ'ରୁମ୍‌ରେ ଖଞ୍ଜାଯାଇଥିବା ସିସିଟିଭି କ୍ୟାମେରାରେ ଆକ୍ରମଣକାରୀଙ୍କ ଫଟୋ କଏଦ ହୋଇଛି। ତେବେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ କାହାକୁ ଗିରଫ କରିନାହିଁ।

### ଶ୍ରୀଲଙ୍କା ଫେରିଲେ ଗୋଟାବାୟା

**କଲମ୍ବୋ,୨।୯:** ଦୁଇମାସ ପୂର୍ବେ ଥାଇଲାଣ୍ଡ ପଳାଇଯାଇଥିବା ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଶୁକ୍ରବାର ରାତିରେ ସ୍ୱଦେଶ ଫେରିଛନ୍ତି। ତାଙ୍କୁ କଲମ୍ବୋ ବିମାନବନ୍ଦରରେ ଦଳୀୟ ନେତାମାନେ ସ୍ୱାଗତ କରିଛନ୍ତି।



ଶ୍ରୀଲଙ୍କା ପୋଦୁଜନ ପେରାମୁନା (ଏସ୍‌ଏଲ୍‌ପିପି)ର ଅନୁରୋଧକ୍ରମେ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ପୂର୍ବତନ ରାଷ୍ଟ୍ରପତି ଗୋଟାବାୟାଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିଥିଲେ। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ଗୋଟାବାୟାଙ୍କୁ ଦାୟୀ କରାଯାଇ ତାଙ୍କର ଇସ୍ତଫା ଦାବି କରାଯାଇଥିଲା। ଜନଆକ୍ରୋଶରୁ ବର୍ତ୍ତିବା ଲାଗି ଜୁଲାଇ ୧୩ ଭୋର ସମୟରେ କଲମ୍ବୋ ଛାଡ଼ିଥିଲେ। ସିଙ୍ଗାପୁରରେ ପହଞ୍ଚିବା ପରେ ୧୪ ତାରିଖରେ ଗୋଟାବାୟା ରାଷ୍ଟ୍ରପତି ପଦରୁ ଇସ୍ତଫା ଘୋଷଣା କରିଥିଲେ।

# କେଜିଏଫ୍ ଦେଖି ସିରିଏଲ କିଲର

- ମଧ୍ୟପ୍ରଦେଶରେ ସିକ୍ୟୁରିଟି ଗାର୍ଡ ହତ୍ୟା ଅଭିଯୁକ୍ତ ଗିରଫ
- ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ହେବାକୁ ମର୍ଡର

**ଭୋପାଳ, ୨।୯**

ମଧ୍ୟପ୍ରଦେଶରେ ସିକ୍ୟୁରିଟି ଗାର୍ଡଙ୍କୁ ଟାର୍ଗେଟ କରି ହତ୍ୟା କରୁଥିବା ସିରିଏଲ କିଲରଙ୍କୁ ଧରିବାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଅଦ୍ୟାବଧି ୫ ଜଣଙ୍କ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତ ୧୯ ବର୍ଷୀୟ ଶିବପ୍ରସାଦ ଧ୍ରୁବେଙ୍କୁ ଶୁକ୍ରବାର ଗିରଫ କରାଯାଇଛି। କେଜିଏଫ୍-୨ ଫିଲ୍ମରୁ ଅନୁପ୍ରାଣିତ ହୋଇ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ହେବା ଉଦ୍ଦେଶ୍ୟରେ ସେ ଏପରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏଥିସହ ସେ ଗତ ୫ ଦିନରେ ୪ଟି ହତ୍ୟାକାଣ୍ଡ ଘଟାଇଥିବା ମାନିଛନ୍ତି ବୋଲି ପୋଲିସ କହିଛି। ଶୁକ୍ରବାର ଭୋର୍ ପ୍ରାୟ ସାଢ଼େ ୩ଟାରେ ତାଙ୍କୁ ଧରାଯିବା ପୂର୍ବରୁ ସେ ଆଉ ଜଣଙ୍କୁ ହତ୍ୟା କରିଥିବା ସୂଚନା ଦିଆଯାଇଛି। ତେବେ ଗତ ମେ'ରେ ଆଉ ଜଣେ ଜଗୁଆଳିଙ୍କ ମର୍ଡରରେ ସମ୍ପୃକ୍ତ ଅଛନ୍ତି କି ନା ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।



ଶିବପ୍ରସାଦ ଧ୍ରୁବେ

ସାଗର ସହରର କେସ୍‌ଲି ଅଞ୍ଚଳ ବାସିନ୍ଦା ଶିବପ୍ରସାଦ ଗୁରୁବାର ରାତିରେ ଏକ ମାର୍ବଲ ପଥରରେ ଭୋପାଳର ଲାଲଘାଟିରେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ସିସିଟିଭି ଫୁଟେଜ୍ ଏବଂ ମୋବାଇଲ ଫୋନ୍ ଟ୍ରାକିଂ ଜରିଆରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶିବପ୍ରସାଦ କେଜିଏଫ୍-୨ ଫିଲ୍ମର ରକି ଭାଇ ଚରିତ୍ରରୁ ଅନୁପ୍ରାଣିତ ହୋଇଥିଲେ। ଏପରି ହତ୍ୟା ମାଧ୍ୟମରେ ପାଣ୍ଠି ସଂଗ୍ରହ କରି ସେ ଗ୍ୟାଙ୍ଗଷ୍ଟାର ହେବାକୁ ଯୋଜନା କରିଥିଲେ। ଏହା ଦ୍ୱାରା ଭବିଷ୍ୟତରେ ପୋଲିସ ଅଧିକାରୀମାନଙ୍କୁ ଟାର୍ଗେଟ କରି ହତ୍ୟା କରିପାରିବେ ଭାବିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶିବପ୍ରସାଦ କେବଳ ଶୋଇଥିବା ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା କରୁଥିଲେ। ସେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ିଥିବାବେଳେ ଗୋଆରେ କୌଣସି କାମ କରୁଥିଲେ। ସେ କିଛି ମାତ୍ରାରେ ଇଂଲିଶ ମଧ୍ୟ କହିଜାଣିଛନ୍ତି। ପ୍ରଥମେ ସେ ମହାରାଷ୍ଟ୍ରର ପୁଣେରେ ଜଣଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ପରେ ମଧ୍ୟପ୍ରଦେଶର ସାଗର ସହରକୁ ଆସିଥିଲେ। ଅଗଷ୍ଟ ୨୮ରୁ ଲଗାତର ୩ ଦିନରେ ୩ଟି ହତ୍ୟାକାଣ୍ଡ ଘଟିବା ପରେ ପୋଲିସ ତାଙ୍କୁ ଧରିବା ପାଇଁ ସ୍କେଚ୍ ଜାରି କରିବା ସହ ଅଭିଯୁକ୍ତ ବିଷୟରେ ସୂଚନା ଦେଲେ ୩୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ସିକ୍ୟୁରିଟି ଗାର୍ଡ ମଙ୍ଗଲ୍ ଅହିରୱାରଙ୍କ ମୃତ୍ୟୁ ଘଟିଛି।

# ଆଇଏନ୍‌ଏସ୍ ବିକ୍ରାନ୍ତର ଜଳାବତରଣ

## ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ




**କୋଚି,୨।୯**

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଜଳାବତରଣ କରାଇଛନ୍ତି। ଏଥିପାଇଁ କେରଳର କୋଚି ଶିପ୍‌ୟାର୍ଡରେ ଜଳାବତରଣ ଉତ୍ସବର ଆୟୋଜନ କରାଯାଇଥିଲା। ୪୫ ହଜାର ଟନ୍ ଓଜନ ବିଶିଷ୍ଟ ଏହି ଯୁଦ୍ଧଜାହାଜ ନିର୍ମାଣରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ୨୬୨ ମିଟର ଲମ୍ବ,୬୨ ମିଟର ଓସାର ଏବଂ ୫୯ ମିଟର ଉଚ୍ଚତା ବିଶିଷ୍ଟ ଆଇଏନ୍‌ଏସ୍ ବିକ୍ରାନ୍ତ ଭାରତ ନିର୍ମିତ ସବୁଠୁ ବଡ଼ ଯୁଦ୍ଧଜାହାଜ। ଏଥିରେ ଏକସଙ୍ଗେ ମିଗ୍-୨୯କେ ଫାଇଟର ଜେଟ୍, ହେଲିକପ୍ଟର ସମେତ ୩୦ ଯୁଦ୍ଧବିମାନ ମୁତୟନ ହୋଇପାରିବ। ଏଥିରେ ପ୍ରାୟ ୧,୬୦୦ ନୌସେନା ଯବାନ ମୁତୟନ ରହିବା ବ୍ୟବସ୍ଥା ରହିଛି। ଆଇଏନ୍‌ଏସ୍ ବିକ୍ରାନ୍ତ ଆତ୍ମନିର୍ଭର ଭାରତ ମିଶନ୍‌ର ପ୍ରତିଫଳନ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହାଦ୍ୱାରା ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ଏଭଳି ବୃହତ୍ ଯୁଦ୍ଧଜାହାଜ ନିର୍ମାଣ କରୁଥିବା ଅଳ୍ପ କେତୋଟି ଦେଶ ତାଲିକାରେ ନିଜକୁ ସାମିଲ କରିପାରିଛି। ବିକ୍ରାନ୍ତ ଭାରତୀୟ ସେନାକୁ ନୂଆ ଆତ୍ମବିଶ୍ୱାସ ପ୍ରଦାନ କରିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନୌସେନାର ନୂଆ ପତାକା ଉନ୍ମୋଚନ କରିଛନ୍ତି। ନୂଆ ଏନ୍‌ସାଇନ୍‌ର ଉପର କ୍ୟାଣ୍ଟନରେ ଜାତୀୟ ପତାକା ଏବଂ ଉପର ଆଙ୍କରରେ ଜାତୀୟ ସଙ୍କେତ ଏକ ନୀଳ ରଙ୍ଗର ଅଷ୍ଟଭୁଜ ଆକୃତି ମଧ୍ୟରେ ରହିଛି। ଛତ୍ରପତି ଶିବାଜୀଙ୍କ ସିଲ୍ ଦ୍ୱାରା ଅନୁପ୍ରାଣିତ ହୋଇ ଏଭଳି ଅଷ୍ଟକୋଣୀୟ ଡିଜାଇନ କରାଯାଇଛି। ପୂର୍ବରୁ ରହିଥିବା ବ୍ରିଟେନ ପତାକା ହଟାଇଦିଆଯାଇଛି। ନୂଆ ଏନ୍‌ସାଇନ ଗ୍ରହଣ କରି ଭାରତ ଏହାର ଛାତିରୁ ଦାସତ୍ୱର ବୋଝକୁ ହଟାଇଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଯୁଦ୍ଧଜାହାଜ ନିର୍ମାଣ ଲାଗି ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାବେଳେ ଗତ ମାସ ୨୧ ତାରିଖରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ଭାରତ ନିକଟରେ ଏବେ ଏକମାତ୍ର ଯୁଦ୍ଧବିମାନବାହୀ ନୌବହର ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ରହିଛି। ଏହା ରୁଷିଆ ପ୍ଲାଟ୍‌ଫର୍ମରେ ନିର୍ମିତ ହୋଇଛି। ପ୍ରତିରକ୍ଷା ବାହିନୀ ଏଭଳି ୩ଟି ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଆବଶ୍ୟକ କରୁଛି।

ଆଇଏନ୍‌ଏସ୍ ବିକ୍ରାନ୍ତ ଜଳାବତରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଶ୍ରେୟ ନେବାକୁ ଉଦ୍ୟମ କରୁଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ଏଥିରେ ପୂର୍ବ ସରକାରର ଅବଦାନ ରହିଛି, ଯାହାକୁ ସ୍ୱୀକୃତି ଦେବାକୁ ଚାହୁଁ ନ ଥିବା ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ କପଟୀ ବୋଲି କହିଛି। ବିକ୍ରାନ୍ତର ଜଳାବତରଣ ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତୀୟ ନୌସେନା, ନାଭାଲ ଡିଜାଇନ ବ୍ୟୁରୋ ଏବଂ କୋଚି ଶିପୟାର୍ଡକୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନି ୨୦୧୩ ଅଗଷ୍ଟରେ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମାଣର ଶୁଭାରମ୍ଭ କରୁଥିବାବେଳର ଭିଡିଓକୁ କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଶେୟାର କରିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ସରକାର ସମୟରେ ଯୁଦ୍ଧଜାହାଜର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମୋଦି ସରକାରଙ୍କ ସମୟରେ ଏହା ଜଳାବତରଣ କରିଛି। ଆଇଏନ୍‌ଏସ୍ ବିକ୍ରାନ୍ତର ଡିଜାଇନ, ନିର୍ମାଣ, ପରୀକ୍ଷା ଓ ଶୁଭାରମ୍ଭ ପାଇଁ ୨୨ ବର୍ଷ ସମୟ ଲାଗିଥିବାରୁ ମୋଦି ସରକାର ଏକାକୀ ଶ୍ରେୟର ହକ୍‌ଦାର ନୁହନ୍ତି ବୋଲି ଜୟରାମ କହିଛନ୍ତି।

### ଯୁଦ୍ଧଜାହାଜର ବୈଶିଷ୍ଟ୍ୟ

- ୧୯୭୧ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଭାରତର ପ୍ରଥମ ଯୁଦ୍ଧବିମାନବାହୀ ନୌବହର ନାଁ ଅନୁସାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧଜାହାଜର ନାମ ଆଇଏନ୍‌ଏସ୍ ବିକ୍ରାନ୍ତ ରଖାଯାଇଛି।
- ଏହାର ସର୍ବାଧିକ ବେଗ ୨୮ ନଟିକାଲ ମାଇଲ ଏବଂ ସ୍ୱାଭାବିକ ବେଗ ୧୮ ନଟିକାଲ ମାଇଲ। ଥରେ ଇନ୍ଧନ ଭରିଲେ ଏହା ସମୁଦ୍ରରେ ୭,୫୦୦ ନଟିକାଲ ମାଇଲ ଅତିକ୍ରମ କରିପାରିବ। ଯୁଦ୍ଧଜାହାଜର ଲମ୍ବ ୨୬୨ ମିଟର ହୋଇଥିବାବେଳେ ପ୍ରସ୍ଥ ୬୨ ମିଟର ଓ ଉଚ୍ଚା ୫୯ ମିଟର ରହିଛି।
- ଯୁଦ୍ଧଜାହାଜ ଡିଜାଇନ ବ୍ୟୁରୋ ଏହାର ଆଇଏନ୍‌ଏସ୍ ବିକ୍ରାନ୍ତର ଡିଜାଇନ କରିଥିବାବେଳେ କୋଚି ଶିପ୍‌ୟାର୍ଡ ଲିମିଟେଡ ନିର୍ମାଣ କରିଛି। ୪୫,୦୦୦ ଟନ୍ ଓଜନର ଏହି ଯୁଦ୍ଧଜାହାଜରେ ୨,୫୦୦ କିଲୋମିଟର ଇଲେକ୍ଟ୍ରିକ୍ କେବୁଲ ରହିଛି।
- ଯୁଦ୍ଧଜାହାଜରେ ୧,୭୦୦ ନୌସେନା କର୍ମଚାରୀ ରହିବା ଲାଗି ୨,୩୦୦ ପ୍ରକୋଷ୍ଠ ରହିଛି। ମହିଳା ଅଫିସରମାନଙ୍କ ଲାଗି ରହିଛି ସ୍ୱତନ୍ତ୍ର କମ୍ପାର୍ଟମେଣ୍ଟ।
- ଆଇଏନ୍‌ଏସ୍ ବିକ୍ରାନ୍ତ ଭାରତୀୟ ନୌସେନାର ଆକ୍ରମଣାତ୍ମକ ଓ ପ୍ରତିରକ୍ଷା କ୍ଷମତାକୁ ବହୁଗୁଣିତ କରିବ।
- ଏଥିରେ ଅତ୍ୟାଧୁନିକ ଫିଚର ରହିଛି।

### ୪ ଦିନ ପୋଲିସ ହାଜତକୁ ଗଲେ ବଳାତ୍କାର ଅଭିଯୁକ୍ତ ମହନ୍ତ ଶିବମୂର୍ତ୍ତି



**ବେଙ୍ଗାଲୁରୁ,୨।୯**

କର୍ଣ୍ଣାଟକର ଶକ୍ତିଶାଳୀ ଲିଙ୍ଗାୟତ ସମ୍ପ୍ରଦାୟର ଧର୍ମୀୟ ନେତା ତଥା ମୁରୁଘା ମଠର ମହନ୍ତ ଶିବମୂର୍ତ୍ତି ମୁରୁଘା ଶରାନାରୁଙ୍କୁ ନାବାଳିକା ବଳାତ୍କାର ଅଭିଯୋଗରେ ଗୁରୁବାର ଗିରଫ କରାଯାଇଥିଲା। ସ୍ଥାନୀୟ ଅଦାଲତ ତାଙ୍କୁ ୪ ଦିନ ପାଇଁ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଗିରଫ ହେବା ପରେ ସ୍ୱାସ୍ଥ୍ୟଗତ କାରଣକୁ ନେଇ ଶୁକ୍ରବାର ସକାଳେ ତାଙ୍କୁ ଚିତ୍ରଦୁର୍ଗସ୍ଥିତ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ହୁଇଲ୍ ଚେୟାରରେ କୋର୍ଟରେ ହାଜର ପାଇଁ ନିଆଯାଇଥିଲା। ଜେରା ପାଇଁ ମହନ୍ତଙ୍କୁ ୫ ଦିନ ରିମାଣ୍ଡରେ ନେବାକୁ ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ରଶ୍ମିଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୩ ଜଣ ଫେରାର ଅଛନ୍ତି। ମଠ ପରିଚାଳିତ ଏକ ଆବାସିକ ସ୍କୁଲ୍‌ର ୨ ଜଣ ନାବାଳିକା ଛାତ୍ରୀ ୬ ଦିନ ପୂର୍ବରୁ ୬୪ ବର୍ଷୀୟ ମହନ୍ତଙ୍କ ବିରୋଧରେ ବଳାତ୍କାର ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ପୋକ୍ସୋ ଆଇନ ଏବଂ ଅନୁସୂଚିତ ଜାତି ଜନଜାତି ସୁରକ୍ଷା ଆଇନରେ ମାମଲା ରୁଜୁ ହୋଇଛି।

## ଝାଡ଼ଖଣ୍ଡ ସଙ୍କଟ: ଦିଲ୍ଲୀ ଗଲେ ରାଜ୍ୟପାଳ

**ରାଞ୍ଚି,୨।୯**

ଝାଡ଼ଖଣ୍ଡରେ ରାଜନୈତିକ ଅନିଶ୍ଚିତତା ଲାଗିରହିଥିବାବେଳେ ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟର ବିଧାୟକମାନେ ଗୁରୁବାର ରାଜ୍ୟପାଳ ରମେଶ ବୈଁଶଙ୍କୁ ଭେଟି ନିର୍ବାଚନ କମିଶନଙ୍କ ସୁପାରିସ ଉପରେ ତୁରନ୍ତ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ରାଜ୍ୟପାଳ ଶୁକ୍ରବାର ଦିଲ୍ଲୀ ଗସ୍ତ କରିଥିବାରୁ ନିଷ୍ପତ୍ତି ନେବାରେ ଅଧିକ ବିଳମ୍ବ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ରାଜ୍ୟପାଳ ମେଡିକାଲ ଚେକ୍‌ଅପ୍ ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ଦିଲ୍ଲୀ ଯାଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ନିଜ ନାମରେ ଖଣି ଲିଜ୍ ନେଇଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳ ବୈଁଶଙ୍କୁ ସୁପାରିସ କରିଥିଲେ। ଇତିମଧ୍ୟରେ ସପ୍ତାହେରୁ ଅଧିକ ସମୟ ବିତିଥିଲେ ମଧ୍ୟ ରାଜ୍ୟପାଳ ଏହା ଉପରେ କୌଣସି ନିଷ୍ପତ୍ତି ନ ନେଇ ସମୟ ଗଡ଼ାଇ ଚାଲିଛନ୍ତି। ଶାସକ ବିଧାୟକମାନଙ୍କୁ କିଣିବା ଲାଗି ରାଜ୍ୟପାଳ ଭାଜପାକୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଘୋଡ଼ାବେପାର ଆଶଙ୍କାରେ ଶାସକ ବିଧାୟକମାନଙ୍କୁ ଛତିଶଗଡ଼ରେ ରଖାଯାଇଛି। ଇସିଙ୍କ ଚିଠି ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ପ୍ରଘଟ ହେବା ପରେ ରାଜ୍ୟରେ ରାଜନୈତିକ ସଙ୍କଟ ସାଙ୍ଗକୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି।



ରମେଶ ବୈଁଶ

## ମସ୍‌ଜିଦରେ ବିସ୍ଫୋରଣ: ୧୮ ମୃତ

**କାବୁଲ, ୨।୯**

ଆଫଗାନିସ୍ତାନର ହେରାଟ୍ ସହରରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ୧୮ ଜଣ ନିହତ ହୋଇଛନ୍ତି। ଅନ୍ୟୂନ ୨୧ ଜଣ ଆହତ ହୋଇଛନ୍ତି। ମଧ୍ୟାହ୍ନରେ ମସ୍‌ଜିଦରେ ପ୍ରାର୍ଥନା ପାଇଁ ଭିଡ଼ ଲାଗିଥିବାବେଳେ ଏକ ବୋମା ବିସ୍ଫୋରଣ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ବରିଷ୍ଠ ମୌଲବୀ ରହିଛନ୍ତି। ତାଙ୍କ ନାଁ ମୁଜିବ୍-ଉଲ୍ ରେହମାନ ଅନ୍‌ସାରୀ। ଆଫଗାନିସ୍ତାନରେ ପାଶ୍ଚାତ୍ୟ ରାଷ୍ଟ୍ରର ହସ୍ତକ୍ଷେପକୁ ସେ ସମାଲୋଚନା କରି ଆସୁଥିଲେ। ତାଲିବାନ୍ ସହ ତାଙ୍କର ଘନିଷ୍ଠତା ଥିଲା। ବିସ୍ଫୋରଣ ପାଇଁ ଅଦ୍ୟାବଧି କେହି ନିଜକୁ ଦାୟୀ କରିନାହନ୍ତି। ଏଥିରେ ଆଇଏସ୍‌ର ସମ୍ପୃକ୍ତି ଥିବା କୁହାଯାଉଛି।



ରୁଷିଆ ଆକ୍ରମଣ ମଧ୍ୟରେ ୟୁକ୍ରେନ୍‌ର ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଛି। କିଭ୍‌ର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବେଲୁନ୍ ଉଡ଼ାଉଛନ୍ତି।

## ସଂସ୍କୃତକୁ ରାଷ୍ଟ୍ରଭାଷା ଘୋଷଣା ଆବେଦନ ଖାରଜ

**ନୂଆଦିଲ୍ଲୀ,୨।୯**

ସଂସ୍କୃତକୁ ଭାରତର ଜାତୀୟ ଭାଷା ଘୋଷଣା କରିବା ଲାଗି ଦାଏର ଏକ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। କୌଣସି ଭାଷାକୁ ଜାତୀୟ ମାନ୍ୟତା ଦେବା ଏକ ନୀତିଗତ ନିଷ୍ପତ୍ତି ହୋଇଥିବାରୁ ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରିବେ ନାହିଁ। ଏଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକ ଥିବା ଦର୍ଶାଇ ଜଷ୍ଟିସ ଏମ୍.ଆର୍. ଶାହା ଏବଂ କ୍ରିଷ୍ଣ ମୁରାରୀଙ୍କ ଖଣ୍ଡପୀଠ ପିଟିଶନକୁ ଅଗ୍ରାହ୍ୟ କରିଦେଇଥିଲେ।

ଭାରତର କେତୋଟି ସହରରେ ସଂସ୍କୃତ ଭାଷାରେ ଲୋକେ କଥା ହେଉଛନ୍ତି। ଆବେଦନକାରୀ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା ଆଇନଜୀବୀ କେ.ଜି. ବଞ୍ଜାରା ସଂସ୍କୃତ ଭାଷା କୁହନ୍ତି କି ଏବଂ ସଂସ୍କୃତରେ ସେ ଗୋଟିଏ ଧାଡ଼ି ଆବୃତ୍ତି କରିପାରିବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ।

# ବଳାତ୍କାରକୁ ପ୍ରତିରୋଧ କରିବାରୁ ମହିଳାଙ୍କୁ ଟ୍ରେନ୍‌ରୁ ଫିଙ୍ଗିଦେଲେ

- କୋଚ୍‌ରେ ଏକୁଟିଆ ଥିଲେ ୯ ବର୍ଷର ପୁଅ
- ଷ୍ଟେଶନରେ ଅପେକ୍ଷା କରିଥିଲେ ସ୍ୱାମୀ

**ଚଣ୍ଡିଗଡ଼, ୨।୯**

ହରିୟାଣାର ଫରିଦାବାଦ୍‌ରେ ଏକ ଲୋମଟାଙ୍କୁରା ଘଟଣା ଘଟିଛି। ବଳାତ୍କାର ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ପ୍ରତିରୋଧ କରିବାରୁ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗି ହତ୍ୟା କରାଯାଇଛି। ମହିଳାଙ୍କ ସାଙ୍ଗରେ ତାଙ୍କର ୯ ବର୍ଷୀୟ ପୁଅ ଥିଲେ। ମା'ଙ୍କୁ ଜଣେ ନିଶାସକ୍ତ ବ୍ୟକ୍ତି ଟ୍ରେନ୍‌ରୁ ଠେଲିଦେବା ପରେ ସେ କୋଚ୍‌ରେ ଏକୁଟିଆ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ତୋହନା ଷ୍ଟେଶନରେ ସ୍ତ୍ରୀଙ୍କୁ ଅପେକ୍ଷା କରିଥିବା ସ୍ୱାମୀ ଟ୍ରେନ୍‌ରେ କେବଳ ପୁଅଙ୍କୁ ଦେଖିବାକୁ ପାଇଥିଲେ। ପୁଅଠାରୁ ଘଟଣା ଜାଣିବା ପରେ ସେ ପୋଲିସକୁ ସୂଚନା ଦେଇଥିଲେ।

ଗୁରୁବାର ରାତିରେ ମହିଳା ଜଣଙ୍କ ଯାତ୍ରା କରୁଥିବା କୋଚ୍‌ରେ କେବଳ ଅଭିଯୁକ୍ତ ସନ୍ଦୀପ(୨୭), ସେ ଏବଂ ତାଙ୍କ ପୁଅ ଥିଲେ। କେହି ନ ଥିବାର ସୁଯୋଗ ନେଇ ସନ୍ଦୀପ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଏହାକୁ ପ୍ରତିରୋଧ କରିଥିଲେ। ନିଶାସକ୍ତ ଅବସ୍ଥାରେ ସନ୍ଦୀପ ମହିଳାଙ୍କୁ ଜବରଦସ୍ତି ଟାଣି ନେଇ ବାହାରକୁ ଫିଙ୍ଗି ଦେଇଥିଲେ। ପରେ ନିଜେ ଟ୍ରେନ୍‌ରୁ ଡେଇଁ ଖସିଯିବାକୁ ଉଦ୍ୟମ କରିଥିଲେ।



ଟ୍ରେନ୍‌ରୁ ଡେଇଁ ସେ ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଗିରଫ ପରେ ଡାକ୍ତରଖାନାରେ ଭର୍ତ୍ତି କରିଛି। ମହିଳା ଜଣକ ହରିୟାଣାର ରୋହତକ୍‌ରେ ରହୁଥିବାବେଳେ ଗୁରୁବାର ରାତିରେ ୧୪୫ କି.ମି. ଦୂର ତୋହନାକୁ ପୁଅ ସହ ଟ୍ରେନ୍‌ରେ ଆସୁଥିଲେ। ୨୦ କି.ମି. ଦୂରରେ ଥିବାବେଳେ ସେ ସ୍ୱାମୀଙ୍କୁ ଫୋନ୍ କରିଥିଲେ। ଘଟଣା ପରେ ମହିଳାଙ୍କ ପରିବାର ଲୋକେ ରେଲ୍‌ୱେ ଟ୍ରାକ୍‌ରେ ରାତିସାରା ଖୋଜାଖୋଜି କରିଥିଲେ। ସକାଳେ ତାଙ୍କ ମୃତଦେହ ମିଳିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୯୦,୨୬,୯୪୨ | ୬୪,୯୯,୩୫୬ | ୫୮,୫୩,୫୯,୬୨୫ |
| ଭାରତ | ୪,୪୪,୪୨,୫୦୭ | ୫,୨୭,୯୩୨ | ୪,୩୮,୫୫,୩୬୫ |
| ଓଡ଼ିଶା | ୧୩,୨୮,୦୭୦ | ୯୧୭୮(+୫୩) | ୧୩,୧୭,୦୪୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଆଜିଠୁ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ସ୍ୱତନ୍ତ୍ର ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ଦ୍ୱିତୀୟ ଓଜେଇ ଶନିବାରଠାରୁ ଆରମ୍ଭ ହେବ। ୩, ୪ ଓ ୭ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନ ୪ଟି ଶିଫ୍ଟରେ ପରୀକ୍ଷା ହେବାକୁ ଥିବାବେଳେ ବାକି ଦୁଇଦିନ ତିନୋଟି ଶିଫ୍ଟରେ ହେବ। ସବୁ ପରୀକ୍ଷାର ସମୟ ଏକ ଘଣ୍ଟା ଲେଖାଏ ରହିଛି। ପ୍ରଥମ ଶିଫ୍ଟ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଥିବାବେଳେ ଦ୍ୱିତୀୟ ଶିଫ୍ଟ ସାଢ଼େ ୧୧ଟାରୁ ସାଢ଼େ ୧୨ଟା, ତୃତୀୟ ଶିଫ୍ଟ ଅପରାହ୍ନ ୨ଟାରୁ ୩ଟା ଏବଂ ଚତୁର୍ଥ ଶିଫ୍ଟ ସାଢ଼େ ୪ଟାରୁ ସାଢ଼େ ୫ଟା ଯାଏ ହେବ। ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ଏମ୍‌ବିଏ, ତୃତୀୟ ଏବଂ ଚତୁର୍ଥ ଶିଫ୍ଟରେ ଲାଟେରାଲଏଣ୍ଟ୍ରି-ଟେକ୍(ଡିପ୍ଲୋମା) ବିଷୟରେ ପରୀକ୍ଷା ରହିଛି। ୪ ତାରିଖରେ ପ୍ରଥମ ତିନୋଟି ଶିଫ୍ଟରେ ବିଟେକ୍ ପାଇଁ ପରୀକ୍ଷା ହେବ। ୭ ତାରିଖରେ ପ୍ରଥମ ଶିଫ୍ଟରେ ବି.ଫାର୍ମ, ଦ୍ୱିତୀୟ ଶିଫ୍ଟରେ ବି.ଫାର୍ମ, ଏମ୍‌ଟେକ୍(ସମସ୍ତ ବିଷୟ), ଏମ୍ ଆର୍କ, ଏମ୍ ଫାର୍ମ, ଲାଟେରାଲ ଏଣ୍ଟ୍ରି-ଟେକ୍(ବିଏସ୍‌ସି) ଏବଂ ତୃତୀୟ ଶିଫ୍ଟରେ ଏମ୍‌ସିଏ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୨୮,୬୨୦ଜଣ ଛାତ୍ରୀଛାତ୍ର ସ୍ୱତନ୍ତ୍ର ଓଜେଇଇ ଦେବେ। ଏଥିପାଇଁ ୨୮ଟି ସହରରେ ୩୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଓଡ଼ିଶା ବାହାରେ କୋଲକାତା, ରାଞ୍ଚି ଏବଂ ପାଟଣା ଆଦି ତିନୋଟି ସହରରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଛି।

### ନାଟ୍ୟକାର ଅକ୍ଷୟ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ନାଟ୍ୟକାର ତଥା ଲେଖକ ଅକ୍ଷୟ କୁମାର ମହାନ୍ତିଙ୍କ ଶୁକ୍ରବାର ସକାଳେ ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ନୂଆଦିଲ୍ଲୀ ମଣ୍ଡି ହାଉସ୍‌ର କାର୍ଯ୍ୟକ୍ରମ ମୁଖ୍ୟ ଥିଲେ। ଏଥିସହ ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ଅଧିକାରୀ ଓ ଇଟିଭିର ବରିଷ୍ଠ ପ୍ରଯୋଜକ ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ଲେଖକ ଭାବେ ବେଶ୍ ପରିଚିତ ଥିଲେ। ଅବସର ପରେ ସେ ଓଡ଼ିଆ ଦୃଶ୍ୟମାନ ସାହିତ୍ୟ ଉପରେ ଡ. ହରିହର କାନୁନ୍‌ଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ପିଏଚ୍.ଡି ଲାଭ କରିଥିଲେ। ତାଙ୍କ ମୃତ୍ୟୁରେ ସାହିତ୍ୟ, ନାଟ୍ୟ ଓ ଦୂରଦର୍ଶନରେ ତାଙ୍କ ସହ କାମ କରିଥିବା ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।



### ଭିଜିଲାନ୍ସ ଜାଲରେ ବ୍ଲକ କନିଷ୍ଠ ଯନ୍ତ୍ରୀ

**ଗାଈ ଗୁହାଳ ବିଲ୍ ପାସ୍ କରିବାକୁ ଲାଞ୍ଚ**

**ଖଲ୍ଲିକୋଟ(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ/୨।୯:** ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ମଲ୍ଲିକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କ ବକେୟା ବିଲ୍ ପାସ କରିବା ପାଇଁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଗିରଫ ହୋଇଛନ୍ତି। ଲାଞ୍ଚ ଟଙ୍କା ସହ କାର୍ଯ୍ୟାଳୟରୁ କାଗଜପତ୍ର ଜବତ କରାଯାଇଛି। ସେହିପରି କନିଷ୍ଠ ଯନ୍ତ୍ରୀଙ୍କ କବିସୂର୍ଯ୍ୟନଗର ମାଝି କଲୋନୀର ଭଡ଼ାଘର, ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କେଉଟଲଙ୍ଗୁଆ ବାସଭବନ ଓ ଅଫିସ ଚାମ୍ବରରେ ଭିଜିଲାନ୍ସ ଟିମ ଏକକାଳୀନ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବେଗୁନିଆପଡ଼ା ବ୍ଲକ ବୁରୁଝରି ପଞ୍ଚାୟତରେ ମୋ ଗୁହାଳ ଯୋଜନାରେ ଜଣେ ହିତାଧିକାରୀ ଟଙ୍କା ପାଇବାର ଥିଲା। ତେଣୁ ସେ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ବିଲ୍ ପାସ୍ କରିବା ପାଇଁ ହିତାଧିକାରୀଙ୍କୁ କନିଷ୍ଠ ଯନ୍ତ୍ରୀ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ହିତାଧିକାରୀ ଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ହିତାଧିକାରୀ ଜଣଙ୍କ ଶୁକ୍ରବାର ବ୍ଲକକୁ ଯାଇ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କୁ ଭେଟି ତାଙ୍କ ଦାବି ମୁତାବକ ୭ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ କନିଷ୍ଠ ଯନ୍ତ୍ରୀ ମଲ୍ଲିକଙ୍କୁ ଗିରଫ କରିଥିବା ଏସପି ପ୍ରଧାନ କହିଛନ୍ତି। ଏ ନେଇ ମାମଲା ନଂ.୧୬/୨୨ରେ ମାମଲା ରୁଜୁ କରାଯାଇଛି।





ପୁରୀ ଶ୍ରୀକ୍ଷେତ୍ରର ଆକାଶରେ ଶୁକ୍ରବାର ଦୃଶ୍ୟମାନ ହେଉଥିବା ସୂର୍ଯ୍ୟମଣ୍ଡଳ।

# ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଔଷଧ କାମ ଦେଲାନି

**ଜ୍ୟୋତିଷଙ୍କୁ ହତ୍ୟା**

ଯାଜପୁର ଅଫିସ,୨।୯

ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ନିମନ୍ତେ ଜଣେ ଜ୍ୟୋତିଷ ଦେଇଥିବା ଔଷଧ କାମ ଦେଲାନାହିଁ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଯୁବକ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉକ୍ତ ଜ୍ୟୋତିଷଙ୍କୁ ହାଣି ହତ୍ୟା କରିଛନ୍ତି। ଏହି ଘଟଣା ଘଟିଛି ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁରେ। ନିହତ ଜ୍ୟୋତିଷ ଜଣକ ହେଲେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ମାନିଆ ବାବର(୪୮)। ସେ ଡୁବୁରି ଅଞ୍ଚଳରେ ଏକ ଭଡ଼ା ଘରେ ରହି ଆଖପାଖ ଗ୍ରାମକୁ ଯାଇ ହାତ ଏବଂ ଜାତକ ଦେଖିବା କାର୍ଯ୍ୟ କରି ଆସୁଥିଲେ। ଅଭିଯୁକ୍ତ ଯୁବକ ହେଲେ ବନ୍ଧଗାଁର ଶାନ୍ତନୁ ବେହେରା(୪୨)। ମାନିଆଙ୍କୁ ହତ୍ୟା କରିବା ପରେ ଶାନ୍ତନୁ ମାରଣାସ୍ତ୍ର ସହ ସୁକିନ୍ଦା ଥାନାରେ ଆତ୍ମସମର୍ପଣ କରିଛନ୍ତି।

ଶାନ୍ତନୁ ପ୍ରାୟ ୯ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇ ପୁତ୍ର ସନ୍ତାନ ରହିଛନ୍ତି। ପାରିବାରିକ ବିବାଦରୁ ତାଙ୍କ ସ୍ତ୍ରୀ ମଝିରେ ମଝିରେ ବାପଘରକୁ ଚାଲିଯାଆନ୍ତି। ପରେ ଶାନ୍ତନୁ ବୁଝାଶୁଝା କରି ଘରକୁ ଆଣନ୍ତି। ହେଲେ ପୁଣି କଳହ ହେବା ଯୋଗୁ ଗତ ୮ ମାସ ହେଲା ସ୍ତ୍ରୀ ବାପଘରକୁ ଆଉ ଫେରି ନ ଥିଲେ। ତାଙ୍କୁ ଫେରାଇ ଆଣିବା ପାଇଁ ଶାନ୍ତନୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ସେ ଗାଁକୁ ଆସିଥିବା ଜ୍ୟୋତିଷ ମାନିଆ ବାବରଙ୍କ ସହାୟତା ନେଇଥିଲେ। ପୂଜାପାଠ ଏବଂ ବିଭିନ୍ନ ଔଷଧ ବାବଦକୁ ଶାନ୍ତନୁ ୫ ହଜାର ଟଙ୍କା ଜ୍ୟୋତିଷଙ୍କୁ ଦେଇଥିଲେ। ତେବେ ତାହା କାମ ନ ଦେବାରୁ ଶାନ୍ତନୁ କ୍ରୋଧାନ୍ୱିତ ଥିଲେ। ଶୁକ୍ରବାର ଜ୍ୟୋତିଷ ମାନିଆ ବନ୍ଧଗାଁ ଆସିଥିବାବେଳେ ଔଷଧର ବିଫଳତାକୁ ନେଇ ତାଙ୍କ ସହିତ ଶାନ୍ତନୁଙ୍କର ବଚସା ହୋଇଥିଲା। ଶେଷରେ ଶାନ୍ତନୁ ଏକ ଫାଉଡାରେ ଜ୍ୟୋତିଷଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜ୍ୟୋତିଷ ମାନିଆଙ୍କ ମୃତ୍ୟୁ ଘଟିଥିଲା। ସୁକିନ୍ଦା ଥାନା ପୋଲିସ ୧୭୦/୨୨ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଶାନ୍ତନୁଙ୍କ ମୁଣ୍ଡ ଦୋଷ ରହିଛି, ଯେଉଁଥିପାଇଁ ତାଙ୍କ ସ୍ତ୍ରୀ ବାରମ୍ବାର ମାନସିକ ଅତ୍ୟାଚାର ପାଇ ବାପଘରକୁ ପଳାଇ ଯାଆନ୍ତି।

# ଓପିଜିସିକୁ ପୁଣି ଘରୋଇ କମ୍ପାନୀକୁ ବିକ୍ରି ପାଇଁ ପ୍ରୟାସ

ଝାରସୁଗୁଡ଼ା ଅଫିସ,୨।୯

ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ପାୱାର ଜେନେରେଶନ୍ କର୍ପୋରେଶନ (ଓପିଜିସି) ଗଠନ ହୋଇଥିଲା। ଏହା ଅଧୀନରେ ରାଜ୍ୟରେ ୬ଗୋଟି କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ (ମିନି ମାଇକ୍ରୋ ହାଇଡ୍ରୋ ପାୱାର) ଓ ଗୋଟିଏ ତାପଜ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିମଧ୍ୟରେ କେତେକ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଚଳ ହୋଇ ବନ୍ଦ ହୋଇଯାଇଥିବାବେଳେ ଆଉ କେତେକ ରୁଗ୍ଣ ଅବସ୍ଥାରେ ଚାଲିଛି। ଫଳରେ ଏହିସବୁ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏ ନେଇ ସରକାରଙ୍କ ବ୍ୟାପକ କ୍ଷତି ହେବାରେ ଲାଗିଛି।

ଅନ୍ୟପକ୍ଷେ ନିଗମର ଏକମାତ୍ର ତାପଜ ବିଦ୍ୟୁତ୍ କେନ୍ଦ୍ର ଝାରସୁଗୁଡ଼ା ଜିଲାର ବନହରପାଲିଠାରେ ଗଢିଉଠିଛି। ଏଠାରେ ସର୍ବପ୍ରଥମେ ୨୧୦ମେଗାୱାଟ୍ ବିଶିଷ୍ଟ ୨ୟୁନିଟ୍ ୧୯୮୪ରେ ସ୍ଥାପିତ ହୋଇଥିଲା। ଏହା କାର୍ଯ୍ୟକ୍ଷମ ହେବା ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ରାଜ୍ୟ ସରକାର ଏହାର ୪୯ପ୍ରତିଶତ ଅଂଶଧନକୁ ବହୁଦେଶୀୟ ଏଇଏସ୍ କମ୍ପାନୀକୁ ୬୦୩କୋଟି ଟଙ୍କାରେ ବିକ୍ରି କରିଦେଇଥିଲେ। ରାଜ୍ୟ ସରକାରଙ୍କ ହାତରେ ୫୧ପ୍ରତିଶତ ଅଂଶଧନ ରହିଥିବାବେଳେ ବହୁଦେଶୀୟ ଏଇଏସ୍ ହାତରେ ୪୯ପ୍ରତିଶତ ରହିଥିଲା। ଏହି ନିଗମ ଭାଗୀଦାରିରେ ଚାଲିଥିବାବେଳେ କମ୍ ଅଂଶଧନ ଥିବା ଏଇଏସ୍ ହାତରେ ପରିଚାଳନା କ୍ଷମତା ଅଧିକ ରହିଥିବାରୁ ଘରୋଇ କମ୍ପାନୀର ମନମାନି ଚାଲିଥିଲା। ଅନେକ ସମୟରେ ଏହା ଉପରେ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ରହୁ ନ ଥିଲା। ଇତିମଧ୍ୟରେ ତାପଜ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣ ହୋଇ ୧୧ହଜାର କୋଟି ଟଙ୍କା ବ୍ୟୟରେ ୬୬୦ମେଗାୱାଟ୍ ବିଶିଷ୍ଟ ୩ୟ ଓ ୪ର୍ଥ ୟୁନିଟ୍ ସ୍ଥାପନ ହୋଇଥିଲା। ଏହି ୟୁନିଟ୍ ଦ୍ୱୟ ନିର୍ମାଣବେଳେ ନିଗମ କର୍ତ୍ତୃପକ୍ଷ ଏହାର ତଦାରଖ ଠିକ୍‌ରେ କରି ନ ଥିବାରୁ ଏଥିରେ କେତେକ ତ୍ରୁଟି ଦେଖାଦେଇଥିଲା। ତ୍ରୁଟି ସୁଧାରିବା ପାଇଁ ପୁଣି ମୋଟା ଅଙ୍କର ଅର୍ଥ ଆବଶ୍ୟକ ରହିଥିବାବେଳେ ଏଇଏସ୍ ଏଥିରେ ମନୋନିବେଶ ନ କରି ୨୦୨୧ ଡିସେମ୍ବର ୨୦ରେ ନିଗମରୁ ତା'ର ୪୯ପ୍ରତିଶତ ଅଂଶଧନ ପ୍ରତ୍ୟାହାର କରିନେଇଥିଲା। ଏଇଏସ୍ କମ୍ପାନୀ ତାର ଅଂଶଧନକୁ ଆଉ ଏକ ଘରୋଇ କମ୍ପାନୀକୁ ଟେକିଦେବା ପାଇଁ ବସିଥିବାବେଳେ ଏଥିରେ ସରକାର ହସ୍ତକ୍ଷେପ କରି ନିଜ ଅଧୀନରେ ରଖିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏ ନେଇ ଓଏଚ୍‌ପିସିରୁ ୧୦୫୦କୋଟି ଟଙ୍କା ଆଣି ଏହାର ଅଂଶଧନକୁ କ୍ରୟ କରିଥିଲେ। ଏବେ ଏହି ନିଗମ ସରକାରଙ୍କ ଶତପ୍ରତିଶତ ଅଂଶଧନରେ ଚାଲିଥିବାବେଳେ ଏହା ଏବେ ଲାଭରେ ଚାଲିଛି। ଏଭଳି ସ୍ଥିତିରେ ଏହାକୁ ପୁଣି ଘରୋଇ କମ୍ପାନୀକୁ ଟେକିଦେବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ କୁଆଡେ ଶନିବାର ଓପିଜିସିର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପରିଦର୍ଶନ କରିବେ ବୋଲି ସରକାରୀ କାର୍ଯ୍ୟସୂଚୀରୁ ଜଣାପଡିଛି। ଓପିଜିସି ଗଠନବେଳେ ପ୍ରଥମେ ସ୍ଥାୟୀ କ୍ୟାଡର ଭାବେ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ହୋଇଥିଲେ। ସେତେବେଳେ ଏହି ନଗମ ପରିଚାଳନା ପାଇଁ ୫ଶହରୁ ଉର୍ଦ୍ଧ୍ୱ ମେନ୍‌ପାୱାର ନିଯୁକ୍ତି ହୋଇଥିଲେ। ଏବେ ଧୀରେ ଧୀରେ ଓପିଜିସି ସ୍ଥାୟୀ କ୍ୟାଡରମାନେ ଅବସର ନେଲାପରେ ଏହିସବୁ ସ୍ଥାନରେ ସ୍ଥାୟୀ କ୍ୟାଡର ନିଯୁକ୍ତି ଦିଆ ନ ଯାଇ ଏମ୍‌ବିଏସ୍ କ୍ୟାଡରଙ୍କ ହାତରେ ନିଗମର ଗୁରୁତ୍ୱପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଦିଆଯାଉଛି। ମେନ୍ ପାୱାର ଅଭାବରୁ ଜଣଙ୍କୁ ଏକାଧିକ ଦାୟିତ୍ୱ ଦିଆଯାଇଛି। ଫଳରେ କାମ ଠିକ୍‌ରେ ହୋଇପାରୁନାହିଁ। ଏଇଏସ୍ କମ୍ପାନୀ ନିଗମରୁ ଓହରିଗଲା ପରେ ଓପଜିସିର ପେରିଫେରି ଉନ୍ନୟନ କାମରେ ଅଗ୍ରଗତି ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଓପିଜିସି ସ୍ଥାୟୀ କ୍ୟାଡର, ମାର୍କେଟ ବେଶ୍ ସାଲାରି (ଏମ୍‌ବିଏସ୍), ରିସର୍ଚ୍ଚ ଶେୟାରିଂ, ଟ୍ରାଇ କନ୍‌ସଲ୍‌ଟିଂ ଆଦି ରହିଛି। ଏଥିରେ ସମାନ କାମକୁ ସମାନ ଦରମା ଦିଆ ନ ଯାଇ ଓପିଜିସି ସ୍ଥାୟୀ କ୍ୟାଡରଙ୍କଠାରୁ ସେମାନଙ୍କୁ ଅଧିକ ଦରମା ଦିଆଯାଉଛି। ଏହାକୁ ନେଇ ଓପିଜିସି ସ୍ଥାୟୀ କ୍ୟାଡରମାନେ ଅଭିଯୋଗ କରିଆସୁଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯେତେବେଳେ ଶକ୍ତି ସଚିବ ରହିଥିଲେ ସେତେବେଳେ ସେ ଓପିଜିସିରେ ଏମ୍‌ବିଏସ୍ କ୍ୟାଡର ଲାଗୁ କରିଥିଲେ। ଏହି କ୍ୟାଡର ଲାଗୁହେବା ଫଳରେ ନିଗମ ଏଥିରେ ଅଧିକ ଦରମା ଦେଇ କ୍ଷତିଗ୍ରସ୍ତ ହେଉଛି।

# ଦିଲ୍ଲୀ ଗଲେ ଯୁବ-ଛାତ୍ର ବିଜେଡି କର୍ମକର୍ତ୍ତା

**ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପାଇଁ ବିଜେଡିର ପ୍ରସ୍ତୁତି**

**ଭୁବନେଶ୍ୱର,୨।୯(ବ୍ୟୁରୋ):** କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହେବା ପାଇଁ ବିଜେଡି ବିଧାୟକ, ନେତା ଦିଲ୍ଲୀ ଗସ୍ତ କରିଛନ୍ତି। ଏଥିସହ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଶୁକ୍ରବାର ଦିଲ୍ଲୀ ଯାଇଛନ୍ତି। ଯୁବ ଓ ଛାତ୍ର ବିଜେଡି ଜିଲା ସଭାପତିଙ୍କ ସହ ରାଜ୍ୟ କର୍ମକର୍ତ୍ତା ଏହି ଉତ୍ସବରେ ଯୋଗଦେବେ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପାଇଁ ବିଜେଡି ଦିଲ୍ଲୀରୁ ଓଡ଼ିଶା ପର୍ଯ୍ୟନ୍ତ ବଡ଼ ପ୍ରସ୍ତୁତି କରୁଛି। ଦିଲ୍ଲୀରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶୋକ ଚନ୍ଦ୍ର ପଣ୍ଡା, ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର ସମ୍ବର୍ଦ୍ଧନା ଉତ୍ସବ ପୂର୍ବରୁ ପ୍ରସ୍ତୁତି ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ମାନିତ ହୋଇ ୬ ତାରିଖରେ ଓଡ଼ିଶା ଫେରିବେ। ସେହିଦିନ ଭୁବନେଶ୍ୱର ବିମାନବନ୍ଦରରୁ ନବୀନ ନିବାସ ଯାଏଁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ଅଣ୍ଟା ଭିଡ଼ିଛନ୍ତି। ବିରାଟ ପଟୁଆରରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଶତାଧିକ ଲୋକ ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଥିବାରୁ ଏହାକୁ ସଫଳ କରିବା ପାଇଁ ବିଧାୟକମାନେ ଅଣ୍ଟା ଭିଡ଼ିଛନ୍ତି।

# ୯, ୧୦ରେ ପ୍ରବଳ ବର୍ଷା ସମ୍ଭାବନା

**ଆସୁଛି ଲଘୁଚାପ**
- ୫ରୁ ପାଗରେ ହେବ ପରିବର୍ତ୍ତନ
- ଅସ୍ତବ୍ୟସ୍ତ କରୁଛି ଖରା, ଗୁଳୁଗୁଳି



ଭୁବନେଶ୍ୱର,୨।୯(ବ୍ୟୁରୋ)

ଆନ୍ଧ୍ର ଉପକୂଳ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨ ସପ୍ତାହ ମଧ୍ୟରେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଥମଟି ସେପ୍ଟେମ୍ବର ୮ ମଧ୍ୟରେ ଏବଂ ଦ୍ୱିତୀୟଟି ସେପ୍ଟେମ୍ବର ୯ରୁ ୧୫ ମଧ୍ୟରେ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୫ ତାରିଖରୁ ପାଗରେ ପରିବର୍ତ୍ତନ ହେବ। ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିବ। ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୪ ତାରିଖ ପର୍ଯ୍ୟନ୍ତ ପ୍ରବଳ ଖରାରୁ ମୁକ୍ତି ମିଳିବା ସମ୍ଭାବନା କମ୍। ଏହି ସମୟରେ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହାକୁ ନଜରରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଶନିବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୪ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଓ ବାଲେଶ୍ୱର ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ରାଜ୍ୟରେ ଦୁଇ ସପ୍ତାହ ହେଲା ମୌସୁମୀ ଦୁର୍ବଳ ଅବସ୍ଥାରେ ରହିଛି। ଏହାର ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇଛି। ଏପରି କି କେତେକ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ପାର୍ କରିଛି। ଶୁକ୍ରବାର ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଉଚ୍ଚ ତାପମାତ୍ରା ଏବଂ ଆର୍ଦ୍ରତା ପ୍ରଭାବରେ ଉପକୂଳ ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଗୁଳୁଗୁଳି ଜାରି ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# ରାଜସ୍ଥାନର ୫ ଯୁବକଙ୍କ ସମେତ ୭ ଗିରଫ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଏଟିଏମ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ**

**୩ଲକ୍ଷ ୬୮ହଜାର ଟଙ୍କା, ୨ କାର୍, ମାରଣାସ୍ତ୍ର ଜବତ**

ଧର୍ମଶାଳା,୨।୯(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ନେଉଳପୁର ବାଜାରରୁ ଏସ୍‌ବିଆଇ ଏଟିଏମ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଘଟଣାରେ ସମ୍ପୃକ୍ତ ରାଜସ୍ଥାନର ୫ ଯୁବକଙ୍କ ସମେତ ଓଡ଼ିଶାର ୨ ଯୁବକଙ୍କୁ ମିଶାଇ ମୋଟ୍ ୭ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୩ ଲକ୍ଷ ୬୮ ହଜାର ଟଙ୍କା, ୨ କାର୍, ଲୁଟ୍ ଏଟିଏମ୍, ୮ଟି ମୋବାଇଲ ଫୋନ ଓ ୧୦ ସିମ୍ କାର୍ଡ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ଅଲୱର ଜିଲାର ଅସଲମ ହାସମି, ସଦାମ ହୋସେନ, ମହମ୍ମଦ ଜମସେଦ ଖାଁ, ସୁମୀତ କୁମାର, ରାଜସ୍ଥାନ ଦୌସା ଜିଲାର ଏମ୍‌ପି ମିନା ଓ ଏମାନଙ୍କୁ ଦାନଗଦିଠାରେ ଘରଭଡ଼ା ଯୋଗାଇ ଥିବା ଯାଜପୁର ରୋଡ୍ ଥାନା ଅଧୀନ ଦାନଗଦୀ ତ୍ରିଜଙ୍ଗା ଅଞ୍ଚଳର ସେକ୍ ଇଦ୍ରିସ ଏବଂ ଅଭିଯୁକ୍ତଙ୍କୁ ସିମ୍ କାର୍ଡ ଯୋଗାଇଥିବା ଖୋର୍ଦ୍ଧା ଜିଲା ଚନ୍ଦ୍ରମା ଅଞ୍ଚଳର ତପନ ପ୍ରଧାନ। ଯାଜପୁର ଏସ୍‌ପି ରାହୁଲ ପିଆର୍ ଧର୍ମଶାଳା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଏଟିଏମ୍‌କୁ ଗତ ମାସ ୨୪ ତାରିଖ ରାତିରେ ଦୁର୍ବୃତ୍ତ ତାଡ଼ି ନେଇଥିଲେ। ଏନେଇ ଏଟିଏମ୍ ପ୍ରୋଜେକ୍ଟ ମ୍ୟାନେଜର ପ୍ରୀତମ କୁମାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୮୫/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଲୁଟ ଏଟିଏମ୍‌ରେ ୫ଲକ୍ଷ ୬୭ ହଜାର ୫ ଶହ ଟଙ୍କା ଥିଲା। ପୋଲିସ ଇଦ୍ରିସଙ୍କୁ ପ୍ରଥମେ ଗିରଫ କରିଥିଲା। ଇତିମଧ୍ୟରେ ଅଭିଯୁକ୍ତ ମୟୂରଭଞ୍ଜ ଜିଲାରେ ଏଟିମ୍ ଲୁଟ୍ ଯୋଜନା କରିଥିଲେ। ତେଣୁ ମୟୂରଭଞ୍ଜ ଓ ଯାଜପୁର ପୋଲିସ ମିଳିତ ଭାବେ ଦାନଗଦୀ ଅଞ୍ଚଳରେ ଚଢ଼ାଉ କରି ରାଜସ୍ଥାନର ୫ ଯୁବକଙ୍କୁ ଗିରଫ କରିଥିଲେ। ଏହାପରେ ସିମ୍ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଉପସ୍ଥିତ ଥିଲେ।




**ହୀରାଖଣ୍ଡ ଧକ୍କାରେ ଗାଈ ଚରାଳିଙ୍କ ସହ ୫ ଗୋରୁ ମୃତ**

କୋରାପୁଟ,୨।୯(ସ୍ୱ.ପ୍ର. ): ହୀରାଖଣ୍ଡ ଟ୍ରେନ ଧକ୍କାରେ ଶୁକ୍ରବାର ୫ ଗୋରୁ ସମେତ ଗୋଚରାଳିଙ୍କ ମୃତ୍ୟୁ ହୋଇଛି। କୋରାପୁଟ ଜିଲା ଲକ୍ଷ୍ମୀପୁର ରେଳ ଷ୍ଟେସନ ନିକଟରେ ଥିବା ଭୁଇପାଟଣି ଗ୍ରାମଠାରେ ଏପରି ଘଟିଥିବା ଜଣାପଡିଛି। ଗ୍ରାମ ନିକଟ ଦେଇ କେଆର୍ ରେଳ ଲାଇନ ଯାଇଛି। ସବୁ ଦିନ ପରି ଭୁଇପାଟଣି ଗ୍ରାମର ମୁକୁନା ପ୍ରେପେକା ଗାଈ ଚରାଇବାକୁ ଟ୍ରେନ ଲାଇନ ପାର ହେଉଥିବା ସମୟରେ ହଠାତ୍ ଟିକିରି ଆଡୁ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଆସିଯାଇଥିଲା। ଗୋରୁ ଟ୍ରେନ ଲାଇନ ଉପରେ ଫଶି ରହିଥିବାରୁ ମୁକୁନା ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ତାଙ୍କ ଉପରେ ଟ୍ରେନ ମାଡ଼ି ଯାଇଥିଲା। ଘଟଣା ସ୍ଥଳରେ ୫ଟି ଗୋରୁ ସମେତ ମୁକୁନାଙ୍କ ମୃତ୍ୟୁ ଘଟିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟା

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ରାଜ୍ୟ ସରକାର ୧୯୮୯ ବ୍ୟାଚ୍‌ର ୪ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରଣବିନ୍ଦୁ ଆଚାର୍ଯ୍ୟ, ସିଦ୍ଧାର୍ଥ ମହାନ୍ତୁ ନରଭଣେ, ଅମିତ ମୋହନ ପ୍ରସାଦ ଏବଂ ବି. ରାଧିକାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ପେ ମାଟ୍ରିକ୍ସ ଲେଭଲ-୧୬ ଅନୁଯାୟୀ ସେମାନଙ୍କୁ ଦରମା ଓ ଅନ୍ୟାନ୍ୟ ସୁବିଧା ମିଳିବ। ଅମିତ ମୋହନ ପ୍ରସାଦ ଏବଂ ବି. ରାଧିକା ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟା ଅବଶ୍ୟ ରହିବ, କିନ୍ତୁ ଦୃଢ଼ ମନୋବଳ ହେତୁ କିଛି ଅସୁବିଧା ହେବନାହିଁ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇ ସଫଳତା ପାଇବେ। କୃତ୍ତିକା ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ରୋହିଣୀ ନକ୍ଷତ୍ରର ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ । କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ ।

**ମିଥୁନ** ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ନିଅନ୍ତୁ। ଆର୍ଦ୍ରାର ପାଖରେ ପାଇ ପାରି ନ ଥିବା ଫାଇଲ୍‌ପତ୍ର ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଆଜି ଯାହା କରନ୍ତୁ ନା କାହିଁକି, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ । କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ । ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** ପାରିବାରିକ କ୍ଷେତ୍ର ଭଲ ରହିବ, ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପୂର୍ବାଫାଲଗୁନୀ ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କୌଣସି କାରଣ ନ ଥାଇ ଅନ୍ୟମାନେ ଦୋଷ ଦେଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ପାଖ ମାଡ଼ିବ ନାହିଁ। ଚିତ୍ରା ନକ୍ଷତ୍ରର ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବୁଦ୍ଧିଜୀବୀ ସାହାଯ୍ୟ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାତୀ ନକ୍ଷତ୍ର ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ର ସମ୍ପର୍କୀୟମାନେ ମିତ୍ରତା ସ୍ଥାପନ କରିବା ସକାଶେ ମନ ବଳାଇପାରନ୍ତି।

**ଧନୁ** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର** ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଶ୍ରବଣା ନକ୍ଷତ୍ର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇ ପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେଇପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବେ। ପୂର୍ବଭାଦ୍ରବ ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ। ରେବତୀ ନକ୍ଷତ୍ର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜରକଲା ଧାନ କୁଟା ବେଳକୁ**
**ଛାଡ଼ିଗଲା ଭାତ ଫୁଟା ବେଳକୁ ।**

କାମ କରିବା କଥା କହିଲେ କିଛି ବ୍ୟକ୍ତି ଆଳ ଦେଖାଇ ବା ବାହାନା କରି ସେଠାରୁ ଖସି ଯାଇଥାନ୍ତି। ଅଥଚ ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ଆଗଭର ହୋଇଯାଇଥାନ୍ତି। ଅଳସୁଆ ତଥା ନିକମା ବ୍ୟକ୍ତିଙ୍କ ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳ ତ ଜଳ ଇନ୍ଦ୍ର ଜଳ**
**ବଳ ତ ବଳ ବୁଦ୍ଧି ବଳ ।**

ବର୍ଷା ପାଣି ଜଳର ମୁଖ୍ୟ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ। ଇନ୍ଦ୍ର କୃପା କଲେ ଭଲ ବର୍ଷା ହୁଏ। ବର୍ଷା ଜଳ ପ୍ରାଣୀଙ୍କର ବହୁ ଉପକାରରେ ଲାଗିଥାଏ। ସେହିପରି ଶାରୀରିକ ସାମର୍ଥ୍ୟ ବା ବଳଠାରୁ ବୁଦ୍ଧିର ବଳ ବଡ଼ ହୋଇଥାଏ। ଯାହାପାଖରେ ବୁଦ୍ଧି ଥାଏ ସେ କୌଣସି ପରିସ୍ଥିତିରେ ହାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ଆଜିର ମନ୍ତବ୍ୟ

"କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସର୍ବସାଧାରଣରେ ପ୍ରକାଶ କରାଯାଉ। ଅଧ୍ୟକ୍ଷ ପଦ ପାଇଁ କେଉଁମାନେ ପ୍ରାର୍ଥୀ ହେଉଛନ୍ତି ଓ କେଉଁମାନେ ଭୋଟ ଦେବେ ତାହା ସମସ୍ତେ ଜାଣିବା ଆବଶ୍ୟକ।
-ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା

## ୧୨ ବର୍ଷ ହେଲା ...

ପ୍ରଥମ ପୃଷ୍ଠାରୁ...


ହିଙ୍ଗୁଳା ଏରିଆ ଅଫିସ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଧାରଣାରେ ବସିଛନ୍ତି।

ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ୩୪୮ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ସେହି ଏକା ସମୟରେ ନିକଟସ୍ଥ ମଲ୍ଲିବନ୍ଧ ଓ କୁସୁମପାଳ ଗ୍ରାମର ଜମି ମଧ୍ୟ ଅଧିଗୃହୀତ ହୋଇଥିଲା। ହେଲେ ମଲ୍ଲିବନ୍ଧ ଓ କୁସୁମପାଳ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିସାରିଥିବା ବେଳେ ଗୋପାଳପ୍ରସାଦର କ୍ଷତିଗ୍ରସ୍ତଙ୍କୁ ଏମ୍‌ସିଏଲ୍ ପକ୍ଷରୁ ଉପେକ୍ଷା କରାଯାଇ ଆସୁଛି। ଅଧିଗ୍ରହଣ ହୋଇଥିବା ଜମିରେ ଚାଲିଥିବା ଖଣି କାର୍ଯ୍ୟ ଏବେ ଗ୍ରାମର ଅତି ନିକଟକୁ ଚାଲିଆସିଲାଣି। ଫଳରେ ଘନ ଘନ ବିସ୍ଫୋରଣ ଓ ପ୍ରଦୂଷଣ ଯୋଗୁ ଗ୍ରାମରେ ଆଉ ରହିହେଉ ନାହିଁ। ଏ ସମ୍ପର୍କରେ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଗତ ଜୁନ ୨୩ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ, ଭୂ-ଅର୍ଜନ ଅଧିକାରୀ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ କ୍ଷତିଗ୍ରସ୍ତମାନେ ଉପସ୍ଥିତ ଥିଲେ। ଅଗଷ୍ଟ ୧୫ ତାରିଖ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯିବା ସହିତ ଉଚିତ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ହେଲେ ପ୍ରଶାସନର ନିର୍ଦ୍ଦେଶକୁ ଏମ୍‌ସିଏଲ୍ ପକ୍ଷରୁ ଅଦ୍ୟାବଧି କାର୍ଯ୍ୟକାରୀ କରାଗଲା ନାହିଁ। ତେଣୁ ତୁରନ୍ତ କଟ୍ ଅଫ୍ ଡେଟ୍ ଘୋଷଣା କରାଯିବା, ସମସ୍ତ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ କେବଳ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ତୃତୀୟ ପର୍ଯ୍ୟାୟ କ୍ଷତିଗ୍ରସ୍ତ ସଭାପତି ପ୍ରଶାନ୍ତ କୁମାର ବେହେରା କହିଛନ୍ତି, ଯେଉଁଠି ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି, ସେଠି ଗ୍ରାମବାସୀଙ୍କୁ କିଭଳି ଗୁରୁତ୍ୱ ଦେଉଥିବେ ଏଥିରୁ ଅନୁମାନ କରାଯାଇପାରେ। ଉପଦେଷ୍ଟା ରାଜେନ୍ଦ୍ର କୁମାର ସିଂହ କହିଛନ୍ତି, କ୍ଷତିଗ୍ରସ୍ତମାନେ ନିଜ ଅଧିକାର ନ ପାଇବା ପର୍ଯ୍ୟନ୍ତ ଏମ୍‌ସିଏଲ୍‌କୁ ଅସହଯୋଗ କରିବାକୁ ସ୍ଥିର କରାଯାଇଛି। ଗୋପାଳପ୍ରସାଦ ଗ୍ରାମ ସଭାପତି ନରେନ୍ଦ୍ର ସିଂହ କହିଛନ୍ତି, ଜିଲାପାଳ, ଉପଜିଲାପାଳ ଓ ତାଳଚେର ପ୍ରଶାସନ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କଲେ ମଧ୍ୟ କର୍ତ୍ତୃପକ୍ଷ ନିଯୁକ୍ତି, କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନେଉନାହାନ୍ତି। ସାଧାରଣ ସମ୍ପାଦକ ରଣଜିତ ବେହେରା କହିଛନ୍ତି, ଧୂଳି, ଧୂଆଁ ଓ ପ୍ରଦୂଷଣ ଯୋଗୁ ଗ୍ରାମରେ ରହିହେଉ ନାହିଁ। ଗ୍ରାମବାସୀଙ୍କ କଥା ଶୁଣିବାକୁ କେହି ନାହାନ୍ତି। ଅଭିଯୋଗ ସମ୍ପର୍କରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର ଓ ଏମ୍‌ସିଏଲ୍ ଲୋକ ସମ୍ପର୍କ ଅଧିକାରୀ ଏଲ୍.ଏନ୍. ମିଶ୍ରଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

## ବିଚାରପତିଙ୍କ ସନ୍ଦେହଜନକ ...

ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଏକ ରଶି ଜବତ କରିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଥିବାବେଳେ ଏହାର କାରଣ ଜଣାପଡ଼ିନାହିଁ ବୋଲି ଏସିପି କହିଛନ୍ତି।

ଅନ୍ୟପକ୍ଷରେ ବିଚାରପତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ କୋର୍ଟର କର୍ମଚାରୀ, ଅଧିକାରୀ, ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ଆଇନଜୀବୀମାନେ ପହଞ୍ଚିଥିଲେ। ବିଚାରପତିଙ୍କ ପୈତୃକ ଗାଁ ଯାଜପୁର ଜିଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁରରେ ଶୋକର ଛାୟା ଖେଳିଯାଇଛି। ଘରେ ତାଙ୍କ ମା' ଏବଂ ସାନ ଭାଇ ରହୁଥିବା ବେଳେ ବିଚାରପତି ବିହାରୀ କଟକରେ ୨ ଝିଅ ଓ ସ୍ତ୍ରୀଙ୍କ ସହ ରହନ୍ତି। ସେ ଯାଜପୁରର ବିରଜା ଆଇନ ମହାବିଦ୍ୟାଳୟରେ ପାଠ ପଢ଼ିବା ପରେ ଯାଜପୁରରେ ଲ ପ୍ରାକ୍ଟିସ କରିଥିଲେ। ପରେ ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୨୦୦୪ରେ ବିଚାର ବିଭାଗରେ ନିଯୁକ୍ତି ପାଇଥିଲେ। ସେ ପୂର୍ବରୁ ଜି. ଉଦୟଗିରି, ଭୁବନେଶ୍ୱର ଓ ବାଲିଗୁଡ଼ାରେ କାର୍ଯ୍ୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଚାରପତି ବିହାରୀ ୧୫ ବର୍ଷ ପୂର୍ବରୁ ଭୁବନେଶ୍ୱରପୁର ନିକଟ କଳସଡିହ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ୧୦ ଓ ୬ ବର୍ଷର ଦୁଇ ଝିଅ ଅଛନ୍ତି। ତାଙ୍କ ସାନ ଭାଇ ଗାଁରେ ଚାଷବାସ କରି ପରିବାର ସହ ରୁହନ୍ତି। ବିଚାରପତି ବିହାରୀ ଅନେକ ସମୟରେ ଗାଁକୁ ଯାଇ ସମସ୍ତ ପର୍ବପର୍ବାଣିରେ ସକ୍ରିୟ ଭୂମିକା ନେଇଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସେ ଜଣେ ମିଷ୍ଟଭାଷୀ ଏବଂ ସରଳ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ତାଙ୍କ ଆତ୍ମହତ୍ୟାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରିନାହାନ୍ତି। ପରିବାରରେ କୌଣସି କଳହ ନ ଥିଲା ଏବଂ ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

## ନୌସେନାର ନୂଆ ପତାକା ...

ପାକିସ୍ତାନ ନାଭି ଭାବେ ବିଭକ୍ତ ହୋଇଥିଲା। ୧୯୫୦ ଜାନୁୟାରୀ ୨୬ରେ ଭାରତ ସାଧାରଣତନ୍ତ୍ରରେ ପରିଣତ ହେବା ସହ 'ରୟାଲ' ଶବ୍ଦ ହଟାଇ ଦିଆଯାଇ ନୌସେନା କେବଳ ଇଣ୍ଡିଆନ ନାଭି ଭାବେ ପରିଚିତ ହୋଇଥିଲା। ସେବେଠାରୁ ଚଳିଆସୁଥିବା ନୌସେନା ଏନ୍‌ସାଇନ୍ ଧଳା ରଙ୍ଗର ପତାକାରେ ଲାଲ୍ ରଙ୍ଗର ଭୂସମାନ୍ତର ଓ ଭୂଲମ୍ବ ପଟି ଥିଲା। ଏହି ଦୁଇ ଷ୍ଟ୍ରିପ୍ (କ୍ରସ୍ ଅଫ୍ ସେଣ୍ଟ ଜର୍ଜ) ମଧ୍ୟରେ ଭାରତର ଜାତୀୟ ସଙ୍କେତ ରହିଥିଲା। ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ପତାକାର ଉପର ଭାଗରେ ଥିବା ୟୁନିୟନ ଜାକ୍‌କୁ ହଟାଇ ସେଠାରେ ତ୍ରିରଙ୍ଗା ରଖାଯାଇଥିଲା। କ୍ରସ୍ ଅଫ୍ ସେଣ୍ଟ ଜର୍ଜ ଉପନିବେଶୀୟ ଶାସନ ସମୟର ପ୍ରତୀକ ହୋଇଥିବାରୁ ଶୁକ୍ରବାର ଉନ୍ମୋଚିତ ହୋଇଥିବା ନୌସେନାର ନୂଆ ପତାକାରେ ତାହାକୁ ହଟାଇ ଦିଆଯାଇଛି।

## ପୋଖରୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

କେନ୍ଦୁଝର, ୨।୯ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଟାଉନ ଥାନା ଶିରିପୁର ଅଞ୍ଚଳର କୁନୁ ମାଝି ନାମକ ବ୍ୟକ୍ତି ଗୁରୁବାର ସକାଳେ ପୋଖରୀରେ ବୁଡ଼ିଯାଇ ନିଖୋଜ ଥିଲେ। ୩୦ ଘଣ୍ଟା ପରେ ଶୁକ୍ରବାର ଅପରାହ୍ନରେ ପୋଖରୀରୁ ଦମକଳ ବାହିନୀ ସହାୟତାରେ ତାଙ୍କ ମୃତଦେହକୁ ବାହାର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଯୋଗୁ କୁନୁ ପୋଖରୀକୁ ଡେଇଁ ପଡ଼ିଥିବା ଚର୍ଚ୍ଚା ହେଉଥିଲା। ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିଛି। କୁନୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିବା ବେଳେ ଗାଧୋଇବା ପାଇଁ ଉକ୍ତ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ ବୋଲି ତାଙ୍କ ସ୍ତ୍ରୀ ସୁଭଦ୍ରା ଲୋହାର କହିଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି।



# classifieds Everyday

0674-2580101, 2549302

**real estate**

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ହଂସପାଳଛକରୁ ମାତ୍ର **5K.M.** ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି **2800sqft.** ଘରବାରି ଜାଗା ପାଚେରି ସହ ବିକ୍ରିହେବ। **sqft. 1250/-, 9040744989, 9776366322, 7873219026.** D-74103

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**construction**

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

**to-let**

Semifurnished airconditioned room near Lingraj Temple, Bhubaneswar 5000/-. Contact: 9437388990. D-73718

**3BHK 1200 sft. house for rent with 2 toilets, car parking at Mahadev Nagar mainroad, Jharpada, Bhubaneswar. Contact: 9668644665.** D-1396

House having 2 rooms, toilet & kitchen. Opposite Hotel Presidency, Nayapalli, Bhubaneswar- 7077754377. D-74107

**healthcare**

**One hour any therapy by expert therapist @999 only. 9078484455.** D-73637

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Full body massage in homely atmoshpere. All therapy. Mob.- 8447881641. D-73411

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

**business**

ଘରେ ବସି Part time matter forwarding କାମକରି 9000/-ରୁ ଅଧିକ ରୋଜଗାର କରନ୍ତୁ । ନାମ Registration ପାଇଁ ଯୋଗାଯୋଗ: 7008255583. D-1405

**AFFIDAVIT**

By virtue of an affidavit before Executive Magistrate, Narasinghpur I, Jagabandhu Sahoo, my son's actual name was Himanshu Sekhar Sahoo aged about 15 years, Vill. Baselihata, P.O.- Balijhari, P.S.- Kanpur, Dist.- Cuttack, State- Odisha, Pin- 754037 do hereby state that, in some documents my son's name has been mentioned as Himansu Sekhar Sahoo. Hence Himanshu Sekhar Sahoo and Himansu Sekhar Sahoo is same and one person for all purpose. D-1403

By the virtue of an affidavit dated 25.7.2009 before the Court of Executive Magistrate, New Delhi, I, Nathuram Jena, At- Bhaincho, P.O.-Mohimadeipur, P.S.- Erasama, Dist.- Jagatsinghpur have changed my name from Nathuram Jena to Narender Jena for all the future purposes. My current address: DB-113E, DDA Flats, Gate No.-2, Hari Nagar, New Delhi-110064. D-1407

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ଭାଜପାର ସବୁ ଏମ୍‌ପି, ବିଧାୟକ କ'ଣ ପୂରା ଖାଣ୍ଟି: ତେଜସ୍ୱୀ


ତେଜସ୍ୱୀ ଯାଦବ

**ପାଟନା,୨।୯:** ସିବିଆଇ ଏବଂ ଇଡି ଭଳି କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର ନେଇ ପୁଣି ଭାଜପାକୁ ଟାର୍ଗେଟ୍ କରିଛନ୍ତି ଆରଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ପ୍ରଶ୍ନ କରିଛନ୍ତି ଭାରତୀୟ ଜନତା ପାର୍ଟିର ସମସ୍ତ ଏମ୍‌ପି ଓ ବିଧାୟକ କ'ଣ ପୁରା ଖାଣ୍ଟି? କେହି ଦୁର୍ନୀତିଗ୍ରସ୍ତ ନୁହନ୍ତି? ତେବେ ସମଗ୍ର ଦେଶରେ ଭାଜପାର ୧୦୦୦ ବିଧାୟକ ଏବଂ ୩୦୦ ଏମ୍‌ପି ଥିବା ବେଳେ ଜଣଙ୍କ ଘରେ ବି ସିବିଆଇ ଏବଂ ଇଡି ଆଦି କେନ୍ଦ୍ରୀୟ ସଂସ୍ଥା କାହିଁକି ଚଢ଼ାଉ କରୁନାହାନ୍ତି? କେରଳର କୋଚିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ତେଜସ୍ୱୀ ଏଭଳି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ଦେଶରେ ଦୁର୍ନୀତିଗ୍ରସ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାତୀୟ ରାଜନୀତିରେ ନୂଆ ପରିବର୍ତ୍ତନ ଆଣିଛି। ଏହାଛଡ଼ା କୌଣସି ରାଜନୈତିକ ଦଳର ନାମ ନ ନେଇ କିଛି ଏଭଳି ଗୋଷ୍ଠୀ ଏବେ ଏକାଠି ହେବା ଆରମ୍ଭ କରିଛନ୍ତି। ଲୋକଙ୍କୁ ଏହି ଗୋଷ୍ଠୀ ବିରୋଧରେ ସଜାଗ ରହିବାକୁ ସେ ଅନୁରୋଧ କରିଥିଲେ। ତେବେ ଭାଜପା ଏମ୍‌ପି ଏବଂ ବିଧାୟକଙ୍କୁ ସୁରକ୍ଷା ମିଳୁଥିବାରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସେମାନଙ୍କ ଉପରକୁ ନଜର ପକାଇପାରୁନାହାନ୍ତି ବୋଲି ତେଜସ୍ୱୀ ଅଭିଯୋଗ କରିଛନ୍ତି।

# ପାଲାନିସ୍ୱାମୀ ଏଆଇଏଡିଏମ୍‌କେର ସର୍ବୋଚ୍ଚ ନେତା

## ପନିରସେଲ୍‌ଭାମଙ୍କ ସପକ୍ଷରେ ନିର୍ଦ୍ଦେଶକୁ ଖାରଜ କଲେ ମାଡ୍ରାସ ହାଇକୋର୍ଟ

ଚେନ୍ନାଇ,୨।୯(ପି.ଟି.)


ଇ.କେ. ପାଲାନିସ୍ୱାମୀ

ଏଆଇଏଡିଏମ୍‌କେ ନେତୃତ୍ୱକୁ ନେଇ ବିବାଦ ଲାଗିରହିଥିବାବେଳେ ଇ.କେ. ପାଲାନିସ୍ୱାମୀ ଦଳର ଶୀର୍ଷ ନେତା ବୋଲି ମାଡ୍ରାସ ହାଇକୋର୍ଟ ଶୁକ୍ରବାର ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ଓ. ପନିରସେଲ୍‌ଭାମଙ୍କ ସପକ୍ଷରେ ଆସିଥିବା ଜଣିକିଆ ଖଣ୍ଡପୀଠ ରାୟକୁ ଜଷ୍ଟିସ ଏମ୍. ଦୁରାଇସ୍ୱାମୀ ଓ ସୁନ୍ଦର ମୋହନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଗତ ଜୁଲାଇ ୧୧ରେ ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକ ବସି ବିରୋଧୀ ଦଳ ନେତା ପାଲାନିସ୍ୱାମୀଙ୍କୁ ଦଳର ଅନ୍ତରୀଣ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିବାବେଳେ ପନିରସେଲ୍‌ଭାମଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଅଗଷ୍ଟ ୧୭ରେ ଜଣିକିଆ ଖଣ୍ଡପୀଠ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତିକୁ ଅଗ୍ରାହ୍ୟ କରି ପୂର୍ବ ସ୍ଥିତି ବଜାୟ ରଖିବାକୁ ରାୟ ଦେଇଥିଲେ। ପୂର୍ବରୁ ପନିରସେଲ୍‌ଭାମ ଦଳର କୋର୍ଡିନେଟର ଥିବାବେଳେ ପାଲାନିସ୍ୱାମୀ ଯୁଗ୍ମ କୋର୍ଡିନେଟର ଥିଲେ। ଶୁକ୍ରବାର ରାୟ ପରେ ପାଲାନିସ୍ୱାମୀ ଏଆଇଏଡିଏମ୍‌କେର ସର୍ବୋଚ୍ଚ ନେତା ହୋଇପାରିଛନ୍ତି।

## ଦିଲ୍ଲୀ ଉପରାଜ୍ୟପାଳଙ୍କ ବହିଷ୍କାର ଦାବିକଲା ଏଏପି

ନୂଆଦିଲ୍ଲୀ,୨।୯

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଖଦି ଓ ଗ୍ରାମୋଦ୍ୟୋଗ ପରିଷଦ ଅଧ୍ୟକ୍ଷ ଥିବାବେଳେ ନିଜ କ୍ଷମତାର ଦୁରୁପଯୋଗ କରି ମୁମ୍ବାଇ ଖଦି ଲାଉଞ୍ଜର ଇଣ୍ଟେରିୟର ଡିଜାଇନ ଠିକା କାମ ତାଙ୍କ ଝିଅଙ୍କୁ ଦେଇଥିଲେ। ତାଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଏଏପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରାଯାଇଛି। ଆଇନର ଉଲ୍ଲଂଘନ କରି ନିଜ ଝିଅକୁ ଠିକା କାମ ଦେଉଥିବା ସାକ୍ସେନାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଏଏପି ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଦାବି କରିଛନ୍ତି।


ଭି.କେ. ସାକ୍ସେନା

# ଯାଦବଙ୍କୁ ଏକାଠି କରିବା ଲାଗି ହାତ ମିଳାଇଲେ ଶିବପାଲ, ଡି.ପି. ଯାଦବ

## 'ଯଦୁକୁଳ ପୁନର୍ଜାଗରଣ ମିଶନ'ର ଶୁଭାରମ୍ଭ

**ଲକ୍ଷ୍ନୌ,୨।୯:** ସମାଜବାଦୀ ପାର୍ଟିର ଯାଦବ ଭୋଟବ୍ୟାଙ୍କକୁ ସୁରକ୍ଷିତ କରିବା ଲାଗି ଅଖିଳେଶ ଯାଦବଙ୍କ ଦାଦା ଶିବପାଲ ଯାଦବ ଏବଂ ପୂର୍ବତନ ଏମ୍‌ପି ଡି.ପି. ଯାଦବ ପରସ୍ପର ହାତ ମିଳାଇଛନ୍ତି। ସେମାନେ ଆନୁଷ୍ଠାନିକ ଭାବେ 'ଯଦୁକୁଳ ପୁନର୍ଜାଗରଣ ମିଶନ'(ୱାଇପିଏମ୍) ଶୁଭାରମ୍ଭ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଛୋଟ ଯାଦବ ସମ୍ପ୍ରଦାୟର ନେତାମାନଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ଏହାର ଉଦ୍ଦେଶ୍ୟ। ସମାଜବାଦୀ ପାର୍ଟିର ଅସନ୍ତୁଷ୍ଟ ତଥା ଦଳରୁ ଦୂରେଇ ଯାଇଥିବା ନେତାମାନଙ୍କୁ ଏକାଠି କରିବାକୁ ଉଦ୍ୟମ ହେଉଛି ବୋଲି ଶିବପାଲ କହିଛନ୍ତି। ବରିଷ୍ଠ ନେତା ଶିବପାଲ ଏସ୍‌ପିରୁ ବିଧାୟକ ଥିବା ସତ୍ତ୍ୱେ ତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ ପୁତୁରା ଅଖିଳେଶଙ୍କଠାରୁ ଦୂରେଇଯାଇ ନିଜ ଦଳ ପ୍ରଗତିଶୀଳ ସମାଜବାଦୀ ପାର୍ଟି, ଲୋହିଆ (ପିଏସ୍‌ପି-ଏଲ୍)କୁ ସୁଦୃଢ଼ କରିବାକୁ ଉଦ୍ୟମ କରୁଛନ୍ତି। ବିଧାନସଭା ନିର୍ବାଚନ ବେଳେ ଡି.ପି. ଯାଦବଙ୍କ ରାଷ୍ଟ୍ରୀୟ ପରିବର୍ତ୍ତନ ଦଳକୁ ମେଣ୍ଟରେ ନେବାକୁ ଅଖିଳେଶ ମନା କରିଦେଇଥିଲେ। ସେଥିପାଇଁ ଡି.ପି. ସମାଜବାଦୀ ପାର୍ଟି ମୁଖ୍ୟଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି।


ଶିବପାଲ ଯାଦବ ଏବଂ ପୂର୍ବତନ ଏମ୍‌ପି ଡି.ପି. ଯାଦବ।

# 'ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହନ୍ତି'

## ସ୍ପଷ୍ଟ କଲେ ଜେଡିୟୁ ଜାତୀୟ ସଭାପତି ଲଲନ ସିଂ


ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

**ପାଟନା,୨।୯:** ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ୨୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚା ହେଉଛି। କିନ୍ତୁ ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଜେଡିୟୁ ଜାତୀୟ ସଭାପତି ଲଲନ ସିଂ। ସେ କହିଛନ୍ତି, ଦଳର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ନୀତୀଶ କୁମାର କେବଳ ବିରୋଧୀଙ୍କୁ ଏକଜୁଟ କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହଁନ୍ତି। ଏହାକୁ ନେଇ ଅଧିକ ଆଲୋଚନା କରିବା ଆଦୌ ଉଚିତ ନୁହେଁ। ନୀତୀଶ କୁମାର ସମଗ୍ର ଦେଶର ବିରୋଧୀ ଦଳଗୁଡ଼ିକୁ ଗୋଟିଏ ପ୍ଲାଟଫର୍ମରେ ଆଣିବାକୁ ଚେଷ୍ଟା କରିବେ। ସମସ୍ତ ବିରୋଧୀ ଦଳ ଏହା ଉପରେ ଏକାଠି ନିଷ୍ପତ୍ତି ନେବେ। ସୂଚନାଯୋଗ୍ୟ, ନାଟକୀୟ ଢଙ୍ଗରେ ଭାଜପାର ହାତ ଛାଡି ଆରଜେଡି ସହ ମେଣ୍ଟ କରିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚାହୁଁଥିବାରୁ ଭାଜପା ସହ ମେଣ୍ଟ ଭାଙ୍ଗିଥିବା ଚର୍ଚ୍ଚା ହୋଇଥିଲା। ଏନେଇ ନୀତୀଶ କୁମାର ମଧ ନିଜ ମତ ରଖିସାରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାର ଭାବନା ତାଙ୍କ ମୁଣ୍ଡରେ ନାହିଁ ବୋଲି ସେ ପୂର୍ବରୁ ସ୍ପଷ୍ଟ କରିଛନ୍ତି। କିନ୍ତୁ ଭାଜପା ବିରୋଧରେ ସବୁ ବିରୋଧୀଙ୍କୁ ଏକାଠି କରିବା ପାଇଁ ସେ କାମ କରିବେ ବୋଲି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

WANTED
PVC Conduit Pipe Factory, BBSR requires experience / skilled staff for all categories in similar Industry.
Please Whatsapp biodata:
8280749003

Required for Garment Business
Salary - Negotiable
1. Manager (Sales & Marketing):
Experience: 5 years in Online, Offline, Export Garment Business with computer.
Contact Immediately: 8594915183

WANTED
Required for Bhubaneswar Office, Civil Engineer, Architect, Front Office (F), Off. Asst., Manager, Site Supervisor (M/F), Marketing Office Boy, Car Driver,
Contact:9238482524, 8895182524

WANTED
A Reputed NGO GITA Needs the following staffs for Koraput & Kendrapara District : Counselor/Superintendent : MSW / Sociology / Psychology (F), Multipurpose Staff : HSC (F) & Security Guard : HSC Pharmacist, ANM / GNM, Accountant : B.Com, Teacher : D.Ed / B.Ed in HI, Project Coordinator : Post Graduate. Candidates may send their C.V within 7 days by E-Mail: gitapmishra@rediffmail.com Or Post, Chief Executive, GITA, Plot No-84/4067, Saswat Vihar, Sailashree Vihar, Bhubaneswar-751021, Contact : 9439539915

See Career Appointment on every Wednesday & Saturday

NALLA MALLA REDDY ENGINEERING COLLEGE
AUTONOMOUS INSTITUTION
WANTS FACULTY GOOD AT SUBJECT & ENGLISH FOR IMMEDIATE APPOINTMENT
ASSISTANT PROFESSORS & PROFESSORS IN
COMPUTER SCIENCE
ECE, EEE, ENGLISH, MATHS, PHYSICS, CHEMISTRY
ENCLOSE YOUR HANDWRITTEN APPLICATION IN 10 LINES WITH THE RESUME SEND TO THE MAIL BELOW OR WALK-IN ON 4th & 5th SEPTEMBER 2022
WITH TESTIMONIALS SALARIES - NEGOTIABLE
DIVYANAGAR, Near Narapally at 16th KM from Hyderabad
Phones : 040-29705020, 29706020. Email:info@nmrec.edu.in

ସାର୍ବଜନୀନ ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି
1) ମଡେଲ ନଂ. ଟାଟା ଏଲ୍‌ପିଟି 3118 ସିଏବି ଚେସିସ୍ ଗୁଡ୍‌ସ
ଗାଡ଼ି ନଂ.- OR05AR1315
ନିର୍ମାଣ ବର୍ଷ - 2011
ସଂରକ୍ଷିତ ମୂଲ୍ୟ - 1025000.00
2) ମଡେଲ ନଂ. ଟାଟା ଏଲ୍‌ପିଟି 3118 ସିଏବି ଚେସିସ୍ ଗୁଡ୍‌ସ
ଗାଡ଼ି ନଂ.- OR05AR0315
ନିର୍ମାଣ ବର୍ଷ - 2011
ସଂରକ୍ଷିତ ମୂଲ୍ୟ - 1025000.00
3) ମଡେଲ ନଂ. ଏଏଲ୍ 3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1128299.74
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

ମନେ ପଡ଼ନ୍ତି
୧୪ତମ ଶ୍ରାଦ୍ଧବାର୍ଷିକୀ



୰ଦିଗମ୍ବର ନାୟକ
ପଞ୍ଚାୟତ ନିର୍ବାହୀ ଅଧିକାରୀ
ମଠକରଗୋଳା, ଢେଙ୍କାନାଳ
ଆବିର୍ଭାବ- ୧୭।୦୭।୧୯୬୩
ତିରୋଧାନ- ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)
ଏହି ପୁଣ୍ୟ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ଧର୍ମପତ୍ନୀ ପ୍ରଜ୍ଞିଲା, ପୁତ୍ର ଦୀପୁନ୍, ଲିକୁନ୍, ଶାଶୁ, ଶ୍ୱଶୁର, ଶଳୁ, ଦେଢ଼ଶାଶୁ, ଶାଳୀ, ପୁତୁରା, ଝିଆରୀ, ବୋହୂ ପ୍ରିୟଙ୍କା, ନାତି ଅବନୀଶ, ଅନୁରାଗ ଓ ପରିବାରବର୍ଗ।
ଧ-୭୪୦୧୪

## ରାଜ୍ୟ ଖବର

### ସ୍ତ୍ରୀଙ୍କ ଦଶାହରେ ସ୍ୱାମୀ ଆଖି ବୁଜିଲେ

ଭଦ୍ରକ ଅଫିସ,୨।୯

ସ୍ତ୍ରୀଙ୍କ ଦଶାହରେ କ୍ରିୟା କର୍ମ ଚାଲିଥିଲା। ଏହି ସମୟରେ ସ୍ୱାମୀଙ୍କର ମୃତ୍ୟୁ ଘଟିଛି। ୧୦ ଦିନ ମଧ୍ୟରେ ଉଭୟ ମା' ବାପାଙ୍କୁ ହରାଇ ଅନାଥ ହୋଇଛନ୍ତି ୫ ବର୍ଷର ଝିଅ ଓ ୨ ବର୍ଷର ପୁଅ। ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଶୁକ୍ରବାର ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଭଦ୍ରକ ସଦର ବ୍ଲକ ଅଧୀନ ବଣିଆ ପଞ୍ଚାୟତର ପେଡ଼ାସାହିରେ। ମୃତ ବ୍ୟକ୍ତି ହେଲେ ଉକ୍ତ ଗ୍ରାମର ନରହରି ପେଡ଼ା (୪୫)। ସ୍ତ୍ରୀ ଇତିଶ୍ରୀ ଶ୍ୱାସ ରୋଗରେ ପୀଡ଼ିତ ଥାଇ ୧୦ ଦିନ ପୂର୍ବେ ତାଙ୍କର ମୃତ୍ୟୁ ଘଟିଥିଲା। ନରହରି ମଧ ଦୁଇବର୍ଷ ଧରି ରୋଗାଗ୍ରସ୍ତ ଥିଲେ। ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରୁ ନ ଥିଲା। ସେ ବିଛଣାରେ ପଡ଼ି ରହୁଥିଲେ। ଶୁକ୍ରବାର ଦିନ ପ୍ରାୟ ଗୋଟାଏ ବେଳେ ଇତିଶ୍ରୀଙ୍କ ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ନରହରିଙ୍କ ମୃତ୍ୟୁ ପରେ କାନ୍ଦ ବୋବାଳିରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଜାଲରେ ପଡ଼ିଲା ଯୁବତୀଙ୍କ ମୃତଦେହ

**ବାଲିଆପାଳ/ଲଙ୍ଗଳେଶ୍ୱର, ୨।୯(ସ୍ୱ.ପ୍ର./ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଜାମକୁଣ୍ଡା ପଞ୍ଚାୟତ ବଡ଼ତାଳପଦା ଗ୍ରାମ ଦେଇ ପ୍ରବାହିତ ଖାଳରୁ ଶୁକ୍ରବାର ମାଛ ଧରିବା ପାଇଁ ବସାଯାଇଥିବା ଜାଲରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ମଧ ଜଣାପଡିନାହିଁ। ବଡ଼ତାଳପଦା ଗ୍ରାମ ଦେଇ ପ୍ରବାହିତ ଖାଳ ସୁବର୍ଣ୍ଣରେଖା ମୁହାଣ ସହିତ ସଂଯୋଗ ହୋଇଛି। ବର୍ଷସାରା ପ୍ରଚୁର ପରିମାଣରେ ମାଛ ଏହି ଖାଳରେ ରୁହନ୍ତି। ଗ୍ରାମର ମତ୍ସ୍ୟଜୀବୀମାନେ ଏହି ଖାଳରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି। ସବୁଦିନ ପରି ମାଛ ଧରିବା ପାଇଁ ଗୁରୁବାର ରାତିରେ ଭଟ୍ଟା ସମୟରେ ଖାଳର ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନେ ବେହୁନ୍ଦି ଜାଲ ବସାଇଥିଲେ। ମତ୍ସ୍ୟଜୀବୀ ବୁଲୁ ଦଲାଇ ଶୁକ୍ରବାର ସକାଳେ ଜାଲରୁ ମାଛ ଖୋଲିବାକୁ ଯାଇଥିବା ବେଳେ ଯୁବତୀଙ୍କ ମୃତଦେହ ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରି ଅଗ୍ନିଶମ ବିଭାଗ ଦ୍ୱାରା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହି ଘଟଣାର ତଦନ୍ତ କରାଯାଉଥିବା ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସାରଦା ପ୍ରସନ୍ନ ମୁଦୁଲି ସୂଚନା ଦେଇଛନ୍ତି।

### ଗଣେଶ ପୂଜା ଭୋଜି ଖାଇ ୨୫ ଛାତ୍ରୀଛାତ୍ର ଅସୁସ୍ଥ

ନୀଳଗିରି,୨।୯(ସ୍ୱ.ପ୍ର.): ବାଲେଶ୍ୱର ଜିଲା ଔପଦା ବ୍ଲକ ବାଉଁଶବଣିଆ ପ୍ରାଥମିକ ସ୍କୁଲରେ ଗଣେଶ ପୂଜା ଭୋଜି ଖାଇ ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ଲାଗି ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଗଣେଶ ପୂଜା ଦିନ ସ୍କୁଲରେ ଭୋଜି ହୋଇଥିଲା। ପିଲାମାନେ ଭୋଜି ଖାଇସାରି ଘରକୁ ଫେରିଥିଲେ। ସନ୍ଧ୍ୟା ବେଳେ ପିଲାମାନଙ୍କର ପ୍ରଥମେ ବାନ୍ତି ହୋଇଥିଲା। ପରେ ଜ୍ୱର ଆସିଥିଲା। ଗୁରୁବାର ପରିବାର ଲୋକେ ପିଲାମାନଙ୍କୁ ଡାକ୍ତରଖାନା ନ ନେଇ ଘରେ ଚିକିତ୍ସା କରିଥିଲେ। ତେବେ ଜ୍ୱର ନ କମିବାରୁ ଶୁକ୍ରବାର ସକାଳେ ପରିବାର ଲୋକେ ପିଲାଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ଅଛନ୍ତି।

### ମେସର୍ସ କେସିଏସ୍ କ୍ୟାମ୍ପ ଭାଙ୍ଗିଲେ, ମେଶିନ ପୋଡ଼ିଦେଲେ

କେନ୍ଦୁଝର, ୨।୯ (ସ୍ୱ.ପ୍ର.)



ଜାଳି ଦିଆଯାଇଥିବା ମେଶିନ।

କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ କାଦକଳା ଗ୍ରାମ ନିକଟ ଜମ୍ବିରିପଶିଠାରେ ସ୍ଲରି ପାଇପ୍ ଲାଇନ ବିଛାଇବା କାମ କରୁଥିବା ମେସର୍ସ କେସିଏସ୍ ପ୍ରୋଜେକ୍ଟ କ୍ୟାମ୍ପକୁ ଶୁକ୍ରବାର ଅପରାହ୍ନରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହ ମେଶିନ ପୋଡ଼ିଦେଇଛନ୍ତି। ଦୁର୍ବୃତ୍ତମାନେ ଏକ ମାଟିଖୋଳା ମେଶିନକୁ ପୋଡ଼ିଦେଇଥିବା ବେଳେ ଜେନେରେଟର, ଅନ୍ୟ ଗାଡ଼ି ଭାଙ୍ଗି ଦେଇଛନ୍ତି। ଏହି ସମୟରେ କ୍ୟାମ୍ପରେ କେହି ନ ଥିଲେ ବୋଲି କୁହାଯାଉଛି। ତେବେ ଏନେଇ ଏସ୍‌ଡିପିଓ ପି.ଜେ. ଟପୋ ଓ ଅନ୍ୟ ପୋଲିସ ଅଧିକାରୀ ଫୋର୍ସ ସହ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ନଜର ରଖିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ଟପୋ କହିଛନ୍ତି। ଏନେଇ ମେସର୍ସ କେସିଏସ୍ ସଂସ୍ଥା ପକ୍ଷରୁ ନୟାକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଜମ୍ବିରିପଶି ନିକଟରେ କାମ ଚାଲିଥିବା ବେଳେ କେତେଜଣ ଲୋକ ଆସି ଧମକ ଦେଇ ଗଣ୍ଡଗୋଳ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ପ୍ରକାଶ ଯେ, ଭଙ୍ଗାରୁଜା ଓ ମେଶିନ ପୋଡ଼ାଯିବାର କାରଣ ଜଣାପଡ଼ି ନ ଥିଲେ ହେଁ ସ୍ଲରି ପାଇପ୍ ଲାଇନ ଦ୍ୱାରା ଲୁହାପଥର ପରିବହନ ହେଲେ ଟ୍ରକ୍ ମାଲିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା କରି ଜିଲାରେ ବିରୋଧ ହୋଇଆସୁଥିଲା। ଟ୍ରକ୍ ମାଲିକ ଏବଂ ଏହା ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ ଲକ୍ଷାଧିକ ପରିବାର ଆନ୍ଦୋଳନ କରିଆସୁଥିଲେ। କାମ ବନ୍ଦ କରିବା ପାଇଁ ଏଭଳି କାଣ୍ଡ ଘଟାଯାଇଥିବା ପୋଲିସ ସନ୍ଦେହ କରୁଛି।

SPECIAL HANDLOOM EXPO - 2022
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୨
Neelachal Urban Haat, Puri
From : 01.09.2022 to 15.09.2022, Time : 11.00 AM to 9.00 PM
Inauguration by
Smt. Shubha Sarma, IAS
Commissioner-cum-Secretary to Govt,
Handlooms, Textiles & Handicrafts Department
In presence of
Sri Sambit Kumar Acharya
President, Sambalpuri Bastralaya
on
3rd September, 2022, at 5.00PM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Handlooms, Textiles & Handicrafts Department, Government of Odisha
& Directorate of Textiles & Handloom, Govt. of Odisha.
All are Cordially invited to the Inaugural Function
Sri Sisir Kumar Nag
Managing Director

ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା- ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। **-ଶ୍ରୀଅରବିନ୍ଦ**



# ସଙ୍କୁଚିତ କ୍ଷେତ୍ର



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପ୍ରଶାସନରେ ଆଇଏଏସ୍‌ଙ୍କ ସମ୍ମାନଜନକ କ୍ଷେତ୍ର ଏବେ ସଙ୍କୁଚିତ ହେଉଛି କି? ହଁ, ନିଶ୍ଚିତ ଭାବେ ଏହା ଘଟୁଛି। ମୋଦି ସରକାର କ୍ଷମତାକୁ ଆସିବା ପର ବର୍ଷଗୁଡ଼ିକରେ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ସ୍ତରରେ ଆଇଏଏସ୍ କ୍ୟାଡର ସଂଖ୍ୟା ବହୁତ କମିଯାଇଛି। ୨୦୧୫-୨୦୧୭ ମଧ୍ୟରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ୨୪୯ରୁ (ମୋଟ ୩୯୧ ଯୁଗ୍ମ ସଚିବରୁ) ହ୍ରାସ ପାଇ ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ଏହା କେବଳ ୭୭ରେ ସୀମିତ ରହିଥିଲା। ସେହିପରି ୨୦୧୫ରେ ଅତିରିକ୍ତ ସଚିବଙ୍କ ସଂଖ୍ୟା ୯୮ ଥିଲାବେଳେ ଚଳିତ ବର୍ଷ ଏହା ରହିଛି ୭୬। ଏହି ଧାରା ଜାରି ରହିଛି। ଖୁବ୍ ନିକଟରେ ସରକାର ସବୁ ମନ୍ତ୍ରଣାଳୟରେ ୩୧ ଅଧିକାରୀଙ୍କୁ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ର୍ୟାଙ୍କକୁ ପଦୋନ୍ନତି ଦେଇଥିବାବେଳେ ଏମାନଙ୍କ ମଧ୍ୟରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ମାତ୍ର ୧୨। ଆଉ ସବୁ ଅଧିକାରୀ ଅନ୍ୟ ସେବାରୁ ଆସିଛନ୍ତି। ଏହା ନିଶ୍ଚିତ ଭାବେ ଏକ ଧାରଣା ସୃଷ୍ଟି କରୁଛି ଯେ, ମୋଦି ସରକାର ଆଇଏଏସ୍‌ର ପ୍ରାଧାନ୍ୟ ଭାଙ୍ଗିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଏଭଳି କରିବା ପଛରେ ଆଉ ଏକ କାରଣ ରହିଛି, ଯେଉଁଥିରେ ସରକାର ଉପୁଜ ସମସ୍ୟାର ତତ୍କାଳ ସମାଧାନ କରିବାକୁ ଚାହୁଁଛନ୍ତି। ସରକାର ମଧ୍ୟ ସେଣ୍ଟ୍ରାଲ୍ ଡେପୁଟେଶନ ପାଇଁ ଦେଖାଦେଇଥିବା ଆଇଏଏସ୍ ଅଧିକାରୀଙ୍କ ସଙ୍କଟର ସମାଧାନ କରିବାକୁ ଚାହୁଁଛନ୍ତି। ଏଭଳି ଅଭାବର ସମ୍ମୁଖୀନ ହୋଇ ସରକାର ଅସମନ୍ୱୟରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସମ୍ଭବତଃ ଆଗାମୀ ଦୁଇ ବର୍ଷରେ ଅଭାବ ପୂରଣ କରିବା ସହ ସର୍ବୋତ୍ତମ ପରିଣାମ ପାଇବାକୁ ଅନ୍ୟ ସେବାର ଅଧିକାରୀମାନଙ୍କୁ ଉପଯୋଗ କରିବେ। ଯାହା ହେଲେ ବି ଉକ୍ତ ସ୍ୱଳ୍ପକାଳୀକ ପରିବର୍ତ୍ତନ ବର୍ତ୍ତମାନ ପାଇଁ ଭଲ ହୋଇପାରେ।

### ଅଣବାବୁଙ୍କ ହାତରେ ପଦବୀ

ଦ୍ୱିତୀୟ ଥର ଲାଗି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭଳି ସମ୍ମାନଜନକ ପଦବୀ ଅଣବାବୁଙ୍କ ହାତକୁ ଚାଲିଯାଇଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରେ ଭାରତର ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହୋଇଛନ୍ତି। ସୁରଜିତ୍ ଭାଲାଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ସୁବ୍ରମଣ୍ୟନଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଅବଧି ୩ ବର୍ଷ ପାଇଁ ହୋଇଛି ଓ ଡ. ସୁରଜିତ ଏସ୍. ଭାଲାଙ୍କ କାର୍ଯ୍ୟକାଳ କମାଯାଇ ଏହା କରାଯାଇଛି। ନିର୍ଦ୍ଦେଶନାମାରେ ଯାହା ଉଲ୍ଲେଖ ହୋଇଛି ତାହାକୁ ନେଇ ଲୋକମାନେ ଅନେକ କଥା କହୁଛନ୍ତି। ଉଲ୍ଲିଖିତ ଶବ୍ଦରୁ ଜଣାପଡୁଛି ଯେ, ସୁବ୍ରମଣ୍ୟନଙ୍କୁ ନିଯୁକ୍ତ କରିବା ଲାଗି ଭାଲାଙ୍କୁ ପଦବୀ ଛାଡ଼ିବାକୁ ବାଧ କରାଯାଇଥିଲା। ଭାଲା ଦିଲ୍ଲୀରେ ଥିଲେ। ଏଣୁ ସେ ଯେତେବେଳେ ୱାଶିଂଟନ ଡିସିରେ ଓହ୍ଲାଇଲେ ସେତେବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ସୁବ୍ରମଣ୍ୟନଙ୍କ ସମ୍ପର୍କରେ ନିଶ୍ଚିତ ଭାବେ ଶୁଣିଥିବେ। ଏହି ଘଟଣା ସମ୍ପର୍କରେ ଯେଉଁମାନେ ଭଲ ଭାବେ ଅବଗତ ସେମାନେ ଭାଲାଙ୍କ ଅପସାରଣ ସମ୍ପର୍କରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି। ସ୍ପଷ୍ଟତଃ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନେ ଆଇଏମ୍ଏଫ୍ ବୋର୍ଡ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଏବଂ ଭାଲା ମଧ୍ୟ ପୂର୍ବରୁ ଅନ୍ୟମାନଙ୍କ ଭଳି ତାଙ୍କ ୩ ବର୍ଷ କାର୍ଯ୍ୟକାଳ ପୂରଣ କରିଥିଲେ। ଏଣୁ ଏଭଳି ଅନାବଶ୍ୟକ ବିବାଦ ପାଇଁ ଖରାପ ଡ୍ରାଫ୍ଟିଂର ଦୋଷ। ଭାଲାଙ୍କ ପରେ ନିଯୁକ୍ତ ହୋଇଥିବା ସୁବ୍ରମଣ୍ୟନଙ୍କର ଏକ ଖରାପ ରେକର୍ଡ ରହିଛି। ଏଣୁ ତାଙ୍କ ନିଯୁକ୍ତିକୁ ନେଇ ଦିଲ୍ଲୀର ବାବୁମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ତେବେ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯାହା ବାବୁଙ୍କ କ୍ଷେତ୍ରର ସୀମା ବାହାରକୁ ଚାଲିଯାଇଥିବା ଜଣାପଡୁଛି।

### ମୁଖ୍ୟ ପାଇଁ ଅପେକ୍ଷା

ନିକଟରେ ତୈଳ ଓ ପ୍ରାକୃତିକ ବାଷ୍ପ (ଓଏନ୍‌ଜିସି) ପାଇଁ ନୂଆ ମୁଖ୍ୟ ନିଯୁକ୍ତି ନିମନ୍ତେ ସର୍ଚ୍ଚ ଆଣ୍ଡ ସିଲେକ୍ସନ କମିଟି ୯ ଜଣ ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁ ଲାଗି ଡାକିଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୬ ଜଣ ପହଞ୍ଚିଥିଲେ। ପଦ ଛାଡୁଥିବା ଓଏନ୍‌ଜିସିର ମୁଖ୍ୟ ଅଲକା ମିତ୍ତଲ, ଯିଏ କି ପଦବୀର ଅତିରିକ୍ତ ଦାୟିତ୍ୱରେ ରହିଆସିଛନ୍ତି, ସେ କମିଟି ସମ୍ମୁଖରେ ଉପସ୍ଥିତ ହେବାକୁ ଚାହିଁନାହାନ୍ତି। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ କରିବାକୁ ଉକ୍ତ କମିଟି ଆଉ ଦୁଇ କି ତିନି ମାସ ସମୟ ନେବ। ଅଧିକାଂଶ ବାବୁ ପର୍ଯ୍ୟବେକ୍ଷକ କହନ୍ତି ଯେ, ସେ ପର୍ଯ୍ୟନ୍ତ ଓଏନ୍‌ଜିସି ଜଣେ ଅସ୍ଥାୟୀ ବା ସ୍ୱଳ୍ପକାଳୀକ ଚେୟାରପର୍ସନକୁ ନେଇ କାର୍ଯ୍ୟ କରିବାକୁ ପଡ଼ିବ ; ଯାହା ନିଶ୍ଚିତ ଭାବେ ଏକ ରେକର୍ଡ। ଗତବର୍ଷ ମାର୍ଚ୍ଚରେ ମୁଖ୍ୟ ପଦବୀରୁ ଶଶୀ ଶଙ୍କର ସେବାନିବୃତ୍ତ ହେବା ପରେ ତାହା ଖାଲିପଡ଼ିଛି। ସେବେଠାରୁ ୧୭ ମାସ ହେଲା ଦେଶର ସବୁଠୁ ଲାଭକାରୀ କମ୍ପାନୀ ଓଏନ୍‌ଜିସି ଜଣେ ପୂର୍ଣ୍ଣକାଳୀକ ବା ସ୍ଥାୟୀ ମୁଖ୍ୟ ପାଇବାକୁ ସକ୍ଷମ ହୋଇନାହିଁ। ଶଶୀ ଶଙ୍କରଙ୍କ ପରେ ଓଏନ୍‌ଜିସି ମ୍ୟାନେଜ୍‌ମେଣ୍ଟର ସୁବାସ କୁମାର ଓ ତାଙ୍କ ପରେ ମିତ୍ତଲଙ୍କ ଦ୍ୱାରା କାମ ଚଳାଇ ଆସିଛି। ତେବେ ସବୁଠୁ ବରିଷ୍ଠ ନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ (ଏକ୍ସପ୍ଲୋରେଶନ ନିର୍ଦ୍ଦେଶକ) ଅନ୍ତରୀଣ ମୁଖ୍ୟ ହେବାର ବହୁତ ସମ୍ଭାବନା ରହିଛି। କୌତୂହଳର କଥା, ପବ୍ଲିକ ଏଣ୍ଟରପ୍ରାଇଜ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ମୁଖ୍ୟ ମଲ୍ଲିକା ଶ୍ରୀନିବାସନଙ୍କ ନେତୃତ୍ୱରେ ଗଠିତ ସିଲେକ୍ସନ କମିଟିରେ ପେଟ୍ରୋଲିୟମ ସଚିବ ପଙ୍କଜ ଜୈନ ଏବଂ ପୂର୍ବତନ ଇଣ୍ଡିଆନ୍ ଅଏଲ୍ ଚେୟାରମ୍ୟାନ ବି. ଅଶୋକ ରହିଛନ୍ତି। ଉକ୍ତ କମିଟି ଫେବୃୟାରୀରେ ଗଠନ କରାଯାଇଥିଲେ ମଧ୍ୟ ଚଳିତ ମାସରେ ଏହା କାମ ଆରମ୍ଭ କଲା। ଏହି ସମୟରେ ଏହା ମଧ୍ୟ ମନେରଖିବା ଦରକାର ଯେ, ଓଏନ୍‌ଜିସି ସହ ଅତି କମ୍‌ରେ ୨୦ଟି ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍‌ରେ ପୂର୍ଣ୍ଣକାଳୀକ ମୁଖ୍ୟ ନାହାନ୍ତି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 7 | | | | | | | |
| 3 | | 9 | | | | | 4 | 1 |
| | 6 | 4 | | 9 | 2 | | | 7 |
| | 4 | | 6 | | | | | 5 |
| | | 7 | | | 4 | | | |
| | | | 7 | | 5 | 8 | | |
| 8 | | | | | | 4 | 6 | |
| | | | | | | | | |
| | | 1 | 3 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 6 | 2 | 9 | 4 | 1 | 3 |
| 3 | 1 | 9 | 7 | 5 | 4 | 2 | 8 | 6 |
| 4 | 2 | 6 | 3 | 8 | 1 | 5 | 7 | 9 |
| 6 | 4 | 3 | 2 | 9 | 7 | 1 | 5 | 8 |
| 8 | 9 | 2 | 1 | 3 | 5 | 6 | 4 | 7 |
| 1 | 7 | 5 | 8 | 4 | 6 | 3 | 9 | 2 |
| 7 | 3 | 4 | 5 | 6 | 8 | 9 | 2 | 1 |
| 2 | 5 | 8 | 9 | 1 | 3 | 7 | 6 | 4 |
| 9 | 6 | 1 | 4 | 7 | 2 | 8 | 3 | 5 |

ଗତକାଲିର ଉତ୍ତର

# ବୃକ୍ଷର ଅବଦାନ: ଏକ ମୂଲ୍ୟାୟନ



**ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ଆଜକୁ ପ୍ରାୟ ୨.୪ ହଜାର ନିଯୁତ(ବିଲିୟନ) ବର୍ଷ ପୂର୍ବେ ବାୟୁମଣ୍ଡଳ ମୁଖ୍ୟତଃ ଯବକ୍ଷାରଜାନ, ଜଳୀୟ ବାଷ୍ପ, ଅଙ୍ଗାରକାମ୍ଳ ଏବଂ ନିଷ୍କ୍ରିୟ ବାଷ୍ପଗୁଡ଼ିକରେ ଗଠିତ ହୋଇଥିଲା ବୋଲି ମନେକରାଯାଏ। ଏହାପରେ ଏଥିରେ ଅମ୍ଳଜାନ ସୃଷ୍ଟି ହେଲା। ତେବେ ପ୍ରାୟ ୬୦୦ ନିଯୁତ ବର୍ଷ ପର୍ଯ୍ୟନ୍ତ ତହିଁରେ ଏହାର ପରିମାଣ ଅସ୍ଥିର ରହୁଥିଲା ; ଯାହାକି ଜୀବଜଗତ ପାଇଁ ସହାୟକ ନ ଥିଲା। ତାହା ସ୍ଥିର ଅବସ୍ଥାକୁ ଆସିଲା ପ୍ରାୟ ୪୦୦ ନିଯୁତ ବର୍ଷ ପୂର୍ବେ, ଉଦ୍ଭିଦଜଗତ ସୃଷ୍ଟି ହେଲା ପରେ। ଏହାଅନ୍ତେ ପ୍ରାଣୀମାନଙ୍କର, ବିଶେଷକରି ଶ୍ୱାସକ୍ରିୟା ଲାଗି ଅମ୍ଳଜାନ ଆବଶ୍ୟକ କରୁଥିବା ପଶୁପକ୍ଷୀମାନଙ୍କର ସୃଷ୍ଟି ସମ୍ଭବ ହେଲା। ଧରାପୃଷ୍ଠକୁ ମଣିଷ ଆସିଲା ଆଜକୁ ମାତ୍ର ୫ରୁ ୭ ନିଯୁତ ବର୍ଷ ପୂର୍ବେ। ଅତଏବ ବୃକ୍ଷ ପ୍ରକୃତରେ ଖାଲି ମଣିଷ କାହିଁକି ସମଗ୍ର ଜୀବଜଗତର ଜନନୀ-କେବଳ ଜନ୍ମଦାତ୍ରୀ ନୁହେଁ, ପାଳନକର୍ତ୍ତ୍ରୀ ମଧ୍ୟ।

ଆମେରିକାର କୃଷି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ (୨୦୧୫) ଅନୁସାରେ, ଏକ ଏକର ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ବର୍ଷକୁ ୫ ଟନ୍ ସବୁଜ ଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କଲାବେଳେ ୪ଟନ୍ ଅମ୍ଳଜାନ ନିର୍ଗମନ କରିଥାଏ, ଯାହାକି ୧୮ଜଣ ଲୋକଙ୍କ ଶ୍ୱାସକ୍ରିୟା ସମ୍ପାଦନ କରିପାରେ। ପୁନଶ୍ଚ ଏହା ବାୟୁରୁ ଧୂଳିକଣା ନିଷ୍କାସନ ଏବଂ କାର୍ବନ ମନୋକ୍ସାଇଡ, ସଲଫରଡାଇ ଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଆଦି ପ୍ରଦୂଷକ ଶୋଷଣ ତଥା ସୌରତାପ, ଅତ୍ୟଧିକ ବୃଷ୍ଟିପାତ ଓ ବାତ୍ୟାର ଧ୍ୱଂସକାରୀ ପ୍ରଭାବକୁ ନିୟନ୍ତ୍ରଣ କରିବା ସହିତ ବୃଷ୍ଟିଜଳ ସଂରକ୍ଷଣ, ଭୂତଳ ଜଳର ପୁନଃଭରଣ, ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ଏବଂ ବିବିଧ ଜୀବଜନ୍ତୁ ଓ ପକ୍ଷୀମାନଙ୍କୁ ଖାଦ୍ୟ ଓ ବାସ ଯୋଗାଇଥାଏ। ଦେଖାଯାଇଛି ଯେ, ଘରର ଚତୁଃପାର୍ଶ୍ୱରେ ବୃକ୍ଷ ଥିଲେ ଶୀତ-ତାପ ନିୟନ୍ତ୍ରଣର ଆବଶ୍ୟକତା ୩୦ରୁ ୫୦ ଶତାଂଶ ହ୍ରାସପାଏ।

ଆମକୁ ସଚେତନ କରିବା ନିମନ୍ତେ ବୈଜ୍ଞାନିକମାନେ ବୃକ୍ଷର ମୂଲ୍ୟ ଆକଳନ କରିଛନ୍ତି। ପ୍ରଥମେ ୧୯୭୯ରେ ଏହାର ଏକ ସୂଚନା 'ଇଣ୍ଡିଆନ ବାୟୋଲୋଜିଷ୍ଟ' ନାମକ ଗବେଷଣା ପତ୍ରିକାରେ ପ୍ରଦାନ କରିଥିଲେ କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଟି.ଏମ୍. ଦାସ। ସେ ସୂଚିତ କରିଥିଲେ ଯେ, ପ୍ରାୟ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିବା ଗୋଟିଏ ବୃକ୍ଷ ସେ ସମୟର ମୂଲ୍ୟସୂଚୀ ଅନୁସାରେ ଆମକୁ ୧,୯୬,୬୫୦ ଡଲାର (X ୮୦ ଟଙ୍କାର) ମୂଲ୍ୟର ଅବଦାନ ଦେଇଥାଏ। ତେବେ ୨୦୧୧-୧୨ ରେ ପୁନଃ ମୂଲ୍ୟାୟନ କରି ତାହା ୮,୦୯,୭୬୦ ଡଲାର (X ୮୦ ଟଙ୍କାର) ବୋଲି ସ୍ଥିର କରାଯାଇଛି। ତହିଁରେ ରହିଛି ଅମ୍ଳଜାନ ଉତ୍ପାଦନ (୧୦,୫୦୦ ଡଲାର), ପଶୁପାଳନ (୩୦୦୦ ଡଲାର), ମୃତ୍ତିକା କ୍ଷୟ ହ୍ରାସ (୧୦,୦୦୦ ଡଲାର), ଜଳ ପୁନଃଚକ୍ରଣ, ବାୟୁରେ ଜଳୀୟ ବାଷ୍ପ ଏବଂ ତାପମାତ୍ରା ନିୟନ୍ତ୍ରଣ (୧,୫୪,୫୬୦ ଡଲାର), ବନ୍ୟ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମାଧ୍ୟମରେ ପରିସଂସ୍ଥାର ସମୃଦ୍ଧି (୧,୨୯,୭୦୦ ଡଲାର) ଏବଂ ବାୟୁରୁ ଭାସମାନ ସୂକ୍ଷ୍ମକଣିକା, ଅଙ୍ଗାରକାମ୍ଳ, ସଲଫର୍ ଡାଇଅକ୍ସାଇଡ୍ ଆଦି ପ୍ରଦୂଷକ ନିଷ୍କାସନ (୪,୦୨,୦୦୦ ଡଲାର)।



ବୃକ୍ଷର ଆମ ପାଇଁ ସବୁଠାରୁ ଉପଯୋଗୀ ଅବଦାନ ହେଲା ଅମ୍ଳଜାନ। ଏକ ଆକଳନ ଅନୁସାରେ ଜଣେ ବ୍ୟକ୍ତି ପ୍ରତ୍ୟହ ଶ୍ୱାସକ୍ରିୟାରେ ଗ୍ରହଣ କରୁଥିବା ଏହାର ପରିମାଣ ଚିକିତ୍ସାଳୟଗୁଡ଼ିକରେ ଉପଲବ୍ଧ ୩ଟି ସିଲିଣ୍ଡରରେ ଥିବା ବାଷ୍ପ ସହିତ ସମାନ। ଏ ପ୍ରକାର ଗୋଟିଏ ସିଲିଣ୍ଡରର ଦାମ ହେଲା ୭୦୦ରୁ ୯୦୦ ଟଙ୍କା। ତେଣୁ ଜଣେ ଲୋକ ପ୍ରତିଦିନ ଆବଶ୍ୟକ କରୁଥିବା ୭୦୦x୩=୨୧୦୦ ବା ୯୦୦x୩=୨୭୦୦ ଟଙ୍କାର ଅମ୍ଳଜାନ ବୃକ୍ଷମାନଙ୍କଠାରୁ ପ୍ରାପ୍ତ ହୋଇଥାଏ। ଦୁଇଟି ୩୨ ଫୁଟ୍ ଉଚ୍ଚତାର ଗଛ ଏହା ଉତ୍ପାଦନ କରିଥାନ୍ତି।

ପୁନଶ୍ଚ ଉଭୟ ବନ୍ୟ ଓ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଏବଂ ଆମ ପରିସଂସ୍ଥାକୁ ସରସ ସୁନ୍ଦର ରଖିବା ଲାଗି ଆହୁରି ଅଧିକ ଅମ୍ଳଜାନ ଲୋଡା। ତା' ବ୍ୟତୀତ ଘରେ, ଶିଳ୍ପାୟନରେ ଏବଂ ଯାନବାହନ ଆଦିରେ ଆବଶ୍ୟକ ଶକ୍ତି ଉତ୍ପାଦନ ଲାଗି ଇନ୍ଧନର ଦହନ ପ୍ରକ୍ରିୟାରେ ମଧ୍ୟ ପ୍ରଚୁର ଅମ୍ଳଜାନ ଲାଗିଥାଏ। ଏହାର କଳନା କରିବା ସମ୍ଭବ ନୁହେଁ। ଏହା ବ୍ୟତୀତ ବୃକ୍ଷର ଅନ୍ୟାନ୍ୟ ଅବଦାନ ମଧ୍ୟରେ ରହିଛି ଘରୋଇ ଇନ୍ଧନ ଯୋଗାଣ (ଶୁଖିଲା ଡାଳପତ୍ର), ଆର୍ଦ୍ରଭୂମିରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ଧ୍ୱନି ପ୍ରଦୂଷଣ ହ୍ରାସ, ବୃଷ୍ଟିପାତ ବୃଦ୍ଧି, ମୃତ୍ତିକାକ୍ଷୟ ପ୍ରତିରୋଧ ଇତ୍ୟାଦି। ପୁନଶ୍ଚ ପ୍ରାୟ ୮୦୦୦ ପ୍ରଜାତିର ବୃକ୍ଷଲତା ଓ ଗୁଳ୍ମ ଆଦିର ଔଷଧୀୟ ଗୁଣଥିବାର ଚିହ୍ନଟ କରାଯାଇଛି।

ଏକ ସମୁନ୍ନତ ପରିବେଶ ଏବଂ ସନ୍ତୁଳିତ ପରିସଂସ୍ଥା ପାଇଁ ଭୂଭାଗର ଏକ ତୃତୀୟାଂଶ ବୃକ୍ଷ ଓ ଅରଣ୍ୟରେ ଆଚ୍ଛାଦିତ ରହିବା ଉଚିତ। କିନ୍ତୁ ଆମେ ବିଚାରଶୂନ୍ୟ ଭାବେ ବୃକ୍ଷଚ୍ଛେଦନ ଓ ବନ ବିଧ୍ୱଂସ କରିଚାଲିଛେ। 'ନେଚର' ପତ୍ରିକା (୨୦୧୫)ରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ଆମେ ବର୍ଷକୁ ଛେଦନ କରୁଥିବା ବୃକ୍ଷସଂଖ୍ୟା ପ୍ରାୟ ୧୫ ହଜାର ନିଯୁତ (ବିଲିୟନ)। ଏଥିସହିତ ବାଡବାଗ୍ନୀ ମଧ୍ୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଅତଏବ ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ୧୯୯୦ରୁ ୨୦୧୬ ଭିତରେ ଦୁନିଆରୁ ଉଭେଇଯାଇଛି ୧.୩ ନିଯୁତ ବର୍ଗ କିଲୋମିଟର ଅରଣ୍ୟ। ଫଳରେ ପରିବେଶ, ପରିସଂସ୍ଥା ତଥା ସମଗ୍ର ଜୀବଜଗତ ଠେଲି ହୋଇଯାଉଛି ବିଷମରୁ ଅତି ବିଷମ ପରିଣାମ ମଧ୍ୟକୁ ଏବଂ ପୃଥିବୀ ହରାଇବାରେ ଲାଗିଛି ତା'ର ବାସୋପଯୋଗିତା। ଏହି ଧାରା ଅବ୍ୟାହତ ରହିଲେ ଏହା ଏକ ମୃତଗ୍ରହରେ ପରିଣତ ହେବାକୁ ଅଧିକ ସମୟ ଲାଗିବ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନୂତନ ବନୀକରଣ ବନବିଧ୍ୱଂସ ଜନିତ ସମସ୍ୟାଗୁଡ଼ିକର ସମାଧାନ ନୁହେଁ, କାରଣ ପ୍ରଥମତଃ ପ୍ରାକୃତିକ ଅରଣ୍ୟର ପରିସଂସ୍ଥାରେ ଥିବା ସମସ୍ତ ବୃକ୍ଷଲତା ଓ ତୃଣଗୁଳ୍ମ ଏବଂ ତହିଁରେ ବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଓ ସୂକ୍ଷ୍ମ ଜୀବମାନେ ଏଥିରେ ସୃଷ୍ଟି କରାଯାଇପାରିବ ନାହିଁ। ପୁନଶ୍ଚ ନୂତନ ଭାବେ ରୋପିତ ବୃକ୍ଷଗୁଡିକୁ ବଢ଼ିବା ପାଇଁ ପ୍ରଜାତି ଉପରେ ନିର୍ଭର କରି ୨୦/୩୦ ବର୍ଷ ଲାଗିଯାଇପାରେ। ସେହିପରି ଏ ବନୀକରଣ କରାଯାଉଛି ପୂର୍ବତନ ବନଭୂମିଠାରେ ଦୂରବର୍ତ୍ତୀ ସ୍ଥାନରେ, ଯେଉଁଠିକି ଯୁଗ ଯୁଗ ଧରି ରହିଆସିଥିବା ପ୍ରାକୃତିକ ପରିସଂସ୍ଥା ପାଇଁ ଏହା ଅନୁକୂଳ ନୁହେଁ। ଉଦାହରଣ ସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳରେ ଶିଳ୍ପ କେନ୍ଦ୍ରଟିଏ ପ୍ରତିଷ୍ଠା ଲାଗି ସେଠାର ଅରଣ୍ୟକୁ ବିଧ୍ୱଂସ କରି ଅନ୍ୟତ୍ର ଏକ ମରୁଭୂମିରେ ବନୀକରଣ କରାଗଲେ ତାହାକୁ ତା'ର ବିକଳ୍ପ ବୋଲି କୁହାଯାଇପାରିବ ନାହିଁ, ବରଂ ତଦ୍ୱାରା ଏଠାରେ ପ୍ରାକୃତିକ ପରିବେଶ ନକାରାତ୍ମକ ଭାବେ ପ୍ରଭାବିତ ହେବ।

ଏ କଥା ଭାବିଲେ ମନକୁ ଆସେ ଊନବିଂଶ ଶତାବ୍ଦୀର ରାଜସ୍ଥାନୀ କବି ଜୟସ୍ କିଲମରଙ୍କ ରଚିତ କବିତା 'ବୃକ୍ଷ ଓ କବିତା'। ବୃକ୍ଷଭଳି ସୁନ୍ଦର କବିତାଟିଏ ଲେଖିବାରେ ବିଫଳ ହୋଇ ସେ ଏହାର କାରଣ ସ୍ୱରୂପ ଶେଷ ପଂକ୍ତିରେ ସୂଚାଇଛନ୍ତି, ''ମୋ ଭଳି ମୂରୁଖମାନେ ଲେଖନ୍ତି କବିତା, ହେଲେ ବୃକ୍ଷକୁ ଯେ ଗଢ଼ିଛନ୍ତି ନିଜେ ବିଶ୍ୱପିତା''। ପ୍ରକୃତରେ ମଣିଷ ଯେତେ ଜ୍ଞାନୀ ହେଲେ ମଧ୍ୟ ସୃଜନାତ୍ମକ କଳାରେ ସେ କଦାପି ପ୍ରକୃତିକୁ ଟପି ପାରିବ ନାହିଁ। ଏଣୁ ପରିବେଶ ଓ ପରିସଂସ୍ଥାକୁ ସୁସ୍ଥ ଓ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷକୁ ଜନନୀ ରୂପେ ଶ୍ରଦ୍ଧା ଓ ସମ୍ମାନ ଦେଇ ପ୍ରାକୃତିକ ବନରାଜିକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ଏବଂ ଯେଉଁଠାରେ ତାହାର ଅବକ୍ଷୟ ଘଟିଛି ସେଠାରେ ଯଥାସମ୍ଭବ ପ୍ରାକୃତିକ ଭାବେ ତାହା ପୁନଃ ସୃଷ୍ଟିହେବା ଲାଗି ସୁଯୋଗ ଦେବା ଏକମାତ୍ର ପନ୍ଥା ବୋଲି ତାକୁ ହୃଦୟଙ୍ଗମ କରିବାକୁ ପଡ଼ିବ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭**

# କିଏ ବା ଅଛି କେଉଁ ମତେ



**ଡ. ନିରଞ୍ଜନ ମିଶ୍ର**

ଭବିଷ୍ୟତରେ ଭାରତରେ କ'ଣ ଘଟିବ ତାକୁ ନିର୍ଭୁଲ୍ ଭାବେ କହିପାରୁଥିଲେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ। ତାଙ୍କୁ ଶ୍ରଦ୍ଧାରେ ଆମେ ସିଆର୍ ବା ମାଡ୍ରାସ ଫକ୍ସ ବୋଲି କହୁ। ସ୍ୱାଧୀନତାର ୨ବର୍ଷ ପୂର୍ବରୁ ସେ ବମ୍ବେର ଏକ ସାଧାରଣ ସଭାରେ କହିଥିଲେ, ବ୍ରିଟିଶ ଇଣ୍ଡିଆର ବିଭାଜନ ନିଶ୍ଚିତ। ଧରାଯାଉ ଜଣେ ଲୋକ ଏକ ଲୁଗାକୁ କଛାମାରି ପିନ୍ଧିଛି। ଯଦି ଏହାର ଗୋଟିଏ ପାଖ ଚିରିଯାଏ ଏବଂ ବାରମ୍ବାର ସିଲେଇ କଲେ ବି ପୁଣି ଫାଟିଯାଏ, ଜଣେ ବୁଦ୍ଧିମାନ ଲୋକ ସେହି ଅଂଶଟି ପୂରାପୂରି ଚିରି ବାକି ଅଂଶକୁ ଲୁଙ୍ଗି ରୂପେ ବ୍ୟବହାର କରିପାରିବେ। ଠିକ୍ ସେହିପରି କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ମଧ୍ୟରେ ବାରମ୍ବାର ବୈଠକ ହେଲେ ବି ଟିକିଏ ହେଲେ ସୁଫଳ ମିଳୁନାହିଁ, ବରଂ ବେଶି ଫାଟ ସୃଷ୍ଟି ହେଉଛି। ବ୍ରିଟିଶ ଇଣ୍ଡିଆର ଏକ ଅଂଶକୁ ପାକିସ୍ତାନ ନାମରେ ନାମିତ କରାଯାଉ ଓ ଏ ମର୍ମରେ ଏକ ରିଜୋଲ୍ୟୁଶନ କଂଗ୍ରେସରେ ପାସ୍ କରାଯାଉ। ୨ଭାଗରେ ବିଭକ୍ତ ନ ହେଲେ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନେ ଅଧିକ ବିଭ୍ରାଟ ସୃଷ୍ଟି କରିବେ। ତାଙ୍କ ଭବିଷ୍ୟବାଣୀ ସତ ହେଲା।

ରାଜନୀତି କଲେ ଅନେକ ଦମ୍ଭୋକ୍ତି କରିବାକୁ ପଡ଼ିଥାଏ। ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ, ସେ ବଞ୍ଚିଥିବା ଯାଏ ଭାରତର ବିଭାଜନ ଅସମ୍ଭବ। ନିଆଁଗିଳା ଚର୍ଚ୍ଚିଲ ଆମକୁ କେବେହେଲେ ସ୍ୱାଧୀନତା ଦିଆଯିବ ନାହିଁ ବୋଲି କହୁଥିଲେ। ୧୯୪୫ରୁ ୧୯୫୫ ଯାଏ କଳେ ବଳେ କୌଶଳେ ଭାରତରେ ଜବରଦସ୍ତ ଶାସନ କରିବା ପାଇଁ ସେ ଭାଇସ୍‌ରାୟ ଲିନ୍‌ଲିଥ୍‌ଗୋଙ୍କୁ ପ୍ରବର୍ତ୍ତାଇଲେ। ଚର୍ଚ୍ଚିଲ ଥରେ କହିଥିଲେ- ''ଆଇ ଉଇଲ୍ ବି ହର୍ ମାଜେଷ୍ଟିସ୍ ଲାଷ୍ଟ ପ୍ରାଇମ୍ ମିନିଷ୍ଟର ଟୁ ପ୍ରିଜାଇଡ୍ ଓଭର୍ ଦି ଲିକ୍ୱିଡେଶନ୍ ଅଫ୍ ବ୍ରିଟିଶ ଏମ୍ପାୟର।'' ୧୯୪୨ରେ ଭାରତକୁ କ୍ଷମତା ହସ୍ତାନ୍ତର ବିଷୟରେ କଥାବାର୍ତ୍ତା ପାଇଁ ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ ଆମ ଦେଶକୁ ଆସିଲେ। ସେ ଆମକୁ ଏକ ଅଖଣ୍ଡ ଭାରତ ଦେଇଥାଆନ୍ତେ, ଯେଉଁଠି ୫ଶହ ପ୍ରିନ୍ସଲି ଷ୍ଟେଟ୍ ରହିଥାଆନ୍ତେ ; ତାଙ୍କ ଇଚ୍ଛା ନ ହେଲେ ସେମାନେ ଇଣ୍ଡିଆନ୍ ୟୁନିୟନରୁ ବାହାରି ପାରୁଥାଆନ୍ତେ। ଡିଫେନ୍ସ ରହିଥାଆନ୍ତା ଗଭର୍ନର ଜେନେରାଲଙ୍କ ହାତରେ। ଆମକୁ ସ୍ୱାଧୀନ ଦେଶ ବୋଲି କୁହାଯାଉଥାଆନ୍ତା। ଗାନ୍ଧିଜୀ ତାଙ୍କ ପ୍ରସ୍ତାବ ଶୁଣି ତାଙ୍କୁ ପରବର୍ତ୍ତୀ ଉଡ଼ାଜାହାଜରେ ଇଂଲଣ୍ଡ ଫେରିଯିବା ପାଇଁ ଉପଦେଶ ଦେଲେ। ତାଙ୍କ ପ୍ରସ୍ତାବକୁ 'ପୋଷ୍ଟଡେଟେଡ୍ ଚେକ୍ ଅନ୍ ଏ କ୍ରାସିଂ ବ୍ୟାଙ୍କ' ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ। ବିଭାଜନକୁ ଦୃଢ଼ଭାବରେ ସମର୍ଥନ କରିଥିଲେ ନେହେରୁ, ପଟେଲ ଓ କ୍ରିପାଲିନୀ ପ୍ରମୁଖ ଦୂରଦୃଷ୍ଟିସମ୍ପନ୍ନ ନେତାମାନେ। ସେମାନେ ଆମକୁ 'ବଲ୍‌କାନାଇଜେଶନ'ରୁ ରକ୍ଷା କରିଛନ୍ତି।

ଭାରତରେ ପୁରାଣ ଓ ଇତିହାସର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ମହିଷାସୁରର ନିଧନ ପାଇଁ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ଦେବତାମାନେ ଦିବ୍ୟ ଅସ୍ତ୍ର ପ୍ରଦାନ କରିଥିଲେ। ତଥାପି ତା'ର ପତନ ନ ହେବାରୁ ବାଧହୋଇ ସେ ସୃଷ୍ଟି ରକ୍ଷା ଲାଗି ଅଙ୍ଗବସ୍ତ୍ର ତ୍ୟାଗକରି ବିବସନା ହେଲେ। ଠିକ୍ ସେହିଭଳି ଆମର ଅସଂଖ୍ୟ ବିଚକ୍ଷଣ ନେତା କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଶେଷରେ ବିଭାଜନକୁ ଗ୍ରହଣ କଲେ। ଅଖଣ୍ଡ ଭାରତ ଚିନ୍ତା ସବୁଦିନ ପାଇଁ ପରିହାର କଲେ।



ଦ୍ୱିତୀୟ ମହାଯୁଦ୍ଧ ପରେ କମ୍ୟୁନିଷ୍ଟ ରୁଷିଆ ଓ କ୍ୟାପିଟାଲିଷ୍ଟ ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୁଏ। ପୁଣି ଥରେ ସିଆର୍‌ଙ୍କ ପାଖକୁ ଫେରିବା। ଥରେ ଭାଷଣ ପ୍ରସଙ୍ଗରେ ସେ କହିଥିଲେ, ଦେଖ- କ୍ୟାପିଟାଲିଜମ୍ ହେଲା 'ଅସନା ତେଲ' ଓ କମ୍ୟୁନିଜମ୍ ହେଉଛି 'କଷ୍ଟିକ୍ ସୋଡ଼ା' ଯାହା ହାତକୁ ପୋଡ଼ିଦିଏ। କିନ୍ତୁ ଦୁଇଟିଯାକକୁ ମିଶାଇଦେଲେ ହୁଏ ଏକ ସାବୁନ, ଯାହାଦ୍ୱାରା ଆମେ ଲୁଗାର ମଇଳା ସଫାକରୁ। ସେହିପରି କମ୍ୟୁନିଜମ୍ ଓ କ୍ୟାପିଟାଲିଜମ୍ ଦେଶଗୁଡ଼ିକ ଏ ପୃଥିବୀର ସମସ୍ୟାକୁ ମିଳିମିଶି ସମାଧାନ କରନ୍ତୁ। ଏହାଦ୍ୱାରା ସମଗ୍ର ମାନବ ସମାଜ ଉପକୃତ ହେବ।

କିନ୍ତୁ ଏବର ପରିସ୍ଥିତି ପୂରାପୂରି ଓଲଟା। ବର୍ତ୍ତମାନର ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ଆମେରିକା ଓ ରୁଷିଆର ଯୁଦ୍ଧ ବୋଲି କୁହାଯାଇପାରେ। ନାଟୋ ଜରିଆରେ ପ୍ରଚୁର ମାରାତ୍ମକ ଦାମୀ ଯୁଦ୍ଧାସ୍ତ୍ର ବିକିବା ଆମେରିକାର ଅସଲ ଉଦ୍ଦେଶ୍ୟ। ଏ ଯୁଦ୍ଧ ଯେମିତି ଅଧିକ ଦିନ ଲାଗିବ ସେ ବ୍ୟବସ୍ଥା ସେ କରୁଛି। ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ସଦାବେଳେ ଡାହାଣୀ ହୋଇ ଲାଗନ୍ତି ଓ ଗୁଣିଆ ହୋଇ ଝାଡ଼ନ୍ତି। ଏଠାରେ ସ୍ମରଣ କରାଯାଇପାରେ ଯେ ପ୍ରଥମେ ଆଫଗାନିସ୍ତାନକୁ ରୁଷିଆ ଆକ୍ରମଣ କଲା। ତାକୁ ପରାସ୍ତ କରିବାପାଇଁ ଆମେରିକା 'ତାଲିବାନ୍'ମାନଙ୍କୁ ସୃଷ୍ଟି କଲା ଓ ଓସାମା ବିନ୍ ଲାଡେନର ଆବିର୍ଭାବ ହେଲା। ପାକିସ୍ତାନର ଉଗ୍ରପନ୍ଥୀମାନଙ୍କୁ ଚାଇନା ସଦାବେଳେ ସାହାଯ୍ୟ କରି ଆସିଛି। ଚାଇନାର ସାମ୍ରାଜ୍ୟବାଦ ସମସ୍ତଙ୍କୁ ଜଣା। ଋଣଜାଲରେ ଛନ୍ଦିହୋଇ ଶ୍ରୀଲଙ୍କାର ଅବସ୍ଥା ଶୋଚନୀୟ ହୋଇଯାଇଛି। ନାନା ପ୍ରକାର ପରମାଣୁ ଅସ୍ତ୍ର ତିଆରି କରାଯାଏ କେବଳ ଅନ୍ୟ ଦେଶଗୁଡ଼ିକୁ ଡରାଇବା ପାଇଁ। ୧୯୭୧ ମସିହାର ବାଂଲାଦେଶ ମୁକ୍ତି ସଂଗ୍ରାମ ବିଷୟ ଚିନ୍ତା କରିବା। ପାକିସ୍ତାନ ସୃଷ୍ଟିହେବା ଦିନୁ ସେଠାରେ ଗଣତନ୍ତ୍ରକୁ ଧ୍ୱଂସ କରିଚାଲିଛି ଆମେରିକା। ପଶ୍ଚିମ ପାକିସ୍ତାନର ମିଲିଟାରି ଶାସକମାନେ ପୂର୍ବ ପାକିସ୍ତାନରେ ଅକଥନୀୟ ଅତ୍ୟାଚାର କଲେ ଓ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ପାକିସ୍ତାନକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କଲେ। ମୁକ୍ତି ସଂଗ୍ରାମକୁ ଭଣ୍ଡୁର କରିବା ଓ ଭାରତକୁ ଡରାଇବା ପାଇଁ ଭାରତ ମହାସାଗରରେ ସେଭେନ୍‌ଥ ଫ୍ଲିଟ୍ ରଖିଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ତା'ର ଦୃଢ଼ ଜବାବ ଦେଇ ବାଂଲାଦେଶ ସୃଷ୍ଟି କଲେ। ଥରେ ହେନେରି କିସିଞ୍ଜର ବିରକ୍ତ ହୋଇ କହିଥିଲେ, ''ଦାଟ୍ ଲେଡି ଇଜ୍ କୋଲ୍ଡ ଆଣ୍ଡ ଟଫ୍, ଦେୟାର ଇଜ୍ ଏ ପାୱାର ଅଫ୍ ଅନ୍‌କାନି ଇନ୍ ହର୍ ସେନ୍ସ ଅଫ୍ ଟାଇମିଂ।'' ସାମ୍ରାଜ୍ୟବାଦୀ ଦେଶର ଶାସକମାନେ ଇତିହାସରୁ କିଛି ଶିଖନ୍ତି ନାହିଁ। ସେମାନେ କ'ଣ ଭାବନ୍ତି ଓ କରନ୍ତି - ଏ ସବୁ ଚିନ୍ତା କଲେ ଆମର ପରମ ଉଦାର ବୈଷ୍ଣବ କବି ଜଗନ୍ନାଥ ଦାସଙ୍କ ଭାଗବତର ଦୁଇଧାଡ଼ି ମନେପଡ଼େ-

''କିଏ ବା ଅଛି କେଉଁ ମତେ,
ତାହା ମୁଁ ଜାଣିବି କେମନ୍ତେ ?''

**ଆଇଆରସି ଭିଲେଜ, ଭୁବନେଶ୍ୱର**
**ମୋ-୯୪୩୭୨୫୮୯୩୬**

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟା ନିୟନ୍ତ୍ରଣର ସ୍ଥାୟୀ ବ୍ୟବସ୍ଥା ହେଉ

ମହାଶୟ,

ରାଜ୍ୟରେ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳରେ ମଧ୍ୟମଧରଣର ବନ୍ୟା ପ୍ରାୟ ହୋଇଥାଏ। ଏଥିରେ ଜଳସମ୍ପଦଠାରୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସମେତ ଅନ୍ୟାନ୍ୟ ସରକାରୀ ସଂସ୍ଥା ବ୍ୟସ୍ତ ରୁହନ୍ତି। ସରକାର ଏଥିପାଇଁ ଶହ ଶହ କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ବନ୍ୟାର ସ୍ଥାୟୀ ନିୟନ୍ତ୍ରଣ ବ୍ୟବସ୍ଥା ହୋଇପାରୁନାହିଁ। ପ୍ରବଳ ବର୍ଷା ଫଳରେ ଛତିଶଗଡ଼ ଉବୁଟୁବୁ ହେବାରୁ ହୀରାକୁଦ ନଦୀବନ୍ଧରୁ ଜଳ ନିଷ୍କାସନ ପାଇଁ ରାଜ୍ୟ ସରକାର ଉପରେ ଚାପ ପକାଉଛି। ଗ୍ରୀଷ୍ମଋତୁରେ ରାଜ୍ୟର ନଦୀଗୁଡ଼ିକ ଶୁଖିଲା ରହୁଥିବାରୁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଛତିଶଗଡ଼ ପାଣି ଛାଡ଼ିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛି ଓ କଳକାରଖାନାକୁ ଜଳ ବିକ୍ରୟ କରି କୋଟି କୋଟି ଆୟ କରୁଥିବା ବେଳେ ଓଡ଼ିଶା ପାନୀୟ ଜଳ ପାଇଁ ସଂଗ୍ରାମ କରୁଛି। ଛତିଶଗଡ଼ର ଲାଭଖୋର ଓ ଓଡ଼ିଶା ବିରୋଧୀ ନୀତିର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଛତିଶଗଡ଼ ଓଡ଼ିଶାର ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେବା ଦୁଃଖର ବିଷୟ। ଆପୋସ ଆଲୋଚନା ମାଧ୍ୟମରେ ୨ ରାଜ୍ୟର ଜଳ ବିବାଦ ତୁଟାଇବା ପରିବର୍ତ୍ତେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିଚାଲିଛି। ୨ ରାଜ୍ୟର ମନ୍ତ୍ରୀ, ଯନ୍ତ୍ରୀ ଓ ପ୍ରଶାସନ ସ୍ତରୀୟ ଆଲୋଚନାକୁ ଛତିଶଗଡ଼ ସରକାର ପ୍ରତ୍ୟାଖ୍ୟାନ କରିବା ଘୋର ନିନ୍ଦାର ବିଷୟ।

**-ନିର୍ମଳ ସାମଲ, ବଡ଼ଚଣା, ଯାଜପୁର**

### ଏଇ ଭାରତରେ

୨୦ ଟଙ୍କା ପାଇଁ ୨୨ ବର୍ଷ ନ୍ୟାୟିକ ଲଢ଼େଇ କଥା ଶୁଣିଛନ୍ତି କି? ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମଥୁରାରେ। ସେଠାରେ ରହୁଥିବା ତୁଙ୍ଗନାଥ ଚତୁର୍ବେଦୀ ଏମିତି କେସ୍ ଲଢ଼ିଛନ୍ତି। ୨୦ ଟଙ୍କା ଫେରିପାଇବା ବଡ଼ କଥା ନୁହେଁ, ବରଂ ଭ୍ରଷ୍ଟାଚାରକୁ ପରାସ୍ତ କରି ନ୍ୟାୟ ଲାଗି ସେ ଏହି ସଂଗ୍ରାମ ଜାରି ରଖିଥିଲେ। ୨୫ ଡିସେମ୍ବର ୧୯୯୯ରେ ତୁଙ୍ଗନାଥ ମୋରଦାବାଦ ଯିବାର ଥିଲା ଓ ସେ ମଥୁରା ରେଲୱେ ଷ୍ଟେଶନରେ ଦୁଇଟି ଟିକେଟ କରିଥିଲେ। ଟିକେଟ କାଉଣ୍ଟରରେ ଥିବା କ୍ଲର୍କ ତାଙ୍କଠାରୁ ୯୦ ଟଙ୍କା ନେଇଥିଲେ। କିନ୍ତୁ ବାସ୍ତବରେ ଏହି ଦୁଇ ଟିକେଟର ମୂଲ୍ୟ ଥିଲା ୭୦ ଟଙ୍କା। ଏହା ଜାଣିବା ପରେ ତୁଙ୍ଗନାଥ ସେହି କ୍ଲର୍କଙ୍କୁ ୨୦ଟଙ୍କା ଫେରାଇବା ଲାଗି କହିଥିଲେ ଓ ବହୁ ଯୁକ୍ତିତର୍କ ବି ହୋଇଥିଲା । ଇତିମଧ୍ୟରେ ଟ୍ରେନ ଆସିଯିବାରୁ ସେ ଚାଲିଯାଇଥିଲେ। ପରେ ତୁଙ୍ଗନାଥ ମଥୁରା ଷ୍ଟେଶନ ମାଷ୍ଟର, ଉତ୍ତରପୂର୍ବ ରେଲୱେ ମହାପ୍ରବନ୍ଧକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ କୌଣସି ଫଳ ନ ମିଳିବାରୁ ସେ କନ୍‌ଜ୍ୟୁମର ଫୋରମରେ ମାମଲା ଦାୟର କରିଥିଲେ। ତୁଙ୍ଗନାଥ ପେସାରେ ଜଣେ ଓକିଲ। ଏହି ମାମଲାର ୧୨୦ରୁ ଅଧିକ ଥର ଶୁଣାଣି ହୋଇଥିଲା। ଶେଷରେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି ଓ ଆର୍ଥିକ ଖର୍ଚ୍ଚ ଲାଗି ପ୍ରତି ବର୍ଷ ୨୦ ଟଙ୍କାର ୧୨ ପ୍ରତିଶତ ସୁଧ ସହ ୧୫,୦୦୦ ଟଙ୍କା ଜରିମାନା କରି ୩୦ ଦିନରେ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

**୩ ସେପ୍ଟେମ୍ବର ୧୯୯୭**

- ତ୍ରିନିଦାଦ ଏବଂ ଟବାଗୋର ପ୍ରଧାନମନ୍ତ୍ରୀ ବାସ୍‌ଦେଓ ପାଣ୍ଡେ ଏବଂ ଗୁଆନାର ପୂର୍ବତନ ରାଷ୍ଟ୍ରପତି ଚେଡ୍ଡି ଜଗନଙ୍କୁ ଗ୍ଲୋବାଲ ଅର୍ଗାନାଇଜେସନ ଅଫ୍ ପିପୁଲ ଅଫ୍ ଇଣ୍ଡିଆନ୍ ଅରିଜିନ୍ ଦ୍ୱାରା ପ୍ରଦତ୍ତ ଫ୍ରିଡମ୍ ୫୦ ପୁରସ୍କାର।
- ଉତ୍ତର ସିକିମରେ ବୋଫର୍ସ କମାଣ ପରୀକ୍ଷଣ ସ୍ଥଳ ପ୍ରତିଷ୍ଠା ପ୍ରସ୍ତାବକୁ ପରିବେଶ ଦୃଷ୍ଟିକୋଣରୁ ସିକିମ ସରକାରଙ୍କ ପ୍ରତ୍ୟାଖ୍ୟାନ।
- ଛତରପୁରରୁ ମାହୋବା ଯାଉଥିବା ଏକ ଯାତ୍ରୀବାହୀ ବସ୍ କାଇଲ ନଦୀରେ ଖସିପଡ଼ିବା ଫଳରେ ୪୦ ଯାତ୍ରୀଙ୍କ ମୃତ୍ୟୁ।

### ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି-ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ-
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ।

**-(ଜୟପୁର ଘାଟି)**

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ପୁରୁଣା ଭୁବନେଶ୍ୱର,୨।୯(ଡି.ଏନ୍.ଏ.):** କୈବର୍ତ୍ତ ସାହି ଦୁର୍ଗାପୂଜା ସମିତି ପକ୍ଷରୁ ଶୁକ୍ରବାର ଦୟାନଦୀରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇଯାଇଛି। କର୍ତ୍ତା ଭାବେ ଗଗନ ବେହେରା, ମୁଖ୍ୟ ପୂଜକ କୃଷ୍ଣଚନ୍ଦ୍ର ଦାସ ଯୋଗଦେଇଥିଲେ। ମଣ୍ଡପରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଦୟାନଦୀ ଅଭିମୁଖେ ଯାତ୍ରା କରିଥିଲା। ନଦୀରୁ ମାଟି ଉଠାଯାଇ ମା'ଙ୍କ କର୍ମପାଠ କରାଯାଇଥିଲା। ମାଟି ଅଣାଯାଇ ମଣ୍ଡପରେ ଅନୁକୂଳ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହସମ୍ପାଦକ ଚିତ୍ତରଞ୍ଜନ ସେନାପତି, ସଭାପତି ନିରଞ୍ଜନ ମାହାଳିକ, କୋଷାଧ୍ୟକ୍ଷ ପ୍ରମୋଦ ବେହେରା, ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ କୁଆଖାଇ ନଦୀପଠାରେ ଥିବା ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣରୁ ମାଟି ଅନୁକୂଳ ହୋଇଥିଲା। ଏଥିରେ ସମିତି ସମ୍ପାଦକ ସୁମିତ ରଞ୍ଜନ ସ୍ୱାଇଁ, ସତ୍ୟବ୍ରତ ନାୟକ, ପୂଜକ ରମାବଲ୍ଲଭ ଆଚାର୍ଯ୍ୟ, ନାରାୟଣ ସ୍ୱାଇଁ, ସାଗର ସ୍ୱାଇଁ, ନିର୍ମଳ ଲେଙ୍କା, ପବିତ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜସ୍ଥାନ ଫିଲ୍ମ ଫେଷ୍ଟିଭାଲ୍‌ର ୮ଟି ବିଭାଗରେ 'ରାତି ସରି ସରି ଯାଉଛି' ମନୋନୀତ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଏବେ ସର୍ବଭାରତୀୟ ସ୍ତରରେ ପୁରସ୍କାର ହାତଉଛି। ଓଡ଼ିଆ ଚଳଚ୍ଚିତ୍ର 'ରାତି ସରି ସରି ଯାଉଛି' ରାଜସ୍ଥାନ ଫିଲ୍ମ ଫେଷ୍ଟିଭାଲରେ ଆଠଟି ବିଭାଗରେ ପୁରସ୍କାର ପାଇଁ ମନୋନୀତ ହୋଇ ଓଲିଉଡ ପାଇଁ ପୁଣି ଏକ ଖୁସି ଖବର ଆଣିଛି। ନିର୍ମାତା ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ସିନେମାଟି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ଲେଖକ, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ଗାୟକ ପୁରୁଷ, ଶ୍ରେଷ୍ଠ ସିନେମାଟୋଗ୍ରାଫର ଏବଂ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ପୁରସ୍କାର ପାଇବ। ଗତବର୍ଷ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ୯୦ ଦଶକର ଏକ ପ୍ରେମୀ ଯୁଗଳଙ୍କ କାହାଣୀ ଉପରେ ଆଧାରିତ। ଯେଉଁମାନେ ବିବାହ କରିପାରନ୍ତି ନାହିଁ, ଆଠ ବର୍ଷ ପରେ ସେମାନଙ୍କ ଜୀବନରେ ଏକ ମୋଡ଼ ଆସେ, ଯାହା ତାଙ୍କ ଜୀବନକୁ ପରିବର୍ତ୍ତନ କରିଦିଏ। ଅଭିନେତା ରାଜ ରାଜେଶ ଏବଂ ଅଭିନେତ୍ରୀ ରିୟା ଦେଙ୍କ ସମେତ ଅନ୍ୟାନ୍ୟ ଭୂମିକାରେ ଦିବଙ୍ଗତ ରାଇମୋହନ ପରିଡ଼ା, ଜୀବନ ପଣ୍ଡା, ନିବି, ଅନିନ୍ଦ୍ୟ, ମାଷ୍ଟର ସମ୍ପର୍କ ମିଶ୍ର ଏବଂ ସୁକାନ୍ତ ରଥ ଅଭିନୟ କରିଛନ୍ତି।

# 'ପାଠ୍ୟକ୍ରମରେ ପାଇକ ବିଦ୍ରୋହକୁ ସ୍ଥାନ ଦିଆଯାଉ'

## ତାପଙ୍ଗ ଦଳବେହେରାଙ୍କ ୨୫୨ତମ ଜୟନ୍ତୀ ଉତ୍ସବ

ଖୋର୍ଦ୍ଧା ଅଫିସ,୨।୯

ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଓ କଳିଙ୍ଗ ପାଇକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ନିଜିଗଡ ତାପଙ୍ଗ ସ୍ଥିତ ଶହୀଦ ସ୍ମୃତି ପୀଠରେ ତାପଙ୍ଗ ଦଳବେହେରାଙ୍କ ୨୫୨ତମ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପୀଠ ସ୍ଥିତ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ହସ୍ତିନେଶ୍ୱରୀ ପୀଠ ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ମୁଖ୍ୟ ଅତିଥି, ସ୍ମୃତି ପରିଷଦ ସଭାପତି ଇ.ଶିଶିର ନାୟକ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରତାପ କୁମାର ବ୍ରହ୍ମା, ମଧୁସୂଦନ ପାତାଳସିଂହ, ବିଭୁଦତ୍ତ ସଂଗ୍ରାମସିଂ, ଶ୍ରୀନିବାସ ଛୋଟରାୟ, ପ୍ରାଣନାଥ ସାହୁ, ଗତିକୃଷ୍ଣ ସେଠୀ, ପୁରୁଷୋତ୍ତମ ମାଝି, ଅରୁଣ ମାନଧାଥା, ବୈଦ୍ୟନାଥ ବରାଳ, ପାଇକଗୁରୁ କବିରାଜ ପ୍ରଧାନ, ହରିବନ୍ଧୁ ଅରିସଲ, ଅଜିତ ରାଉତରାୟ, ହାରାମଣି ମହିଳା ସେବା ସମିତି ସଭାନେତ୍ରୀ ସୌଉକରା ଖାତୁନ, ସମ୍ପାଦିକା ଝିଲିରାଣୀ ସାମନ୍ତରାୟ, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୀଣାପାଣି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଯୋଗଦେଇଥିଲେ।

ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯିବ। ପାଇକ ବୀରଙ୍କ ବୀରତ୍ୱ, ବଳିଦାନ, ଶୌର୍ଯ୍ୟ ଅତୁଳନୀୟ। ଦେଶ ମାତୃକା ଲାଗି ଜୀବନକୁ ଉତ୍ସର୍ଗ କରିଥିବା ଏହି ଅମ୍ଳାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ପାଠ୍ୟପୁସ୍ତକରେ ସ୍ଥାନ ଦେବା ସହ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ଲାଗି ସରକାରଙ୍କ ନିକଟରେ ଦାବି କରାଯିବ। ବକ୍ସିଙ୍କ ପରେ ତାପଙ୍ଗ ଗଡର ଦଳବେହେରା ମାଧବ ଚନ୍ଦ୍ର ରାଉତରା ମେଳି କରି ଇଂରେଜ ମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ତାଙ୍କ ବୀରତ୍ୱ ଆଗରେ ଇଂରେଜ ସରକାର ମଥା ନୁଆଇବାକୁ ବାଧ୍ୟ ହୋଇଥିଲେ। ଜନ୍ମ ଜୟନ୍ତୀ ଉତ୍ସବରେ ମନେପକାଇବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ପଣ୍ଡିତ ହାଡିବନ୍ଧୁ ପଣ୍ଡା, ଚିନ୍ମୟ ମହାନ୍ତି, ସାମାଜିକ କର୍ମୀ ପଦ୍ମଚରଣ ରାୟ, ପାଇକ ଗୁରୁ କବିରାଜ ପ୍ରଧାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି ପରିଷଦ ସାଧାରଣ ସମ୍ପାଦକ ରମଜାନ ଖାନ, ସମ୍ପାଦକ ସଂଗ୍ରାମ ଜଗଦ୍ଦେବ ଏବଂ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ପରିଚାଳନା କରିଥିଲେ।



ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ପାଳିଲେ କୁକ୍କୁଟୀ ବ୍ରତ

ପୁରୀ ଅଫିସ,୨।୯

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ବା ଶ୍ରୀଦେବୀ କୁକୁଟି ବ୍ରତ ପାଳନ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ବା ମହାଲକ୍ଷ୍ମୀ କୁକୁଟୀ ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ପାଖେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକ ମାନେ ଶ୍ରୀଦେବୀଙ୍କୁ ନେଇ ଶ୍ରୀମନ୍ଦିର ବେଢାରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଅଭିମୁଖେ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ମା'ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ଥିବା ଖଟ ଶେଜ ଉପରେ ବିଜେ କରାଇଥିଲେ। ସେଠାରେ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇ ବେଶ ବଢିଥିଲା। ଅନ୍ୟାନ୍ୟ ନୀତି ସହ ବ୍ରତ ନୀତି ସମ୍ପନ୍ନ ହୋଇଥିଲା। ପରେ ଶୀତଳ ଭୋଗ ଲାଗି ହୋଇ ବନ୍ଦାପନା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ।



ବଡ଼ଗଡ଼ର ବ୍ରାଇଟ୍‌ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଗଣେଶ ମହୋତ୍ସବରେ ଯୋଗଦେବା ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

## ପୁଷ୍ପାଞ୍ଜଳି ଦେଲେ, ଗୀତ ଗାଇଲେ ରାଜ୍ୟପାଳ

ପୁରୁଣା ଭୁବନେଶ୍ୱର,୨।୯(ଡି.ଏନ୍.ଏ.)

ବଡ଼ଗଡ଼ ହାଇସ୍କୁଲଠାରେ ପୂଜା ପାଉଛନ୍ତି ୫୧ ଫୁଟ ଉଚ୍ଚର ଗଜାନନ। ବଡ଼ଗଡ଼ ବ୍ରାଇଟ ଷ୍ଟାର ୟୁଥ୍ ଆସୋସିଏଶନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଗଣେଶ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗଣେଶଙ୍କୁ ଆଳତି କରିବା ସହ ପୁଷ୍ପାଞ୍ଜଳି ଦେଇଥିଲେ। ପରେ ରାଜ୍ୟପାଳ ମଞ୍ଚରେ ଭକ୍ତି ଗୀତ ଗାଇବା ସହ କେକ୍ କାଟିଥିଲେ। ସମ୍ମାନିତ ଅତିଥିଭାବେ କଟକ ମେୟର ସୁବାସ ସିଂ, ବିଏମସିର ୪୫ନଂ. ୱାର୍ଡ କର୍ପୋରେଟର ଅମରେଶ ଜେନା ଯୋଗଦେଇଥିଲେ। କ୍ଲବ ସମ୍ପାଦକ ସଂଗ୍ରାମ ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ଦିଲୀପ ହାଲି, ଆଇନଜୀବୀ ଶରତ ଗଜେନ୍ଦ୍ର, ପୂର୍ଣ୍ଣ ଜେନା, ଉମା ପଟ୍ଟନାୟକ, ରାଣା ପ୍ରତାପ ପାତ୍ର, ଆଦିତ୍ୟ ଗଜେନ୍ଦ୍ର ଏବଂ ଗଣେଶ ମହୋତ୍ସବ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ରଞ୍ଜିତା ଦାସଙ୍କୁ 'ପରିବେଶ ରତ୍ନ' ସମ୍ମାନ

ଭୁବନେଶ୍ୱର,୨।୯ (ବ୍ୟୁରୋ)

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନଠାରେ ଶୁକ୍ରବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋନୀତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ପରିବେଶବିତ୍ ତଥା ପରିଚିତାର ସାଧାରଣ ସମ୍ପାଦିକା ରଞ୍ଜିତା ଦାସଙ୍କୁ 'ପରିବେଶ ରତ୍ନ' ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଜଳ ସଂରକ୍ଷଣ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ସଭାପତି ଡ. ବିପିନ ବିହାରୀ ମିଶ୍ର, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର, କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପରିବେଶବିତ୍ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା, ଡିଏଫ୍ଓ ଅଜିତ କୁମାର ଶତପଥୀ, ଆୟୋଜକ ରବୀନ୍ଦ୍ରନାଥ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

## ପରିବର୍ତ୍ତନଶୀଳ ଶିକ୍ଷା ଉପରେ ସାରା ବିଶ୍ୱ ଗୁରୁତ୍ୱ ଦେଉଛି



ଭୁବନେଶ୍ୱର, ୨।୯ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର 'ପରିବର୍ତ୍ତନଶୀଳ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସହଭାଗିତାରେ ଦୃଷ୍ଟିକୋଣ' ଶୀର୍ଷକ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବର୍ତ୍ତନଶୀଳ ଶିକ୍ଷା ଉପରେ ସାରା ବିଶ୍ୱ ଗୁରୁତ୍ୱ ଦେଉଛି। ଏଥିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଦକ୍ଷତା, ଜ୍ଞାନକୁ ବଢ଼ାଇପାରିବେ। ଏଥିସହିତ ଟେକ୍ନୋଲୋଜି ଏବଂ ଶିକ୍ଷାର ମିଶ୍ରଣ ଉଚ୍ଚଶିକ୍ଷାକୁ ବହୁତ ଆଗକୁ ନେଉଛି। ତେଣୁ ଆମେ ସମସ୍ତ ଶିକ୍ଷାବିତ୍ ଏହି ବିଶ୍ୱସ୍ତରୀୟ ସୁଯୋଗ ନେଇ ଆଗକୁ ବଢ଼ିବା ଉଚିତ। କାର୍ଯ୍ୟକ୍ରମରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ କୁଳପତି(ଗବେଷଣା) ପ୍ରଫେସର ପ୍ରଶାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଅଭୟ କୁମାର, ସଂଯୋଜକ ପ୍ରଫେସର ଅସୀମ ରଞ୍ଜନ ପାରହି, ଏକାଡେମିକ ସଂଯୋଜକ ପ୍ରଫେସର ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ସହଭାଗିତାରେ କିପରି ପରିବର୍ତ୍ତନଶୀଳ ଶିକ୍ଷା ଉପରେ କାର୍ଯ୍ୟ କରିହେବ ସେ ଦିଗରେ ଆଲୋଚନା ହୋଇଥିଲା।

## ଡ୍ରିମ୍‌ସରେ ଷ୍ଟାର୍ଟ ଅଫ୍ ଓଡ଼ିଶା ରଥ

କଟକ ଅଫିସ,୨।୯

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ବୈଷୟିକ ଦକ୍ଷତାସମ୍ପନ୍ନ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ପରିକ୍ରମାରେ ବାହାରିଥିବା ଷ୍ଟାର୍ଟ ଅଫ୍ ଓଡ଼ିଶା ରଥ ଶୁକ୍ରବାର ଡ୍ରିମ୍‌ସ ଶିକ୍ଷାନୁଷ୍ଠାନରେ ପହଞ୍ଚିଥିଲା। ସେଠାରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଉକ୍ତ ରଥକୁ ସ୍ୱାଗତ କରାଯାଇଥିଲା। ଉକ୍ତ ରଥରେ ଭିଡିଓ ଚିତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ସହିତ ଉଦ୍ୟୋଗ ପ୍ରତି ଆଗ୍ରହ ରହିଥିବା ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଉପାଦେୟ ସୂଚନା ପ୍ରଦାନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଉପାଧ୍ୟକ୍ଷ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. ସୁରଜିତ୍ ମହାନ୍ତି, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, କ୍ରିଷ୍ଣାପ୍ରଦା ଦାଶ, ଅନୁରେଖା ନାୟକ, ମମତା ରଥ, ସଚିବ ସୁଧାଂଶୁ ଭୂଷଣ କର, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପରିଷଦ ସଭ୍ୟାଙ୍କ କାର୍ ଜାଳିଦେଲେ ଦୁର୍ବୃତ୍ତ



ନିରାକାରପୁର,୨।୯(ଡି.ଏନ୍.ଏ.):

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୯ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହଙ୍କ କାର୍‌କୁ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏ ନେଇ ମିତାଞ୍ଜଳିଙ୍କ ସ୍ୱାମୀ ସାଗର ବଳିୟାରସିଂହ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୭୩/୨୨) ରୁଜୁ କରିବା ସହ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁବାର ମିତାଞ୍ଜଳିଙ୍କ କାର୍ (ଓଡି-୦୨-ବିଏନ୍-୨୬୩୪) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିଲା। ତେବେ କୌଣସି କାରଣକୁ ନେଇ ଦୁର୍ବୃତ୍ତ ରାତିରେ ସେଥିରେ ନିଆଁ ଲଗାଇ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ବ୍ୟକ୍ତି କାର୍ ଜଳୁଥିବା ଦେଖି ସାଗରଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।



ଅଗ୍ରପୂଜା ଗଣେଶଙ୍କୁ ପୂଜାର୍ଚ୍ଚନା ପରେ ଶୁକ୍ରବାର କୁଆଖାଇ ନଦୀ ପଠାରେ ନିର୍ମିତ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଉଛି।

## ଗୋପାଳ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପାଲଙ୍କୁ 'ପରିରମ୍ଭଣମ୍ ସମ୍ମାନ'




ଭୁବନେଶ୍ୱର, ୨।୯ (ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟ ଉପାସନା ପୀଠ'ର ଏକାଦଶତମ ବାର୍ଷିକ ଉତ୍ସବ 'ପରିରମ୍ଭଣମ୍' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ବ୍ୟାପି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଣ୍ଡିତ୍ ଗୋପାଳ ଚନ୍ଦ୍ର ପଣ୍ଡା ଓ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲଙ୍କୁ 'ପରିରମ୍ଭଣମ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମାତୃଶକ୍ତି ଶାନ୍ତି, ଓଁ ଗଣେଶାୟ ନମଃ, ବଟୁ ଆଦି ନୃତ୍ୟ ପରିବେଷଣ ସହ ଅଭିନୟରେ କି ଶୋଭା ଗୋ କ୍ଷୁନ୍ଦେ, ବନ୍ଦେ ଉତ୍କଳ ଜନନୀ ପ୍ରମୁଖ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏଥିସହ ବିବିଧ ବର୍ଗର ଶିଳ୍ପୀଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ସହ ସମ୍ବଲପୁରୀ, ଢେମ୍‌ସା ଏବଂ ଉତ୍ତରଭାରତର ଲୋକନୃତ୍ୟ ବେଶ୍ ମନଛୁଆଁ ଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଗୁରୁ ସୋନାଲୀ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିନେତା ପିଣ୍ଟୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ରିଲିଫ ବଣ୍ଟନ




ଭୁବନେଶ୍ୱର, ୨।୯ (ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ପୁରୀ ଜିଲାର ବନ୍ୟା ପ୍ରଭାବିତ ଗୋପ ବ୍ଲକ୍ କୁଆଁପଡ଼ା ପଞ୍ଚାୟତର ନୋଥପୁର, ମହୀସାହି, ଶଙ୍ଖିତ୍ରା ଓ ଡଭାର ପଞ୍ଚାୟତର କେତେକ ଗ୍ରାମରେ ରିଲିଫ ବଣ୍ଟନ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଛତୁଆ, ବିସ୍କୁଟ, ମୁଢ଼ି, ଚୂଡ଼ା, ମିକ୍ସଚର୍, ଚିନି, ମହମବତି, ଦିଆସିଲି, ମଶାଧୂପ, ସାନିଟାରୀ ପ୍ୟାଡ୍ ଆଦି ସ୍କୁଲ କର୍ମଚାରୀଙ୍କ ଦ୍ୱାରା ବନ୍ୟା ପ୍ରଭାବିତଙ୍କୁ ପ୍ରଦାନ ଯାଇଥିଲା। ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଛାତ୍ରୀଛାତ୍ରଙ୍କ ଆଗ୍ରହ ସେମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବ ବୋଲି ସ୍କୁଲ୍‌ର ଚେୟାରପର୍ସନ୍ ଡ. ଶିଳ୍ପୀ ସାହୁ କହିଛନ୍ତି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

### ସ୍ୱାମୀ, ଶ୍ୱଶୁର ଗିରଫ

ବାଲୁଗାଁ,୨।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଶ୍ୱଶୁରଘର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରିଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମ ହୋତାଙ୍କ ସ୍ତ୍ରୀ ସ୍ୱାଗତିକା ପଣ୍ଡା। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ପ୍ରୀତମ ଓ ଶ୍ୱଶୁର ଅରୁଣ ହୋତାଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମର ସ୍ୱାଗତିକା ଦୁଇ ବର୍ଷ ପୂର୍ବେ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ସୁନାଗହଣା, ଟଙ୍କା ଓ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର ତିନିମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାଗତିକାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ସ୍ୱାଗତିକା ବାପଘରକୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ଶାଶୁଘର ଲୋକେ ମାରପିଟ୍ କରୁଥିବା ନେଇ ସ୍ୱାଗତିକା ଫୋନରେ ଭାଇ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ଜଣାଇଥିଲେ। କିଛି ସମୟ ପରେ ଗୋପାଳ ଫୋନରେ ସ୍ୱାଗତିକାଙ୍କ ଶ୍ୱଶୁର ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ରାତି ପ୍ରାୟ ୧୦ ଟାରେ ସ୍ୱାଗତିକାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଗୋପାଳ ପରିବାର ଓ ସମ୍ପର୍କୀୟ ବାଲୁଗାଁ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱାଗତିକାଙ୍କ କାନପାର୍ଶ୍ୱ, ବେକ ଓ ପିଠିରେ କ୍ଷତ ଚିହ୍ନ ଏବଂ ମାଡ଼ ଦାଗ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୁକ୍ରବାର ସକାଳେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରଶ୍ମିରଞ୍ଜନ ଦାସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୪୯୮(କ), ୩୦୨, ୩୦୪(ଖ)ରେ ଏକ ମାମଲା (ନଂ.୧୭୨/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ୮ ବ୍ୟବସାୟୀଙ୍କୁ ବିଏମ୍‌ସିର କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୨।୯ (ବ୍ୟୁରୋ): ଅନେକ ସମୟରେ ଲାଭଖୋର୍ ବ୍ୟବସାୟୀମାନେ ବାସି ଖାଦ୍ୟ ଦେଇ ସାଧାରଣ ଲୋକଙ୍କ ଜୀବନ ସହିତ ଖେଳିବାକୁ ପଛାଉନାହାନ୍ତି। ଶୁକ୍ରବାର ଶହୀଦ ନଗରସ୍ଥିତ ଏକ ଦୋକାନରେ ବିଏମ୍‌ସି ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ଦୋକାନରେ ବାସି ଦହି ଥିବା ଜଣାପଡିବା ପରେ ତାହାକୁ ନଷ୍ଟ କରାଯାଇଥିଲା। ଏଥିସହିତ ସମ୍ପୃକ୍ତ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

### ୨୦ କେଜି ଏକକ ବ୍ୟବହାର ପ୍ଲାଷ୍ଟିକ୍ ଜବତ

ଭୁବନେଶ୍ୱର, ୨।୯ (ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାସତ୍ତ୍ୱେ କିଛି ବ୍ୟବସାୟୀ ଏହାକୁ ବ୍ୟବହାର କରୁଛନ୍ତି। ଶୁକ୍ରବାର ବିଏମ୍‌ସି ପକ୍ଷରୁ ୱାର୍ଡ ନଂ. ୫୩ ଅନ୍ତର୍ଗତ ବାପୁଜୀନଗରସ୍ଥିତ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ଦୋକାନରୁ ୨୦ କେଜି ଏକକ ବ୍ୟବହାର ପ୍ଲାଷ୍ଟିକ୍ ଜବତ କରାଯାଇଥିଲା। ଏଥିସହିତ ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ୧ହଜାର ଲେଖାଏ ଜରିମାନା ଆଦାୟ କରାଯାଇଛି।

### ୧୩ ମୋବାଇଲ ଫୋନ ଜବତ, ୨ ଗିରଫ

ଭୁବନେଶ୍ୱର,୨।୯ (ବ୍ୟୁରୋ): ଧଉଳି ଥାନା ପୋଲିସ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ଗଣେଶ ମଲ୍ଲିକ (୨୭) ଓ ଚନ୍ଦନ ସାମଲ (୩୦)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୧୩ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମହିଳା ବିଜେଡି ଜିଲା ସାଧାରଣ ସମ୍ପାଦିକା ହେଲେ ପୁଷ୍ପା

ପୁରୁଣା ଭୁବନେଶ୍ୱର,୨।୯(ଡି.ଏନ୍.ଏ.): ବିଜୁ ମହିଳା ଜନତା ଦଳର ଭୁବନେଶ୍ୱର ଜିଲା ସାଧାରଣ ସମ୍ପାଦିକାଭାବେ ପୁଷ୍ପା ଦାସ ମନୋନୀତ ହୋଇଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଏନେଇ



ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ୫୮ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ଦକ୍ଷ ସଙ୍ଗଠିକା ଭାବେ ପରିଚିତ।ଏହି ଅବସରରେ ପୁଷ୍ପାଙ୍କୁ ବ୍ରହ୍ମେଶ୍ୱର ପାଟଣା ୟୁଥ କ୍ଲବ ପରିସରରେ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ଗୋଲଖ ଦାସ, ଭାସ୍କର ରଥ, ବିଶ୍ୱରଞ୍ଜନ ଭଦ୍ର, ସୁଶାନ୍ତ ପଣ୍ଡା, ରମେଶ ସ୍ୱାଇଁ, କ୍ଷୀରୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଦାଢ଼ା ପଞ୍ଚାୟତକୁ ବିଡିଓଙ୍କ ଅଚାନକ ଗସ୍ତ

ବାରଙ୍ଗ,୨।୯(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଢ଼ା ପଞ୍ଚାୟତକୁ ଶୁକ୍ରବାର ଭୁବନେଶ୍ୱର ବ୍ଲକ ବିଡିଓ ସମ୍ପଦ ଦଳେଇ ପହଞ୍ଚି ପଞ୍ଚାୟତ କାର୍ଯ୍ୟ ଶୈଳୀର ସମୀକ୍ଷା କରିବା ସହ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଞ୍ଚାୟତ ନିର୍ବାଚନ ପରେ ନୂତନ ସରପଞ୍ଚ ଦାୟିତ୍ୱ ନେବା ପରେ ପଞ୍ଚାୟତର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ନଥିବା ନେଇ ପଞ୍ଚାୟତବାସୀ ବିଡିଓଙ୍କ ପାଖରେ ଅଭିଯୋଗ କରିଥିଲେ। ଶୁକ୍ରବାର ବିଡିଓ ସମ୍ପଦ ଦଳେଇ ଅଚାନକ ଦାଢ଼ା ପଞ୍ଚାୟତ ଗସ୍ତ କରିଥିଲେ। ସରପଞ୍ଚ ନିଶିପଦ୍ମା କାଣ୍ଡି, ନାଏବ ସରପଞ୍ଚ ରଣଜିତ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାଶିବ ରଥ, ଜିଆର୍‌ଏସ୍ ସଞ୍ଜୟ ପଢ଼ିହାରୀ, ଯୋଗାଣ ସହାୟକ ସ୍ୱାଗତିକା ପରିଡା ପ୍ରମୁଖଙ୍କୁ ନେଇ ପଞ୍ଚାୟତର କାର୍ଯ୍ୟର ସମୀକ୍ଷା କରିଥିଲେ। ବିଡିଓ ପଞ୍ଚାୟତର ସମସ୍ତ ନଥିପତ୍ର ତନଖି କଲାପରେ କୌଣସି କାର୍ଯ୍ୟ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ବିଡିଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିବା ସହ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ନୂଆ ସଫେଇ ସଂସ୍ଥାକୁ ନେଇ ବଢ଼ୁଛି ଅସନ୍ତୋଷ



■ ୱାର୍ଡରୁ ଠିକ୍ ଭାବେ ଉଠୁନି ଅଳିଆ
■ କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା ଦେଖାଉଛି ବିଏମ୍‌ସି
■ ଆଜି ଆୱାରଲ୍ୟାଣ୍ଡ ସହ ସଫେଇ ସଂଘର ଆଲୋଚନା

ଭୁବନେଶ୍ୱର, ୨।୯ (ବ୍ୟୁରୋ)

ପରିମଳ ବ୍ୟବସ୍ଥାକୁ ନେଇ ବାରମ୍ବାର ସମାଲୋଚନାର ଶିକାର ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ତଥାପି ଏହାକୁ ଗୁରୁତର ସହ ନ ନେଇ ନୂଆ ସଫେଇ ସଂସ୍ଥାଗୁଡ଼ିକୁ ଅନୁକମ୍ପା ଦେଖାଇ ଚାଲିଛି। ଫଳରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମନମୁଖି କାର୍ଯ୍ୟ କରୁଥିବାରୁ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି। ଫଳରେ ସହରର ପରିବେଶ ସୁଧୁରୁ ନ ଥିବାବେଳେ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗତ କିଛିଦିନ ଧରି ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଦାରୁଠେଙ୍ଗବାସୀ ବାରଣ କରିଥିଲେ। ଫଳରେ ରାଜଧାନୀ ଏକ ପ୍ରକାର ଆବର୍ଜନାମୟ ହୋଇ ପଡିଥିଲା। ତେବେ ୩୧ ତାରିଖରେ ବିଏମ୍‌ସି ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଲାଗିଥିବା ବିବାଦର ସମାଧାନ ହୋଇଛି। ଏବେ ପ୍ରତିଦିନ ସହରର ଅଳିଆ ଡମ୍ପିଂୟାର୍ଡକୁ ଯାଉଛି। ଏହାସତ୍ତ୍ୱେ ସହରର ବିଭିନ୍ନ ୱାର୍ଡରେ ଅଳିଆ ଗଦା ହୋଇ ରହିଥିବା ଦେଖାଯାଉଛି। ବିବାଦ ତୁଟିଥିଲେ ବି ସଫେଇ ଦାୟିତ୍ୱରେ ଥିବା ନୂଆ ସଂସ୍ଥା ଆୱାରଲ୍ୟାଣ୍ଡ ଏବଂ ଗ୍ରୀନ୍ ସର୍କଲ ସେମାନଙ୍କ କାର୍ଯ୍ୟ ଠିକ୍ ଭାବେ ତୁଲାଇ ପାରୁ ନ ଥିବାରୁ ଏପରିସ୍ଥିତି ଲାଗି ରହିଥିବା ଅଭିଯୋଗ ହେଉଛି। ସଂସ୍ଥାର କାର୍ଯ୍ୟ ପ୍ରଣାଳୀରେ ସଫେଇ କର୍ମଚାରୀମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ଶନିବାର ବିଏମ୍‌ସି ମଜଦୁର ସଂଘ ସହିତ ଆୱାରଲ୍ୟାଣ୍ଡ ସଂସ୍ଥାର ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଆବଶ୍ୟକ ମେଶିନ ଓ ଅନ୍ୟାନ୍ୟ ଜିନିଷପତ୍ର ଅଭାବରୁ ଅଧିକାଂଶ ସ୍ଥାନରୁ ଅଳିଆ ଉଠିପାରୁ ନାହିଁ। ଏପରିକି ସମସ୍ତ ସଫେଇ କର୍ମଚାରୀଙ୍କୁ ସଂସ୍ଥା ପକ୍ଷରୁ ଝାଡ଼ୁ ମଧ୍ୟ ପ୍ରଦାନ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। କେବଳ କାମଚଳା ଭାବେ ଅଳିଆ ଓଳାଇ ଗୋଟିଏ ଗୋଟିଏ ସ୍ଥାନରେ ଜମା କରାଯାଉଛି। କହିବାକୁ ଗଲେ ନୂଆ ସଂସ୍ଥାଗୁଡ଼ିକ ଏ ପର୍ଯ୍ୟନ୍ତ ପୂରା ପ୍ରସ୍ତୁତ ହୋଇ ନାହାନ୍ତି।

ଅଗଷ୍ଟ ୧୬ରୁ ନୂଆ ସଂସ୍ଥା ଆୱାରଲ୍ୟାଣ୍ଡ ଏବଂ ଗ୍ରୀନ୍ ସର୍କଲ ୨ଟି ଜୋନ୍‌ର ୧୩ଟି ୱାର୍ଡରେ ସଫେଇ ଦାୟିତ୍ୱ ନେଇଛନ୍ତି। ଆୱାରଲ୍ୟାଣ୍ଡ ଅଧୀନରେ ୱାର୍ଡ ନଂ. ୪୬, ୫୨, ୬୩, ୬୨, ୬୪, ୬୫ ଏବଂ ୬୬ ଥିବାବେଳେ ପ୍ରାୟ ୪ଶହ ସଫେଇ କର୍ମଚାରୀ ରହିଛନ୍ତି। ସେହିପରି ଗ୍ରୀନ୍ ସର୍କଲକୁ ୱାର୍ଡ ନଂ. ୫୪, ୫୮, ୫୯, ୬୦, ୬୧ ଏବଂ ୬୭ର ସଫେଇ ଦାୟିତ୍ୱ ଦିଆଯାଇଛି। ସଂସ୍ଥା ଅଧୀନରେ ପ୍ରାୟ ୨୮୦ କର୍ମଚାରୀ କାମ କରୁଛନ୍ତି। ନୂଆ ସଂସ୍ଥାର କାମକୁ ଅନେକ କର୍ପୋରେଟର ନାପସନ୍ଦ କରିଛନ୍ତି। ସରଞ୍ଜାମ ଅଭାବ ସହ ୫ଟି ଲୋକ ସ୍ଥାନରେ ଏହି ସଂସ୍ଥାଗୁଡ଼ିକ ଗୋଟିଏ ଲୋକ ଲଗାଉଛନ୍ତି। ଫଳରେ ଶତପ୍ରତିଶତ ସଫେଇ ହୋଇ ପାରୁନାହିଁ। ଏନେଇ ବିଏମ୍‌ସିର କର୍ପୋରେଶନ ବୈଠକରେ ମଧ୍ୟ କର୍ପୋରେଟଣମାନେ ପ୍ରଶ୍ନ ଉଠାଇଥିଲେ। କର୍ପୋରେଶନ ଗଠନ ହେବା ପରେ ବି କର୍ପୋରେଟଙ୍କ ସହ କୌଣସି ଆଲୋଚନା ନ କରି ନୂଆ ସଫେଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ କରାଯାଇ ଯୋଗ୍ୟତା ନ ଥିବା ବିଭିନ୍ନ ସଂସ୍ଥାକୁ କାମ ଦିଆଯାଇଥିବାରୁ କର୍ପୋରେଟରମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏତେ ଅଭିଯୋଗ, ଅସନ୍ତୋଷ ପରେ ବି ବିଏମ୍‌ସି ନୂତନ ସଂସ୍ଥାର କାର୍ଯ୍ୟକୁ ତଦାରଖ କରୁ ନାହିଁ କି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାରମ୍ବାର ଗର୍ଭନଷ୍ଟ, ପ୍ରେମିକ ଯବାନ ଗିରଫ

ଭୁବନେଶ୍ୱର,୨।୯(ବ୍ୟୁରୋ)

ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଲେ। ପ୍ରେମିକା ଗର୍ଭବତୀ ହେବା ନେଇ ଜାଣିବା ପରେ ଔଷଧ ଖୁଆଇ ବାରମ୍ବାର ଗର୍ଭ ନଷ୍ଟ କଲେ। ହେଲେ ବିବାହ କରିବାକୁ ମନା କରିବାରୁ ଶେଷରେ ପୀଡିତା ମହିଳାଙ୍କ ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଯବାନଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ବିଜାପାଲି ଗ୍ରାମର ଏଲ୍. ପବିତ୍ର ରେଡ୍ଡି (୨୪)। ଏନେଇ ପୋଲିସ ମାମଲା (ନଂ.୪୩୩/୨୨) ରୁଜୁକରି ଅଭିଯୁକ୍ତ ପବିତ୍ରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ପୀଡିତା ଜଣକ ଯୁବତୀ ଥିବାବେଳେ ୨୦୧୪ରେ ବିଜାପାଲି ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ପବିତ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ପ୍ରେମ ସମ୍ପର୍କ ବଢ଼ିବା ପରେ ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। ଯୁବତୀ ଜଣକ ଏ ବିଷୟରେ ପରିବାରବର୍ଗଙ୍କୁ ଜଣାଇଥିଲେ। କିନ୍ତୁ ପରିବାର ଲୋକ ତାଙ୍କୁ ତାଗିଦ କରିବା ସହ ୨୦୧୫ରେ ଅନ୍ୟତ୍ର ବିବାହ କରିଦେଇଥିଲେ। ଏହି ସମୟରେ ପବିତ୍ର ମିଲିଟାରିରେ ଚାକିରି ପାଇଥିଲେ। ପରେ ଉଭୟ ଫୋନରେ ବାର୍ତ୍ତାଳାପ କରୁଥିଲେ। ଏହା ଜାଣିବା ପରେ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିଲେ। ଏହାର ସୁଯୋଗ ନେଇ ପବିତ୍ର ତାଙ୍କ ଘରକୁ ନିୟମିତ ଆସିବା ସହ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସେ ୨ଥର ଗର୍ଭବତୀ ହୋଇଥିଲେ। ପବିତ୍ର ଔଷଧ ଦେଇ ତାଙ୍କ ଗର୍ଭ ନଷ୍ଟ କରିଥିଲେ। ଏପରିକି ବିବାହ କରିବାକୁ ମନା କରିବାରୁ ମହିଳା ଜଣକ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ।



ବିଡିଏ ପକ୍ଷରୁ ଶୁକ୍ରବାର ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ନୀଳାଦ୍ରିବିହାରସ୍ଥିତ କୈବଲ୍ୟବିହାରରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨।୯ (ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ବଜରଙ୍ଗୀ ହୋଟେଲ ପଛପଟ ଏକ ଜଙ୍ଗଲିଆ ସ୍ଥାନରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ଯୁବକଙ୍କ ପରିଚୟ ଜଣାପଡି ନ ଥିବାବେଳେ ୪ରୁ ୫ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜାଣିବାକୁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୬୪/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଯୁବକଙ୍କୁ କେହି ହତ୍ୟା କରିବା ପରେ ଗଛରେ ଟାଙ୍ଗି ଦେଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଏଥିସହ ମୃତ ଯୁବକଙ୍କ ଫଟୋକୁ ବିଭିନ୍ନ ଥାନାକୁ ପଠାଇ ଠିକଣା ଜାଣିବା ଲାଗି ଉଦ୍ୟମ ଚଳାଇଛି ପୋଲିସ। ସୂଚନାଯୋଗ୍ୟ, ବଜରଙ୍ଗୀ ହୋଟେଲ ପଛପଟେ ଥିବା ଏକ ଗଛ ନିକଟ ପାଚେରି କଡ଼ରେ ଜଣେ ଯୁବକଙ୍କ ପଚା ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ଶ୍ୟାମପୁର, ନୀଳାଦ୍ରିବିହାରରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ବିଡିଏ ପକ୍ଷରୁ ଶୁକ୍ରବାର ୨ଟି ସ୍ଥାନରେ ଉଚ୍ଛେଦ କରାଯାଇଥିଲା। ୱାର୍ଡ ନଂ. ୨୨ ଅନ୍ତର୍ଗତ ଶ୍ୟାମପୁର ମୌଜାରେ ଥିବା ସରକାରୀ ପ୍ଲଟ୍ ନଂ. ୭୮୦ରେ ହୋଇଥିବା ବେଆଇନ ନିର୍ମାଣକୁ ସମ୍ପୂର୍ଣ୍ଣ ରୂପେ ଭଙ୍ଗାଯାଇ ମାଟିରେ ମିଶାଇ ଦିଆଯାଇଥିଲା। ୧୨ଟି ଆଜବେଷ୍ଟସ ଘରକୁ ଉଚ୍ଛେଦ କରାଯାଇଥିବାବେଳେ ପ୍ରାୟ ୬ ହଜାର ବର୍ଗଫୁଟ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ସେହିପରି ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ନୀଳାଦ୍ରିବିହାରସ୍ଥିତ କୈବଲ୍ୟବିହାର ପ୍ଲଟ ନଂ.୩୨୧ରୁ ବେଆଇନ ଜବରଦଖଲ ହଟାଯାଇଥିଲା। ଏଥିରେ ୮ଟି ଆଜବେଷ୍ଟସ ଘର, ୨ଟି ପାଣିଟାଙ୍କି, ଗୋଟିଏ ବଡ଼ ସମ୍ପ୍ରସାରଣ ଅଂଶ, ଗୋଟିଏ ଗେଟ୍ ଭଙ୍ଗାଯାଇଛି। ପ୍ରାୟ ୬ ହଜାର ବର୍ଗଫୁଟ ଜମିକୁ ମୁକ୍ତ କରାଯାଇଛି। ଶ୍ୟାମପୁର ମୌଜା ଉଚ୍ଛେଦବେଳେ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ ହୋଇଥିଲେ। ତେବେ ନୀଳାଦ୍ରିବିହାରରେ ବିନା ପୋଲିସରେ ଉଚ୍ଛେଦ ସମ୍ପନ୍ନ ହୋଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଭରତପୁର ଥାନା ସବ୍ ଇନ୍ସପେକ୍ଟର ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ପ୍ରକଳ୍ପର ଉଦ୍‌ଘାଟନ ଓ ୯ର ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୨।୯ (ବ୍ୟୁରୋ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଏମ୍‌ସି ପକ୍ଷରୁ ଶୁକ୍ରବାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ୱାର୍ଡରେ ମୋଟ୍ ୮ଟି ପ୍ରକଳ୍ପର ଉଦ୍‌ଘାଟନ ହେବା ସହିତ ୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି କମିଶନର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ଏବଂ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।

## ନୂଆଁଖାଇ ପାଳିଲେ ଓଡ଼ିଆଣୀ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଓଡ଼ିଆଣୀଙ୍କୁ ନେଇ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣିକୁ ପାଳନ କରିଥାଏ ସଂଭାବନା ଅନୁଷ୍ଠାନ। ପ୍ରଥମଥର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ମଧ୍ୟ ପାଳନ କରାଯାଇଛି। ଏକାମ୍ର ହାଟର ଏକ ହୋଟେଲଠାରେ ଶୁକ୍ରବାର ଆୟୋଜିତ ଉତ୍ସବରେ ଓଡିଆଣୀମାନେ ମା' ସମଲେଇଙ୍କ ଫଟୋକୁ ବନ୍ଦାପନା କରିବା ପରେ ବିଭିନ୍ନ ପିଠା ଓ ନୂଆ ଚୁଡାରେ ତିଆରି ଚୁଡାଘଷା ଭୋଗ କରିଥିଲେ। ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା, ତ୍ରୁଷ୍ଟି ସ୍ମୃତି ମହାନ୍ତି, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆଣୀ ରେଖା ସାହୁ, ସୌଦାମିନୀ ମହାନ୍ତି, ସନ୍ଧ୍ୟାରାଣୀ ରଥ, ପଦ୍ମାଳୟା ଶତପଥୀ,ଜ୍ୟୋତ୍ସ୍ନା ମିଶ୍ର, ରତ୍ନମଞ୍ଜରୀ ସାମନ୍ତରାଏ, ବେବିରାଣୀ ସାହୁ, ରୀତାରାଣୀ କୁଣ୍ଡୁ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ପାର୍ବତୀ ମହାନ୍ତି, ବିଜୟଲକ୍ଷ୍ମୀ ପତି, ମାନସୀ ରାଉତରାୟ, ଅରୁନ୍ଧତୀ ମିଶ୍ର, ମଧୁସ୍ମିତା ଶା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅଳିଆ ଗାଡ଼ିକୁ ଧକ୍କା ଦେଲା ବ୍ୟାଟେରି ଚାଳିତ ଗାଡ଼ି

ବାରଙ୍ଗ,୨।୯(ଡି.ଏନ୍.ଏ.)

ନନ୍ଦନକାନନରେ ଶୁକ୍ରବାର ଏକ ବ୍ୟାଟେରିଚାଳିତ ଗାଡି ଦ୍ରୁତଗତିରେ ଯାଇ ଅଳିଆଗାଡିର ପଛପଟୁ ଧକ୍କା ଦେଇଛି। ଫଳରେ ଅଳିଆଗାଡି ଚାଳକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଦ୍ୱିପ୍ରହର ସମୟରେ ନନ୍ଦନକାନନ ଓଡି୦୨-ବିବି-୬୫୩୫ନଂ ଅଳିଆ ବୋଝେଇ ଗାଡିଟି ଅଳିଆ ନେଇ କାର୍ଯ୍ୟାଳୟ ପାଖରୁ ୯ନଂ. ଫାଟକ ଆଡକୁ ଯାଉଥିଲା। ଏହି ସମୟରେ ପଛପଟରୁ ହଠାତ୍ ଏକ ବ୍ୟାଟେରି ଚାଳିତ ଗାଡିଟି ଦ୍ରୁତଗତିରେ ଆସି ଧକ୍କାଦେଇଥିଲା। ଏଥିରେ ଅଳିଆଗାଡି ଚାଳକ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନନ୍ଦନକାନନ ପକ୍ଷରୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି। ସବୁଠାରୁ ବଡକଥା ହେଲା ଏହି ଦୁର୍ଘଟଣା ସମୟରେ ବ୍ୟାଟେରି ଚାଳିତ ଗାଡିରେ କୌଣସି ପର୍ଯ୍ୟଟକ ନ ଥିଲେ। ଏବିଷୟରେ ସ୍ୱତନ୍ତ୍ର ପ୍ରକଳ୍ପ ରେଞ୍ଜର ରଞ୍ଜିତ ମହାନ୍ତି କହିଛନ୍ତି, ଅଳିଆଗାଡି ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ଏକାଧିକ ଦୋକାନ



ଭୁବନେଶ୍ୱର,୨।୯

ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗିଯିବାରୁ ଭିଏସଏସ୍ ନଗର ପାଣିଟାଙ୍କି ସମ୍ମୁଖରେ ଥିବା ଏକାଧିକ ଦୋକାନ ଜଳିଯାଇଛି। ଶୁକ୍ରବାର ଅପରାହ୍ନରେ ଫଳ ଦୋକାନୀ ରୋଷେଇ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଉକ୍ତ ଅଗ୍ନିକାଣ୍ଡର ଭୟାବହତା ଏତେ ଅଧିକ ଥିଲା ଯେ ଆଖି ପିଛୁଳାକେ ଫଳଦୋକାନ ସହ ସଂଲଗ୍ନ ଏକ ପାନଦୋକାନ ଓ ଅନ୍ୟ ଏକ ଦୋକାନକୁ ମାଡ଼ିଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ନେଇ ଅଗ୍ନିଶମ କର୍ମଚାରୀମାନେ ଆକଳନ କରିଛନ୍ତି। ଅଗ୍ନିକାଣ୍ଡ ଖବର ପାଇ ସ୍ଥାନୀୟ ବାସିନ୍ଦା ତଥା ୱାର୍ଡ ନଂ. ୧୧ର କର୍ପୋରେଟର ପ୍ରଭାସିନୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଯୋଗାଯୋଗ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। କିଛି ସମୟ ମଧ୍ୟରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଏଣିକି ପଡି ରହିଥିବା ପୁରୁଣା ମାମଲା ତୁରନ୍ତ ଫଇସଲା ହେବ

ଭୁବନେଶ୍ୱର,୨।୯ (ବ୍ୟୁରୋ)

### ଭୁବନେଶ୍ୱରରେ ଦ୍ୱିତୀୟ ପରିବାର ଅଦାଲତ ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ଅନ୍ୟ ଅତିଥିମାନେ।

ରାଜଧାନୀରେ ଆଉ ଏକ ପରିବାର ଅଦାଲତ ଖୋଲିଛି। ଭୁବନେଶ୍ୱର କୋର୍ଟ ପରିସରରେ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପ୍ରଥମ କୋର୍ଟ ଉପରୁ ଚାପ ହଟିବା ସହ ପରିବାର ଅଦାଲତରେ ପଡି ରହିଥିବା ପୁରୁଣା ମାମଲାଗୁଡିକ ତୁରନ୍ତ ଫଇସଲା ହୋଇପାରିବ ବୋଲି ମୁଖ୍ୟ ବିଚାରପତି ଆଶା ପ୍ରକଟ କରିଛନ୍ତି। ଏହି ଅଦାଲତରେ ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଞ୍ଚଳର ମାମଲାଗୁଡ଼ିକ ବିଚାର କରାଯିବ। ବର୍ତ୍ତମାନ ଏହା ସିବିଆଇ ବିଲ୍ଡିଂରେ କାର୍ଯ୍ୟ କରିବ। ପରେ ଏହାକୁ ଜୁଡିସିଆଲ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନିକ ବିଚାରପତି ସୁବାଶିଷ ତାଳପତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରପତି ବି.ଆର୍. ଷଡଙ୍ଗୀ, କେ.ଆର. ମହାପାତ୍ର, ଆର.କେ ପଟ୍ଟନାୟକ, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ବି. ନରସିଂହା, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ ମୁରାହରି ଶ୍ରୀରମନ୍ ପ୍ରମୁଖ ଯୋଗଦେଇଥିଲେ। ଜିଲା ଜଜ୍ ନିଶିଥ୍ ନିଶଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଏସ୍‌ଡିଜେଏମ୍ ଆଲୋକ କୁମାର ପଣ୍ଡା ଓ ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ ପରିଚାଳନା କରିଥିଲେ। ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ରାଜ କିଶୋର ଦାସ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ପ୍ରେମିକଙ୍କ ନିର୍ଯାତନାରୁ ଆତ୍ମହତ୍ୟା କରିଥିଲେ ଶୁଭଶ୍ରୀ

**ଭୁବନେଶ୍ୱର,୨।୯(ବ୍ୟୁରୋ)** ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ପରିବାର ସହ ରହୁଥିବା ଶୁଭଶ୍ରୀ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ଉପରୁ ଶୁକ୍ରବାର ପରଦା ହଟିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ପ୍ରେମିକଙ୍କୁ ପଚରାଉଚରା ପରେ ଏହା ହତ୍ୟା ନୁହେଁ, ପରକୀୟାପ୍ରୀତିରୁ ଆତ୍ମହତ୍ୟା ବୋଲି ଜଣାପଡିଛି। ପ୍ରେମିକ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଚିତ୍ତରଞ୍ଜନ ଜେନାଙ୍କ ନିର୍ଯାତନାରୁ ଶୁଭଶ୍ରୀ ଓଢ଼ଣି ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ସ୍ପଷ୍ଟ କରିଛି। ଏପରି କି ନିଜ ସମ୍ପୃକ୍ତି ଏଡ଼ାଇବାକୁ ଚିତ୍ତରଞ୍ଜନ ପ୍ରମାଣ ମଧ୍ୟ ଲୁଚାଇଥିଲେ। ତେଣୁ ପୋଲିସ ଉକ୍ତ ମାମଲା(ନଂ.୨୮୧/୨୨)ରେ ଲାଗିଥିବା ଦଫା ୩୦୨କୁ ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ବଦଳାଇଛି। ସେହିଭଳି ପ୍ରମାଣ ନଷ୍ଟ କରିବା ଦଫା ୨୦୧ ଲଗାଯାଇ ପ୍ରେମିକ ଚିତ୍ତରଞ୍ଜନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ସ୍କୁଟି, ମୋବାଇଲ ଜବତ ହୋଇଛି। ଚିତ୍ତଙ୍କୁ ପୋଲିସ ଶନିବାର କୋର୍ଟଚାଲାଣ କରିବ। ଏହାପରେ ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିସିପି ପ୍ରତୀକ ସିଂ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଅଭିଯୁକ୍ତ ନୟାଗଡ଼ର ଚିତ୍ତରଞ୍ଜନ ଗିରଫ


ଶୁଭଶ୍ରୀ ମହାପାତ୍ର

- ୨ମାସ ତଳେ ଭୁବନେଶ୍ୱର ଆସି ସ୍କୁଲ ବସ୍ ଡ୍ରାଇଭର ଥିଲେ
- ରିମାଣ୍ଡରେ ଅଣାଯାଇ ତଦନ୍ତ କରାଯିବ: ଡିସିପି


ଚିତ୍ତରଞ୍ଜନ ଜେନା

### ସ୍ୱାମୀଙ୍କ ବାରଣ ସତ୍ତ୍ୱେ ପ୍ରେମିକ ସହ ବୁଲୁଥିଲେ

ନୟାଗଡ ଜିଲା ଇଟାମାଟି ଥାନା ମାଣପୁର ଗ୍ରାମର ଶୁଭଶ୍ରୀ ୨୦୧୪ରେ ଜଗତ୍‌ସିଂହପୁର ଜିଲାର ଅନନ୍ତ ନାରାୟଣ ନାଥଙ୍କୁ ବିବାହ କରିଥିଲେ। ପରେ ଗୋଟିଏ ପୁଅ ହୋଇଥିଲା। ୨୦୧୯ ଡିସେମ୍ବରରେ ମାଣପୁର ମନ୍ଦିରରେ ହେଉଥିବା ବନ୍ଧୁମିଳନରେ ଚିତ୍ତ ଓ ଶୁଭଶ୍ରୀଙ୍କ ଚିହ୍ନା ପରିଚୟ ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କର ରୂପ ନେଇଥିଲା। ଉଭୟ ବହୁ ସମୟ ଫୋନରେ କଥା ହେଉଥିଲେ। ପ୍ରେମକୁ ସାକାର କରିବା ପାଇଁ ଚିତ୍ତ ୨ ମାସ ହେବ ସତ୍ୟନଗରରେ ରହି ଏକ ଘରୋଇ ସ୍କୁଲ ବସ୍‌ର ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ। ସେମାନଙ୍କ ନିବିଡ଼ ପ୍ରେମ ସମ୍ପର୍କ ବିଷୟରେ ସ୍ୱାମୀ ଅନନ୍ତ ଜାଣିବା ପରେ ଶୁଭଶ୍ରୀଙ୍କୁ ବାରଣ କରିଥିଲେ। ଏପରିକି ପଟିଆସ୍ଥିତ ଘର ବଦଳାଇ ଶାସ୍ତ୍ରୀନଗର ଚାଲିଆସିଥିଲେ। ଚିତ୍ତଙ୍କ ସହ ଆଉ ସମ୍ପର୍କ ରଖିବେ ନାହିଁ ବୋଲି ଶୁଭଶ୍ରୀ ସ୍ୱାମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସ୍ୱାମୀ ଅଫିସ୍ ଯିବା ପରେ ସେ ପ୍ରେମିକ ଚିତ୍ତଙ୍କ ସହ ବୁଲାବୁଲି କରୁଥିଲେ। ଏପରିକି ଲଜ୍‌ରେ ମଧ ରହୁଥିଲେ ବୋଲି ଡିସିପି ସିଂହ କହିଛନ୍ତି।

### ବରୁଣେଇ ପାହାଡ଼ ନିକଟରେ ଫୋପାଡ଼ିଥିଲେ ଓଢ଼ଣି

ପ୍ରମାଣ ନଷ୍ଟ କରିବାକୁ ଶୁଭଶ୍ରୀଙ୍କ ଓଢ଼ଣି ନେଇ ଚିତ୍ତ ସେଠାରୁ ସ୍କୁଟି ଯୋଗେ ଗାଁକୁ ବାହାରିଥିଲେ। ତାହାକୁ ପୋଡିବା ପାଇଁ ସାଙ୍ଗରେ ଏକ ଡିଆସିଲ୍ ପ୍ୟାକେଟ ମଧ୍ୟ ନେଇଥିଲେ। ହେଲେ କୌଣସି କାରଣରୁ ସେ ଓଢ଼ଣିକୁ ନ ପୋଡ଼ି ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟ ବାଇପାସ୍ ରାସ୍ତା କଡ଼ରେ ଫୋପାଡ଼ି ଗାଁକୁ ପଳାଇଥିଲେ। କଲ୍ ଡିଟେଲ୍ସ ରିପୋର୍ଟରୁ ତାଙ୍କ ସମ୍ପୃକ୍ତି ପୋଲିସ ଜାଣିବା ପରେ ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରିଥିଲା।



### ସନ୍ଦେହରୁ ଝଗଡ଼ା, ମାଡ଼ ମାରିଥିଲେ ଚିତ୍ତ

ରବିବାର ସ୍ୱାମୀ ଅନନ୍ତ ନାରାୟଣ ନାଥ ଜଗତ୍‌ସିଂହପୁର ଯାଇଥିଲେ। ଏପଟେ ସୋମବାର ସ୍ୱାମୀଙ୍କର ଜଣେ ସମ୍ପର୍କୀୟଙ୍କ ସହ ଜଣେ ବ୍ୟକ୍ତିଙ୍କୁ ଦେଖା କରିବାକୁ ଶୁଭଶ୍ରୀ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ଏହାକୁ ସନ୍ଦେହ କରି ଶୁଭଶ୍ରୀଙ୍କୁ ଚିତ୍ତ ଗାଳିଗୁଲଜ କରିଥିଲେ। ଏପରିକି ସେହିଦିନ ରାତିରେ ଶାସ୍ତ୍ରୀନଗରସ୍ଥିତ ଭଡ଼ାଘରକୁ ଚିତ୍ତ ଆସିବା ପରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ସେଠାରେ ଚିତ୍ତ ଗାଳିଦେବା ସହ ଶୁଭଶ୍ରୀଙ୍କୁ ମାଡ଼ ମଧ ମାରିଥିଲେ। ଚିତ୍ତ ସବୁ ସମ୍ପର୍କ କାଟି ଦେବାର ଧମକ ଦେଇ ସେଠାରୁ ଚାଲି ଆସିଥିଲେ। ଏହାପରେ ଶୁଭଶ୍ରୀ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଚିତ୍ତଙ୍କୁ ୭ରୁ ଅଧିକ ଥର ଫୋନ କରିଥିଲେ। ଶେଷ କଲ୍ ଚିତ୍ତ ଉଠାଇବାରୁ ଆତ୍ମହତ୍ୟା କରୁଥିବା ଶୁଭଶ୍ରୀ ଜଣାଇଥିଲେ। ଏପଟେ ଚେନ୍ନାଇରେ ରହୁଥିବା ସାନଭାଇଙ୍କୁ ମଧ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏପରିକି ତାଙ୍କ ମୃତ୍ୟୁ ପରେ ପୁଅର ଦେଖାଶୁଣା କରିବାକୁ ମଧ କହିଥିଲେ।

### ହୋଟେଲ ଯାଞ୍ଚ, ଓଢ଼ଣି ଓ ଦିଆସିଲ ପ୍ୟାକେଟ ଜବତ

ଜେରା ସମୟରେ ଶୁଭଶ୍ରୀଙ୍କ ସହ ପଟିଆସ୍ଥିତ ଏକ ହୋଟେଲରେ କିଛିଦିନ ତଳେ ରହିଥିଲେ ବୋଲି ଅଭିଯୁକ୍ତ ପ୍ରେମିକ ଚିତ୍ତ କହିଥିଲେ। ତେଣୁ ପ୍ରମାଣ ଯୋଗାଡ଼ ପାଇଁ ପୋଲିସ ଶୁକ୍ରବାର ପଟିଆସ୍ଥିତ ଉକ୍ତ ହୋଟେଲକୁ ଯାଇ ରହଣୀ ବିବରଣୀ ଯାଞ୍ଚ କରିଥିଲା। ସେହିପରି ପୋଲିସ ଚିତ୍ତଙ୍କୁ ବରୁଣେଇ ପାହାଡ଼ ନିକଟକୁ ନେଇ ଉକ୍ତ ସ୍ଥାନରୁ ଓଢ଼ଣି ସହ ଏକ ଦିଆସିଲ୍ ପ୍ୟାକେଟ ମଧ ଜବତ କରିଥିଲା।

### ପାଣି ଛାଟି ବଞ୍ଚାଇବାକୁ ଉଦ୍ୟମ କରିଥିଲେ

ଶୁଭଶ୍ରୀଙ୍କଠାରୁ ଆତ୍ମହତ୍ୟାର ଧମକ ଶୁଣି ଚିତ୍ତ ଡରିଯାଇଥିଲେ। ସେ ସଙ୍ଗେ ସଙ୍ଗେ ଶୁଭଶ୍ରୀଙ୍କ ଘର ନିକଟରେ ରହୁଥିବା ଟ୍ୟୁଶନ ମାଡାମ୍‌ଙ୍କୁ ଜଣାଇଥିଲେ। ସେହି ସମୟରେ ଶୁଭଶ୍ରୀଙ୍କ ପୁଅ ତାଙ୍କ ପାଖରେ ଟ୍ୟୁଶନ ହେଉଥିଲେ। ସେ ଶୁଭଶ୍ରୀଙ୍କ ଘରକୁ ଆସି କବାଟ ବନ୍ଦ ଥିବାରୁ ଡାକ ପକାଇବା ସହ ଏକ କଣାରେ ଭିତରକୁ ଚାହିଁଥିଲେ। ହେଲେ ଶୁଭଶ୍ରୀ ଏକ ପାଇପରେ ଓଢ଼ଣିରେ ଝୁଲୁଥିବା ଦେଖି ଚିତ୍ତଙ୍କୁ ଜଣାଇଥିଲେ। କିଛି ସମୟ ପରେ ଚିତ୍ତ ସେଠାକୁ ଆସି ଶୁଭଶ୍ରୀଙ୍କୁ ଝୁଲନ୍ତା ଅବସ୍ଥାରୁ ତଳକୁ ଓହ୍ଲାଇ ବେକରେ ବନ୍ଧାହୋଇଥିବା ଓଢ଼ଣି କାଢ଼ିଥିଲେ। ଏଥିସହ ପାଣି ଛାଟି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ସେଠାରୁ ପଳାଇଥିଲେ। ଟ୍ୟୁଶନ ମାଡାମ୍‌ଙ୍କଠାରୁ ଖବର ପାଇ ଶୁଭଶ୍ରୀଙ୍କ ସ୍ୱାମୀ ଅନନ୍ତ ଘରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କଳ୍ପନା


@ ଦୀପା


@ ଅଲ୍ପନା


@ ମାନଗୋବିନ୍ଦ


@ ସଞ୍ଜୀବ


@ ଦୁଲେଶ୍ୱର

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଯୋଗାସନ ସ୍ପୋର୍ଟସ୍ ଆସୋସିଏଶନ ଅଫ୍ ଖୋର୍ଦ୍ଧା ପକ୍ଷରୁ ଯୋଗାସନ ସ୍ପୋର୍ଟସ ଚାମ୍ପିୟନଶିପ, ଡିଏଭି ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା ୩୦।
- ଯୋଗମାୟା ଅନୁଷ୍ଠାନର ବାର୍ଷିକୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟାରୁ ଆରମ୍ଭ।
- ନୃତ୍ୟ ଉପାସନା ପୀଠର ୧୧ତମ ବାର୍ଷିକୋତ୍ସବ ଅବସରରେ 'ପରିରମ୍ଭାନମ୍', ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।
- ଲେଖକ ସାମ୍ମୁଖ୍ୟର ମାସିକ ଆଲୋଚନା, କବିତା ପାଠ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର ସଭାଗୃହ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର 'ଅନ୍ଧାରର ବିଭୀଷିକା' ପ୍ରଦର୍ଶନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୧୫।

**କଟକ**

- ଯୋବ୍ରା ମୁଖ୍ୟ ରାସ୍ତାର ଦୟନୀୟ ଅବସ୍ଥା ବିରୋଧରେ ସୁବାସ ସଂଗଠନ ପକ୍ଷରୁ ପ୍ରତିବାଦ, ଯୋବ୍ରା, ପୂର୍ବାହ୍ନ ୧୦ଟା ୩୦।

**ବ୍ରହ୍ମଗିରି**

- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, କପିଳେଶ୍ୱରପୁର, ଅପରାହ୍ନ ୫ଟା ୩୦।



ଦିବ୍ୟ ଦିଗନ୍ତ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସୂଚନାଭବନରେ ଅନୁଷ୍ଠିତ ବିରଳ ଔଷଧୀୟ ବୃକ୍ଷ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।

## ସେବାୟତ, ସୁରକ୍ଷାକର୍ମୀ ହାତାହାତି

**ପୁରୀ ଅଫିସ,୨।୯**

ଶ୍ରୀମନ୍ଦିର ଭିତରେ ଶୁକ୍ରବାର ଜଣେ ସେବାୟତ ଓ ଜଣେ ସୁରକ୍ଷାକର୍ମୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଛି। ଜଣେ ସୁରକ୍ଷାକର୍ମୀ ଶ୍ରୀମନ୍ଦିର ଉତ୍ତରଦ୍ୱାର ସତ୍ୟ ନାରାୟଣ ମନ୍ଦିର ନିକଟରେ ମୋବାଇଲରେ ଭିଡିଓ କଲ କରି ଶ୍ରୀମନ୍ଦିର ପରିସର ଦେଖାଉଥିଲେ। ଏହି ସମୟରେ କେତେଜଣ ସେବାୟତ ଏହାକୁ ଦେଖି ବିରୋଧ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ମାରପିଟ ହୋଇଥିଲେ। ପରେ ସ୍ଥାନୀୟ ସେବାୟତ ଓ ଅନ୍ୟ ସୁରକ୍ଷାକର୍ମୀ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ପରେ ବିବାଦ ଥମିଥିଲା। ସୁରକ୍ଷାକର୍ମୀମାନେ ମୋବାଇଲ ପ୍ରବେଶକୁ ରୋକିବା ବଦଳରେ ମୋବାଇଲରେ ଭିଡିଓ କଲ କରିବା କଥାକୁ ସେବାୟତମାନେ ନାପସନ୍ଦ କରିଛନ୍ତି।

# 'କୃଷି ଉନ୍ନତିର ସୂତ୍ର ବୁଝିବାକୁ ମନ୍ତ୍ରୀ, ଅଫିସର ତେଲଙ୍ଗାନା ଯାଆନ୍ତୁ'

## ନବନିର୍ମାଣ କୃଷକ ସଂଗଠନର ଆହ୍ୱାନ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ଓଡ଼ିଶା ସରକାର କୃଷି ଓ କୃଷକଙ୍କ ବିକାଶ ନେଇ ବହୁ ତୁମ୍ବିତୋଫାନ କରୁଛନ୍ତି। କୃଷି ବଜେଟ ନାମରେ ନଗଣ୍ୟ ସହାୟତା କରୁଛନ୍ତି। ହେଲେ କୃଷି ବିକାଶ ଓ କୃଷିଜୀବୀଙ୍କ ସୁରକ୍ଷା ସମ୍ବନ୍ଧୀୟ ଅସଲ ସୂତ୍ର ବୁଝିବାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଅଫିସର ତେଲଙ୍ଗାନା ଯାଆନ୍ତୁ ବୋଲି ନବନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଶୁକ୍ରବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ସେଠାକାର ସରକାର ଏଗ୍ରି କ୍ଲଷ୍ଟର, କିଷାନ ମଞ୍ଚ ରହିଥୁବନ୍ଧୁ, ରହିଥି ବୀମାରେ ଯେତିକି ଖର୍ଚ୍ଚ କରୁଛନ୍ତି ଓଡ଼ିଶା ସରକାରଙ୍କ ମିଛ ବାହୁସ୍ଫୋଟ ଭାଷଣର ହୋସ ଉଡ଼ିଯିବ। ଓଡ଼ିଶାରେ ଚକବନ୍ଦୀ ସରି ନ ଥିବା ବେଳେ ତେଲଙ୍ଗାନା ସରକାର ୫ ହଜାର ଏକର ଜମିର ୨୬୦୧ କ୍ଲଷ୍ଟର କରିଛନ୍ତି। ୫୭୨ କୋଟି ବ୍ୟୟରେ ସବୁ କ୍ଲଷ୍ଟରରେ ଗୋଟିଏ ଲେଖାଏ ରହିଥି ବେଦିକା ସମ୍ମିଳନୀ କକ୍ଷ କରିଛନ୍ତି। ରହିଥିବନ୍ଧୁ ଯୋଜନାରେ ପ୍ରତି ଚାଷୀଙ୍କୁ ୧୦ ହଜାର ଲେଖାଏ ଆର୍ଥିକ ସହାୟତା ଦିଆଯାଉଛି। ୬୫ ଲକ୍ଷ ଚାଷୀଙ୍କୁ ୬୫,୩୮୧ କୋଟି ଟଙ୍କା ଦିଆଯାଇଛି। ଆଗାମୀ ରବି ଋତୁରେ ୭୫୦୦ କୋଟି ଦିଆଯିବ। ଏହି ଯୋଜନାରେ ରାଜନୀତିର ନାଁଗନ୍ଧ ନାହିଁ। ଯେକୌଣସି ପରିସ୍ଥିତିରେ ଚାଷୀଙ୍କର ମୃତ୍ୟୁ ହେଲେ ୧୦ ଦିନରେ ଚାଷୀଙ୍କୁ ୫ ଲକ୍ଷ ଟଙ୍କା ମିଳିଥାଏ। କୌଣସି ଅଫିସକୁ ଧାଁ ଦୌଡ଼ କରିବାକୁ ପଡ଼ି ନ ଥାଏ। ତେଲଙ୍ଗାନା ରାଜ୍ୟ ଗଠନଠାରୁ ଚାଷୀଙ୍କୁ ୨୪ ଘଣ୍ଟିଆ ମାଗଣା ବିଦ୍ୟୁତ୍ କୃଷି କ୍ଷେତ୍ରକୁ ଯୋଗାଇ ଦିଆଯାଉଛି। ତେଲଙ୍ଗାନା ଦେଶରେ ଧାନ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ରହିଛି। ଜମିବାଡ଼ି କେହି କାହାର ହଡ଼ପ କରିପାରିବେ ନାହିଁ, ସେଥିପାଇଁ ଧରଣୀ ପୋର୍ଟାଲ ଖୋଲାଯାଇଛି। ଏଥିଯୋଗୁ ତେଲଙ୍ଗାନାରେ ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ଚାଷ କ୍ଷେତ୍ରକୁ ଫେରୁଛନ୍ତି। ଓଡ଼ିଶାର ମନ୍ତ୍ରୀ ଓ ଅଫିସର ତେଲଙ୍ଗାନା ଯିବାକୁ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସମ୍ପାଦକ ଉମାକାନ୍ତ ରାଉତ, ନିର୍ମଳ ରାୟ ଓ ରଶ୍ମିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ।



ନବନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ଅନ୍ୟମାନେ।

# ବିମ୍ବାସୁର ବଧ ନୀତି ସମ୍ପନ୍ନ

**ପୁରୀ ଅଫିସ,୨।୯:** ଜନ୍ମାଷ୍ଟମୀ ପରଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢି ପାଣି ପଡିବା ପରେ ମହାଜନ ସେବକମାନେ ମଦନମୋହନଙ୍କୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ମଦନମୋହନଙ୍କୁ ନାଟମନ୍ଦିରରେ ଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ବିମ୍ବାସୁର ବେଶରେ ଜଣେ ବ୍ୟକ୍ତି ବେଶ ଧାରଣ କରି ସାହି ପରିକ୍ରମା କରି ଶ୍ରୀମନ୍ଦିରକୁ ଆସିଥାନ୍ତି। ସେଠାରେ ବଧ ନୀତି ଅନୁଷ୍ଠିତ ହୋଇଥାଏ। ବିମ୍ବାସୁର ବଧ ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମଙ୍କ ନିଧନ ନିମନ୍ତେ ବିମ୍ବାସୁର ନାମକ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଲୀଳାକ୍ରମେ ବିମ୍ବାସୁରକୁ ବଧ କରିଥିଲେ।



ଭୁବନେଶ୍ୱର ଖାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଲାଗି ମାଟି ଅନୁକୂଳ ପାଇଁ ଶୁକ୍ରବାର ମଣ୍ଡପ ନିକଟରୁ କୁଆଖାଇ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।



ବିସ୍ତାରିତ ଓଡ଼ିଶା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ କଣ୍ଠଶିଳ୍ପୀ ଶିବୁ ପଟ୍ଟନାୟକଙ୍କୁ ସମ୍ମାନିତ କରୁଛନ୍ତି।


ଶ୍ରୀମନ୍ଦିରରେ କୃଷ୍ଣଲୀଳା ନୀତି ପରିପ୍ରେକ୍ଷୀରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ କୃଷ୍ଣ ଓ ବଳରାମ ବିମ୍ବାସୁର ବଧ କରୁଛନ୍ତି।

# ୟୁଟିଆ ସମ୍ମିଳନୀରେ ମନ୍ତ୍ରୀଙ୍କୁ ୧୧ଦଫା ଦାବି ଜଣାଇବ ସଂଘ

**ଭୁବନେଶ୍ୱର,୨।୯(ବ୍ୟୁରୋ)** ଆସନ୍ତା ୫ ତାରିଖ ତଥା ଗୁରୁଦିବସ ଅବସରରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର ବାର୍ଷିକୋତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ସଂଘର ୧୧ ଦଫା ଦାବି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଖବରଦାତା ସମ୍ମିଳନୀ ଜରିଆରେ ୟୁଟିଆର ସଭାପତି ଡ. ଉପେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ଅମର ପ୍ରସାଦ ଶତପଥୀ, ଲତିକା ପ୍ରଧାନ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଂଘର ବିଭିନ୍ନ ଦାବି ଯଥା– ସରକାରୀ ଶିକ୍ଷା କମିଟିରେ ୟୁଟିଆକୁ ସାମିଲ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି, ବେସରକାରୀ ବିଦ୍ୟାଳୟ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା, ଇନିସିଆଲ ଆପଏଣ୍ଟି ଶିକ୍ଷକଙ୍କ ସମସ୍ୟା ସମାଧାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ କର୍ମଚାରୀଙ୍କୁ ୭ମ ବେତନ କମିଶନ ହାରରେ ୨୧ ମାସର ଦରମା ଆଦି ଉପସ୍ଥାପନ କରାଯିବ। ଏହି ଅବସରରେ ୨୫ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ କହିଛନ୍ତି। ସଂଘ କାର୍ଯ୍ୟକାରୀ ସଭାପତି ଅର୍ଜୁନ ବିଶ୍ୱାଳ, କୈଳାସ ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ପାଇକରାୟ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।


## ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: 307/WE ତାରିଖ: 26.04.2021 ଜିଲ୍ଲା: ଦେବଗଡ଼

XXXII-04: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (ଆରଏଫ୍‌ସିଟିଏଲ୍‌ଏଆର୍&ଆର Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ଥାନା ନଂ.- ୧୮, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ ନିମ୍ନ ସୂଚିତ – ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେବଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ, ପ୍ରକଳ୍ପ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୁଳ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୭୦୨ ତା୧୭।୦୭।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ଥାନା ନଂ.- ୧୮, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.deogarh.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଜୋନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଦେବଗଡ଼, ତହସିଲ: ବାରକୋଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଗନ୍ନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ହୋଇଅଛି | | | | ଏ.୧୬.୦୫୦ | ଏଥି ସହିତ ସଂଲଗ୍ନ ହୋଇଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ:..............................

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.)
ଜିଲ୍ଲାପାଳ, ଦେବଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ମୌଜା: ଜଗନ୍ନାଥପୁର, ଥାନା: ବାରକୋଟ, ତହସିଲ: ବାରକୋଟ, ଥାନା ନଂ.- ୧୮, ଜିଲ୍ଲା: ଦେବଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୦୩ | ୧୨୦ (ସ୍ଥ) | ଗୋଡ଼ା ଏକ | ୦.୪୦୦ | ୦.୧୮୦ | ଆସାଢୁ ଭୂମିଜ, ପି.: ଜଗନ୍ନା ଭୂମିଜ, ବାବି ଭୂମିଜ, ପି.: ରଢ଼େ ଭୂମିଜ, ବା: ନିଜଗାଁ |
| | | ୩୫୬ (ସ୍ଥ) | ଗୋଡ଼ା ଏକ | ୦.୬୨୦ | ୦.୧୧୦ | |
| | | ୩୫୬/୪୯୨ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୯୧୦ | ୦.୦୪୦ | |
| | | ୩୬୦/୪୯୩ (ସ୍ଥ) | ଗୋଡ଼ା ଦୁଇ | ୧.୫୨୦ | ୦.୧୩୦ | |
| ୨ | ୧୧ | ୩୬୭/୫୧୧ (ସ୍ଥ) | ଗୋଡ଼ା ଦୁଇ | ୧.୫୮୦ | ୦.୩୫୦ | କେଲ୍ହା କିସାନ, ଜେନା କିସାନ, ପି.: ଚଟ କିସାନ, ପ୍ରଧାନ କିସାନ, ପି.: ମଙ୍ଗୁଲୁ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୬୮ (ସ୍ଥ) | ମାଳ ସାଧାରଣ/୪ | ୨.୮୯୦ | ୦.୦୧୦ | |
| | | ୩୬୯ (ସ୍ଥ) | ଗୋଡ଼ା ଏକ | ୩.୧୪୦ | ୦.୨୭୦ | |
| | | ୩୭୦/୫୨୧ (ସ୍ଥ) | ଗୋଡ଼ା ଦୁଇ | ୧.୦୮୦ | ୦.୫୯୦ | |
| ୩ | ୧୨ | ୧୦୧/୫୩୮ (ସ୍ଥ) | ଗୋଡ଼ା ଦୁଇ | ୦.୪୪୦ | ୦.୦୩୦ | ଖୁଦୁ ଭୂମିଜ, ପି.: ମନୋହର ଭୂମିଜ, ଛେରନ ଭୂମିଜ, ପି.: ବୁଧୁ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୧୪୪ (ସ୍ଥ) | ଗୋଡ଼ା ଦୁଇ | ୦.୭୭୦ | ୦.୦୪୦ | |
| | | ୧୪୫ (ସ୍ଥ) | ମାଲ ସାଧାରଣ/୨ | ୦.୮୩୦ | ୦.୫୪୦ | |
| ୪ | ୧୪ | ୧୪୮ (ସ୍ଥ) | ମାଳ ସାଧାରଣ/୧୭ | ୪.୨୯୦ | ୦.୩୫୦ | ଗୁମି ଓରାମ, ମାଙ୍ଗେ ଓରାମ, ବିରିଷି ଓରାମ, ପି.: ଜଟା ଓରାମ, ଜା: ଓରାମ, ବା: ହାତୀଧର୍ସା, ଜିଲ୍ଲା: ସୁନ୍ଦରଗଡ଼, ଲାଥେ ଓରାମ, ପି.: ଉଦେ ଓରାମ, ଜା: ଓରାମ, ବା: ନିଜଗାଁ |
| ୫ | ୧୮ | ୧୪୭/୪୬୫ (ସ୍ଥ) | ମାଳ ସାଧାରଣ | ୪.୨୨୦ | ୦.୭୨୦ | ଚୁଡ଼ାମଣି ପଣ୍ଡା, ପି.: ବିଦ୍ୟାଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୧୪୭/୪୬୯ (ସ୍ଥ) | ଗୋଡ଼ା ଦୁଇ | ୨.୮୬୦ | ୦.୭୯୦ | |
| ୬ | ୨୩ | ୩୬ (ସ୍ଥ) | ଗୋଡ଼ା ଦୁଇ | ୧.୭୫୦ | ୦.୨୦୦ | ଯୁଧିଷ୍ଠିର ଦ୍ୱିବେଦୀ, ପି.: ସୋମନାଥ ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୩୮ (ସ୍ଥ) | ଗୋଡ଼ା ଦୁଇ | ୧.୪୨୦ | ୦.୧୨୦ | |
| ୭ | ୨୬ | ୧୦୪ (ସ୍ଥ) | ଗୋଡ଼ା ଦୁଇ | ୮.୪୦୦ | ୦.୮୯୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୮ | ୨୭ | ୧୦୩ (ସ୍ଥ) | ଗୋଡ଼ା ଦୁଇ | ୩.୫୦୦ | ୦.୭୪୦ | ନେଗି କିସାନ, ପି.: କମୁ କିସାନ, ତଲାଇ କିସାନ, ଗନ୍ଦର କିସାନ, ପି.: ଥରାଇ କିସାନ, ଜା: କିସାନ, ବା: ନିଜଗାଁ |
| ୯ | ୩୩ | ୪୩/୪୩୧ (ସ୍ଥ) | ଗୋଡ଼ା ଦୁଇ | ୦.୭୪୦ | ୦.୧୦୦ | ବଳରାମ ପସାଏତ, ପି.: ଜଗନ୍ନାଥ ପସାଏତ, ରୁଦ୍ର ପ୍ରସାଦ ପସାଏତ, ପି.: ସନାତନ ପସାଏତ, ପଦ୍ମାବତୀ ପସାଏତ, ସ୍ୱା.: ସନାତନ ପସାଏତ, ଗୁରୁଚରଣ ପସାଏତ, ପି.: ଲକ୍ଷ୍ମୀରାମ ପସାଏତ, ମହେଶ୍ୱର ପସାଏତ, ଧନେଶ୍ୱର ପସାଏତ, ପି.: ଦଲୁ ପସାଏତ, ପଦ୍ମିନ ପସାଏତ, ସ୍ୱା.: ଦଲୁ ପସାଏତ, ଜା: ଭଣ୍ଡାରି, ବା: ନିଜଗାଁ |
| | | ୪୩/୪୩୨ (ସ୍ଥ) | ଗୋଡ଼ା ଏକ | ୧.୧୦୦ | ୦.୨୬୦ | |
| | | ୪୩/୪୩୪ (ସ୍ଥ) | ଗୋଡ଼ା ଦୁଇ | ୦.୩୪୦ | ୦.୨୨୦ | |
| ୧୦ | ୩୬ | ୩୬୭/୫୧୦ (ସ୍ଥ) | ଗୋଡ଼ା ଦୁଇ | ୬.୩୦୦ | ୦.୪୬୦ | ବିକଡ଼ କିସାନ, ପି.: ବିର୍ଶା କିସାନ, ନିଲାମ କିସାନ, ବାବୁଲାଲ କିସାନ, ଫୁଲତୋଲି କିସାନ, ପି.: କଟି କିସାନ, ଗୁରୁବାରି କିସାନ, ସ୍ୱା.: କଟି କିସାନ, ଈଶ୍ୱର କିସାନ, ଯୁଗେଶ୍ୱର କିସାନ, ଭଦୁ କିସାନ, ସାବିତ୍ରୀ କିସାନ, ସାବ କିସାନ, ସରସ୍ୱତୀ କିସାନ, ପଦ୍ମା କିସାନ, ପି.: କପିଳ କିସାନ, ଶ୍ରୀମତୀ କିସାନ, ସ୍ୱା.: କପିଳ କିସାନ, ବା: ନିଜଗାଁ |
| ୧୧ | ୩୭ | ୪୧/୫୪୪ (ସ୍ଥ) | ଗୋଡ଼ା ଦୁଇ | ୯.୫୫୦ | ୦.୫୪୦ | ବିନାଏକ ମିଶ୍ର, ପି.: ଚୁଡ଼ାମଣି ମିଶ୍ର, ଜା: ବ୍ରାହ୍ମଣ, ବା: ଜମକେଇ ଥାନା ବଣେଇ, ଜିଲ୍ଲା: ସୁନ୍ଦରଗଡ଼ |
| ୧୨ | ୪୪ | ୩୫ (ସ୍ଥ) | ମାଳ ସାଧାରଣ/୩ | ୧.୫୬୦ | ୦.୩୯୦ | ମାଗୁଣୀ ଚନ୍ଦ୍ର ଦ୍ୱିବେଦୀ, ପି.: ବିଦ୍ୟାଧର ଦ୍ୱିବେଦୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୩୮/୫୩୪ (ସ୍ଥ) | ମାଳ ସାଧାରଣ | ୦.୮୦୦ | ୦.୧୯୦ | |
| | | ୮୭ (ସ୍ଥ) | ବହାଲ ସାଧାରଣ/୪ | ୪.୨୨୦ | ୦.୧୬୦ | |
| | | ୮୮ (ସ୍ଥ) | ଆଡ଼ି | ୦.୨୭୦ | ୦.୦୯୦ | |
| ୧୩ | ୫୦ | ୧୦୪/୪୫୫ (ସ୍ଥ) | ମାଳ ସାଧାରଣ | ୧.୧୦୦ | ୦.୩୯୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ତରଫେ ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୧୪ | ୫୬ | ୩୭୧ (ସ୍ଥ) | ଗୋଡ଼ା ଦୁଇ | ୨.୧୫୦ | ୧.୧୯୦ | ସମ୍ବାରୀ କିସାନ, ପି.: ରେଞ୍ଜତ କିସାନ, ତାସରି କିସାନ, ସ୍ୱା.: ରେଞ୍ଜତ କିସାନ, ଦାପେ କିସାନ, ଝରଣା କିସାନ, ହରି କିସାନ, ପି.: ମଙ୍ଗଳା କିସାନ, ବୁଦ କିସାନ, ପି.: ଡିଲ କିସାନ, ଟିଣିଆ କିସାନ, ପି.: ଗମ୍ଭେଇ କିସାନ, ସମା କିସାନ, ପି.: ବୁଧୁ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୭୩ (ସ୍ଥ) | ଗୋଡ଼ା ଦୁଇ | ୬.୨୦୦ | ୨.୫୧୦ | |
| | | ୩୭୩/୫୧୩ (ସ୍ଥ) | ଗୋଡ଼ା ଦୁଇ | ୩.୨୬୦ | ୦.୦୮୦ | |
| | | ୩୭୩/୫୧୪ (ସ୍ଥ) | ବେର୍ଣ୍ଣା ସାଧାରଣ | ୨.୩୦୦ | ୦.୦୬୦ | |
| | | ୩୭୩/୫୧୫ (ସ୍ଥ) | ଆଡ଼ି | ୦.୩୮୦ | ୦.୦୮୦ | |
| ୧୫ | ୬୧ | ୮୯/୪୪୧ (ସ୍ଥ) | ଗୋଡ଼ା ଦୁଇ | ୪.୨୩୦ | ୦.୪୮୦ | ଶ୍ରୀବତ୍ସ ପଣ୍ଡା, ପଙ୍କଜ ପଣ୍ଡା, ପି.: ସୁଦର୍ଶନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୧୧୭ (ସ୍ଥ) | ଗୋଡ଼ା ଏକ | ୩.୯୩୦ | ୦.୪୨୦ | |
| | | ୧୧୯ (ସ୍ଥ) | ଗୋଡ଼ା ଦୁଇ | ୩.୨୫୦ | ୦.୨୮୦ | |
| | | ୩୫୭ (ସ୍ଥ) | ମାଳ ସାଧାରଣ/୧୩ | ୧.୪୭୦ | ୦.୨୨୦ | |
| | | ୩୫୯ (ସ୍ଥ) | ଗୋଡ଼ା ଏକ | ୦.୮୮୦ | ୦.୨୪୦ | |
| ୧୬ | ୬୫/୫୧ | ୧୦୪/୪୫୬ (ସ୍ଥ) | ଗୋଡ଼ା ଦୁଇ | ୫.୬୦୦ | ୧.୨୬୦ | M/s. ଅଗ୍ରୱାଲ ଷ୍ଟିପସ୍ ପ୍ରା. ଲି., ପରିଚାଳନା ନିର୍ଦ୍ଦେଶକ, ବା: ପ୍ଲଟ ନଂ.– Y-1, ପ୍ରଥମ ମହଲା, ସିଭିଲ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜି.: ସୁନ୍ଦରଗଡ଼ |
| ୧୭ | ୬୫/୫୭ | ୩୫୮/୬୧୮ | ବେର୍ଣ୍ଣା ସାଧାରଣ | ୦.୧୫୦ | ୦.୧୫୦ | ଜାଠିଆ ମୁଣ୍ଡା, ପି.: ଲଦର ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | ୩୫୯/୬୧୯ | ଗୋଡ଼ା ଏକ | ୦.୧୮୦ | ୦.୧୮୦ | |
| | | | ମୋଟ | ୧୦୩.୫୩୦ | ୧୬.୦୫୦ | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0006/2223



## ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: 335/WE ତାରିଖ: 26.04.2021 ଜିଲ୍ଲା: ଦେବଗଡ଼

XXXII-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (ଆରଏଫ୍‌ସିଟିଏଲ୍‌ଏଆର୍&ଆର Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ଥାନା ନଂ.- ୧୨୧, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ ନିମ୍ନ ସୂଚିତ – ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେବଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ, ପ୍ରକଳ୍ପ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୁଳ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୬୫୪ ତା୧୭।୦୭।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ଥାନା ନଂ.- ୧୨୧, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.deogarh.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଜୋନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଦେବଗଡ଼, ତହସିଲ: ବାରକୋଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଦେଇବଡ଼କୁଦର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ହୋଇଅଛି | | | | ଏ.୧୦.୬୧୦ | ଏଥି ସହିତ ସଂଲଗ୍ନ ହୋଇଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ:..............................

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.)
ଜିଲ୍ଲାପାଳ, ଦେବଗଡ଼

### ସମ୍ପୂର୍ଣ୍ଣ ଜମି ବିବରଣୀ
### ମୌଜା: ବିଦେଇବଡ଼କୁଦର, ଥାନା: ବାରକୋଟ, ତହସିଲ: ବାରକୋଟ, ଥାନା ନଂ.- ୧୨୧, ଜିଲ୍ଲା: ଦେବଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨ | ୨୧୮ ସ୍ଥ | ମାଳ ସାଧାରଣ/୫୬ | ୨.୧୪୦ | ୧.୬୮୦ | କଡ଼ି ପାଣ, ପି.: ବିମ୍ବା ପାଣ, ହାଡ଼ିବନ୍ଧୁ ପାଣ, ପି.: ମଙ୍ଗଲୁ ପାଣ, ଜା: ପାଣ, ବା: କଲା |
| ୨ | ୪ | ୩୧୭ | ମାଳ ସାଧାରଣ/୬ | ୦.୨୪୦ | ୦.୨୪୦ | କହ୍ନେଇ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା:ନିଜଗାଁ |
| | | ୩୨୦/୭୮୧ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୩୨୮ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୪୧୨/୭୯୮ | ବାହାଲ ସାଧାରଣ | ୦.୦୯୦ | ୦.୦୯୦ | |
| ୩ | ୫ | ୫୯୭/୮୮୧ | ଗୋଡ଼ା ଦୁଇ | ୦.୦୯୦ | ୦.୦୯୦ | କାଳି ଚରଣ ପ୍ରଧାନ, ପି.: ଘାସି ପ୍ରଧାନ, ଜା: ଚଷା, ବା: କଲା |
| | | ୬୦୨ ସ୍ଥ | ଗୋଡ଼ା ଦୁଇ | ୦.୫୪୦ | ୦.୦୬୦ | |
| ୪ | ୬ | ୩୦୮ ସ୍ଥ | ମାଳ ସାଧାରଣ/୬ | ୦.୩୧୦ | ୦.୦୧୦ | କାଶି କିସାନ, କଷ୍ଟ କିସାନ, ବିଷ କିସାନ, ପି.: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| ୫ | ୧୦ | ୩୧୦ ସ୍ଥ | ମାଳ ସାଧାରଣ/୮ | ୦.୩୯୦ | ୦.୧୪୦ | ଘାସିରାମ ପାଣ, କୁଳମଣି ପାଣ, ପି.: କେଶବ ପାଣ, ଦୁଖି ବେବା, ସ୍ୱା.: କେଶବ ପାଣ, ଜା: ପାଣ, ବା: ନିଜଗାଁ |
| | | ୪୧୩ | ବାହାଲ ସାଧାରଣ | ୦.୩୭୦ | ୦.୩୭୦ | |
| | | ୬୯୫ ସ୍ଥ | ଗୋଡ଼ା ଦୁଇ | ୧.୦୮୦ | ୦.୫୧୦ | |
| | | ୬୯୭/୮୯୭ ସ୍ଥ | ଗୋଡ଼ା ଦୁଇ | ୦.୦୬୦ | ୦.୦୨୦ | |
| | | ୬୯୮ | ଘରବାରି | ୦.୦୬୦ | ୦.୦୬୦ | |
| | | ୭୦୦/୮୯୮ | ଗୋଡ଼ା ଦୁଇ | ୦.୦୬୦ | ୦.୦୬୦ | |
| | | ୭୦୨ ସ୍ଥ | ଗୋଡ଼ା ଦୁଇ | ୦.୧୪୦ | ୦.୦୨୦ | |
| ୬ | ୧୧ | ୩୨୦ | ମାଳ ସାଧାରଣ | ୦.୦୫୦ | ୦.୦୫୦ | ଗାଧୁ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୩୦ ସ୍ଥ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୪୧୨/୭୯୯ | ବାହାଲ ସାଧାରଣ | ୦.୦୬୦ | ୦.୦୬୦ | |
| ୭ | ୧୩ | ୪୬୧/୮୩୧ ସ୍ଥ | ଗୋଡ଼ା ଦୁଇ | ୦.୦୯୦ | ୦.୦୨୦ | ଗୁରୁ ଚରଣ ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | ୫୦୧ ସ୍ଥ | ମାଳ ସାଧାରଣ | ୦.୫୭୦ | ୦.୦୧୦ | |
| | | ୬୯୪ ସ୍ଥ | ଗୋଡ଼ା ଦୁଇ | ୦.୧୬୦ | ୦.୦୨୦ | |
| ୮ | ୧୪ | ୩୨୧ | ମାଳ ସାଧାରଣ | ୦.୦୬୦ | ୦.୦୬୦ | ଗୋବିନ୍ଦ କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୨ | ମାଳ ସାଧାରଣ | ୦.୦୭୦ | ୦.୦୭୦ | |
| | | ୪୧୨/୭୯୭ | ବାହାଲ ସାଧାରଣ | ୦.୦୭୦ | ୦.୦୭୦ | |
| ୯ | ୧୫ | ୬୧୨ ସ୍ଥ | ଗୋଡ଼ା ଦୁଇ | ୦.୩୮୦ | ୦.୧୪୦ | ଚନ୍ଦ୍ର କିସାନ, ପି.: ତିଳ କିସାନ, ଜା: କିସାନ, ବା: ନିଜଗାଁ |
| ୧୦ | ୭୦/୮୧ | ୬୧୨/୧୦୧୧ | ଗୋଡ଼ା ଦୁଇ | ୦.୧୪୦ | ୦.୧୪୦ | ପରମାନନ୍ଦ କିସାନ, ପି.: ହରି କିସାନ, ଜା: କିସାନ, ବା: ନିଜଗାଁ |
| ୧୧ | ୧୬ | ୩୦୯ ସ୍ଥ | ମାଳ ସାଧାରଣ/୫ | ୦.୨୯୦ | ୦.୦୨୦ | ଚୁଳି କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୪୧୨/୭୯୬ ସ୍ଥ | ବାହାଲ ସାଧାରଣ | ୦.୦୭୦ | ୦.୦୪୦ | |
| ୧୨ | ୨୧ | ୫୯୭ | ଘରବାରି | ୦.୧୯୦ | ୦.୧୪୦ | ଜମୁନା କମାର, ସ୍ୱା.: ଚୈତନ୍ୟ କମାର, ଜା: କମାର, ବା: ନିଜଗାଁ |
| | | ୫୯୮ | ଘରବାରି | ୦.୦୩୦ | ୦.୦୩୦ | |
| ୧୩ | ୨୨ | ୩୧୧ ସ୍ଥ | ମାଳ ସାଧାରଣ | ୦.୧୨୦ | ୦.୦୪୦ | ଛୁରା କିସାନ, ପି.: ରାମ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୧୬ ସ୍ଥ | ମାଳ ସାଧାରଣ/୧୨ | ୦.୬୨୦ | ୦.୫୨୦ | |
| | | ୩୧୯ | ମାଳ ସାଧାରଣ/୬ | ୦.୩୧୦ | ୦.୩୧୦ | |
| | | ୩୨୦/୭୮୦ | ମାଳ ସାଧାରଣ | ୦.୧୦୦ | ୦.୧୦୦ | |
| | | ୩୨୩ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୪୧୯ ସ୍ଥ | ବାହାଲ ସାଧାରଣ/୨ | ୨.୦୫୦ | ୦.୧୦୦ | |
| ୧୪ | ୨୫ | ୨୯୨ ସ୍ଥ | ବାହାଲ ସାଧାରଣ | ୩.୫୮୦ | ୦.୦୨୦ | ଡିଲେଶ୍ୱର ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୁରିଆ, ବା: ନିଜଗାଁ |
| | | ୬୦୦ ସ୍ଥ | ଘରବାରି | ୦.୧୩୦ | ୦.୦୨୦ | |
| | | ୬୦୪ ସ୍ଥ | ଗୋଡ଼ା ଦୁଇ | ୦.୩୬୦ | ୦.୦୭୦ | |
| | | ୬୦୫ ସ୍ଥ | ଗୋଡ଼ା ଦୁଇ | ୦.୬୨୦ | ୦.୩୨୦ | |
| | | ୬୦୭ ସ୍ଥ | ଘରବାରି | ୦.୧୦୦ | ୦.୦୪୦ | |
| ୧୫ | ୨୭ | ୨୯୨/୭୭୩ ସ୍ଥ | ବାହାଲ ସାଧାରଣ | ୧.୧୬୦ | ୦.୦୯୦ | ତାରା ଚାନ୍ଦ ପଧାନ, ପି.: ବଟକୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | ୪୬୧/୮୩୦ ସ୍ଥ | ଗୋଡ଼ା ଦୁଇ | ୦.୪୨୦ | ୦.୩୮୦ | |
| | | ୪୬୩ ସ୍ଥ | ମାଳ ସାଧାରଣ/୧୬ | ୦.୪୫୦ | ୦.୩୯୦ | |
| | | ୬୦୪/୯୧୦ | ଗୋଡ଼ା ଦୁଇ | ୦.୧୮୦ | ୦.୧୮୦ | |
| ୧୬ | ୨୯ | ୩୩୪ | ମାଳ ସାଧାରଣ | ୦.୦୨୦ | ୦.୦୨୦ | ଦୁର୍ଲଭ କିସାନ, ରବି କିସାନ, ତିଳ କିସାନ, ପି.: ସାଇବ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୩୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୪୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୪୨ ସ୍ଥ | ମାଳ ସାଧାରଣ | ୦.୨୮୦ | ୦.୦୬୦ | |
| | | ୩୪୫ | ମାଳ ସାଧାରଣ/୫ | ୦.୧୧୦ | ୦.୧୧୦ | |
| ୧୭ | ୩୫ | ୩୧୮ | ମାଳ ସାଧାରଣ | ୦.୨୮୦ | ୦.୨୮୦ | ନାଗା କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୪ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୪୧୨ | ବାହାଲ ସାଧାରଣ | ୦.୦୭୦ | ୦.୦୭୦ | |
| ୧୮ | ୪୩ | ୪୧୧ ସ୍ଥ | ଆଡ଼ି | ୦.୦୬୦ | ୦.୦୨୦ | ବିମଳା ସାହୁ, ସ୍ୱା.: ବଂଶୀଧର ସାହୁ, ଜା: ଚଷା, ବା: ଭକ୍ତ ବଡ଼କୁଦର |
| ୧୯ | ୪୪ | ୩୧୩ | ମାଳ ସାଧାରଣ | ୦.୦୭୦ | ୦.୦୪୦ | ବୁଟୁ କିସାନ, ପି.: ଗଙ୍ଗା କିସାନ, ଜା: କିସାନ, ବା: ନିଜଗାଁ |
| | | ୩୧୫ | ମାଳ ସାଧାରଣ/୬ | ୦.୨୩୦ | ୦.୧୬୦ | |
| | | ୩୨୦/୭୭୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୩୨୭ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୪୧୨/୭୯୫ ସ୍ଥ | ବାହାଲ ସାଧାରଣ | ୦.୦୭୦ | ୦.୦୧୦ | |
| | | ୫୧୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୦ | ୪୬ | ୨୧୯ ସ୍ଥ | ମାଳ ସାଧାରଣ/୧୦୦ | ୩.୩୨୦ | ୦.୮୭୦ | ବେଲ ପାଣ, ସ୍ୱା.: ଦୟାନିଧି ପାଣ, କ୍ଷୀରୋଦ ପାଣ, ଗିରିଧାରୀ ପାଣ, ପି.: ଦୟାନିଧି ପାଣ, ଜା: ପାଣ, ବା: କଲା |
| ୨୧ | ୪୮ | ୬୧୩ ସ୍ଥ | ଗୋଡ଼ା ଦୁଇ | ୦.୭୨୦ | ୦.୧୦୦ | ଭଗବାନ କିସାନ, କୁମୁଦ କିସାନ, ପି.: କାଶି କିସାନ, କଷ୍ଟ କିସାନ, ବିଷ କିସାନ, ପି.: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| ୨୨ | ୫୦ | ୬୯୬ ସ୍ଥ | ଗୋଡ଼ା ଦୁଇ | ୦.୩୨୦ | ୦.୧୮୦ | ଭିକ ନାଏକ, ଯୋଗୀ ନାଏକ, ଭୁବନ ନାଏକ, ପି.: ଅନାମୁ ନାଏକ, ଜା: ପାଣ, ବା: ନିଜଗାଁ |
| ୨୩ | ୫୫ | ୩୪୩ ସ୍ଥ | ମାଳ ସାଧାରଣ/୮ | ୦.୧୯୦ | ୦.୦୧୦ | ରଥି କିସାନ, ପି.: କୁଶ କିସାନ, ଜା: କିସାନ, ବା: ନିଜଗାଁ |
| | | ୩୪୪ ସ୍ଥ | ମାଳ ସାଧାରଣ/୪ | ୦.୨୨୦ | ୦.୦୬୦ | |
| ୨୪ | ୫୬ | ୨୧୬ ସ୍ଥ | ମାଳ ସାଧାରଣ/୯ | ୦.୨୯୦ | ୦.୨୧୦ | ରବି ପାଣ, କଷ୍ଟୁ ପାଣ, ପି.: ବାଞ୍ଛା ପାଣ, ଡମଣୀ ପାଣ, ସ୍ୱା.: ବାଞ୍ଛା ପାଣ, ହୃଦା ପାଣ, ପି.: ବକୁଳି ପାଣ, ହିମା ପାଣ, ଜୟନ୍ତି ପାଣ, ଚମ୍ପା ପାଣ, ପି.: ଗୋବର୍ଦ୍ଧନ ପାଣ, ନଳିନୀ ପାଣ, ସ୍ୱା.: ଗୋବର୍ଦ୍ଧନ ପାଣ, ଜା: ପାଣ, ବା: କଲା |
| | | ୨୧୭ | ମାଳ ସାଧାରଣ/୧୦ | ୦.୩୨୦ | ୦.୩୨୦ | |
| ୨୫ | ୫୭ | ୩୧୪ ସ୍ଥ | ମାଳ ସାଧାରଣ/୪ | ୦.୨୯୦ | ୦.୨୪୦ | ରାମ କିସାନ, ପି.: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | ୩୨୫ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୩୨୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୩୨୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୬ | ୬୦ | ୪୧୭ ସ୍ଥ | ଆଡ଼ି | ୦.୦୯୦ | ୦.୦୫୦ | ରାମ କିସାନ, ଚୁଳି କିସାନ, ନାଗା କିସାନ, ଗୋବିନ୍ଦ କିସାନ, ପି.: ଘାସି କିସାନ, ବୁଟୁ କିସାନ, ପି.: ଗଙ୍ଗା କିସାନ, କହ୍ନେଇ କିସାନ, ଗାଧୁ କିସାନ, ପି.: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| ୨୭ | ୭୦/୧୧ | ୬୦୬ | ଗୋଡ଼ା ଦୁଇ | ୦.୧୫୦ | ୦.୧୫୦ | ଅର୍ଜୁନ ମୋହନ କିସାନ, ଦିର୍ଯ୍ୟ କିସାନ, ଅନାଦି କିସାନ, ସପନ କିସାନ, ପି.: ଇନ୍ଦ୍ର କିସାନ, ଜା: କିସାନ, ବା: ନିଜଗାଁ |
| ୨୮ | ୭୦/୧୩ | ୩୪୬ ସ୍ଥ | ମାଳ ସାଧାରଣ | ୦.୪୦୦ | ୦.୨୨୦ | ନିରଞ୍ଜନ ମାହାନ୍ତ, ପି.: ଶତ୍ରୁଘନ ମାହାନ୍ତ, ଜା: ମାହାନ୍ତ, ବା: ଖଡ଼ିନାଳି |
| | | ୩୪୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୨୯ | ୭୦/୬୭ | ୫୯୫ ସ୍ଥ | ଗୋଡ଼ା ଦୁଇ | ୦.୬୨୦ | ୦.୧୦୦ | ତେଜରାଜ ପ୍ରଧାନ, ପି.: ଡିଲେଶ୍ୱର ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| ୩୦ | ୭୦/୨୨ | ୫୯୪/୯୫୫ ସ୍ଥ | ଗୋଡ଼ା ଦୁଇ | ୦.୩୦୦ | ୦.୦୨୦ | ରାମଜି ପଟେଲ, ପି.: ଦେବାସି ପଟେଲ, ଜା: ପଟେଲ, ବା: ନିଜଗାଁ |
| ୩୧ | ୭୦/୮୫ | ୫୯୯ ସ୍ଥ | ଘରବାରି | ୦.୧୩୦ | ୦.୦୪୦ | ସସ୍ମିତା ପ୍ରଧାନ, ସ୍ୱା.: ତେଜରାଜ ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| | | | ମୋଟ | ୨୭.୧୯୦ | ୧୦.୬୧୦ | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0010/2223

## ଶେୟାର ବଜାରରେ ଅସ୍ଥିରତା ଜାରି

**ନୂଆଦିଲ୍ଲୀ:** ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ଉପର ତଳ (ଲାଭ -କ୍ଷତି) ହୋଇ ଶେଷ ହେଉଛି। ବିଶେଷକରି ଚଳିତ ସପ୍ତାହର ସମସ୍ତ କାର୍ଯ୍ୟଦିବସ ଏକ ଅସ୍ଥିରତା କାରବାର ମଧ୍ୟରେ ବନ୍ଦ ହୋଇଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ମଧ୍ୟ ଭିନ୍ନ ରହିଛି। ଗୋଟିଏ ପଟରେ ବିଏସ୍‌ଇ ସେନ୍‌ସେକ୍ସ କିଛି ମାତ୍ରରେ ଲାଭ କରିଥିବା ବେଳେ ଏନ୍‌ଏସ୍‌ଇର ନିଫ୍ଟି କାରବାର କ୍ଷତି ହୋଇଥିବା ଜଣାପଡିଛି। ଫଳରେ ଶୁକ୍ରବାର ସେନ୍‌ସେକ୍ସ ୩୭ (୩୬.୭୩) ପଏଣ୍ଟ ବୃଦ୍ଧି ପାଇ ୫୮,୮୦୩.୩୩ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୩ (୩.୩୫) ପଏଣ୍ଟ ହ୍ରାସ ଘଟି ୧୭,୫୩୯.୪୫ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

### ସଂକ୍ଷେପରେ

## ଲକ୍ଷ୍ମଣ ନରସିଂହନ ଷ୍ଟାର୍‌ବକ୍ସର ସିଇଓ ନିଯୁକ୍ତ



**ନୂଆଦିଲ୍ଲୀ,୨।୯:** ବହୁରାଷ୍ଟ୍ରୀୟ କଫି କମ୍ପାନୀ ଷ୍ଟାର୍‌ବକ୍ସର ନୂତନ ସିଇଓ ଭାବେ ଲକ୍ଷ୍ମଣ ନରସିଂହନଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ୧ରୁ ଲକ୍ଷ୍ମଣ ଉକ୍ତ କମ୍ପାନୀରେ ଯୋଗଦେଲେ ବି ୨୦୨୩ ଏପ୍ରିଲରେ ସେ କମ୍ପାନୀର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଷ୍ଟାର୍‌ବକ୍ସ ପକ୍ଷରୁ କୁହାଯାଇଛି। ଏପରିକି ସେ ପର୍ଯ୍ୟନ୍ତ ସେ ଅସ୍ଥାୟୀ ସିଇଓ ହାୱାର୍ଡ ସଲ୍‌ଟଙ୍କ ଅଧୀନରେ କାର୍ଯ୍ୟ କରିବେ। କମ୍ପାନୀର ସମସ୍ତ କାର୍ଯ୍ୟକଳାପ ଓ ଲୋକ ସମ୍ପର୍କ ସହ ବ୍ୟବସାୟିକ ଢାଞ୍ଚା ବିଷୟରେ ଅବଗତ ହୋଇଗଲା ପରେ ଲକ୍ଷ୍ମଣ ନେତୃତ୍ୱ ନେବେ ବୋଲି କମ୍ପାନୀ ମତପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ନରସିଂହନ୍ 'ଡ୍ୟୁରେକ୍ସ କଣ୍ଡୋମ୍, 'ଏନ୍‌ଫ୍ୟାମିଲି ବେବି ଫର୍ମୁଲା' ଏବଂ 'ମ୍ୟୁସିନେକ୍ସ କୋଲ୍ଡ ସିରପ୍' ନିର୍ମାତା 'ରେକିଟ୍'ର ସିଇଓ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏହାଛଡା ସେ ଗ୍ଲୋବାଲ ଚିଫ୍ କମର୍ସିଆଲ୍ ଅଫିସର ଭାବେ ମଧ 'ପେପ୍ସିକୋ'ରେ କାର୍ଯ୍ୟ କରିଥିଲେ। ପୁଣେ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ଲକ୍ଷ୍ମଣ ଜର୍ମାନୀରୁ ସ୍ନାତକୋତ୍ତର ଏବଂ ୟୁନିଭର୍ସିଟି ଅଫ୍ ପେନିସଲ୍‌ଭାନିଆର 'ଲଡର ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆନ୍ତର୍ଜାତିକ ଅଧ୍ୟୟନ ଶେଷ କରିଛନ୍ତି। ଏହାଛଡ଼ା ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆର ୱାର୍ଥନ୍ ସ୍କୁଲରୁ ସେ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନରେ ମଧ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

## ଖାଇବାତେଲ ଆମଦାନୀ ଶୁଳ୍କ ୬ ମାସ ବଢ଼ିଲା

**ନୂଆଦିଲ୍ଲୀ,୨।୯:** ବିଦେଶରୁ ଆମଦାନୀ ହେଉଥିବା ଖାଇବାତେଲ ଉପରେ ଲାଗୁ ହେଉଥିବା କଷ୍ଟମ ଡ୍ୟୁଟି, କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍‌ର ରିହାତି ଅବଧି ଆଉ ୬ ମାସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବର୍ତ୍ତମାନ ଖାଇବାତେଲ ଆମଦାନୀ ଉପରେ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଛାଡ଼ ସୁବିଧା ମିଳିବ। ୨୦୨୧ ଅକ୍ଟୋବରରେ ସରକାର ପ୍ରଥମ ଥର ପାଇଁ ଅଶୋଧିତ ସୋୟାବିନ, ସନ୍‌ଫ୍ଲାୱାର ଓ ପାମ୍ ଅଏଲ ଆମଦାନୀ ଉପରେ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ କଷ୍ଟମ ଡ୍ୟୁଟି ଓ କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍ ଛାଡ଼ ଘୋଷଣା କରିଥିଲେ। ମାର୍ଚ୍ଚରେ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସମ୍ପ୍ରସାରଣ କରାଯାଇଥିବା ବେଳେ ସରକାର ଆଉ ୬ ମାସ ବଢ଼ାଇ ଦେଇଛନ୍ତି। ସେହିଭଳି ଗତ ଫେବୃୟାରୀରେ ସରକାର ମସୁର ଆମଦାନୀ ଉପରେ କୃଷି ଇନ୍‌ଫ୍ରା ଓ ଡେଭଲପମେଣ୍ଟ ସେସ୍ ରିହାତି ଘୋଷଣା କରିଥିଲେ।

## ଡିଜିଟାଲ ଋଣ ଉପରେ ଆର୍‌ବିଆଇର ଗାଇଡ୍‌ଲାଇନ

**ନୂଆଦିଲ୍ଲୀ,୨।୯:** ଦିନକୁ ଦିନ ଡିଜିଟାଲ ଋଣ ଠକେଇକୁ ନେଇ ଉଭୟ ସରକାର ଓ ସାଧାରଣ ନାଗରିକ ଚିନ୍ତାରେ ପଡ଼ିଛନ୍ତି। ଏପରିକି ଅନ୍‌ଲାଇନରେ ପ୍ରତିଦିନ ଲୋଭନୀୟ ଅଫର ଛାଡ଼ି ସୋସିଆଲ ମିଡିଆର ଗ୍ରାହକଙ୍କୁ ସବୁ ବର୍ଗର ସଂସ୍ଥା ଶୋଷଣ କରୁଛନ୍ତି। ଏପରିକି ଫାଇନାସିଆଲ ଟେକ୍ନୋଲଜି କମ୍ପାନିଗୁଡିକ ପକ୍ଷରୁ ଋଣ ଦେବା ନାଁରେ କରାଯାଉଥିବା ଶୋଷଣ ଉପରେ ଲଗାମ ଲଗାଇବାକୁ ପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ମଧ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଡିଜିଟାଲ ଲେଣ୍ଡିଂକୁ ନେଇ ଚୂଡ଼ାନ୍ତ ଗାଇଡ ଲାଇନ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନ ଅନୁସାରେ ଡିଜିଟାଲ ଲେଣ୍ଡି ପ୍ଲାଟ୍‌ଫର୍ମ ଗୁଡିକ ସିଧା ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଋଣ ଟଙ୍କା ପଠାଇବେ। ଏଥିପାଇଁ ସେମାନେ ତୃତୀୟ ପକ୍ଷର ବ୍ୟବହାର କରିବେ ନାହିଁ, ଯଦି ଲେଣ୍ଡି ସର୍ଭିସ ପ୍ରୋଭାଇଡ ପକ୍ଷରୁ କୌଣସି ପ୍ରକାର ଭୁଲ୍ ହୁଏ ତେବେ ଋଣ ଦେଇଥିବା ରେଗୁଲେଟେଡ୍ ଏନ୍‌ବିଏଫ୍‌ସି କମ୍ପାନୀ ଦାୟୀ ରହିବେ ବୋଲି କୁହାଯାଇଛି। ଗାଇଡ୍‌ଲାଇନ ଅନୁସାରେ ବର୍ଷିକ ପ୍ରତିଶତ ହାର(ଏପିଆର)ରେ ସମସ୍ତ ପ୍ରକାର କଷ୍ଟ ଅଫ ଫଣ୍ଡ, କ୍ରେଡିଟ୍ କଷ୍ଟ, ପରିଚାଳନା କଷ୍ଟ, ପ୍ରୋସେସିଂ ଫି, ଭେରିଫିକେସନ ଚାର୍ଜ, ମେଣ୍ଟନାନ୍ସ ଚାର୍ଜ ଆଦି ସାମିଲ ରହିବ। ଋଣ ଜାରି ରଖିବା ପାଇଁ ଗ୍ରାହକଙ୍କୁ କୁଲିଂ ଅଫ୍ ପିରିୟଡର ଅବଧି ଦେବାକୁ ପଡିବ, ଯାହାଦ୍ୱାରା ଗ୍ରାହକ ଋଣରୁ ବାହାରିପାରିବେ। ଫଳରେ ଗ୍ରାହକଙ୍କ ବିନା ମଞ୍ଜୁରୀରେ କୌଣସି ପ୍ରକାର ଡାଟା ଶେୟାର କରିପାରିବେ ନାହିଁ। ଏହାଛଡା ଋଣ ସହ ଜଡିତ ଗ୍ରାହକଙ୍କ ଅସୁବିଧା ଦୂର କରିବା ପାଇଁ ଋଣ ପ୍ରଦାନକାରୀ କମ୍ପାନୀ ଅଭିଯୋଗ ଶୁଣାଣି ପାଇଁ ଅଧିକାରୀଙ୍କୁ ନିଯୁକ୍ତି ଦେବେ।

# ୧ମ ତ୍ରୈମାସରେ ୩.୭ କୋଟି ଅଳଙ୍କାର ହଲ୍‌ମାର୍କ ଚିହ୍ନିତ

**ନୂଆଦିଲ୍ଲୀ,୨।୯**

ଦେଶର ସୁନା ବ୍ୟବସାୟ ଓ ଗ୍ରାହକ ଠକେଇ ଘଟଣାକୁ ଗୁରୁତ୍ୱ ସହ ନେଇ ସରକାର ୨୦୨୧ ଜୁନ୍ ୧୬ରେ ସୁନା କାରବାରରେ ହଲ୍‌ମାର୍କିଂକୁ ବାଧ୍ୟତାମୂଳକ କରାଯାଇଥିଲା। ଏପରିକି ସରକାରଙ୍କ ନିର୍ଦ୍ଦେଶନାମାକୁ କେନ୍ଦ୍ରୀୟ ସଂସ୍ଥା ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ପକ୍ଷରୁ ସୁନା ଅଳଙ୍କାରଗୁଡ଼ିକରେ ହଲ୍‌ମାର୍କର ବାଧ୍ୟତାମୂଳକ ସହ ବିନା ହଲ୍‌ମାର୍କରେ କାରବାର କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ପର୍କରେ ଘୋଷଣା କରିଥିଲେ। ଫଳରେ ସୁନା କାରବାର ଓ ଠକେଇର ମାତ୍ରା ପୂର୍ବାପେକ୍ଷା କମିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ୧ମ (ଏପ୍ରିଲ-ଜୁନ୍) ତ୍ରୈମାସିକରେ ପ୍ରାୟ ୩.୭ କୋଟି ଅଳଙ୍କାର ସାମଗ୍ରୀରେ ହଲ୍‌ମାର୍କ ଚିହ୍ନିତ କରାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ୮.୬୮ କୋଟି ଅଳଙ୍କାର ସାମଗ୍ରୀ ଗୁଡ଼ିକରେ ହଲ୍‌ମାର୍କ ଚିହ୍ନ ଦିଆଯାଇଥିଲା। ଗତ ବର୍ଷ ଜୁଲାଇ ୧ରେ ହଲ୍‌ମାର୍କ ସ୍ୱତନ୍ତ୍ର ଚିହ୍ନଟ (ଏଚ୍‌ୟୁଆଇଡି) ଆଧାରିତ ହଲ୍‌ମାର୍କ ପୋର୍ଟାଲର ମଧ ଶୁଭାରମ୍ଭ କରାଯାଇଥିଲା। ଏଥିରେ ଆସେସିଂ ଓ ହଲ୍‌ମାର୍କିଂ କେନ୍ଦ୍ର (ଏଏଚ୍‌ସି)ର ସବୁ କାର୍ଯ୍ୟକୁ ସ୍ୱୟଂଚାଳିତ ଏବଂ ଅନ୍‌ଲାଇନ୍ କରାଯାଇଛି। ଫଳରେ ମାନ୍ୟତାପ୍ରାପ୍ତ ଏଏଚ୍‌ସିଗୁଡ଼ିକର ସଂଖ୍ୟା ୧,୨୨୦କୁ ବୃଦ୍ଧି ପାଇଛି। ପ୍ରଥମ ପର୍ଯ୍ୟାୟରେ ସୁନା ସାମଗ୍ରୀଗୁଡ଼ିକର ୩ଟି ମାନକୁ ଯଥା ୧୪କ୍ୟାରେଟ୍ (୫୮୫ ଶୁଦ୍ଧତା), ୧୮ କ୍ୟାରେଟ୍ (୭୫୦ ଶୁଦ୍ଧତା) ଏବଂ ୨୨ କ୍ୟାରେଟ୍ (୯୧୬ ଶୁଦ୍ଧତା)କୁ ବାଧ୍ୟତାମୂଳକ ହଲ୍‌ମାର୍କ ପ୍ରଦାନ ଆଦେଶନାମା ଅଧୀନରେ ପରିସରଭୁକ୍ତ କରାଯାଇଥିଲା। ଉକ୍ତ ପର୍ଯ୍ୟାୟରେ ଆଦେଶନାମାକୁ ନିହାତି କ୍ରମରେ ଗୋଟିଏ ପରୀକ୍ଷଣ ଏବଂ ହଲ୍‌ମାର୍କ ପ୍ରଦାନକାରୀ କେନ୍ଦ୍ର ଥିବା ୨୫୬ ଜିଲାରେ କାର୍ଯ୍ୟକାରୀ କରାଯାଇଥିଲା। ସେହିପରି ୨୦୨୨ ଏପ୍ରିଲ ୪ରୁ ବାଧ୍ୟତାମୂଳକ ହଲ୍‌ମାର୍କର ୨ୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯାଇଥିଲା। ସେଥିରେ ୨୦କ୍ୟାରେଟ (୮୩୩ ଶୁଦ୍ଧତା), ୨୩ କ୍ୟାରେଟ (୯୫୮ ଶୁଦ୍ଧତା) ଏବଂ ୨୪ କ୍ୟାରେଟ (୯୯୫ ଶୁଦ୍ଧତା)କୁ ପରିସରଭୁକ୍ତ କରାଯାଇଥିଲା।

## ହ୍ରାସ ପାଉଛି ସୁନା ଅଳଙ୍କାର ମୂଲ୍ୟ



ଗତ କିଛିଦିନ ହେବ ସୁନା ଦର ପୂର୍ବାପେକ୍ଷା ହ୍ରାସ ପାଉଛି। ଫଳରେ ଗ୍ରାହକ ମଧ ନିଜ ଆବଶ୍ୟକ ମୁତାବକ ସୁନା ଅଳଙ୍କାର କ୍ରୟ କରୁଥିବା ଦେଖାଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ଋତୁକୁ ନଜରରେ ରଖି ସୁନା ବ୍ୟବସାୟୀମାନେ ନୂଆ ନୂଆ ଅଳଙ୍କାର ଡିଜାଇନ ସମ୍ଭାରର ବଜାର ପ୍ରବେଶ କରାଉଛନ୍ତି। ଇଣ୍ଡିଆନ ବୁଲିଆନ ଆଣ୍ଡ ଜୁଏଲର୍ସ ଆସୋସିଏଶନ (ଆଇବିଜେଏ)ର କହିବା ଅନୁସାରେ ନୂଆଦିଲ୍ଲୀରେ ଶୁକ୍ରବାର ସୁନା,ରୁପାର ମୂଲ୍ୟରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ସେହିଭଳି ଗୁରୁବାର ସୁନା କାରବାର ବନ୍ଦ ମୂଲ୍ୟ ତୁଳନାରେ ଶୁକ୍ରବାର ସୁନା ୩୦୦ ଟଙ୍କା ଏବଂ ରୁପା ୯୦୦ ଟଙ୍କା ଶସ୍ତାରେ ବିକ୍ରି ହୋଇଛି। ଫଳରେ ୯୯୯ ବର୍ଗ ୧୦ଗ୍ରାମର ସୁନା ମୂଲ୍ୟ ୫୦,୪୭୦ ଟଙ୍କାରେ ରହିଛି। ସେହିପରି ରୁପା କେଜି ପିଛା ୫୨,୬୨୦ ଟଙ୍କାରେ କାରବାର ହୋଇଥିଲା। ଏହାଛଡା ୨୩ କ୍ୟାରେଟ୍ ସୁନାର ମୂଲ୍ୟ ୪୯,୯୯୯ ଟଙ୍କା ରହିଥିଲା ବେଳେ ୨୨ କ୍ୟାରେଟ୍ ୪୬,୧୬୭ ଟଙ୍କା, ୧୮ କ୍ୟାରେଟ୍ ୩୭,୮୦୧ ଟଙ୍କା, ୧୪ କ୍ୟାରେଟ ସୁନାର ମୂଲ୍ୟ ୨୯,୪୮୫ ଟଙ୍କା ପ୍ରତି ୧୦ ଗ୍ରାମ ରହିଛି। ଅପରପକ୍ଷରେ ଭୁବନେଶ୍ୱରରେ ମଧ ୨୪ କ୍ୟାରେଟ ସୁନାର ମୂଲ୍ୟ ୫୦,୬୧୮ ଟଙ୍କା ଥିବା ବେଳେ ୨୨ କ୍ୟାରେଟର ମୂଲ୍ୟ ୪୬,୪୦୦ ଟଙ୍କା ରହିଛି।

# ଅଗଷ୍ଟରେ ୪,୬୨,୫୨୩ ୟୁନିଟ୍ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୨।୯**

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଅଗଷ୍ଟ ମାସର ଗାଡ଼ି ବିକ୍ରି ସଂଖ୍ୟା ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଗ୍ରାହକମାନଙ୍କର ସକାରାତ୍ମକ ମନୋଭାବ ଓ ଡିଲର୍‌ଶିପ୍‌ରେ ପାର୍ବଣଋତୁର ଉତ୍ସାହ ଯୋଗୁ ଚଳିତ ବର୍ଷ ଅଗଷ୍ଟରେ କମ୍ପାନୀର ମୋଟ ଡେସ୍‌ପ୍ୟାଚ୍ ୭% ବୃଦ୍ଧି ପାଇ ୪,୬୨,୫୨୩ ୟୁନିଟ୍‌ରେ ପହଞ୍ଚିଛି। ସେଥିରେ ଦେଶ ଭିତରେ ୪,୨୩,୨୧୬ ଗାଡ଼ି ବିକ୍ରି ହୋଇଥିବା ବେଳେ କମ୍ପାନୀ ୩୯,୩୦୭ ଗାଡ଼ି ରପ୍ତାନି କରିଛି। ଏପରିକି ଗତ ବର୍ଷ ଅଗଷ୍ଟରେ କମ୍ପାନୀ ମୋଟ ୪,୩୧,୫୯୪ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା, ଯେଉଁଥିରୁ ଦେଶ ଭିତରେ ୪,୦୧,୪୮୦ ୟୁନିଟ୍ ବିକ୍ରି ହୋଇଥିବା ବେଳେ ୩୦,୧୧୪ଟି ରପ୍ତାନି ହୋଇଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାଟା କହିଛନ୍ତି, ପୂର୍ବ ମାସ ଓ ବର୍ଷକୁ ବର୍ଷ ଭିତିରେ ବଜାର ପ୍ରଦର୍ଶନରେ ଦ୍ରୁତ ଗତିଶୀଳତା ପରିଲକ୍ଷିତ ହୋଇଛି। ସବୁବର୍ଗରେ ଆକର୍ଷଣୀୟ ଉତ୍ପାଦ ବର୍ଗମାଳା ଓ ଉତ୍ସବ ଋତୁକୁ ସ୍ୱାଗତ କରିବା ସହ ଆମର ବିଶ୍ୱାସ ରହିଛି ଯେ ଆମର ସମସ୍ତ ଟଚ୍‌ପଏଣ୍ଟରେ ଉପଲବ୍ଧ ଥିବା ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ଜରିଆରେ ଏହି ଉତ୍ସବର ଉଲ୍ଲାସ ବହୁଗୁଣିତ ହେବ।

୨୦୨୨ ଅଗଷ୍ଟରେ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଉଭୟ ବିଗ୍‌ୱିଙ୍ଗ ଓ ରେଡ୍ ୱିଙ୍ଗ୍ ବର୍ଗରେ ୪ଉତ୍ପାଦ ଯଥା ସିବି୩୦୦ଏଫ୍, ଆକ୍ଟିଭା ପ୍ରିମିୟମ୍ ଏଡିସନ୍, ଡିଓ ସ୍ପୋର୍ଟସ୍ ଓ ସାଇନ୍ ସେଲିବ୍ରେସନ୍ ଏଡିସନ୍‌କୁ ଉନ୍ମୋଚନ କରାଯାଇଛି।

# ଏସ୍‌ଏସ୍‌ଜି ମହିଳାଙ୍କୁ ମହିନ୍ଦ୍ରା ଟ୍ରିଓ ପ୍ରଦାନ



**ଭୁବନେଶ୍ୱର,୨।୯**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ନୂଆପଡ଼ାଠାରେ ଏକ ସ୍ୱତନ୍ତ୍ର ମହିଳା ସମାବେଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି)ର ମହିଳାମାନଙ୍କୁ ମହିନ୍ଦ୍ରାର ଇଲେକ୍‌ଟ୍ରିକ ଭେଇକିଲ (ଇଭି) ଯାନ 'ମହିନ୍ଦ୍ରା ଟ୍ରିଓ'ପ୍ରଦାନ କରାଯାଇଥିଲା। ବିଶେଷକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସାଙ୍ଗକୁ ରୋଜଗାର ଯୋଗାଇଦେବା ଲକ୍ଷ୍ୟରେ ଏଭଳି ସହଯୋଗ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିନ୍ଦ୍ରାର ଇଭି ଯାନ 'ମହିନ୍ଦ୍ରା ଟ୍ରିଓ'ର ଚାବି ଏସ୍‌ଏସ୍‌ଜି ମହିଳାମାନଙ୍କୁ ମିଶନ ଶକ୍ତି ଜରିଆରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ମହିନ୍ଦ୍ରା ଓ ମିଶନ ଶକ୍ତିର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ୱିଣ୍ଡଫଲ୍ ଟ୍ୟାକ୍ସ ବଢ଼ାଇଲେ ସରକାର

**ନୂଆଦିଲ୍ଲୀ,୨।୯:** ଚଳିତ ବର୍ଷ ସେପ୍ଟେମ୍ବର ୧ରୁ କେନ୍ଦ୍ର ସରକାର ପୁଣି ଥରେ ୱିଣ୍ଡଫଲ୍ ପ୍ରଫିଟ୍ ଟ୍ୟାକ୍ସ ବଢ଼ାଇଛନ୍ତି। ଏହା ପରେ ତେଲ କମ୍ପାନୀଗୁଡିକ ବିଦେଶକୁ ଡିଜେଲ ରପ୍ତାନି ଉପରେ ଲିଟର ପିଛା ୧୩.୫୦ ଟଙ୍କା ଏବଂ ଏଟିଏଫ୍‌ର ରପ୍ତାନି ଉପରେ ୯ ଟଙ୍କା ପ୍ରତି ଲିଟର ଦେବାକୁ ପଡ଼ିବ। ଏହା ସହ ଦେଶରେ ଉତ୍ପାଦିତ ହେଉଥିବା ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ପ୍ରଫିଟ୍ ଟ୍ୟାକ୍ସ ୩୦୦ ଟଙ୍କା ବୃଦ୍ଧିକରି ୧୩,୩୦୦ ଟଙ୍କା କରି ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏକ ଅଧିସୂଚନା ଜାରି କରି ଚତୁର୍ଥ ସମୀକ୍ଷା ବୈଠକରେ ୱିଣ୍ଡଫଲ ପ୍ରଫିଟ ଟ୍ୟାକ୍ସ ବଢାଇବା ନେଇ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି। ଡିଜେଲ ରପ୍ତାନି ଉପରେ ୱିଣ୍ଡଫଲ୍ ପ୍ରଫିଟ ଟ୍ୟାକ୍ସକୁ ୭ ଟଙ୍କା ବଢ଼ାଇ ୧୩.୫୦ ଟଙ୍କା କରାଯାଇଛି। ସେହିପରି ଏଟିଏଫ୍ ଉପରେ ଟ୍ୟାକ୍ସକୁ ୨ ଟଙ୍କାରୁ ବଢ଼ାଇ ୯ ଟଙ୍କା କରାଯାଇଛି। ସେହିପରି ଘରୋଇ ଉତ୍ପାଦିତ ଅଶୋଧିତ ତୈଳ ଉପରେ ପ୍ରତି ଟନ୍ ପିଛା ଟ୍ୟାକ୍ସ ୧୩,୦୦୦ରୁ ବଢାଇ ୧୩,୩୦୦ ଟଙ୍କା କରାଯାଇଛି। ଚଳିତ ବର୍ଷ ଜୁଲାଇ ୧ରୁ ସରକାର ୱିଣ୍ଡଫଲ୍ ପ୍ରଫିଟ୍ ଟ୍ୟାକ୍ସ ଆରମ୍ଭ କରିଥିଲେ। ଆରମ୍ଭରେ ସରକାର ପେଟ୍ରୋଲ ଏବଂ ଏଟିଏଫ୍‌ର ରପ୍ତାନି ଉପରେ ୬ ଟଙ୍କା ପ୍ରତି ଲିଟର ଏବଂ ଡିଜେଲ ରପ୍ତାନି ଉପରେ ଲିଟର ପିଛା ୧୩ ଟଙ୍କା ୱିଣ୍ଡଫଲ୍ ପ୍ରଫିଟ ଟ୍ୟାକ୍ସ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ଘରୋଇ ଅଶୋଧିତ ତୈଳର ବିକ୍ରି ଉପରେ ଟନ୍ ପିଛା ୨୩,୨୫୦ ଟଙ୍କା ୱିଣ୍ଡଫଲ୍ ପ୍ରଫିଟ ଟ୍ୟାକ୍ସ ଲାଗୁ କରିଥିଲେ। କିନ୍ତୁ ଜୁଲାଇ ୨୦ରେ ସରକାର ଦ୍ୱିତୀୟ ଥର ସମୀକ୍ଷା ବୈଠକ ପରେ ପେଟ୍ରୋଲ ରପ୍ତାନି ଉପରେ ଲାଗୁ କରାଯାଇଥିବା ଟ୍ୟାକ୍ସକୁ ହଟାଯାଇଥିଲା। ଏହା ସହ ଡିଜେଲ ଏବଂ ଏଟିଏଫ୍ ରପ୍ତାନି ଉପରେ ଟ୍ୟାକ୍ସକୁ ୧୩ରୁ ହ୍ରାସକରି ୬ ଟଙ୍କା କରାଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତିର ସିଧା ପ୍ରଭାବ ଦେଶର ତୈଳ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଉପରେ ପଡିବ। ତେଲ ଉତ୍ପାଦନ କରୁଥିବା କମ୍ପାନୀ ଓଏନ୍‌ଜିସି, ପେଟ୍ରୋଲ ଡିଜେଲ ରପ୍ତାନି କରୁଥିବା କମ୍ପାନୀ ରିଏଲାନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ନାୟରା ଏନର୍ଜି ପରି କମ୍ପାନୀ ଉପରେ ଏହା ପ୍ରଭାବ ପଡ଼ିବ।

# ସେଲ୍‌ର ସ୍ୱତନ୍ତ୍ର ଷ୍ଟିଲ୍‌ରେ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମିତ

**ନୂଆଦିଲ୍ଲୀ,୨।୯**

ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦକ ତଥା ରାଷ୍ଟ୍ରାୟତ୍ତ ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେ୍ଲ)ର ସ୍ୱତନ୍ତ୍ର ଷ୍ଟିଲ୍‌ରେ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମିତ ହୋଇଛି ବୋଲି ସେଲ୍ ପକ୍ଷରୁ କୁହାଯାଇଛି। ଏପରିକି ଦେଶର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିମାନ ପରିବହନକାରୀ ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ଆବଶ୍ୟକ ସମସ୍ତ ଡିଏମ୍‌ଆର୍ ଗ୍ରେଡ୍ ସ୍ପେଶିଆଲିଟି ଷ୍ଟିଲ୍ ସେ୍ଲ ଯୋଗାଇ ଦେଇଛି। ଭାରତୀୟ ନୌସେନାର ଏହି ପ୍ରଥମ ସ୍ୱଦେଶୀ ବିମାନ ପରିବହନକାରୀ ଜାହାଜ ନିର୍ମାଣ ପାଇଁ କମ୍ପାନୀ ପ୍ରାୟ ୩୦,୦୦୦ ଟନ୍ ଡିଏମ୍‌ଆର୍ ଗ୍ରେଡ୍ ସ୍ପେଶିଆଲିଟି ଷ୍ଟିଲ୍ ଯୋଗାଇବା ସହ ଆତ୍ମନିର୍ଭର ଭାରତ ନିର୍ମାଣରେ କମ୍ପାନୀ ଭାଗୀଦାରି ହୋଇସାରିଛି। ଏହି ସ୍ୱଦେଶୀ ବିମାନ ପରିବହନକାରୀ ବୋଟ୍ ଆଇଏନ୍‌ଏସ୍ ବିକ୍ରାନ୍ତ କୋଚି ଶିପିୟାର୍ଡ ଲିମିଟେଡ୍‌ଠାରୁ ଶୁକ୍ରବାର ସମୁଦ୍ର ଅବତରଣ କରିଛି। ଏହି ସ୍ୱଦେଶୀ ପ୍ରକଳ୍ପ ପାଇଁ ସେଲ୍ ଦ୍ୱାରା ଯୋଗାଯାଇଥିବା ଇସ୍ପାତରେ ସ୍ୱତନ୍ତ୍ର ଡିଏମ୍‌ଆର୍ ଗ୍ରେଡ୍ ପ୍ଲେଟ୍ ଥାଏ। ଭାରତୀୟ ନୌସେନା ଏବଂ ଡିଏମ୍‌ଆର୍‌ଏଲ ସହଯୋଗରେ ସେଲ୍ ଦ୍ୱାରା ଏହି ଡିଏମ୍‌ଆର୍ ଗ୍ରେଡ୍ ପ୍ଲେଟ୍‌ଗୁଡିକ ବିକଶିତ କରାଯାଇଛି। ଉକ୍ତ ଜାହାଜର ହଲ୍ ଏବଂ ଭିତର ପାଇଁ ଗ୍ରେଡ୍ ୨୪୯-ଏ ଏବଂ ଫ୍ଲାଇଟ୍ ଡେକ୍ ପାଇଁ ଗ୍ରେଡ୍ ୨୪୯ -ବି ଡିଏମ୍‌ଆର୍ ପ୍ଲେଟ୍ ବ୍ୟବହାର କରାଯାଇଥିଲା। ଏହି ଯୁଦ୍ଧଜାହାଜ ପାଇଁ କମ୍ପାନୀର ସ୍ୱତନ୍ତ୍ର ଇସ୍ପାତ କାରଖାନା ଭିଲାଇ, ବୋକାରୋ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଇଛି।

# ଫ୍ରିଡମ ଅଏଲ ପକ୍ଷରୁ ସମ୍ମାନ ଉତ୍ସବ



**କଟକ,୨।୯**

ଦେଶର ପ୍ରମୁଖ ଖାଇବାତେଲ ବିପଣନ କମ୍ପାନୀ ଫ୍ରିଡମ ଅଏଲ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) ର ୪୬ନଂ. ୱାର୍ଡ, ଶିଖରପୁର ପାଠାଗାର କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଶିଖରପୁର ଉପରସାହିରେ ଏକ ସମ୍ମାନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠାଗାରର ସଭାପତି ଲକ୍ଷ୍ମୀଧର ମହାନ୍ତି, ଫ୍ରିଡମ ଅଏଲର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ, କଟକ ସେଲ୍‌ସ ମ୍ୟାନେଜର ଜୀବନେଶ୍ୱର ବେହେରା, ୪୬ନଂ ୱାର୍ଡ କର୍ପୋରେଟର ପ୍ରଜ୍ଞା ବେଉରା, ଶିଖରପୁର ପୂଜା କମିଟିର ସମ୍ପାଦକ ବିଷ୍ଣୁଚରଣ ନାୟକ, ସାହି ମୁରବି ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ପାଠାଗାର କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ମଧ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନଙ୍କ ମଧ୍ୟରେ ଡ. କୃଷ୍ଣବଲ୍ଲଭ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଫେସର କେ.ବି. ଦାସ, ଅନାଥ ପରିବାରର ମୃତ ବ୍ୟକ୍ତିଙ୍କ ଶବଦାହ କରି ସୁନାମ ଅର୍ଜନ କରିଥିବା ଅଭିମନ୍ୟୁ ଦାସ, ବୈଜ୍ଞାନିକ ପଦ୍ମିନୀ ସ୍ୱାଇଁ ଏବଂ ଆନି ପୁନମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୨୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମେଧା ଛାତ୍ର ସମ୍ମାନ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରି କୃତିତ୍ୱ ଅର୍ଜନ କରିଥିବା ୧୨ଜଣ ବ୍ୟକ୍ତିବିଶେଷଙ୍କୁ ଦରଦୀ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ୟୁଏନ୍‌ଏସ୍‌ଏଟିର ୨ୟ ସଂସ୍କରଣ ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୨।୯**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବା ଟେଷ୍ଟ ପ୍ଲାଟ୍‌ଫର୍ମ ଅନ୍ ଏକାଡେମିର ଜାତୀୟସ୍ତରର ପରୀକ୍ଷା 'ଅନ୍‌ଏକାଡେମି ନ୍ୟାଶନାଲ ସ୍କଲାରଶିପ ଆଡମିଶନ ଟେଷ୍ଟ (ୟୁଏନ୍‌ଏସ୍‌ଏଟି) ର ୨ୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରୀକ୍ଷା ଚଳିତ ବର୍ଷ ସେପ୍ଟେମ୍ବର ୮ ରୁ ଅକ୍ଟୋବର ୧୫ ମଧ୍ୟରେ ଭାରତର ୬୪ଟି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହେବ। ଏପରିକି ୟୁଏନ୍‌ଏସ୍‌ଏଟି ପରୀକ୍ଷା ଏନ୍‌ଇଇଟି-ୟୁଜି, ଆଇଆଇଟି-ଜେଇଇ ଏବଂ ଫାଉଣ୍ଡେଶନ (୯ମରୁ ଦ୍ୱାଦଶ) ପାଠ୍ୟକ୍ରମର ସମସ୍ତ ଶିକ୍ଷାର୍ଥୀ ଦେଇପାରିବେ। ୟୁଏନ୍‌ଏସ୍‌ଏଟି ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସେମାନଙ୍କର ଇଚ୍ଛାକୃତ ପାଠ୍ୟକ୍ରମରେ ନିୟୋଜିତ କରିବାକୁ ସକ୍ଷମ କରିବା ପାଇଁ ଅନ୍‌ଏକାଡେମିର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆଧାରକରି, ଆବେଦନକାରୀମାନେ ଅନ୍‌ଲାଇନ୍ ସବ୍‌ସ୍କ୍ରିପସନ୍ ଏବଂ ଅନାକେଡେମି କେନ୍ଦ୍ରରେ ନାମଲେଖା ଉପରେ ୧୦୦% ସ୍କଲାରଶିପ୍ ପାଇବାକୁ ଯୋଗ୍ୟ ହେବେ।

ଏହି ପରୀକ୍ଷା ଆସନ୍ତା ୮ ଏବଂ ୧୫ ଅକ୍ଟୋବରରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଯେଉଁମାନେ ଅନ୍‌ଲାଇନ୍ ମୋଡ୍ ବାଛନ୍ତି ସେମାନେ ଘରୁ ପରୀକ୍ଷା ଦେଇପାରିବେ ଏବଂ ଅଫ୍‌ଲାଇନ୍ ମୋଡ୍ ବାଛିଥିବା ଆବେଦନକାରୀମାନେ ପରୀକ୍ଷା ଦିନ ସେମାନଙ୍କର ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଏହାଛଡ଼ା ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କୁ ଉପକୃତ କରିବା ପାଇଁ ୧୨ ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ କିଛି ବିଦ୍ୟାଳୟର ସହଯୋଗରେ ସେମାନଙ୍କ ପରିସରରେ ଅନ୍‌ଏକାଡେମି ନ୍ୟାଶନାଲ ସ୍କଲାରଶିପ୍ ଆଡମିଶନ ପରୀକ୍ଷା ଅନୁଷ୍ଠିତ ହେବ। ଅଫ୍‌ଲାଇନରେ ପରୀକ୍ଷା ଦେଉଥିବା ଆବେଦନକାରୀମାନଙ୍କ ପାଇଁ ସମସ୍ତ ପ୍ରଯୁଜ୍ୟ ବିବରଣୀ ସହ ଆଡମିଟ୍ କାର୍ଡ ଇମେଲ୍ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ଫଳାଫଳ ଚଳିତ ବର୍ଷ ଅକ୍ଟୋବର ୨୧ରେ ଘୋଷଣା କରାଯିବ।

# ପରବର୍ତ୍ତୀ ପିଢ଼ି ପାଇଁ ପ୍ରସ୍ତୁତ ହେଉଛି ସ୍କୋଡା

**ନୂଆଦିଲ୍ଲୀ,୨।୯**



ଦେଶର ପ୍ରମୁଖ ଚାରିଚକିଆ ଯାନ କମ୍ପାନୀ 'ସ୍କୋଡା' ଅଟୋ ଇଣ୍ଡିଆ ପକ୍ଷରୁ ନୂଆ ବ୍ରାଣ୍ଡ ପରିଚୟ ସୃଷ୍ଟି କରିବା ପାଇଁ ୨୦୩୦ର ରଣନୀତି ସମ୍ପର୍କରେ ଘୋଷଣା କରିଛି। ଏପରିକି ଏହି ସମୟ ମଧ୍ୟରେ କମ୍ପାନୀ ନୂଆ ବିଳାସପୂର୍ଣ୍ଣ କାର୍‌ଗୁଡ଼ିକୁ ପ୍ରସ୍ତୁତି କରିବାର କାର୍ଯ୍ୟକ୍ରମ ହାତକୁ ନେଇଛି। ସେହିଭଳି କମ୍ପାନୀ ଇ ପ୍ରକାରକୁ ଅଧିକ କ୍ରିୟାଶୀଳ କରିବା ସହ ନୂଆ ଲୋଗୋ ମଧ ଜାରି କରିଛି। କମ୍ପାନୀର ଭିଜନ ସେଭେନ ଏସ୍ ଅଭିଯାନ ମଧ ଆରମ୍ଭ କରିଛି। ଏ ସମ୍ପର୍କରେ କମ୍ପାନୀର ସିଇଓ କ୍ଲାଉସ୍ ଜେଲ୍‌ମେର କହିଛନ୍ତି, ୨୦୨୬ରେ କମ୍ପାନୀ ବଜାରକୁ ତା'ର ନୂଆ ସଂସ୍କରଣ ଛାଡ଼ିବା ନେଇ ଯୋଜନା କରିଥିବା ବେଳେ ବ୍ୟାଟେରିଚାଳିତ ବୈଦ୍ୟୁତିକ ଯାନକୁ ମଧ ବଜାରରେ ବିସ୍ତାର କରିବାର ଲକ୍ଷ୍ୟ ରଖିଛି। ସେଥପାଇଁ କମ୍ପାନୀ ୪୪ ହଜାର କୋଟି ଟଙ୍କାର ନିବେଶ ଯୋଜନା କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବିକ୍ରୟ ଓ ବିପଣନ ବୋର୍ଡ ସଦସ୍ୟ ମାର୍ଟିନ ଜାନ୍ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡିଜିଟାଲକରଣରେ କମ୍ପାନୀ ୫୫ ହଜାର କୋଟି ଟଙ୍କାରୁ ଅଧିକ ବିନିଯୋଗ କରିବାର ଯୋଜନାରେ ରହିଛି।

# ଏସ୍‌ପିଆଇ ପକ୍ଷରୁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମ

**ଭୁବନେଶ୍ୱର,୨।୯**

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ରକ୍‌ଫେଲର ଫାଉଣ୍ଡେଶନର ସହାୟକ ସଂସ୍ଥା ସ୍ମାର୍ଟପାୱାର ଇଣ୍ଡିଆ (ଏସ୍‌ପିଆଇ) ପକ୍ଷରୁ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ବର୍ଗଙ୍କ ପାଇଁ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୨୦୨୪ ସୁଦ୍ଧା ୧୫୦ ମେଗାୱାଟ ରୁଫ୍ ଟପ୍ ସୋଲାର ଇନ୍‌ଷ୍ଟାଲେଶନ କରିବା ସହ ବାର୍ଷିକ ୧,୫୦,୦୦୦ ଟନ ଅଙ୍ଗାରକାମ୍ଳ ସ୍ଥାନାନ୍ତର କରିବା। ଏକ ଇକୋସିଷ୍ଟମ ସୃଷ୍ଟିକରି ରାଜ୍ୟର ନିୟୁତାଧିକ ଏମ୍‌ଏସ୍‌ଏମ୍‌ଇଙ୍କ ତୈଳ (ଡିଜେଲ) ନିର୍ଭରଶୀଳତାକୁ ହ୍ରାସ କରିବା। ସେହିଭଳି ବିଭିନ୍ନ ସ୍ତରରେ ଥିବା ମାଇକ୍ରୋ ଉଦ୍ୟୋଗଗୁଡ଼ିକୁ ମଧ ସଶକ୍ତୀକରଣ କରିବା ସହ ସ୍ୱଚ୍ଛ, ସୁଲଭ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ରୁଫ ଟପ୍ ସୋଲାର ପ୍ରୋଗ୍ରାମ ଦ୍ୱାରା ଉପଲବ୍ଧ କରାଇ ଏହାକୁ ଉତ୍ପାଦନ କ୍ଷେତ୍ରରେ ବ୍ୟବହାର କରିବା। ସେହିପରି ୧୦୦% ଘରୋଇ ବିଦ୍ୟୁତୀକରଣର ଗୁରୁତ୍ୱକୁ ଉପଲବ୍ଧିକରି ଏକ ମାଇଲଖୁଣ୍ଟ ହାସଲ କରିବା ସହ ଅଧିକାଂଶ ଗ୍ରାମୀଣ ଉଦ୍ୟୋଗ ଏବଂ ଅନୁଷ୍ଠାନକୁ ମୁଖ୍ୟ ଗ୍ରୀଡ୍ ଦ୍ୱାରା ସଂରକ୍ଷିତ କରାଇବା, ପ୍ରାୟ ୪୦% ଏମ୍‌ଏସ୍‌ଏମ୍‌ଇ ଗ୍ରାହକ ଗ୍ରୀଡ୍ ସହ ସଂଯୁକ୍ତ ହୋଇନାହାନ୍ତି। ୬୦% ସଂଯୁକ୍ତ ଗ୍ରୀଡ୍‌ରେ ନିର୍ଭରଯୋଗ୍ୟତା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଫଳସ୍ୱରୂପ ବିଦ୍ୟୁତ୍ ପାଇଁ ବ୍ୟବହୃତ ଲକ୍ଷ ଲକ୍ଷ ଲିଟର ମହଙ୍ଗା ଡିଜେଲ ବ୍ୟବହୃତ ହେଉଛି। ରୁଫ୍ ଟପ୍ ସୋଲାର ପକ୍ଷରୁ ଡିଆର୍‌ଇ ବିକଳ୍ପ ଉତ୍ପାଦନ ହାଇ ଲୋଡ୍ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ବ୍ୟବହାର କରାଯାଉଛି। ଏସବୁ ଗ୍ରାହକ ୧୦ କିଲୋୱାଟରୁ ୫୦ କିଲୋୱାଟ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ଏ ସମ୍ପର୍କରେ ସ୍ମାର୍ଟ ପାୱାର ଇଣ୍ଡିଆର ହେଡ୍-ପ୍ରୋଗ୍ରାମ ସମିତ ମିତ୍ର କହିଛନ୍ତି, ଆମେ ଓଡ଼ିଶାରେ ରୁଫ୍ ଟପ୍ ସୋଲାର ପ୍ରୋଗ୍ରାମର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ ଅଛୁ। ଆମର ଦୃଷ୍ଟିକୋଣ ଗ୍ରାମାଞ୍ଚଳରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତୀକରଣ ଏବଂ ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶ ମାଧ୍ୟମରେ ଜୀବନକୁ ଉନ୍ନତ କରାଇବା। ଆମେ ଜାଣୁ ବିଦ୍ୟୁତ୍ ଉତ୍ପାଦନର ଏକ ବ୍ୟୟବହୁଳ ଏବଂ ନିର୍ଭରଯୋଗ୍ୟ ମାଧ୍ୟମ। ଗ୍ରାମାଞ୍ଚଳର ଲୋକଙ୍କୁ ଗ୍ରୀଡ୍‌ଭିତ୍ତିକ ବିଦ୍ୟୁତ୍ ଏକ ନିର୍ଭରଯୋଗ୍ୟ ବିକଳ୍ପ ଯୋଗାଇଥାଏ। ସେହିଭଳି ଅନ୍ନପୂର୍ଣ୍ଣା ଫାଇନାନ୍ସର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି, ପରିବେଶକୁ ସୁରକ୍ଷିତ ରଖିବା ସହ ପାଣି କାଟ ମଧ ଏହାର ବ୍ୟବହାରରେ ହୋଇପାରିବ। ଫଳରେ ସବୁଜ ଭାରତ ଓ ସବୁଜ ଶକ୍ତି ଲକ୍ଷ୍ୟ ହାସଲ ମଧ କରାଯାଇପାରିବ।

# ଡିଜିଟାଲ ରେପ୍: ବିପଦରେ ନାବାଳିକା

ନୂଆଦିଲ୍ଲୀ



ନୋଏଡା ସୁରଜପୁର ଜିଲା ସଲାରପୁର ଗ୍ରାମର ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ଡିଜିଟାଲ ରେପ୍ ଅଭିଯୋଗରେ ସେସନ୍ସ କୋର୍ଟ ମଙ୍ଗଳବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପୋକ୍ସୋ ଆକ୍ଟ ଅନ୍ତର୍ଗତ ଆଇପିସି ଧାରା ୩୭୫ ଅଧୀନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନୋଏଡା ସେକ୍ଟର ୩୯ ପୋଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଆକବର ଅଲ୍ଲୀଙ୍କ ଘର ପଶ୍ଚିମବଙ୍ଗରେ। ୨୦୧୯ରେ ନୋଏଡା ସଲାରପୁରରେ ରହୁଥିବା ତାଙ୍କ ଝିଅ ଘରକୁ ସେ ବୁଲିବା ପାଇଁ ଆସିଥିଲେ। ପାଖଘରେ ରହୁଥିବା ସାଢ଼େ ତିନି ବର୍ଷର ଝିଅକୁ ଚକୋଲେଟ ଦେବାର ପ୍ରଲୋଭନ ଦେଖାଇ ଆକବର ଅଲ୍ଲୀ ତାଙ୍କୁ ଡିଜିଟାଲ ରେପ୍ କରିଥିବା ପୋଲିସ କହିଛି। ପୀଡ଼ିତା ନାବାଳିକା ଜଣକ ଘରକୁ ଆସି କାନ୍ଦି କାନ୍ଦି ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପୀଡ଼ିତାଙ୍କ ପରିବାର ଏ ନେଇ ଥାନାରେ ଅଭିଯୋଗ କଲା ପରେ ପୋଲିସ ତୁରନ୍ତ ଆକବରଙ୍କୁ ଗିରଫ କରିନେଇଥିଲା। ଜାମିନ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ ହେଁ କୋର୍ଟ ଆବେଦନ ପତ୍ରକୁ ଖାରଜ କରିଦେଇଥିଲେ। ଆଜୀବନ କାରାଦଣ୍ଡ ସାଙ୍ଗକୁ ଆକବରଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବା ଲାଗି କୋର୍ଟ ଶୁଣାଣିରେ କହିଛନ୍ତି।

### ଡିଜିଟାଲ ରେପ୍ କ'ଣ?

ପ୍ରତ୍ୟେକ ଦିନ ବଳାତ୍କାର ସମ୍ବନ୍ଧୀୟ ଘଟଣା ସବୁ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି।

### ବୟସ୍କଙ୍କ ନାଁରେ ଅଧିକ ମାମଲା

ଏହି ବଳାତ୍କାର ମାମଲାରେ ଏବେ ଡିଜିଟାଲ ରେପ୍ ଯୋଡ଼ିହୋଇଛି। ଅନେକଙ୍କ ମନରେ ଏହି ରେପ୍ ସମ୍ବନ୍ଧୀୟ ଭୁଲ ଧାରଣା ରହିଛି। ଏଥିରେ ବ୍ୟବହୃତ୍ ହୋଇଥିବା ଡିଜିଟାଲ ଶବ୍ଦର ଅର୍ଥ ଇଣ୍ଟରନେଟ୍ କିମ୍ବା ଭର୍ଚୁଆଲ ମୋଡ୍ ନୁହେଁ। ଇଂଲିଶ ଶବ୍ଦ କୋଷରେ ଡିଜିଟାଲର ଅର୍ଥ ଆଙ୍ଗୁଠି। ସରଳ ଭାବେ କହିବାକୁ ଗଲେ ଅଙ୍ଗୁଳକୁ ବ୍ୟବହାର କରି କରାଯାଉଥିବା ବଳାତ୍କାର ହେଉଛି ଡିଜିଟାଲ ରେପ୍। ୨୦୧୨ ଡିସେମ୍ବର ପର୍ଯ୍ୟନ୍ତ ଡିଜିଟାଲ ରେପ୍‌କୁ ବଳାତ୍କାର ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ଏହାକୁ ଶାରୀରିକ ନିର୍ଯାତନା ଭାବେ ଧରାଯାଉଥିଲା। ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ବିରୋଧରେ ଡିଜିଟାଲ ରେପ୍ ଅନ୍ତର୍ଗତ ମାମଲା ରୁଜୁ ହୋଇଛି । ନିକଟରେ ନୋଏଡାର ୫୦ ବର୍ଷୀୟ ମନୋଜ ଲାଲାଙ୍କୁ ଡିଜିଟାଲ ରେପ୍ ଅଭିଯୋଗରେ ଗିରଫ କରାଯାଇଥିବାବେଳେ ନୋଏଡାର ଆଉ ଜଣେ ବ୍ୟକ୍ତି ନିଜ ୫ ବର୍ଷର ଝିଅକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ୨୦୨୧ରେ ୮୦ ବର୍ଷ ବୟସର ଜଣେ ପେଣ୍ଟର ତାଙ୍କ ଘରେ ରହୁଥିବା ଜଣେ ନାବାଳିକାଙ୍କୁ ଦୀର୍ଘ ୭ ବର୍ଷ ଧରି ଡିଜିଟାଲ ରେପ୍ କରିଥିବା ଅଭିଯୋଗ ହୋଇଥିଲା। ଡିଜିଟାଲ ରେପ୍ ସମ୍ବନ୍ଧୀୟ ଅଧିକାଂଶ ମାମଲା ବୟସ୍କ ଲୋକଙ୍କ ବିରୋଧରେ ଆସୁଛି। ଦେଶରେ ଏ ଭଳି ଅନେକ ଘଟଣା ଘଟୁଥିବାବେଳେ ଅଳ୍ପ ସଂଖ୍ୟକ ମାମଲା ହିଁ ଲୋକଲୋଚନକୁ ଆସୁଛି। ସାମାଜିକ ଅପବାଦ ଡରରେ ଡିଜିଟାଲ ରେପ୍‌ର ଶିକାର ହୋଇଥିବା ପୀଡ଼ିତା ଓ ସେମାନଙ୍କ ପରିବାର ଏ ନେଇ କୌଣସି ଅଭିଯୋଗ କରୁ ନ ଥିବା ମାମଲାର ଶୁଣାଣି ବେଳେ ସୁରଜପୁର ସେସନ୍ସ କୋର୍ଟ ଜଜ୍ କହିଛନ୍ତି।

# ସ୍ପେସ୍‌ରେ ଧାନ ଚାଷ

ବେଜିଂ

ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଜଣାଯାଉଥିବା ଚାଇନାର ବୈଜ୍ଞାନିକମାନେ ମହାକାଶରେ ଧାନଚାଷ କରିଛନ୍ତି। ଚାଇନା ମହାକାଶଚାରୀମାନେ ଜିରୋ ଗ୍ରାଭିଟେସ୍‌ନାଲ ଲାବୋରେଟରୀରେ ଚାଉଳରୁ ଧାନ ଗଛ ବାହାର କରାଯାଇଛି। ଚାଇନା ଏକାଡେମୀ ଅଫ୍ ସାଇନ୍ସ (ସିଏଏସ୍) ପକ୍ଷରୁ ଏ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଚାଉଳକୁ ବ୍ୟବହାର କରି ଚାଇନା ମହାକାଶଚାରୀମାନେ ଧାନ ଗଛ ବାହାର କରିଛନ୍ତି। ଲାବ୍‌ରେ ବିକଶିତ କରାଯାଇଥିବା ଧାନ ଗଛର ଲମ୍ବ ୩୦ ସେଣ୍ଟିମିଟର ରହିଛି। ମହାକାଶରେ ଗଛ ଲାଗିପାରିବ କି ନାହିଁ ସେ ନେଇ ଚାଇନା ବୈଜ୍ଞାନିକମାନଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ପ୍ରକାର ଅଧ୍ୟୟନ କରାଯାଇଛି, ଯାହା ଆଗାମୀ ଦିନରେ ମହାକାଶଚାରୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।



# ୭୪ କୋଟିର ମାଲିକାଣୀ ସୋନାକ୍ଷୀ




**ମୁମ୍ବାଇ:** ଦବଙ୍ଗ, ରାଓଡି ରାଠୋର ଏବଂ ବୁଲେଟ ରାଜା ଭଳି ସୁପରହିଟ ଫିଲ୍ମରେ କାମ କରିଥିବା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ବଲିଉଡରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସୋନାକ୍ଷୀ ତାଙ୍କ କଠିନ ପରିଶ୍ରମ ଆଧାରରେ କୋଟି କୋଟି ସମ୍ପତ୍ତିର ମାଲିକାଣୀ ହୋଇଛନ୍ତି। ସୋନାକ୍ଷୀ ଗୋଟିଏ ଫିଲ୍ମ ପାଇଁ ପ୍ରାୟ ୪ କୋଟି ଟଙ୍କା ନିଅନ୍ତି। ଏହା ବ୍ୟତୀତ, ସେ ବିଜ୍ଞାପନଗୁଡ଼ିକରୁ ଭଲ ଆୟ କରନ୍ତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୭୪ କୋଟି ଟଙ୍କା। ସୋନାକ୍ଷୀଙ୍କର ମୁମ୍ବାଇରେ ନିଜର ଏକ ବିଳାସପୂର୍ଣ୍ଣ ଘର ଅଛି। ସେ ୨୦୧୩ରେ ଏହି ଘର କିଣିଥିଲେ। ତାଙ୍କ ଘରର ମୂଲ୍ୟ ୧୧.୩ କୋଟି ଟଙ୍କା ବୋଲି କୁହାଯାଉଛି। ଏହି ଘର ବ୍ୟତୀତ ସୋନାକ୍ଷୀଙ୍କ ମୁମ୍ବାଇ ଏବଂ ଅନ୍ୟାନ୍ୟ ସହରରେ ମଧ୍ୟ ଅନେକ ସମ୍ପତ୍ତି ଅଛି। ସୋନାକ୍ଷୀ ସିହ୍ନାଙ୍କର କାର୍ ପ୍ରତି ଅଧିକ ଦୁର୍ବଳତା ରହିଛି। ଅଡ ସାଙ୍ଗକୁ ବିଏମଡବ୍ଲୁ, ରେଞ୍ଜ ରୋଭର ଏବଂ ମର୍ସିଡିଜ ଭଳି ମହଙ୍ଗା ବ୍ରାଣ୍ଡର ଗାଡି ତାଙ୍କର ଅଛି। ଗତ କିଛି ବର୍ଷ ମଧ୍ୟରେ ସୋନାକ୍ଷୀ ସିହ୍ନାଙ୍କ ସମ୍ପତ୍ତି ପ୍ରାୟ ୨୭ ପ୍ରତିଶତ ବୃଦ୍ଧି ପାଇଛି।




# ଜଳରୁ ବାହାରିବ ହାଇଡ୍ରୋଜେନ୍

**ନୂଆଦିଲ୍ଲୀ:** କାଲିଫର୍ନିଆ ୟୁନିଭର୍ସିଟିର ବୈଜ୍ଞାନିକମାନେ ଜଳରୁ ହାଇଡ୍ରୋଜେନ୍ ଉତ୍ପାଦନ କରିବା ଲାଗି ଏକ ମେଥଡ୍‌ର ଆବିଷ୍କାର କରିଛନ୍ତି। ରୁମ୍ ତାପମାତ୍ରାରେ ଜଳରୁ ହାଇଡ୍ରୋନ୍ ଉତ୍ପାଦନ କରାଯାଇ ପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଆଲୁମିନିୟମ୍‌ର ନାନୋ ପାର୍ଟିକଲ ସହ ଜଳ ରସାୟନିକ କ୍ରିୟା ଦ୍ୱାରା ହାଇଡ୍ରୋଜେନ୍ ବାହାରିବ। ଆଲୁମିନିୟମ୍‌ର ଅତି କ୍ଷୁଦ୍ର କଣିକା ଜଳରେ ଥିବା ଅମ୍ଳଜାନ ସହ ରସାୟନିକ କ୍ରିୟା କରିବା ଫଳରେ ହାଇଡ୍ରୋଜେନ୍ ଉତ୍ପନ୍ନ ହୁଏ। ବହୁବର୍ଷ ଧରି ବୈଜ୍ଞାନିକାମାନେ ହାଇଡ୍ରୋଜେନ୍ ଉତ୍ପାଦନ ଲାଗି ଆଲୁମିନିୟମ ସଂକ୍ରାନ୍ତରେ ଅଧ୍ୟୟନ ଚଳାଇଥିବା କହିଛନ୍ତି। ଆଲୁମିନିୟମ୍ ଏବଂ ଜଳ ବ୍ୟତୀତ ଅନ୍ୟ କୌଣସି ରିଆକ୍ଟରର ଏଥିରେ ବ୍ୟବହାର କରାଯାଇ ନ ଥିବା କଲମ୍ବିଆ ସାଣ୍ଟାକ୍ରୁଜ୍ ପ୍ରଫେସର୍ ସ୍କଟ୍ ଅଲିଭର କହିଛନ୍ତି।

# ଚର୍ଚ୍ଚାରେ ଐଶ୍ୱର୍ଯ୍ୟା ରାୟଙ୍କ ଡୁପ୍ଲିକେଟ୍

**ମୁମ୍ବାଇ:** ଆଜିର ସମୟରେ ସୋସିଆଲ ମିଡିଆ ଏମିତି ଏକ ପ୍ଲାଟଫର୍ମ ପାଲଟିଛି, ଯାହା କିଛି କ୍ଷଣକରେ ସାଧାରଣ ଲୋକକୁ ଷ୍ଟାର୍ କରିଦେଉଛି। ଏବେ ଜଣେ ଯୁବତୀଙ୍କ ଲୁକ



ଅବିକଳ ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପରି। ଆଶିତା ରାଥୋଡ ନାମକ ଏହି ଯୁବତୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି। ଯିଏ କି ଐଶ୍ୱର୍ଯ୍ୟାଙ୍କ ଗୀତରେ ଭିଡିଓ କରି ଚର୍ଚ୍ଚାକୁ ଆସିଛନ୍ତି। କିନ୍ତୁ ଯେତେବେଳେ ପ୍ରଶଂସକମାନେ ତାଙ୍କ ଲୁକ ଦେଖନ୍ତି, ସେମାନେ ଆଉ ନଜର ହଟାଇ ପାରନ୍ତି ନାହିଁ।

---

**GOVERNMENT OF ODISHA** No. B-533
**OFFICE OF THE CHIEF CONSTRUCTION ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com

**e - Procurement Notice**

**BID IDENTIFICATION No: CCE(R&B) BGR/06/2022-23**
**No. 2930 // Dtd. 25.08.2022**

1. The **Chief Construction Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate of of Composite bid in double cover system in **ONLINE MODE** for the construction of works detailed in the table below from **B/A/Special** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : **Road work/Building Work**
3. No. of tender : Road work = 01 No. and Building work - 03 Nos.
4. Tender Cost : Rs.10,000/-
5. Class of Contractor : **B/A/Special**
6. Date & Time of sale & Receipt of Bids : From Dt.06.09.2022, 10.00 A.M. to Dt.20.09.2022 up to 05.00 P.M.
7. Date of opening Bid : Dt.21.09.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Construction Engineer, Balangir (R&B) Circle, Balangir**
OIPR-34131/11/0009/2223

---

**OFFICE OF THE EXECUTIVE ENGINEER RWS&S DIVISION, BALASORE**
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**
**Identification No.24/2022-23 Dt.30.08.2022**

No. O-914:- The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

| | | | |
|---|---|---|---|
| 1. | Nos. of Work | : | **02 Nos. RPWS Schemes in Balasore district (Clubbed up)** |
| 2. | Estimated cost | : | Rs.319.06 lakhs |
| 3. | Period of completion | : | 330 days |
| 4. | Availability of bid document in Portal | : | Dt.08.09.2022 at 16.00 hours to 22.09.2022 upto 17.00 hours through online |
| 5. | Seeking of Clarification | : | Dt.09.09.2022 at 11.00 hours to Dt.17.09.2022 upto 15.00 hours |
| 6. | Date of opening of Bid | : | Dt.23.09.2022 at 11.00 hours in the O/o EE, RWSS Division, Balasore |
| 7. | Name and address of the Officer inviting Tender | : | Executive Engineer, RWS&S Division, Balasore |

Bid Cost will be receipt through electronic payment by NEFT/RTGS. Further details can be seen from the e-Procurement Portal: http://tendersodisha.gov.in

**Sd./- EXECUTIVE ENGINEER, RWS&S DIVISION, BALASORE**
OIPR-25013/11/0017/2223

---

**'e' - Procurement Notice**
**Tender Reference No. TCRM-06/2022-23**
**Bid Identification No. 2022_ORULB_80920**
**No. 3257** **Dt.30.08.2022**

No. C-1123: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil work as mentioned in the website
2. No. of works : 01 No.
3. Estimated Cost : Rs.62,65,371/-
4. Period of Completion : As per DTCN
5. Date & time of availability of Bid document in the portal : From Dt.31.08.2022 to Dt.14.09.2022 upto 5.00 P.M.
6. Last date & time for receipt of Bid in the portal : Upto 5.00 P.M. of Dt.14.09.2022
7. Last date for receipt of Financial Document : Upto 1.00 P.M. of Dt.15.09.2022
8. Bid received Online shall be Opened on : Dt.15.09.2022 at 3.00 P.M.
9. Name & address of the Officer Inviting the Bid : Executive Officer, Talcher Municipality

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer, Talcher Municipality**
**OIPR-13077/11/0027/2223**

---

**ODISHA HYDRO POWER CORPORATION LTD.**
(A Government of Odisha Undertaking)
**OHPC OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT: P.O. : BARINIPUT; DIST. : KORAPUT - 764006**
PHONE : (06854) 242001, FAX: - (06854) 242038, e-mail: sgmel.ukhep@gmail.com

**NOTICE INVITING TENDER No. 22/2022-23 Dated: 30.08.2022**

**No. CAD-1667:-** Sealed tenders are invited in TWO PART bid i.e. (i) Techno Commercial Bid & (ii) Price Bid in separate sealed envelopes from the reputed Manufacturers/ Authorized dealers/ Channel partners for "Supply, installation & commissioning of two nos. of Vertical Turbine Pump Sets for UKHEP, Bariniput, Dist: Koraput, Odisha."

| Sl. No. | Description of Materials | Cost of Tender Paper | EMD in shape of Bid Security declaration form |
|---|---|---|---|
| 1 | "Supply, installation & commissioning of two nos. of Vertical Turbine Pump Sets (Water Lubricated), Motor, 3-Φ, 440 Volts, 50 Hz, 7.5 KW/10 HP, 1450 RPM, S1 Rating, 14 Amps, Delta connection, Frame-CVD160E, Class-8, Style-3M2120124, Pump: 6 stage, LPM-1085, RPM-1450, Head- 22 Mtr. | Rs. 7080/- (Rs 6000/- + 18% GST) | Bid Security Form to be submitted |

Sale of tender Paper :- From **06.09.2022** to **11.00 Hrs.** of **22.09.2022**.
Last date of submission of tender: Upto **12.00 Hrs.** of **22.09.2022.**
Date & Time of opening of tender :- At **12.30 Hrs.** of **22.09.2022.**
For details of the tender documents, Terms & Conditions please visit our website **www.ohpcltd.com**.

**OIPR-04002/11/0040/2223** Sd./- C&P Head, UKHEP, Bariniput

---

idco | ODISHA NEW OPPORTUNITIES No.CAD-1676

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Bid Identification No. Civil/EST-20/2022-23**
**Notice No. 22237** **Dt.29.08.2022**

**QUOTATION CALL NOTICE e-Procurement**

1 Name of the Work: Procurement of Gym equipment for the proposed Gymnasium at Indoor Stadium, Jajpur.
2 Availability of QCN online for Bidding:
   I. Start Date: 18.00 hours of Dt.07.09.2022.
   II. End Date: 15.00 hours of Dt.17.09.2022.
   III. Opening Date: 16.00 hours of Dt.17.09.2022.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil) IDCO, Bhubaneswar**
OIPR-14003/11/0130/2223

---

**GOVERNMENT OF ODISHA** eerwbnjr@gmail.com
**OFFICE OF THE EXECUTIVE ENGINEER,RURAL WORKS DIVISION,BHANJANAGAR**
**NATIONAL COMPETITIVE BIDDING THORUGH e-Procurement**
**Identification No.Online Tender/09/RWDBNJ/2022-2023**
**No.O-915:** **Ltr.No.3373, Date:30.08.2022**

| Identification No. | Name of Work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/09/ 2022-2023 | Road Work | 1 No. | 50.42 Lakh | "B" & "A" Class as applicable | 3 (Three) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W.Division, Bhanjanagar | Online Tender/09/ RWDBNJ/2022-2023 | 09.9.2022 at 10.00 A.M. | 19.9.2022 upto 3.00 P.M. |

Further details can be seen from the website www.tendersodisha.gov.in.

OIPR-25174/11/0014/2223 **Sd./- Executive Engineer, R.W.Division, Bhanjanagar**

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
**Phone: 9437086137, e-mail-eephbls@gmail.com**
**NATIONAL COMPETITIVE BIDDING THROUGH e-Procurement (Online Mode)**
**No.C-1118:** **Bid-Identification No.EEPHBLS-21 of 2022-23 dt.26.08.2022**

**The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.**

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid document for online bidding: From | Availability of bid document for online bidding: To | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| 1 | **Source Improvement & Augmentation of Water Supply to Ward No. 1 to 17 of Jaleswar Municipality** | EEPHBLS- 21 Dt.26.08.2022 | 435.94 | 07 (Seven) Calendar-Months | 11.00 Hrs. of dt.05.09.2022 | 17.00 Hrs. of dt.20.09.2022 | 17.00 Hrs. of 16.09.2022 | 11.00 Hrs. of 21.09.2022 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid :- The Executive Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone:9437086137**

OIPR-13053/11/0008/2223 **Sd./- Executive Engineer, P.H.Division, Balasore**

---

**OFFICE OF THE MUNICIPAL COUNCIL, PARADEEP**
Tel.: (06722) 222485, E-mail: paradipmunicipality@gmail.com
www.paradeepmunicipality.org

ବିଜ୍ଞାପନ ସଂଖ୍ୟା: ୫୦୦୧ ତାରିଖ: ୩୦।୦୮।୨୦୨୨

## ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ଆବେଦନ ପତ୍ର

No. C-1125: ଏତଦ୍ୱାରା ପାରାଦ୍ୱୀପ ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପାରାଦ୍ୱୀପ ପୌର ପରିଷଦ ଅଧୀନରେ ଅଠରବାଙ୍କୀ ଆହାର କେନ୍ଦ୍ର ପରିସରରେ ଥିବା ଆଶ୍ରୟସ୍ଥଳର ପରିଚାଳନା ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି। ତେଣୁ ଇଚ୍ଛୁକ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘମାନେ ତା୩୦।୦୮।୨୦୨୨ରିଖରୁ ତା୧୪।୦୯।୨୦୨୨ରିଖ (ଅପରାହ୍ନ ୪.୦୦ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାପାରେ ପାରାଦ୍ୱୀପ ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା।

**ସ୍ୱୟଂ ସହାୟିକା ଗୋଷ୍ଠୀର ନିମ୍ନଲିଖିତ ଯୋଗ୍ୟତା ଓ ନଥିପତ୍ର (ଡକ୍ୟୁମେଣ୍ଟ) ଥିବା ଆବଶ୍ୟକ**

୧. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘକୁ ତା୦୧।୦୪।୨୦୨୨ରିଖ ସୁଦ୍ଧା ସର୍ବନିମ୍ନ ୨ ବର୍ଷ ହୋଇଥିବ।
୨. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ପୌରାଞ୍ଚଳର ହୋଇଥିବା ଆବଶ୍ୟକ।
୩. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ଏବଂ ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ସର୍ବନିମ୍ନ ଏକଲକ୍ଷ ଟଙ୍କାର ପୁଞ୍ଜି ଥିବ।
୪. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର (ଅପଡେଟ୍) ଥିବ।
୫. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ସୋସାଇଟି ପଞ୍ଜୀକରଣ ଅଧିନିୟମ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ ଅଟେ।
୬. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ପ୍ୟାନ୍‌କାର୍ଡ଼ ଥିବା ଜରୁରୀ ଅଟେ।

(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ଆଶ୍ରୟ ସ୍ଥଳୀ ପରିଚାଳନା ନିମନ୍ତେ ବର୍ଗୀକରଣ (ଗ୍ରେଡିଂ) କରାଯାଇ ସର୍ବାଧିକ ମାର୍କ ରଖିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ।

**ସ୍ୱା./– ନିର୍ବାହୀ ଅଧିକାରୀ ପାରାଦ୍ୱୀପ ପୌରପରିଷଦ**
OIPR-13120/11/0011/2223

---

**OFFICE OF THE NOTIFIED AREA COUNCIL, DHAMNAGAR**
**PIN: 756117 (Odisha), Tel. No.: 06786-236056**
**E-mail: dhamnagarnac-bdk@gov.in/dhamnagar.nac@gmail.com**
**No. 3218** **Date: 30.08.2022**

**"e" Procurement Notice**
**Bid Identification No. 02/DNRNAC/2022-23**

No. C-1121: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the Work : Civil Const. works as mentioned in DTCN
2. No. of Works : 4 (Four) Nos.
3. Estimated Cost : Rs.8,93,39/- to Rs.1,35,418/-
4. Period of Completion : 90 days to 60 days
5. Date and time of Bidding : 05.09.2022 (10.00 A.M.)
6. Last date and time for receipt of bids in the portal : 15.09.2022 upto 5.00 P.M.
7. Submission of Original document : 16.09.2022 to 17.09.2022 upto 5.00 P.M.
8. Bids received online shall be opened on : 19.09.2022 at 11.00 A.M. onwards
9. Name and address of the Officer Inviting Bid : Executive Officer, Dhamnagar NAC

Further details can be seen from the procurement portal i.e. **www.tendersodisha.gov.in**.

OIPR-13197/11/0006/2223 **Sd./- Executive Officer, Dhamnagar NAC**

# ଭୁବନେଶ୍ୱରରେ ହୋଇପାରେ ଅଲ୍‌ଟିମେଟ ଖୋ ଖୋ



ତେନ୍‌ଜିଂ ନିୟୋଗୀ

**ଅଲ୍‌ଟିମେଟ ଖୋ ଖୋ ଲିଗ୍‌କୁ ରୋଚକ ଏବଂ ଆକର୍ଷଣୀୟ କରିବା ପାଇଁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଆଗକୁ ଏଥିରେ ବିଦେଶୀ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯିବାର ଯୋଜନା ରହିଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ଏହାକୁ ଏବେ ଗୋଟିଏ ସହର ମଧ୍ୟରେ ସୀମିତ ରଖାଯାଇ ଥିବାବେଳେ ଆଗାମୀ ଦିନରେ ଏକାଧିକ ସହରରେ ଆୟୋଜନର ଯୋଜନା ରହିଛି।**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଛି ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ। ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ପ୍ରତିଯୋଗିତା କ୍ରମେ ରୋମାଞ୍ଚକ ହେବାରେ ଲାଗିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ରାଜ୍ୟର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଇତିମଧ୍ୟରେ ପୁଣେର ଉକ୍ତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରତ୍ୟକ୍ଷଭାବେ ଖେଳର ରୋମାଞ୍ଚ ନେବା ସହ ଖେଳାଳି, କୋଚ୍ ଏବଂ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କୁ ଭେଟିବା ସୁଯୋଗ ପାଇଥିଲେ। ଏକ ସାକ୍ଷାତକାର ଅବସରରେ ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତେନ୍‌ଜିଂ ନିୟୋଗୀ ଲିଗ୍‌ର ଉଦ୍ଦେଶ୍ୟ, ପରିବର୍ତ୍ତିତ ନୀତିନିୟମ, ପ୍ରଥମ ସଂସ୍କରଣରେ ଏହାକୁ ମିଳିଥିବା ସମର୍ଥନ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ।

ଖୋ ଖୋ ହେଉଛି ସ୍ୱଦେଶୀ କ୍ରୀଡ଼ା। ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଏହି ଖେଳ ସବୁଠାରେ ଖେଳାଯାଉଥିଲେ ହେଁ ଏହାର ପ୍ରଚାର ପ୍ରସାର ଏତେ ହୋଇପାରି ନାହିଁ। ତେଣୁ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଦୀର୍ଘ ଦିନରୁ ସ୍ୱପ୍ନ ରହିଥିଲା। ଅଲ୍‌ଟିମେଟ ଖୋ ଖୋ ସେହି ପରିକଳ୍ପନାରୁ ଜନ୍ମ ନେଇଛି। ପ୍ରତ୍ୟେକ ଜିନିଷର ଆରମ୍ଭ ସହଜ ହୋଇ ନ ଥାଏ। ଆରମ୍ଭ ହେଲା ପରେ ତାହାକୁ ବଜାୟ ରଖିବା ମଧ୍ୟ କଷ୍ଟକର ହୋଇଥାଏ। ତେଣୁ ଏହି ଲିଗ୍ ଯେପରି ଆଗାମୀ ଦିନରେ ଆହୁରି ବଡ଼ ଆକାରରେ ହୋଇପାରିବ ଏବଂ ଅଧିକ ଆକର୍ଷଣୀୟ ହେବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯିବ। କୋଭିଡ୍-୧୯ ପାଇଁ ଏହି ଲିଗ୍ ବିଳମ୍ବରେ ଆରମ୍ଭ ହୋଇଛି ଏବଂ ଆମେ ଏହାକୁ ଗୋଟିଏ ସହରରେ ସୀମିତ ରଖିଛୁ। ଆଗାମୀ ଦିନରେ ଏହାକୁ ଅଧିକ ସହରରେ ପହଞ୍ଚାଇବା ପାଇଁ ଯୋଜନା କରୁଛୁ। ଓଡ଼ିଶା ସରକାର ଖେଳ ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ସେଠାରେ ଏବେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସମ୍ଭବ ହୋଇପାରିଛି। ତେଣୁ ଭବିଷ୍ୟତରେ ଭୁବନେଶ୍ୱରରେ ମଧ୍ୟ ଏହି ଲିଗ୍‌ର କିଛି ମ୍ୟାଚ ଆୟୋଜନ ହୋଇପାରେ।

ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବାର କିଛି ଯୋଜନା ରହିଛି କି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନିୟୋଗୀ କହିଲେ ଯେ, ଆଫ୍ରିକୀୟ ଦେଶଗୁଡ଼ିକରେ ୬ ଫୁଟରୁ ଊର୍ଦ୍ଧ୍ୱ ଖେଳାଳିମାନେ ଖେଳୁଥିବା ନଜିର ରହିଛି। ତେଣୁ ବିଦେଶୀ ଖେଳାଳିଙ୍କ ଉପସ୍ଥିତି ନିଶ୍ଚିତ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ ଏବଂ ରୋମାଞ୍ଚକ କରିବ। ଆଗାମୀ ଦିନରେ ଯଦି ବିଦେଶୀ ଖେଳାଳିଙ୍କୁ ସାମିଲ କରାଯିବ ତେବେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ବିଶେଷ କରି ଯେପରି ଭାରତୀୟ ଖେଳାଳିମାନେ ଅଧିକ ଉପକୃତ ହୋଇପାରିବେ ତାକୁ ଦୃଷ୍ଟିରେ ରଖାଯିବ।

ନିୟମ ପରିବର୍ତ୍ତନ ସମ୍ପର୍କରେ ନିୟୋଗୀଙ୍କ ମତ ହେଲା, ପ୍ରତିଯୋଗିତାକୁ ମନୋରଞ୍ଜନଧର୍ମୀ କରାଯିବାକୁ ଚେଷ୍ଟା କରାଯାଇଛି। ଏବେ ଅଧିକାଂଶ ଖେଳରେ ନିୟମ ପରିବର୍ତ୍ତନ ହୋଇଯାଇଛି। ବିଶେଷ କରି ଲିଗ୍‌ଗୁଡ଼ିକରେ ଏହା ପ୍ରଣୟନ ହୋଇଛି। ତେଣୁ ଆମେ ଖେଳାଳି ନିଲାମ ପ୍ରକ୍ରିୟା ସହ ଅଲ୍‌ଟିମେଟ ଖୋ ଖୋରେ ଡିଆର୍‌ଏସ୍, ଆଟାକର ଓ ୱାଜିର ଭଳି କେତେକ ନୂଆ କଥାକୁ ସାମିଲ କରିଛୁ। ବିଶେଷ କରି କ୍ୟାମେରାରେ ଯେପରି ମ୍ୟାଚ ସମୟର ଆକ୍ସନ ଭଲଭାବେ ଦୃଶ୍ୟମାନ ହୋଇପାରିବ ତାକୁ ଦୃଷ୍ଟିରେ ରଖିଛୁ। ଏଥିପାଇଁ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନିଆଯାଇଛି। ଆଗାମୀ ଦିନରେ ମହିଳା ଖୋ ଖୋ ଲିଗ୍‌ର ମଧ୍ୟ ଆୟୋଜନ ଯୋଜନା ରହିଛି। ତେବେ ଏଥିପାଇଁ ଭଲଭାବେ ବିଚାରବିମର୍ଶ ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ଖୋ ଖୋର ପ୍ରଚାର ଓ ପ୍ରସାର ଠିକ୍‌ଭାବେ ହୋଇପାରିଲେ ଏହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ କ୍ରୀଡ଼ା ପରି ଲୋକପ୍ରିୟତା ଅର୍ଜନ କରିପାରିବ ଏଥିରେ ଦ୍ୱିମତ ନାହିଁ ବୋଲି ତେନ୍‌ଜିଂ ପ୍ରକାଶ କରିଛନ୍ତି।

**-ସାକ୍ଷାତ: ତପନ ସ୍ୱାଇଁ**

# ଫୁଟ୍‌ବଲ, ହକି ଟ୍ରେନିଂ ପାଇଁ ବଡ଼ ସୁଯୋଗ





**ଭୁବନେଶ୍ୱର, ୨।୯ (କ୍ରୀଡ଼ା ପ୍ରତିନିଧି)**

ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର କ୍ରୀଡ଼ା କ୍ଷେତ୍ରରେ ଅନେକ ପଦକ୍ଷେପ ନେଉଛନ୍ତି। ଏହା କେବଳ ଗୋଟିଏ କିମ୍ବା ୨ଟି ଖେଳରେ ସୀମିତ ରହିନାହିଁ। ହକିଠାରୁ ଆରମ୍ଭ କରି ଫୁଟବଲ, ସନ୍ତରଣ ଓ ଖୋ ଖୋ ପର୍ଯ୍ୟନ୍ତ ଏହା ଲମ୍ବିବାରେ ଲାଗିଛି। ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ କରାଯାଉଛି। ଫଳରେ ଏଠାରେ ପ୍ରଥମଥରପାଇଁ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫାର ଏକ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଫିଫା ଷ୍ଟାଣ୍ଡାର୍ଡର ୪ଟି ପଡ଼ିଆ ମଧ୍ୟ ପ୍ରସ୍ତୁତ କରାଯାଇଛି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଉତ୍ସାହ କ୍ରମେ ବଢ଼ିବାରେ ଲାଗିଥିବାବେଳେ ଏବେ ଫୁଟବଲକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ ସୁଯୋଗ ସୃଷ୍ଟି କରାଯାଇଛି। ଆଗାମୀ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ଏକ ଉନ୍ନତ ଫୁଟବଲ ସଂସ୍କୃତି ସୃଷ୍ଟି ଲକ୍ଷ୍ୟରେ ଏବେ 'ଲେଟ୍ସ ପ୍ଲେ ଫୁଟବଲ ପ୍ରୋଗ୍ରାମ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପେ ଆଣ୍ଡ ପ୍ଲେ ଭିତ୍ତିରେ ୯ରୁ ୧୦ ଏବଂ ୧୧ରୁ ୧୩ ବର୍ଷ ବୟସ ବର୍ଗର ପିଲାଙ୍କ ପାଇଁ ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ କରାଯାଉଛି। ୨୦୧୩ରୁ ୨୦୧୪ ମଧ୍ୟରେ ଜନ୍ମିତ ପିଲାଙ୍କୁ ନେଇ ଏକ ବ୍ୟାଚ୍ ଏବଂ ୨୦୧୧ରୁ ୨୦୨୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଲାଙ୍କୁ ନେଇ ଆଉ ଏକ ବ୍ୟାଚ୍ ଗଠନ କରାଯିବ। ଉଭୟ ବ୍ୟାଚରେ ସର୍ବାଧିକ ୩୦ ଜଣ ଲେଖାଏ ବାଳିକା ଓ ବାଳକ ରହିପାରିବେ। ଏଥିପାଇଁ ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପଞ୍ଜୀକରଣ ପାଇଁ ଥରେ ୨୦୦୦ ଟଙ୍କା ଏବଂ ଟ୍ରେନିଂ ପାଇଁ ପିଲାମାନଙ୍କୁ ମାସିକ ୧୦୦୦ ଟଙ୍କା ଦେବାକୁ ପଡ଼ିବ। ପ୍ରତି ସପ୍ତାହରେ ୩ ଦିନ ଲାଇସେନ୍ସପ୍ରାପ୍ତ କୋଚ୍‌ମାନେ ପିଲାମାନଙ୍କୁ ଟ୍ରେନିଂ ଦେବେ। ଏହି କାର୍ଯ୍ୟକ୍ରମ ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ଉନ୍ନତ ଟ୍ରେନିଂପ୍ରାପ୍ତ ଅନେକ ଖେଳାଳି ଉପଲବ୍ଧ ହୋଇପାରିବେ ଏବଂ ରାଜ୍ୟ ଫୁଟବଲ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଫୁଟବଲ ପରି ହକିରେ ମଧ୍ୟ ସମାନ ବ୍ୟବସ୍ଥା ଆରମ୍ଭ ହେଉଛି। ଗୋଟିଏ ବ୍ୟାଚ୍‌ରେ ୮ରୁ ୧୧ ଏବଂ ଦ୍ୱିତୀୟ ବ୍ୟାଚ୍‌ରେ ୧୨ରୁ ୧୫ ବର୍ଷୀୟ ପିଲାଙ୍କୁ ନିଆଯିବ। ପ୍ରତି ବ୍ୟାଚ୍‌ରେ ବାଳିକା ଓ ବାଳକ ମିଶି ୪୦ ଜଣ ରହିବେ। କଳିଙ୍ଗ ଷ୍ଟାଡିୟମରେ ପ୍ରତି ରବିବାର ପିଲାମାନଙ୍କୁ ଟ୍ରେନିଂ ଦିଆଯିବ। ଏହାପରେ ଟ୍ରେନିଂ ଦିବସକୁ ବୃଦ୍ଧି କରାଯିବ। ଚଳିତ ମାସ ୪ ତାରିଖରୁ ଏଥିପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

# ଜାଡେଜା ଆହତ, ଏସିଆ କପ୍‌ରୁ ଓହରିଲେ

**ଦୁବାଇ, ୨।୯ (ପି.ଟି.):** ଆଣ୍ଠୁରେ ଆଘାତ ଯୋଗୁ ଟିମ୍ ଇଣ୍ଡିଆ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ ଏସିଆ କପ୍‌ର ଅବଶିଷ୍ଟ ଭାଗରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ଦଳରେ ନିଆ ଯାଇଛି। ଅଗଷ୍ଟ ୨୮ରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟରେ ଜାଡେଜା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୨୯ ବଲ୍‌ରୁ ୩୫ ରନ ସଂଗ୍ରହ କରିଥିଲେ। ହଂକଂ ବିପକ୍ଷ ମ୍ୟାଚରେ ସେ ବ୍ୟାଟିଂ ସୁଯୋଗ ପାଇ ନ ଥିଲେ ହେଁ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୫ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ତେବେ ସେ ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ ବେଳକୁ ସୁସ୍ଥ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଏସିଆର କପ୍‌ର ସୁପର-୪ ପର୍ଯ୍ୟାୟରେ ଭାରତ ଏହାର ପ୍ରଥମ ମ୍ୟାଚ ରବିବାର ଖେଳିବ।


ଉତ୍ତରାଖଣ୍ଡର ପର୍ବତ ଶୃଙ୍ଗ ସତୋପନ୍ଥ (୭୦୭୫ ମିଟର) ଆରୋହଣ ପରେ ଓଡ଼ିଶାର ସତ୍ୟବ୍ରତ ଦାସ।

# ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ

**ଭୁବନେଶ୍ୱର, ୨।୯ (କ୍ରୀଡ଼ା ପ୍ରତିନିଧି):**

ଅଗଷ୍ଟ ୨୦ରୁ ୩୧ ପର୍ଯ୍ୟନ୍ତ ୯ମ ଏସୀୟ ଯୁବ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ବାହାରିନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ। ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ଭଲ ରହି ନ ଥିଲେ ହେଁ ଅଭିଜ୍ଞତା ଆହରଣ କରି ବ୍ରାହ୍ମିନ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି। ଏହି ଅଭିଜ୍ଞତା ଆଗାମୀ ଦିନରେ ତାଙ୍କୁ ବେଶ୍ ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ଏହା ପୂର୍ବରୁ ତେହେରାନରେ ଅନୁଷ୍ଠିତ ଦ୍ୱିତୀୟ ଏସୀୟ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ମଧ୍ୟ ଆର୍ଯ୍ୟନ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।


ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଆର୍ଯ୍ୟନ ବ୍ରାହ୍ମିନ।

## ରାଜ୍ୟ ଖବର

### ନବଦମ୍ପତିଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୨।୯:** ବାଲେଶର ଜିଲା ସଦର ଥାନା ଅଧୀନ ଚଷାଖଣ୍ଡ ପଞ୍ଚାୟତର ମଧୁପୁରା ଗାଁର ଅଭାବନୀୟ ଘଟଣା ଘଟିଛି। ବାହାଘରର ୨ମାସ ନ ପୂରୁଣୁ ଶୁକ୍ରବାର ସନ୍ଧ୍ୟାରେ ଉଭୟ ସ୍ତ୍ରୀ ସ୍ୱାମୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ହରିଶଙ୍କର ଜେନା (୨୮) ଓ ଭଦ୍ରକ ଅଞ୍ଚଳର ବେବି ଜେନା (୨୪) ଦୁଇମାସ ତଳେ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କରିବା ପରେ ପ୍ରେମ ବିବାହ କରିଥିଲେ। ସେମାନେ ପରିବାର ମଧ୍ୟରେ ଅଲଗା ହୋଇ ରହୁଥିଲେ। ଆର୍ଥିକ ଅନାଟନ ଲାଗି ରହିଥିବା କାରଣରୁ ଦମ୍ପତିଙ୍କ ମଧ୍ୟରେ କଥା କଟାକଟି ହେଉଥିଲା। ହରିଶଙ୍କରଙ୍କ ମା' ୪ ଦିନ ଧରି ବନ୍ଧୁ ଘରକୁ ଯାଇଥିବା ବେଳେ ବାପା ଓ ସାନଭାଇ ମଧ୍ୟ କାମକୁ ଯାଇଥିଲେ। ଘରେ କେହି ନ ଥିବା ବେଳେ ହରିଶଙ୍କର ଓ ବେବି ବିଷ ପିଇ ଦେଇଥିଲେ। ସାନ ଭାଇ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଉଭୟଙ୍କୁ ଜିଲା ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନାଡ଼ପାଲି ଜଙ୍ଗଲରୁ ୨ ମାଓବାଦୀ ଗିରଫ


ଗିରଫ ୨ ମାଓବାଦୀ।

**ମାଲକାନଗିରି, ୨।୯ (ଡି.ଏନ.ଏ.)** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ପୋଲିସର ସର୍ଚ୍ଚ ଅପରେଶନ ବେଳେ ନାଡପାଲି ଜଙ୍ଗଲରୁ ୨ ଜଣ ମାଓବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ କାକା କିସ୍ତା ଓ କଡତି ନରସ। ପୋଲିସ ଓ ସିଆରପିଏଫ୍‌ର ପକ୍ଷରୁ ଏହି ଜଙ୍ଗଲରେ ସର୍ଚ୍ଚ ଅପରେଶନ ବେଳେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରୁଥିଲେ। ସେମାନଙ୍କୁ ସନ୍ଦେହ କରି ଯବାନମାନେ କାବୁ କରି ନେଇଥିଲେ। ପଚରାଉଚରା କରିବାରୁ ସେମାନେ ଉଭୟେ ମାଓବାଦୀ ବୋଲି ଜଣାପଡିଥିଲା। ଉଭୟେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ରହିଛନ୍ତି। କାକାଙ୍କ ଉପରେ ଜଣେ ଗ୍ରାମବାସୀଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗ ରହିଛି। ସେମାନଙ୍କ ନାମରେ ସରକାର ପୂର୍ବରୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

### ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଶାଖାର କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨।୯ (ବ୍ୟୁରୋ):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି । ୩ ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ପୂର୍ବତନ ଏମପି ରାମଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ଜେନା, ସାଧାରଣ ସମ୍ପାଦକ କିଶୋର ଜେନା, ପ୍ରଶାନ୍ତ ବେହେରା, ସୌଭାଗ୍ୟ ପ୍ରଧାନ, ଉପସଭାପତି ମଦନ ମୋହନଧଳ, ବନଲତା ମିଶ୍ର, ସନ୍ଧ୍ୟା ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବିଦ୍ୟାଧର ମହାନ୍ତି, ପରେଶ ଜେନା, କୋଷାଧ୍ୟକ୍ଷ ଧରଣୀଧର ସ୍ୱାଇଁ, ଯୁଗ୍ମ ସାଧାରଣ ସମ୍ପାଦକ ନିର୍ମାଲ ସାମଲ, ଅକ୍ଷୟ [1]ତ୍ରିପାଠୀ, ସତ୍ୟବ୍ରତ ନାୟକ, ସମ୍ପାଦକ ଏସ୍.ଏନ୍. ସାହୁ, କ୍ଷୀରୋଦ ଓଝା, ପ୍ରଣତୀ ମିଶ୍ର, ଚାରୁଲତା ଦାସ, ପୀତବାସ ପଣ୍ଡା,ପି.କେ. ଦାସ, ବୈଭବ ଜେନା, ଶିବାଜୀ କଅଁର ପ୍ରମୁଖ କାର୍ଯ୍ୟକାରୀ କମିଟିର ୩୬ ଓ ସ୍ଥାୟୀ ସଦସ୍ୟ ଭାବେ ୨୮ ଜଣ ନିର୍ବାଚିତ ହୋଇଛନ୍ତି।

### ସ୍ୱତନ୍ତ୍ର ଡ୍ରାଇଭ: କଟିଲା ୨୪,୪୭୪ ଇ-ଚାଲାଣ

**ଭୁବନେଶ୍ୱର, ୨।୯(ବ୍ୟୁରୋ)**

- ରାଜପଥରେ ଯାନବାହନ ଯାଞ୍ଚ କଡ଼ାକଡ଼ି
- ବିନା ଲାଇସେନ୍ସ ପାଇଁ ୮୮୮ ଗାଡ଼ି ଜବତ
- ୧୨,୫୪୫ ଚାଳକଙ୍କ ଲାଇସେନ୍ସ ରଦ୍ଦ



ଦୁର୍ଘଟଣା ହ୍ରାସ, ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଅଗଷ୍ଟ ୧୬ରୁ ୩୦ ଯାଏ ଦୁଇ ସପ୍ତାହ ଧରି ଜାତୀୟ ଓ ରାଜ୍ୟ ରାଜପଥରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଛି। ଏହି ସମୟରେ ବିନା ହେଲମେଟରେ ବେପରୁଆ ଗାଡ଼ି ଚାଳନା ପାଇଁ ୨୪,୪୭୪ ଇ-ଚାଲାଣ କଟାଯାଇଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଥିବା ଅଭିଯୋଗରେ ୮୮୮ ଗାଡ଼ି ଜବତ କରାଯାଇଛି। ଜରିମାନା ବାବଦକୁ ଏସ୍‌ଟିଏ ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ୬୩ ଲକ୍ଷ ୯୮ ହଜାର ୧୧୬ ଟଙ୍କା ଆଦାୟ କରିଛି। ସେହିପରି ବିନା ହେଲ୍‌ମେଟରେ ଗାଡ଼ି ଚଲାଇବା କାରଣରୁ ୧୨,୫୪୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି।

ପାର୍ବଣ ଋତୁକୁ ନଜରରେ ରଖି ସେପ୍ଟେମ୍ବରରେ ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭକୁ ଆହୁରି କଡ଼ାକଡ଼ି କରାଯାଇଛି। ବିନା ହେଲ୍‌ମେଟରେ ଗାଡ଼ି ଚଲାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମୋଟରଯାନ ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ଓ ସଡ଼କ ସୁରକ୍ଷା ଅତିରିକ୍ତ କମିଶନର ଲାଲମୋହନ ସେଠୀ ଚେତାବନୀ ଦେଇଛନ୍ତି। ଏନ୍‌ଫୋର୍ସମେଣ୍ଟ ଡ୍ରାଇଭରେ ହେଲ୍‌ମେଟ ଯାଞ୍ଚ, ସ୍କୁଲ ବସ୍, ଓଭର ଲୋଡିଂ, ଫିଟ୍‌ନେସ ଯାଞ୍ଚ କରାଯିବ। ନିଶାସେବନ କରି ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତିରେ ଲାଲମୋହନ କହିଛନ୍ତି, ବାଇକ୍ ଚାଳକଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ରୋକିବା ପାଇଁ ଚାଳକଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିବା। ଲୋକମାନେ ସହରାଞ୍ଚଳରେ ହେଲ୍‌ମେଟ ବ୍ୟବହାର କରୁଥିଲେ ମଧ୍ୟ ରାଜପଥରେ ହେଲ୍‌ମେଟ ନ ପିନ୍ଧି ଗାଡ଼ି ଚଲାଇବା କାରଣରୁ ଦୁର୍ଘଟଣା ଘଟୁଛି। ସୂଚନାଯୋଗ୍ୟ, ୨୦୨୧ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୮୬୮ ବାଇକ୍ ଚାଳକ ସମେତ ମୋଟ୍ ୧୩୦୮ ଜୀବନ ଯାଇଥିଲା। ତନ୍ମଧ୍ୟରୁ ଅଧିକାଂଶ ହେଲ୍‌ମେଟ ପିନ୍ଧି ନ ଥିବା କାରଣରୁ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେହିପରି ୧,୨୮୦ ଜଣ ଗୁରୁତର ଓ ୭୪୭ ଜଣ ସାମାନ୍ୟ ଆହତ ହୋଇଥିଲେ।

### ଅବସର ପରେ ଖୋଲିଲେ ମାଗଣା କ୍ଲିନିକ୍

**ସମ୍ବଲପୁର, ୨।୯(ବ୍ୟୁରୋ)**

ସମ୍ବଲପୁରର ଜଣେ ଡାକ୍ତର ଅବସର ପରେ ଲୋକଙ୍କୁ ମାଗଣା ସେବା ଯୋଗାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ହେଉଛନ୍ତି ସମ୍ବଲପୁର ସହରର ଅବସରପ୍ରାପ୍ତ ଏଡିଏମ୍‌ଓ ଡା. ପଞ୍ଚାନନ ନାଏକ। ଚାକିରି ସମୟରେ ସେ ରୋଗୀସେବା କରି ଯେଉଁଭଳି ପ୍ରଶଂସା ସାଉଁଟିଥିଲେ ଅବସର ପରେ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଜିଲା ସଦର ମେଡିକାଲ ପାଖ ଚର୍ଚ୍ଚ ଛକରେ ସେ ମାଗଣା କ୍ଲିନିକ ଖୋଲି ଦିନକୁ ୨ଘଣ୍ଟା ସେବା ଯୋଗାଇ ଦେଉଛନ୍ତି। ଅଗଷ୍ଟ ୧୫ରେ ସେ ଏହି କ୍ଲିନିକ ଖୋଲିଥିବାବେଳେ ଧୀରେ ଧୀରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ଏ ସମ୍ପର୍କରେ ଡାକ୍ତର ନାଏକ କହିଛନ୍ତି, ଚାକିରି କରୁଥିବା ସମୟରେ ରୋଗୀମାନଙ୍କ ସମସ୍ୟାକୁ ବହୁ ପାଖରୁ ଦେଖି ଅନୁଭବ କରିଥିଲି। ସେ ସମୟରେ ଏକ ମାଗଣା କ୍ଲିନିକ ଖୋଲି ସେବା ଯୋଗାଇଦେବାକୁ ମନସ୍ଥ କରିଥିଲି। ପରେ ଏଡିଏମ୍‌ଓକୁ ପଦୋନ୍ନତି ହୋଇଥିଲା। ଫଳରେ ମେଡିକାଲରେ ରୋଗୀ ସେବା ଓ ଅନ୍ୟାନ୍ୟ କାମ ଯୋଗୁ କ୍ଲିନିକ ଖୋଲିବା ସମ୍ଭବ ହୋଇପାରି ନ ଥିଲା। ବରଗଡ ଜିଲାରେ ଏଡିଏମ୍‌ଓ ଭାବେ କାର୍ଯ୍ୟ କରୁଥିବା ସମୟରେ ୨୦୨୦ ଜାନୁୟାରୀରେ ଅବସର ନେଇଥିଲି। ସେ ସମୟରେ କ୍ଲିନିକ ଖୋଲିବାକୁ ନିଷ୍ପତ୍ତି ନେଇଥିଲି। ହେଲେ କୋଭିଡ୍ କଟକଣା ଯୋଗୁ ବିଳମ୍ବ ହୋଇଥିଲା। ପରେ ସହର ଭିତରେ ଚର୍ଚ୍ଚ ଛକରେ ଏକ ଭଲ ସ୍ଥାନ ମିଳିବାରୁ ଅଗଷ୍ଟ ୧୫ଠାରୁ କ୍ଲିନିକ ଆରମ୍ଭ ହୋଇଛି।


ଚର୍ଚ୍ଚ ଛକରେ ଡାକ୍ତର ପଞ୍ଚାନନ ନାଏକ ଚିକିତ୍ସା କରୁଛନ୍ତି ।

ନିୟମିତ ୧୫ଜଣ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କ୍ଲିନିକ୍ ଖୋଲା ରହୁଛି। ଯେଉଁ ରୋଗୀଙ୍କ ଅଧିକ ଚିକିତ୍ସା ଆବଶ୍ୟକ ପଡୁଛି ସେମାନଙ୍କୁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଉଛି। ସୋମବାରଠାରୁ ଶନିବାର ୬ଦିନ କ୍ଲିନିକ୍ ଖୋଲାଯାଉଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆଗକୁ ସେବା ଦେବା ସମୟ ମଧ୍ୟ ବୃଦ୍ଧି କରିବାକୁ ଯୋଜନା କରୁଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଡାକ୍ତର ନାଏକ ଚାକିରି ସମୟରେ ଗ୍ରାମାଞ୍ଚଳ, ସହରାଞ୍ଚଳରେ ଥିବା ଡାକ୍ତରଖାନାରେ ଜଣେ ଆଦର୍ଶ ଡାକ୍ତର ଭାବେ କାମ କରିଆସୁଥିଲେ। ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସେ ଜଣେ ଉତ୍ତମ ସର୍ଜରି ଡାକ୍ତର ଭାବେ ଜଣାଶୁଣା। ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ତାଲିମ କେନ୍ଦ୍ର କରି ବିଭିନ୍ନ ରୋଗ ଓ ଏହାର ନିରାକରଣ ଉପରେ ସଚେତନ କରୁଥିଲେ। ଅନେକ ସଙ୍କଟାପନ୍ନ ରୋଗୀଙ୍କ ଅପରେଶନ କରି ଜୀବନ ବଞ୍ଚାଇଥିଲେ। ତେଣୁ ରୋଗୀ ସମ୍ପର୍କୀୟଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏବେ ୬୫ବର୍ଷ ବୟସରେ ମାଗଣା ସେବା ଯୋଗାଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି।

### ତହସିଲଦାରଙ୍କ ସମେତ ୩୦ କର୍ମଚାରୀଙ୍କ ଦରମା ବନ୍ଦ

**ରାୟଗଡ଼ା ଅଫିସ, ୨।୯**

**କର୍ତ୍ତବ୍ୟରେ ଅବହେଳା, ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ**

କର୍ତ୍ତବ୍ୟରେ ଅବହେଳା ବିରୋଧରେ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ଶୁକ୍ରବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାଶୀପୁର ତହସିଲଦାରଙ୍କ ସମେତ ତହସିଲ କାର୍ଯ୍ୟାଳୟର ୩୦ କର୍ମଚାରୀଙ୍କ ମାସକର ଦରମା ବନ୍ଦ କରିଛନ୍ତି।

ସୂଚନାଯୋଗ୍ୟ, ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ଅନେକ ସମୟରେ କର୍ମଚାରୀଙ୍କ ଅନୁପସ୍ଥିତି, ଠିକ୍ ସମୟରେ ଲୋକଙ୍କୁ ସେବା ପ୍ରଦାନ କରାଯାଉ ନ ଥିବାରୁ ଲୋକେ ନିରାଶ ହୋଇ ଫେରିବା ଏବଂ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ବିଶେଷକରି କାଶୀପୁର ତହସିଲ କାର୍ଯ୍ୟାଳୟରେ ଲୋକେ ସେବା ନ ପାଇ ଅଧିକ ହଇରାଣ ହେଉଥିବା ଜିଲାପାଳଙ୍କ ନଜରକୁ ଆସିଥିଲା। ଶୁକ୍ରବାର ଜିଲାପାଳ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିବାବେଳେ ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ପରେ ଜିଲାପାଳ କାଶୀପୁର ତହସିଲଦାର ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଜିଲାର ଅନ୍ୟ ସମସ୍ତ ତହସିଲଦାରଙ୍କୁ ତାଗିଦ କରି ତୁରନ୍ତ ରାଜସ୍ୱ ମାମଲାଗୁଡ଼ିକର ଫଇସଲା କରିବାକୁ କହିଥିଲେ। ପ୍ରତ୍ୟେକ ବ୍ଲକରେ ହେବାକୁ ଥିବା ମିନି ଷ୍ଟାଡିୟମ ପାଇଁ ତୁରନ୍ତ ୫ ଏକର ଜାଗା ଚିହ୍ନଟ, ବସ୍‌ଷ୍ଟାଣ୍ଡ ପାଇଁ ଜାଗା ପ୍ରଦାନ, ମିଶନ ଶକ୍ତି ଗୃହ ପାଇଁ ରାୟଗଡ଼ା ତହସିଲ ପକ୍ଷରୁ ଶୀଘ୍ର ଜାଗା ଚିହ୍ନଟ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଗୁଣପୁର ଉପଜିଲାପାଳ ସୋମନାଥ ଦଳବେହେରା, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବରଙ୍କ ସମେତ ଜିଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ। ତେବେ କାଶୀପୁର ତହସିଲଦାର ଓ କର୍ମଚାରୀଙ୍କ ଦରମା ବନ୍ଦ ବିଷୟରେ ଜିଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ପ୍ରଶାସନିକ ସ୍ତରର ନିଷ୍ପତ୍ତି। ତେଣୁ ଏ ବିଷୟରେ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

# ତଥ୍ୟବେତ୍ତା ଦେବେନ୍ଦ୍ରଃ କୁଣ୍ଠିତ ବିଦାୟ

**ପ୍ରଦକ୍ଷିଣ**

**ଡକ୍ଟର ହୃଷୀକେଶ ମଲ୍ଲିକ**

ଚଳିତ ଅଗଷ୍ଟ ୨୫ ତାରିଖ ଗୁରୁବାର ମଧ୍ୟାହ୍ନରେ ଜାଣିଲି ଅଗ୍ରଜ ସାରସ୍ୱତ ବନ୍ଧୁ ଦେବେନ୍ଦ୍ର ଦାଶ ଚାଲିଗଲେ। ଏ ଖବରଟି ଶୁଣି ଆକାଶରୁ ଖସିପଡ଼ିଲା ପରି ଲାଗିଲା। ନା, ଏହା ବିଶ୍ୱାସଯୋଗ୍ୟ ନୁହେଁ। କିନ୍ତୁ ସତ୍ୟ ସବୁବେଳେ ସତ୍ୟ। ପରେ ନିଃସନ୍ଦେହ ହେଲି ଯେ ସତରେ ଦେବେନ୍ଦ୍ରବାବୁ ଚାଲିଗଲେ। ସଙ୍ଗେସଙ୍ଗେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ରେ ଏକ ଶୋକସଭାର ଆୟୋଜନ ହେଲା ଓ ଆମେ ଏକାଡେମୀ ପରିବାରର ଲୋକେ ସ୍ୱର୍ଗତ ଆତ୍ମା ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଲୁ। ତା'ପରେ ମନ ଭିତରେ ଦେବେନ୍ଦ୍ର ବାବୁ ନାନା ଭାବେ ସାକାର ହୋଇଉଠିଲେ। ସମ୍ପୂର୍ଣ୍ଣ ସୁସ୍ଥ ଥାଇ (ଆପାତତଃ ଦୃଷ୍ଟିରୁ) ହଠାତ୍ କ'ଣ ଟିକିଏ ହୋଇଯିବାରୁ ଡାକ୍ତରଖାନା ଯାଇ ସେ ହୃଦ୍‌ଘାତର ଶିକାର ହେଲେ ଓ ଅକୁହାବୋଲା ଆମ ଗହଣରୁ ବିଦାୟ ନେଇଗଲେ।

ମୋ' ମତରେ ଆମ ସମକାଳର ସାହିତ୍ୟ-ସମାଲୋଚକଙ୍କ ମଧ୍ୟରେ ଦେବେନ୍ଦ୍ରବାବୁ ଥିଲେ ଜଣେ ଅସଲି ଜହୁରୀ। ଯେଉଁ ବିଷୟରେ ଲେଖୁଥିଲେ, ଛେନାରୁ ଚୋପା ଛଡ଼େଇ ଲେଖୁଥିଲେ। ନାନା ପାଠାଗାର, ଅଭିଲେଖାଗାର, ବ୍ୟକ୍ତି-ବଳୟ- ଖୋଜାଖୋଜି କରି ସେ ତାଙ୍କ ଗବେଷଣାକୁ ଉପଯୁକ୍ତ ତଥ୍ୟ ଦ୍ୱାରା ପୁଷ୍ଟ କରୁଥିଲେ। ତାଙ୍କର କୌଣସି ଲେଖାରେ ସେ ଉପରଠାଉରିଆ କେବେ ବି ନ ଥିଲେ। ରାଧାନାଥ ରାୟ ଓ ନଗେନ୍ଦ୍ରବାଳାଙ୍କ ସମ୍ପର୍କରେ ଯେଉଁ ତଥ୍ୟରାଜିର ସେ ଉଦ୍‌ଘାଟନ କରିଯାଇଛନ୍ତି, କବି ବ୍ରଜନାଥ ରଥଙ୍କ ଛଡ଼ା ଅନ୍ୟ କାହାରି ଲେଖାରେ ସେ ପ୍ରକାର ମୌଳିକତା ମୁଁ ଲକ୍ଷ୍ୟକରି ନାହିଁ। ଓଡ଼ିଆ ସାହିତ୍ୟର ପୁନଃ ଅଧ୍ୟୟନ କରି ଅଧ୍ୟୟନ କାଳରେ ସେ ଲକ୍ଷ୍ୟ କରିଥିବା କେତେକ ତ୍ରୁଟିର ଯେଉଁ ସଂଶୋଧନ କରିଛନ୍ତି, ତାହା ଓଡ଼ିଆ ସାହିତ୍ୟ ଇତିହାସର ନବ ନିର୍ମାଣରେ ମୂଲ୍ୟବାନ୍ ଆଧାର ହୋଇଉଠିଛି। ତାଙ୍କର ପ୍ରଧାନ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ଉତ୍କଳ ସମ୍ମିଳନୀ: ୧୮୦୩-୧୯୩୬', 'ଫକୀରମୋହନ ସେନାପତିଙ୍କ ଗଳ୍ପ ସମଗ୍ର', ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀର ସମ୍ପାଦନା ବିଶେଷ ତାତ୍ପର୍ଯ୍ୟ ବହନ କରେ। 'ରାମକୃଷ୍ଣ କାବ୍ୟ ସଂଗ୍ରହ'ର ମଧ୍ୟ ସେ ସମ୍ପାଦନା କରିଛନ୍ତି। ନନ୍ଦକିଶୋର ଓ ଗଙ୍ଗାଧରଙ୍କ କବିତ୍ୱର ଯେଉଁ ବିରଳ ଚର୍ଚ୍ଚା ସେ କରିଯାଇଛନ୍ତି, 'ଫୁଲ ଫୁଟିବାର କାହାଣୀ' ଓ 'ଗଙ୍ଗାଧର : କବିତା ଓ କବିଆତ୍ମା' ଗ୍ରନ୍ଥଦ୍ୱୟ ତା'ର ପ୍ରମାଣ। ଓଡ଼ିଆ ସାହିତ୍ୟର ସଂଶୟମୁକ୍ତ କାଳନିର୍ଣ୍ଣୟ, ନବ ବ୍ୟାଖ୍ୟା ଓ ସାରସ୍ୱତ ସ୍ରଷ୍ଟାମାନଙ୍କର 'ଜୀବନ ଚରିତ' ପ୍ରଣୟନରେ ତାଙ୍କ ସରି ହେବାଭଳି ସମାଲୋଚକ ଓଡ଼ିଆ ସାହିତ୍ୟରେ କ୍ୱଚିତ୍ ପରିଦୃଷ୍ଟ।

ବିଶିଷ୍ଟ ଲେଖକ ଓ ସାହିତ୍ୟ ସମାଲୋଚକ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତାଙ୍କର ଚଳିତବର୍ଷ ମେ' ୨୯ ତାରିଖରେ ଯେଉଁ ଜନ୍ମ-ଶତବାର୍ଷିକୀ ସମାରୋହ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଥିଲା (ଯାହାର ଆୟୋଜକ ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ), ତା'ର ବହୁ ଶ୍ରେୟ ଦେବେନ୍ଦ୍ରବାବୁଙ୍କର ହିଁ ପ୍ରାପ୍ୟ ଥିଲା। ସେ ଓ ମୁଁ ଏକାଡେମୀରେ ବସି ସମୁଦାୟ ସମ୍ମାନର ଖସଡ଼ା ପ୍ରସ୍ତୁତ କରିଥିଲୁ। କାହା କାହାକୁ ପ୍ରବନ୍ଧ ପାଠ ପାଇଁ ଡକାଯିବ- ତାହାର ତାଲିକା ତିଆରି କରିଥିଲୁ। ଆରମ୍ଭରୁ ଗୋବିନ୍ଦ ଚନ୍ଦ୍ରଙ୍କ କନ୍ୟା ଓ ଜାମାତାଙ୍କୁ ନେଇ ଦେବେନ୍ଦ୍ରବାବୁ କିପରି ଏହି ସମାରୋହ ଉନ୍ନତମାନର ହୋଇପାରିବ, ମୋ' ସହ ତାଳମେଳ ରଖି, କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରିଥିଲେ। ମେ ୨୮ ତାରିଖରେ ଆମେ ସାଙ୍ଗ ହୋଇ ସମ୍ବଲପୁର ଯାଇଥିଲୁ। ବାଟସାରା ସେ ତାଙ୍କ ଜୀବନର କେତେ ଯେ ଅସରା ଗପ ଗପିଥିଲେ, ତା'ର ହିସାବ ନାହିଁ। ଅଧ୍ୟାପନା ପାଇଁ ଚୟନବୋର୍ଡରେ ନିଜର ଶିକ୍ଷକ ସର୍ବନିୟନ୍ତା ଥାଇ ତାଙ୍କୁ କିପରି ଶିଶୁପାଳ ହେବାକୁ ପଡ଼ିଥିଲା ଓ ଏହା ସତ୍ତ୍ୱେ କିପରି ତାଙ୍କର କିଛି କ୍ଷୋଭ ନ ଥିଲା- ତାହା ସେ ମୋତେ ଗୋଟି ଗୋଟି କରି କହିଥିଲେ। କଥା ପ୍ରସଙ୍ଗରେ ବି କହିଥିଲେ, ନିଜ ଜନ୍ମିତ ଗାଁ (ଜଗତ୍‌ସିଂହପୁର ଜିଲାର ମାଛ ଗାଁ ପାଖ ବୀରନରସିଂହପୁର ଶାସନ)ର କେତେ କାହାଣୀ। କିପରି ସେ ସେଠାରେ ପାଠାଗାର ଓ ଦେବାଳୟମାନ ସ୍ଥାପନ କରି ନିତ୍ୟ ପୁରାଣପାଠର ବ୍ୟବସ୍ଥା ନିଜ ବ୍ୟୟରେ କରିଛନ୍ତି ଓ ମଝିରେ ମଝିରେ ଗାଁକୁ ଯାଇ ଗାଁ ଲୋକଙ୍କ ସହ ସମ୍ପର୍କ ରଖିଛନ୍ତି, ତାହା ବଖାଣି ଥିଲେ। ସେ ରହୁଥିବା ଫ୍ଲାଟ୍‌ର ଉପର ମହଲାରେ ତାଙ୍କ ପଢ଼ାଘର। ସେଠି ସେ ପଢ଼ାପଢ଼ି ଓ ଲେଖାଲେଖି କରନ୍ତି। ମଧ୍ୟାହ୍ନ ଭୋଜନ ପରେ ପତ୍ନୀଙ୍କ ସହ ସୁଖଦୁଃଖ ହେବାରେ ତାଙ୍କ ସମୟ କଟେ। ତାଙ୍କ ଘର ଓ ଗାଡ଼ି କିଶୋର କାହାଣୀ ମଧ୍ୟ ସମ୍ବଲପୁର ଯାତ୍ରା କାଳର ଗପସପରୁ ସେଦିନ ବାଦ୍ ପଡ଼ି ନ ଥିଲା। ଏତେ ନିଷ୍କପଟ, ଖୋଲା ହୃଦୟର ଲୋକ ଖୁବ୍ କମ୍ ଅଛନ୍ତି ଆଜିର ଯୁଗରେ।

ଘରୋଇ କଲେଜରେ ଚାକିରି କରିବାରେ ତାଙ୍କର ଅଧ୍ୟାପନା ଜୀବନ ବିତିଥିଲା। ଚାକିରିକାଳର ବେଶୀ ସମୟ ସେ ରାଉରକେଲାରେ କଟାଇଥିଲେ। ସ୍ୱର୍ଗତ କ୍ଷେତ୍ରବାସୀ ନାୟକଙ୍କ ଦ୍ୱାରା ସ୍ଥାପିତ 'ଓଡ଼ିଆ ଗବେଷଣା ପରିଷଦ' ସହ ସେ ଦୀର୍ଘକାଳ ସକ୍ରିୟ ଭାବେ ଜଡ଼ିତ ଥିଲେ। 'ଏଷଣା' (ପରିଷଦର ମୁଖପତ୍ର)ର ମଧ୍ୟ ସେ ଥିଲେ ଅନ୍ୟତମ ବିନ୍ଧାଣି। ଦେବେନ୍ଦ୍ରବାବୁ ସ୍ୱଚ୍ଛନ୍ଦରେ ଗବେଷଣା ପାଇଁ କମଳା ନେହେରୁ କଲେଜରେ ଅବସ୍ଥାପିତ ଥିବାବେଳେ ଅଧ୍ୟାପନା ବୃତ୍ତିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ସେ ଥିଲେ ଆତ୍ମପ୍ରଚାର ବିମୁଖ, ନିରଳସ ବାଣୀ ସେବକ। ଓଡ଼ିଆ ସାହିତ୍ୟର ସବୁଠୁଁ ନିର୍ଭରଯୋଗ୍ୟ ଏହି ତଥ୍ୟବେତ୍ତା ସାଧକ ଜଣକ ଆମକୁ ଅଧା ବାଟରେ ଛାଡ଼ିଦେଇ ଚାଲିଗଲେ- ଏହା ହିଁ ଆମର ଅବସୋସ। ୨୦୨୦ ମସିହା ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ ଓ ମୋ ସଭାପତିତ୍ୱରେ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଏ ସ୍ମୃତି ଅଲିଭା। ୧୯୫୪ (ଜୁଲାଇ ୨୮ରେ ଜନ୍ମ)ରୁ ୨୦୨୨ (ମେ ' ୨୫ରେ ପରଲୋକ)-୬୮ ବର୍ଷର ଏକ ଚଳମାନ ଜ୍ଞାନ-ତପସ୍ୱୀଙ୍କର ଏ ଅକାଳ-ଅସ୍ତ ବରଦାସ୍ତ କରିବାର ନୁହେଁ। ତାଙ୍କ ଶୂନ୍ୟସ୍ଥାନ ନିକଟ ଭବିଷ୍ୟତରେ ପୂରଣ ହେବ- ଏ ଆଶା ଦିଶୁନାହିଁ। ତାଙ୍କୁ ମୋର ଓ ମୋ' ଭାଷା-ସାହିତ୍ୟର ଶତଶତ ପ୍ରଣାମ!

ମୋ: ୯୮୫୩୨୮୭୭୫୫






ଦେବେନ୍ଦ୍ର କୁମାର ଦାଶଙ୍କ ଜନ୍ମ ୨୮ ଜୁଲାଇ ୧୯୫୪ରେ, ଜଗତ୍‌ସିଂହପୁର ଜିଲାର ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ। ଗାଁ ସ୍କୁଲ୍‌ରୁ ପ୍ରାଥମିକ ଶିକ୍ଷା, ଓଡ଼ିଶା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ। ଓଡ଼ିଆ ଭାଷା-ସାହିତ୍ୟରେ ଦୀର୍ଘକାଳର ଅଧ୍ୟାପନା ପରେ, ଗବେଷଣା ଓ ଅଧ୍ୟୟନ ପାଇଁ ଅନେକ ସମୟ ଦେବା ଲକ୍ଷ୍ୟରେ ଭୁବନେଶ୍ୱରର କମଳା ନେହେରୁ କଲେଜରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ। ବହୁ ଗ୍ରନ୍ଥ ଓ ଗ୍ରନ୍ଥାବଳୀର ତଥ୍ୟନିଷ୍ଠ ସମ୍ପାଦନା, ଯହିଁରେ ପ୍ରମୁଖ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ। ଓଡ଼ିଆ ସାହିତ୍ୟକୁ ବିରଳ ଅବଦାନ ପାଇଁ ୨୦୨୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' କର୍ତ୍ତୃକ ସମ୍ବର୍ଦ୍ଧିତ। ୨୫ ଅଗଷ୍ଟ ୨୦୨୨ରେ ହୃଦ୍‌ଘାତରେ ପରଲୋକ।

ଜ୍ଞାନ-ତପସ୍ୱୀ ଦେବେନ୍ଦ୍ରଙ୍କୁ ନେଇ ଏ ଶୋକାଲେଖ୍ୟ...

## କବିତା

### ପଥର

**ରଞ୍ଜନ କୁମାର ଦାସ**

ପଥର ବଡ଼ ଅଭିଶପ୍ତ !

ଶିଳ୍ପୀର ଶତ ପ୍ରଚେଷ୍ଟା ସତ୍ତ୍ୱେ
ଯେତେ ଜୀବନ୍ତ ଦିଶିଲେ ବି ପଥର
ତା' ଦେହକୁ ଫେରିପାରେନା ଜୀବନ।

ପଥରର ମୂର୍ତ୍ତି ପଥର ସବୁବେଳେ
ସ୍ଥିର, ସ୍ଥବିର, ନିସ୍ତରଙ୍ଗ
ତା' ଦେହରେ ନ ଥାଏ ଆବେଗ, ଉଚ୍ଛ୍ୱାସ
ହର୍ଷ, ବିଷାଦ, ଉଲ୍ଲାସ
ପ୍ରେମ, ବିରହ, ଆଗ୍ରହ, ଅଭିମାନ।

ପଥରର ମୂର୍ତ୍ତି ପଥର ସବୁବେଳେ
ସେ କ'ଣ ବୁଝିବ ସମ୍ପର୍କ
ବୁଝିବ ଆପଣାପଣ
ଯେତେ କୁଣ୍ଢେଇଲେ ତାକୁ
ସେ କ'ଣ ଲାଗିବ ନରମ ?

ପଥର ବଡ଼ ଅଭିଶପ୍ତ
ଖୁବ୍ ଏକୁଟିଆ ତା'ର ଜୀବନ।

ମୋ: ୯୪୩୭୨୮୬୫୧୨

### ସୂର୍ଯ୍ୟଘଡ଼ି

**ଡ. ଗୌରୀଶଙ୍କର ସାହୁ**

ଦେଖା ହେଲେ,
ରେଭେନ୍ସାର ସୂର୍ଯ୍ୟଘଡ଼ି
ପ୍ରତିଥର ଗୋଟିଏ କଥା କହେ।
ଉଡ଼ୁଥିବା ସମୟର ସଦ୍ୟ ସ୍ଥିତି
ରଙ୍ଗ ବେରଙ୍ଗର ନାନା ଫୁଲଗଛ,
ଫୁଲେଇ ଘାସ ଗାଲିଚା ମଝିରେ
ଚୁପ୍‌ଚାପ୍ ବସିଥିବା
ସୂର୍ଯ୍ୟଘଡ଼ିଟି ଜଣାଇଥାଏ।

ସୂର୍ଯ୍ୟ ଆସେ, ଯାଏ ପ୍ରତିଦିନ
ଯେମିତି ଆସନ୍ତି, ଯାଆନ୍ତି
ଶିକ୍ଷକ, ଶିଷ୍ୟ ଓ ବାକି କର୍ମଚାରୀଗଣ
ସେଇଠି ସେମିତି ବସିଥାଏ ସୂର୍ଯ୍ୟଘଡ଼ି
ରାତିସାରା, ଦିନତମାମ,
ଯେମିତି କୁରୁକ୍ଷେତ୍ର ଯୁଦ୍ଧ ଦେଖୁଥିଲା
ବେଲାଳସେନ।

ଏ ଘଡ଼ି ଆଜି କି କାଲିର ନୁହେଁ,
ଯୁଗ ଯୁଗ ଧରି ଦେଖିଆସିଛି ସେ
ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ।
ଏ ଜାତିର ଯେତେ ଥର ବାର
ଏକୋଇଶିଆ, ତୁଠଘର
ସବୁଠି ଲୋଡ଼ାଯାଏ ପାଞ୍ଜି
ଏଇ ଘଡ଼ିଟିରୁ ସମୟର
ସ୍ୱରୂପ ଜାଣେ ପାଞ୍ଜିକାର।

ଏଇ ଘଡ଼ିଟି କହେ
କେବେ ହେବ କେଉଁ ପୂଜା
କେବେ କେଉଁ ପାର୍ବଣ।
ଆର୍ଯ୍ୟଭଟ୍ଟଙ୍କ ଆଗରୁ ବି ଥିଲା ଏ ଘଡ଼ି
ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ
ତା'ର ପ୍ରମାଣ।
'ଛାଇ' କେବେ ବି
ସଇତାନର ପ୍ରତୀକ ନୁହେଁ
ପରମ ପବିତ୍ର ସମୟର ରୂପକାର ସିଏ
ଏଇକଥା, ଦୁନିଆର ସବୁ
ସୂର୍ଯ୍ୟଘଡ଼ି କହେ।

ଯେତେବେଳେ ସମାଜର
ବଡ଼ପଣ୍ଡାମାନେ
ପାଟି ସିଲେଇ କରି ବସିଥିଲେ,
ସେତେବେଳେ ଯାକୁ ଏଇଠି
ବସେଇଦେଇ
ବଡ଼ପାଟିରେ ଏହି କଥା
କହିଦେଇଥିଲେ
ଯୋଗେଶ ଚନ୍ଦ୍ର ରାଏ।

ମୋ: ୭୯୭୮୪୨୧୮୩୫

### ବଢ଼ି

**ମଧୁସୂଦନ ଦାଶ**

କୁମ୍ଭୀରର ଆଁ ଭିତରେ
ସନାତନର ଘର।

ନଈକୂଳିଆ ଧୀର ପବନ
ଛାଡ଼ିଯିବାକୁ ନ ହୁଏ ମନ
ପ୍ରେମରେ ବାଇଆ ହୋଇ
ସାତପୁରୁଷ ଭିଟାମାଟିରେ
ଦାନ୍ତକାମୁଡ଼ି ପଡ଼ିଛି ସନାତନ।

କୁମ୍ଭୀରର କଳିଜା ସୁହାଗ
ନଈବଢ଼ିର ନିବିଡ଼ତା ଭିତରେ
ସେ ବିତେଇ ସାରିଲାଣି
ପଚାଶ ପାରେ ବୟସ।

ଡକରା ଆସିଛି ତାକୁ
ନଈବନ୍ଧ ମରାମତି ହେବ
ଆଜି ରାତି ଭିତରେ
କହିହବନି କିଛି
ବନ୍ଧର ଭାଗ୍ୟ କ'ଣ ହେବ
ଆସନ୍ତାକାଲି।

କାମକୁ ଯିବକି ଯିବନି
ଭାବୁଭାବୁ ଝିଅ ତା'ର
ଡାକ ଦେଲା ବାପା ଆସ
ଖାଇବ ରୁଟି ଶୁଖି ଗଲାଣି।

ରୁଟି ଖଣ୍ଡ ପାଟିକୁ
ନଉନଉ ବଢ଼ି କଥା ଭୁଲିଯାଉଥିଲା
ସନାତନ ତା'ବଢ଼ିଲା ଝିଅ
ତାକୁ ନଈବଢ଼ି ପରି ଦିଶୁଥିଲା।

ମୋ: ୯୪୩୭୦୩୩୨୪୯୮

## ପୁସ୍ତକ ପରିଚୟ

### ମହାଦ୍ରୁମ




**ଲେଖକ:** ଗୁରୁଚରଣ ବେହେରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୫/-

ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ମୋଟ ୧୭ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକ ଭିତରେ ଖୁବ୍ ନିଃଶବ୍ଦରେ ନଈର ଏକ ସ୍ପନ୍ଦନ ସମାହିତ ହୋଇ ରହିଛି- ଏପରି ଲାଗେ। ଗ୍ରନ୍ଥାରମ୍ଭରେ ଲେଖକ କହିଛନ୍ତି: ''ନଈ ଓ ନଈକୂଳିଆଙ୍କୁ ନେଇ ଅଜବ ଅଜବ ମିଥ୍, ଲୋକକଥା ଓ ଲୋକଶ୍ରୁତି। ସେଇ ନଈ, ସେଇ ଗାଁ ମୋ' କାହାଣୀର ରକ୍ତ, ମାଂସ, ଆତ୍ମା। ନଈଟିର ନାଁ ବ୍ରାହ୍ମଣୀ, ଗାଁଟିର ନାଁ କଅଁରପୁର। ମୋ' କାହାଣୀର ନଈଟି ଅନେକ ନଈରେ ମିଶିଯାଇଛି, ଗାଁଟି ଅନେକ ଗାଁରେ ମିଶିଯାଇଛି।'' 'ନଈର ଆତ୍ମା', 'ନଈପଠା' ଓ 'କୁମ୍ଭୀର ଶିକାର' ଭଳି ଗଳ୍ପଗୁଡ଼ିକ ଗାଳ୍ପିକଙ୍କ ବକ୍ତବ୍ୟ ସପକ୍ଷରେ ସଦମ୍ଭରେ ଛିଡ଼ା ହୁଅନ୍ତି। ଗୁରୁଚରଣଙ୍କ ଗଳ୍ପଗୁଡ଼ିକ ପଢ଼ିଲେ ମନେହୁଏ, ପ୍ରତିଟି ଗଳ୍ପରେ ଏକ ବିଶାଳ ଉପନ୍ୟାସର ସମ୍ଭାବନା ଲୁଚି ରହିଛି। ଏକ ବଡ଼ କାନ୍‌ଭାସ୍‌ରେ ତାଙ୍କ କାହାଣୀ ସବୁ ବିବୃତ ହେବା ପ୍ରତୀକ୍ଷାରେ ଯେପରି ଗୋଡ଼ଟେକି ବସିଛନ୍ତି। ଗଳ୍ପର ଭାଷା ସାଦାସିଧା, ଘରୋଇ ଓ ମନଘେନା ନାନା ସମ୍ଭାବନାରେ ସୃଜନଦୀପ୍ତ। 'ଘର ତିଆରି' ଶୀର୍ଷକ ଗଳ୍ପରୁ ଉଦାହରଣଟିଏ ନେବା: ''ଗାଁର ଚାଳଘର, ଯେଉଁଠି ତା'ର ନାହି କଟା ହେଇଥିଲା, ତା'ର ଷଠୀଘର ହେଇଥିଲା, ଯେଉଁ ଗାଁରେ ତା'ର ଶୈଶବ ଓ କୈଶୋର କଟିଥିଲା, ଯା'ର ଦାଣ୍ଡଧୂଳିରେ କେତେ ମିଛିମିଛିକିଆ ଧୂଳିଘର, କେତେ ବାଗୁଡ଼ି ଖେଳ ଖେଳାଯାଇଥିଲା, ଯା'ର ନଈରେ ପହଁରା ବୁଡ଼ା ଯାଇଥିଲା, ଯା'ର ଆମ୍ବତୋଟା, ବରଗଛ ଥିଲା ତା'ର ଖେଳର ସାଥୀ। x x ଏମିତି ଘରକୁ ଘର ବଦଳି ଚାଲିଛି, ଘରକୁ ଘର ଘୁଞ୍ଚିଘୁଞ୍ଚି ଯାଉଛି।'' ଏକ ଶକ୍ତ ନଷ୍ଟାଲଜିଆ ଗୁରୁଚରଣଙ୍କ ଗଳ୍ପର ଶକ୍ତି ଓ ଖୁବ୍ ସହଜରେ ପାଠକଙ୍କୁ କାବୁ କରିନିଏ।

### ଉପେନ୍ଦ୍ରଭଞ୍ଜଙ୍କ ସୂକ୍ତିମାଳା




**ସଂକଳକ:** ଡ. କମ୍ବୁପାଣି ସାମନ୍ତ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/-

ଆଲୋଚ୍ୟ ଗ୍ରନ୍ଥଟି କବି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ-କବିତାରେ ଶାମୁକା ଗର୍ଭରେ ମୁକ୍ତା ପରି ଲୁଚି ରହିଥିବା 'ସୂକ୍ତିମାଳା'ର ଏକ ଚମତ୍କାର ଚୟନିକା। ଏଥିରେ ଓଡ଼ିଶାର ଜନଜୀବନରେ ପ୍ରଚଳିତ ଢଗଢମାଳି ବା ପ୍ରବାଦ-ପ୍ରବଚନଗୁଡ଼ିକର ରସାଳ ସଂଯୋଜନ କବି ଉପେନ୍ଦ୍ର ତାଙ୍କ କାବ୍ୟଗୁଡ଼ିକରେ କିପରି କରିଛନ୍ତି- ତା'ର ସନ୍ଧାନ କରି ତହିଁରୁ କେତେକକୁ ସଂକଳିତ କରିଛନ୍ତି ସଂକଳକ ଡ. ସାମନ୍ତ। ଉପେନ୍ଦ୍ରଙ୍କ ସାହିତ୍ୟରେ ଉପଲବ୍ଧ ସୂକ୍ତିମାଳାକୁ 'ଲୋକବାଣୀ', 'ସୁଭାଷିତ' ଓ 'କାବ୍ୟରୀତି ସମ୍ବନ୍ଧୀୟ'- ଏହିପରି ତିନୋଟି ଉପବିଭାଗରେ ସେ ସଜାଇଛନ୍ତି। ସଂଗୃହୀତ ସୂକ୍ତି ସପକ୍ଷରେ ସଂକଳକ କହିଛନ୍ତି: ''ଗୋଷ୍ଠୀ ଓ ସମ୍ପ୍ରଦାୟ ନିରପେକ୍ଷତା ତଥା ଧାର୍ମିକ ସହିଷ୍ଣୁତା ସମ୍ପନ୍ନ ନିଖିଳ ମାନବର ଅଭାବ, ସ୍ୱଭାବ ଓ ଭାବର କଥା ଭଞ୍ଜଙ୍କ ଅଧିକାଂଶ ସୂକ୍ତିରେ କଥିତ ହୋଇଛି।'' (ନେପଥ୍ୟ କଥା)। ପୁସ୍ତକରେ ୩୮୫ଟି କ୍ରମିକ ସଂଖ୍ୟାରେ ଛ' ଶହ ସତୁରି ସୂକ୍ତି ସଂକଳିତ। ସୂକ୍ତିଗୁଡ଼ିକର ଆଧାର ହେଉଛି ଉପେନ୍ଦ୍ରଙ୍କ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ରସିକ ହାରାବଳୀ', 'ପ୍ରେମ ସୁଧାନିଧି', 'ସୁଭଦ୍ରା ପରିଣୟ', 'ଛାନ୍ଦଭୂଷଣ', 'ରସଲେଖା' ଓ 'ସୁବର୍ଣ୍ଣରେଖା' ଆଦି କାବ୍ୟ। 'ଲୋକବାଣୀ' ପର୍ଯ୍ୟାୟରେ ଥିବା ଗୋଟିଏ ଲୋକବାଣୀ- 'ସପନଧନକୁ କୁଣ୍ଢି ପାତିବା'ର କାବ୍ୟିକ ପ୍ରୟୋଗ 'ଲାବଣ୍ୟବତୀ'ରେ ହୋଇଛି ଏହିପରି: ''ଚିକୁରଶୋଭି ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ/ ମୃଗତୃଷ୍ଣା ଯେବେ ତୃଷ୍ଣାକୁ ନାଶିବ, ସ୍ୱପ୍ନ ତେବେ ସତ ଦିଶିବ।'' ନିହିତାର୍ଥ ହେଲା- ଦର୍ପଣରେ ପ୍ରତିଫଳିତ ପ୍ରତିବିମ୍ବକୁ ଆଲିଙ୍ଗନ କରିହେବ ନାହିଁ। ମରୀଚିକା ଶୋଷ ମେଣ୍ଟାଇ ପାରିବ ନାହିଁ। ସୁତରାଂ ସ୍ୱପ୍ନ-ଧନ କୁଣ୍ଢି ଭିତରକୁ ଆସିପାରିବ ନାହିଁ। ପାଠକଙ୍କ ଅବବୋଧ ପାଇଁ ସୂକ୍ତିଗୁଡ଼ିକରେ ଥିବା କଠିନ ଶବ୍ଦର ଅର୍ଥ ଓ ଭାବାର୍ଥର ସଂଯୋଜନ କରିଥିବାରୁ ସଂକଳକଙ୍କ ଉଦ୍ୟମଟି ଦୀକ୍ଷିତ ଓ ଦୀକ୍ଷାରହିତ ପାଠକଙ୍କ ନିକଟରେ ଯେ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।

## ମାମୁଘର ଗାଁ ଓ ଶେଫାଳି ଅପା

**ଡ. ସ୍ମୃତି ପଟ୍ଟନାୟକ**

ଗଳ୍ପ

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଗାଁଟିଏ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର, ନଈ କୂଳରେ, ସୋରିଷ ଫୁଲର କ୍ଷେତ ମଝିରେ ନାଲି ଓଢ଼ଣି ମଥାରେ ଦେଇ ବିରାଜିତା ଦିବ୍ୟ ସୁନ୍ଦରୀ ଝିଅଟିଏ, ଲାବଣ୍ୟଭରା ମୁଖମଣ୍ଡଳ, ସଦା ପ୍ରସ୍ଫୁଟିତ, ମନକୁ ବିମୋହିତ କଲାଭଳି ରୂପ ରଙ୍ଗ, ଆରଣ୍ୟକ ସବୁଜିମା, ସୁନାରୀ ଫୁଲର ରଙ୍ଗରେ ଚମକୁଥିବା ଗାଁ, ଉଦିତ ସୂର୍ଯ୍ୟର ଆଭାରେ ପ୍ରଥମକରି ଚିତ୍ରୋତ୍ପଳା ନଈର ପାଣି ଚିକିଚିକ୍ କରେ, ସତେକି ସୁନାଖଣ୍ଡସବୁ ଝଲମଲ କରୁଥାଏ ପାଣିରେ, ଖୁବ୍ ସୁନ୍ଦର ବିମୋହିତ କଲାଭଳି ଦୃଶ୍ୟରାଜି, ଐଶ୍ୱର୍ଯ୍ୟମୟୀ ଓ ଆନନ୍ଦମୟୀ ମୋ' ମାମୁଘର ଗାଁ ବାରୁଣା।

ଛୋଟ ବେଳେ ବହୁତ ଥର ମାମୁଘର ଗାଁକୁ ଯାଇଛି ମାଆ ଓ ଭାଇ ଭଉଣୀଙ୍କ ସାଙ୍ଗରେ। ସେତେବେଳେ ମୋର ଯାହା ବି ଅନୁଭବ ଥିଲା, ତାହା ସାଇତା ହୋଇ ରହିଥିଲା ସାତ ତାଳ ପଙ୍କ ଭିତରେ ଶାମୁକାକୁ ସନ୍ଧାନ କଲାପରି ହୃଦୟର କେଉଁ ଏକ କୋଣରେ। ନ ଥିଲା କୌଣସି ଆବିଳତା, ଆମ୍ବ ତୋଟା, ନିଘଞ୍ଚ ବୃକ୍ଷରାଜି ସର୍ବୋପରି କେଳିକୁସୁମର ମହକ ମନ ଭିତରେ ସୃଷ୍ଟି କରିଥିଲା ଖାମଖିଆଲ ସ୍ୱପ୍ନ ଓ ଯେତେସବୁ ଭାବପ୍ରବଣତାର କାରୁକାର୍ଯ୍ୟଭରା କଳାକୃତି। ବାସ୍ତବତାର ପୃଷ୍ଠଭୂମିରେ ଖୁବ୍ ଜୀବନ୍ତ ଲାଗୁଥିଲା ଛୋଟ ବେଳର ମାମୁଘର ଗାଁ। ସତରେ କ'ଣ ଆଉ ଥରେ ଫେରି ଆସିବ ସେଇ ସବୁ ସ୍ମୃତି! ଶେଫାଳି ଅପା ଥିଲା ସବୁଠାରୁ ବଡ଼ ଆକର୍ଷଣ। ସେ ନରେଶ ମାମୁଙ୍କ ଝିଅ, ଭାରି ଚୁଲ୍‌ବୁଲି। ତା' ସହ ସବୁଆଡ଼େ ବୁଲିବାକୁ ଯାଏ ମୁଁ। ସେ ମୋ'ଠାରୁ ଚାରି ପାଞ୍ଚ ବର୍ଷ ବଡ଼ଥିଲା ବୟସରେ, କିନ୍ତୁ ଭାରି ପରିପକ୍ୱ ଥିଲା ସବୁ କାମରେ। ପ୍ରତିବର୍ଷ ଖରାଛୁଟି ମାମୁଘର ଗାଁରେ କଟେ। ମୋର ସପ୍ତମ ଶ୍ରେଣୀବେଳକୁ ଶେଫାଳି ଅପା କଲେଜରେ ପଢ଼ିଲାଣି। ତା'ର ବହୁତ ସାଙ୍ଗ ଥିଲେ। ସେମାନେ ସମସ୍ତେ ମେଳି ହୋଇ ବୁଲନ୍ତି, ନଟ ଭାଇ ପାଖରୁ ଆଇସ୍‌କ୍ରିମ୍ ଖାଆନ୍ତି, ହାଟପାଳି ଦିନ ହାଟରୁ ଖାଆନ୍ତି ଆମ୍ବ, ତାଳସଜ, ବରା ଘୁଗୁନି, ଆଳୁଦମ୍। ମୁଁ ବି ଥାଏ ସେମାନଙ୍କ ସାଙ୍ଗରେ। ଶେଫାଳି ଅପା ମୋତେ ସବୁଠିକୁ ତା' ସାଙ୍ଗରେ ନିଏ। ବାରେଣୀ ଯାତ୍ରାକୁ ବି ଯାଇଥିଲି ତା' ସାଙ୍ଗରେ। ବହୁତ ବଢ଼ିଆ ଲାଗିଥିଲା ସେଦିନ। ବାରମଜା, ଖଜା, ଲଡ୍ଡୁ, ସବୁ ଖାଇଥିଲି। ଫେରିଲାବେଳକୁ ରାତି ଦଶଟା ହେଇଯାଇଥିଲା। ରାତିରେ ସେଦିନ ଆଉ କିଛି ଖାଇ ନ ଥିଲି, ଖୁସିରେ ଶୋଇପଡ଼ିଥିଲି।

ଏମିତି ଏମିତି ମାଇନର ସ୍କୁଲ ସମୟ କଟିଯାଇଥିଲା। ତା'ପରେ ହାଇସ୍କୁଲ, ପାଠପଢ଼ାକୁ ନେଇ ନିଜ ଭିତରେ ଅଙ୍ଗୀକାରବଦ୍ଧତା, ତା' ସତ୍ତ୍ୱେ ବେଳେବେଳେ କେଉଁଠି କେତେବେଳେ ଉଙ୍କିମାରୁଥିଲା ପାହାନ୍ତି ସ୍ୱପ୍ନ ପରି ମାମୁଘରର ସ୍ମୃତି। ଶେଫାଳି ଅପା କଥା ବେଶି ମନେପଡୁଥିଲା। ବର ଓହଳ ପରି ଖୁବ୍ ଶକ୍ତ ଭାବେ ମୋ' ହୃଦୟ ଭିତରେ ବିସ୍ତାରିତ ହୋଇଯାଇଥିଲା ସେ। କେବେଠାରୁ ସେସବୁ ଦିନ ଅତୀତ ହେଲାଣି। ଚିର ଭାସ୍ୱର ହୋଇ ରହିଯାଇଛି ବୟସର ଦିଗ୍‌ବଳୟରେ। ଯା' ଭିତରେ ନଈରେ ବୋହିଗଲାଣି କେତେ ପାଣି, ପିଲାଥିଲାବେଳେ ମୁଁ ନଈର ଯେଉଁ ଧାରରେ ବସି ପାଣି ଚବଚବ କରୁଥିଲି, ସେ ପାଣି କ'ଣ ସ୍ଥିର ହୋଇ ରହିଛି ସେଠି ଆଜି ପର୍ଯ୍ୟନ୍ତ! ବୋଧେ ନା। କେତେ କେତେ ପାଣି ସମୁଦ୍ରରେ ମିଶିଗଲାଣି, ତା'ର ହିସାବନିକାଶ ରଖିବାକୁ କାହା ପାଖରେ ଆଉ ସମୟ ଅଛି ଆଜିର ଯାନ୍ତ୍ରିକ ଯୁଗରେ! ଯାହା ଶୁଣିଥିଲି ମୁଁ କଲେଜରେ ପଢ଼ିଲାବେଳେ କୁଆଡ଼େ ଦିନେ ଶେଫାଳି ଅପା ଘରୁ ଲୁଚି ପଳାଇଥିଲା ଆଇସ୍‌କ୍ରିମ୍‌ବାଲା ନଟଭାଇ ସାଙ୍ଗରେ। ତାକୁ ମନ୍ଦିରରେ ବାହା ହୋଇଥିଲା। ଏ କଥା ଶୁଣିଲା ପରେ ମୁଁ ମନେମନେ ଖୁସି ହେଇଥିଲି, ଯାହା ହେଉ ଭଲ ହେଇଛି। ତାକୁ ତ ଶୁଲି ମାଈଁ (ତା'ର ନୂଆ ମା') ଜମା ଭଲ ପାଉ ନ ଥିଲେ, ସବୁବେଳେ ତା' ଉପରେ ଗରଗର ହେଉଥିଲେ। ଶେଫାଳି ଅପାକୁ ଜନ୍ମ ଦେଲା ପରେ ତା' ନିଜ ମା'ଙ୍କ ଦେହ ଖୁବ୍ ଅସୁସ୍ଥ ହୋଇପଡ଼ିଥିଲା। ସେ ମୃତ୍ୟୁ ସହ ସଂଗ୍ରାମ କରି ଚାଲି ଯାଇଥିଲେ। ଏବେ ଶେଫାଳି ଅପା ଭଲରେ ରହୁ। ସମୟ ବିତିଯାଇଥିଲା। ତା' ସହ ତାଳ ଦେଇ ବହୁତ କିଛି ଘଟଣା ମଧ୍ୟ। ମୋର ପିଜି ସରିଲା ପରେ ଘରୋଇ ମହାବିଦ୍ୟାଳୟରେ ଅଧ୍ୟାପିକା ଚାକିରି, ତା'ପରେ ଘର ସଂସାର ଇତ୍ୟାଦି। ମାମୁଘର ଗାଁର ସ୍ମୃତି ପୁଣି ଥରେ ଝଲସି ଉଠିଥିଲା ତିନି ଚାରି ବର୍ଷ ତଳେ। ଦୋଳପୂର୍ଣ୍ଣିମାର ମହୋତ୍ସବରେ, ନାଲି ନେଳି, ହଳଦିଆ, ନୀଳ, ପୁଣି ସବୁଜ ଓ ଗୋଲାପି ରଙ୍ଗର ସମାହାର, ବୃତ୍ତାକାର ବଳୟ ମଧ୍ୟରେ ବିନ୍ଦୁବିନ୍ଦୁ ସମ୍ମୋହନର ମାୟା। ଖୁସିର ମାହୋଲ ଭିତରେ ଅବିସ୍ମରଣୀୟ ଦିନଟିଏ। ମଞ୍ଚ ଉପରେ ଛିଡ଼ା ହୋଇ କବିତା ଆବୃତ୍ତି କରିବା ହୋଲିକୁ ନେଇ, ପୁଣି ମାମୁଘର ଗାଁରେ, ଖୁବ୍ ସୁନ୍ଦର ଆୟୋଜନ କରିଥିଲେ ମାମୁ। ଭବ୍ୟ ସମାରୋହ ଭିତରେ ସେଦିନର ଉତ୍ସବ ସରିଯାଇଥିଲା। ସେଦିନଟି ମୋ' ପାଇଁ ଖୁବ୍ ବିଶେଷ ଓ ସ୍ମରଣୀୟ ଦିନ ଥିଲା। ଉତ୍ସବ ଶେଷରେ ମୋର ବଡ଼ ଆଈଙ୍କ ସହ ଏକ ଫଟୋ ମୋବାଇଲ୍ କ୍ୟାମେରାରେ ବାନ୍ଧି ହୋଇ ରହିଯାଇଥିଲା, ଯାହା କି ମୋ' ଜୀବନର ସର୍ବୋତ୍ତମ ଫଟୋ। ସେଦିନ ସବୁ ସରିଲା ପରେ ଶୁଲି ମାଈଁଙ୍କ ସାଙ୍ଗରେ ଦେଖାହେଲା। ତାଙ୍କ ଚେହେରା ଭାରି ଶୁଖିଲା ଦିଶୁଥିଲା। ମୋତେ ଦେଖି ବହୁତ ଖୁସି ହେଲେ। ମୁଁ ପଚାରିଲି, ଶେଫାଳି ଅପା କେମିତି ଅଛି ମାଈଁ? ଆଖିରୁ ତାଙ୍କର ଠପ୍‌ଠପ୍ ହୋଇ ଲୁହ ଝରି ପଡୁଥିଲା। କହିଲେ ବଡ଼ ହତଭାଗିନୀଟିଏ! ସ୍ୱାମୀ ଦୁର୍ଘଟଣାରେ ଚାଲିଗଲା ପରେ ଶାଶୁଘରେ କେହି କିଛି ବୁଝିଲେନି। ଏବେ ସେ ପୁଅକୁ ନେଇ ଆମ ପାଖରେ ଅଛି। ଆଜି ସେ ଯାଇଛି ଭୁବନେଶ୍ୱର ତା' ସ୍କୁଲ ପାଇଁ କ'ଣ ସବୁ ଆଣିବ। ମାମୁ ତା' ପାଇଁ ଆର୍ଟ୍ ସ୍କୁଲଟିଏ କରିଦେଇଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ସେ ନିଜେ ଆର୍ଟ ଶିଖାଉଛି। ସେଦିନ କଟକ ଫେରିଲା ପରେ ମୁଁ ଭାବୁଥିଲି ଶେଫାଳି ଅପା କଥା ଆଉ ଶୁଲି ମାଈଁଙ୍କ କଥା। ଶୁଲି ମାଈଁ କେତେ ବଦଳି ଯାଇଛନ୍ତି ସତେ!

ଆଜି ତିନି ଚାରି ବର୍ଷ ପରେ ପୁଣି ଥରେ ମାମୁଘର ଗାଁକୁ ଯିବାର ଇଚ୍ଛା। ଭଲପାଇବାର ଦାୟରେ, ଶେଫାଳି ଅପାର ଅବର୍ତ୍ତମାନରେ, ତା'ର ସେଇ ସ୍ନେହ ମମତାକୁ ଝୁରିବା ପାଇଁ ହୁଏତ ଈଶ୍ୱରଙ୍କର ଏହା ଏକ ଅଭିପ୍ରାୟ ଓ ଅଭିସନ୍ଧି ବି। ଭାବିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ ମଣିଷ କେତେ ଅସହାୟ ସତେ ମୃତ୍ୟୁ ସାମ୍ନାରେ! ଜନ୍ମ ଥିଲେ ମୃତ୍ୟୁ ଅନିବାର୍ଯ୍ୟ, ଏହି ଉକ୍ତିଟି ଧ୍ରୁବ ସତ୍ୟ। ଆଜି ଶେଫାଳି ଅପା ଆକାଶର ତାରା ହୋଇ ଝଟକୁଛି। ସିଏ ଯେଉଁଠି ଥାଉ ଭଲରେ ଥାଉ, ଶେଫାଳି ଅପାକୁ ସର୍ଭିକାଲ୍ କ୍ୟାନ୍‌ସର୍ ହୋଇଥିଲା। ତା' ପୁଅ ଶ୍ରେୟମ୍‌ଠାରୁ ଶୁଣିଲା ପରେ ଭାରି ଛଟପଟ ଲାଗୁଥିଲା ମନ। ଶେଫାଳି ଅପାର କେତେ ଆଶା ଓ ଆକାଂକ୍ଷା ଥିଲା ତା' ନିଜ ହାତରେ ଗଢ଼ି ଉଠିଥିବା ଆର୍ଟ ସ୍କୁଲକୁ ନେଇ। ତା' ପୁଅ ପାଖରେ ପ୍ରଚୁର ଆତ୍ମବିଶ୍ୱାସ ରହିଥିଲା, ଶ୍ରେୟମ୍ ଏବେ ଯୁକ୍ତ ଦୁଇ ସରିଲା ପରେ ଫାଇନ୍ ଆର୍ଟ ଓ ଫ୍ୟାଶନ ଡିଜାଇନିଂରେ କୋର୍ସ କରୁଛି। ସେ ଶେଫାଳି ଅପାର ସବୁ ସ୍ୱପ୍ନକୁ ସାକାର କରିପାରିବ ଏଇ ବିଶ୍ୱାସ ନେଇ ଫେରିଥିଲି।



ମୋ: ୯୯୩୮୪୪୦୯୪୯

## କାଳକାଳକୁ



''ଇଂରେଜୀ ପଢ଼ି କେ ହୁଅଇ ଯଦ୍ୟପି
ସର୍ବ ଗୁଣରେ ପ୍ରବୀଣ,
ନିଜ ଭାଷା-ଜ୍ଞାନ ବିନା ଜାଣ ସେହି
ହୀନଠାରୁ ବଳି ହୀନା''
-ଭାରତେନ୍ଦୁ ହରିଶ୍ଚନ୍ଦ୍ର

**ଭାରତେନ୍ଦୁ ହରିଶ୍ଚନ୍ଦ୍ର**ଙ୍କ ଜନ୍ମ ୯ ସେପ୍ଟେମ୍ବର ୧୮୫୦ରେ, ବାରାଣସୀରେ ଓ ପରଲୋକ ସେଇଠି, ୬ ଜାନୁୟାରୀ ୧୮୮୫ରେ। ମାତ୍ର ୩୫ ବର୍ଷର ଜୀବଦ୍ଦଶାରେ ସେ ହିନ୍ଦୀ-ସାହିତ୍ୟକୁ ଯେଭଳି ସମୃଦ୍ଧ କରିଯାଇଛନ୍ତି, ତାହା ଖୁବ୍ ବିରଳ। ସେ ଏକାଧାରରେ ଥିଲେ କବି, ଲେଖକ ଓ ନାଟ୍ୟକାର। ତାଙ୍କର ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ବହୁବିଦିତ କେଇଟି ହେଲା- 'ସତ୍ୟ ହରିଶ୍ଚନ୍ଦ୍ର' (୧୮୭୫), 'ନୀଳଦେବୀ' ଓ 'ଅନ୍ଧେର ନଗରୀ' (୧୮୮୧) ଏବଂ ପ୍ରମୁଖ କବିତାଗ୍ରନ୍ଥ: 'ପ୍ରେମ ମାଳିକା' (୧୮୭୨), 'ପ୍ରେମ ମାଧୁରୀ' (୧୮୭୫) ଓ 'ମଧୁ ମୁକୁଳ' (୧୮୮୧) ଇତ୍ୟାଦି। ଜନଜାଗରଣ ସୃଷ୍ଟି ଥିଲା ତାଙ୍କ ନାଟକଗୁଡ଼ିକର ଅଭିପ୍ରେତ ଲକ୍ଷ୍ୟ। 'ହିନ୍ଦୀ ସାହିତ୍ୟର ଜନକ' ଭାବେ ସେ ସ୍ୱୀକୃତ।

# ଫାଇନାଲରେ ଓଡ଼ିଶା ଜଗରନଟ୍ସ



ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣାଙ୍କ ସହ ବିଜୟୀ ଓଡ଼ିଶା ଜଗରନଟ୍ସ ଦଳ।

ଭୁବନେଶ୍ୱର, ୨।୯ (କ୍ରୀଡ଼ା ପ୍ରତିନିଧି)

**ଅଲ୍‌ଟିମେଟ ଖୋ ଖୋ**

**ଜାଏଣ୍ଟ୍ସ-ଯୋଦ୍ଧାସ କ୍ୱାଲିଫାୟର-୨ ଆଜି**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଚମକ ଦେଖାଇଛି ଓଡ଼ିଶା ଜଗରନଟ୍ସ। ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର-୧ ମ୍ୟାଚରେ ଭୁବନେଶ୍ୱରଭିତ୍ତିକ ଏହି ଦଳ ୧୪ (୫୭-୪୩) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସଙ୍କୁ ପରାସ୍ତ କରିଛି। ତାରକା ଖେଳାଳିଙ୍କୁ ବିଶ୍ରାମ ଦେଇ ବେଞ୍ଚ୍ ଷ୍ଟ୍ରେନ୍ଥ ପରୀକ୍ଷାନିରୀକ୍ଷା କରିଥିବାରୁ ଶେଷ ୨ଟି ଲିଗ୍ ମ୍ୟାଚରେ ପରାଜିତ ହୋଇଥିବା ଜଗରନଟ୍ସ ଗୁଜରାଟ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଓଡ଼ିଶା ଦଳର ସୂରଜ ଲାଣ୍ଡେ ୫ ଖେଳାଳିଙ୍କୁ ଆଉଟ କରିବା ସହ ୧୩ ପଏଣ୍ଟ ହାସଲ କରି ଶ୍ରେଷ୍ଠ ଆଟାକର ବିବେଚିତ ହୋଇଥିଲେ। ଅନ୍ତିମ ଟର୍ନରେ ଦିଲୀପ ଖାଣ୍ଡଭି ୩.୪୮ ମିନିଟ ଡିଫେଣ୍ଡ କରି ନିଜ ଦକ୍ଷତା ଦେଖାଇଥିଲେ। ଜାଏଣ୍ଟ୍ସ ପକ୍ଷରୁ ଅଭିନନ୍ଦନ ପାଟିଲ ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ପ୍ରତିଯୋଗିତା ସ୍ଥଳରେ ଉପସ୍ଥିତ ରହି ଓଡ଼ିଶା ଜଗରନଟ୍ସ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁଜରାଟ ଦଳ ପରାଜିତ ହୋଇଥିଲେ ହେଁ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଆଉ ଏକ ସୁଯୋଗ ପାଇବ। ଅର୍ଥାତ୍ ଏହି ଦଳ ଏଲିମିନେଟର ମ୍ୟାଚର ବିଜେତା ତେଲ୍‌ଗୁ ଯୋଦ୍ଧାସଙ୍କୁ କ୍ୱାଲିଫାୟର-୨ରେ ଭେଟିବ। ଶନିବାର ଏହି ମ୍ୟାଚ ଖେଳାଯିବ। କ୍ୱାଲିଫାୟର-୨ର ବିଜେତା ସହ ଓଡ଼ିଶା ଜଗରନଟ୍ସ ରବିବାର ଫାଇନାଲ ଖେଳିବ।

**ଚେନ୍ନାଇ କୁଇକ୍ ଗନ୍ସ ଏଲିମିନେଟ**

କ୍ୱାଲିଫାୟର-୧ ପୂର୍ବରୁ ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ତେଲ୍‌ଗୁ ଯୋଦ୍ଧାସ ୧୮ (୬୧-୪୩) ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସଙ୍କୁ ପରାସ୍ତ କରିଛି। ଫଳରେ ଚେନ୍ନାଇ ଦଳ ଏଲିମିନେଟ୍ ହୋଇଛି ଏବଂ ତେଲ୍‌ଗୁ ଯୋଦ୍ଧାସ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଲିଗ୍ ପର୍ଯ୍ୟାୟରେ ୧୦ ମ୍ୟାଚରୁ ୧୫ ପଏଣ୍ଟ ପାଇ ୪ର୍ଥ ଶ୍ରେଷ୍ଠ ଦଳଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା କୁଇକ୍ ଗନ୍ସ ଏଲିମିନେଟର ମ୍ୟାଚରେ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ତେଲ୍‌ଗୁ ଯୋଦ୍ଧାସଙ୍କୁ ହରାଇବା ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୧୬ ପଏଣ୍ଟ ହାସଲ କରି ତେଲ୍‌ଗୁ ଯୋଦ୍ଧାସର ଆଦର୍ଶ ମୋହିତେ ଶ୍ରେଷ୍ଠ ଆଟାକର ଏବଂ ଚେନ୍ନାଇ କୁଇକ୍ ଗନ୍ସର ରାମଜୀ କାଶ୍ୟପ ସର୍ବାଧିକ ୧:୫୯ ସେକେଣ୍ଡ ପର୍ଯ୍ୟନ୍ତ ତିଷ୍ଠିରହି ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ।

# ନାଡାଲ, ସ୍ୱିଟେକ୍ ତୃତୀୟ ରାଉଣ୍ଡରେ

**ୟୁଏସ୍ ଓପନ ଟେନିସ**

ନ୍ୟୁୟର୍କ, ୨।୯ (ଏପି)

ରାଫାଲ ନାଡାଲ ଓ ଇଗା ସ୍ୱିଟେକ୍ ଯଥାକ୍ରମେ ୟୁଏସ୍ ଓପନ ପୁରୁଷ ଓ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆର୍ଥର ଆଶେ ଷ୍ଟାଡିୟମରେ ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସ୍ପାନିଶ ଟେନିସ ଷ୍ଟାର ନାଡାଲ ୨-୬, ୬-୪, ୬-୨, ୬-୧ରେ ଫାବିଓ ଫଗ୍‌ନିନିଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ ବେଳେ ଶଟ୍ ଖେଳୁଥିବା ସମୟରେ ନାଡାଲ ନାକରେ ର୍ୟାକେଟ ବାଜି ରକ୍ତସ୍ରାବ ହୋଇଥିଲା। ମ୍ୟାଚକୁ କିଛି କ୍ଷଣ ସ୍ଥଗିତ ରଖାଯାଇଥିଲା। ଆବଶ୍ୟକ ଚିକିତ୍ସାପରେ ନାଡାଲ ନାକରେ ବ୍ୟାଣ୍ଡେଜ ଲଗାଇ ଆସିଥିଲେ ଏବଂ ମ୍ୟାଚର ଅବଶିଷ୍ଟାଂଶ ଖେଳାଯାଇଥିଲା। ସ୍ପେନର ଅନ୍ୟ ଜଣେ ଖେଳାଳି କାର୍ଲୋସ ଅଲ୍‌କାରାଜ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ସନ୍ଧାନରେ ଥିବା ୧୯ ବର୍ଷୀୟ ତୃତୀୟ ସିଡ୍ ଖେଳାଳି ଆର୍ଜେଣ୍ଟାଇନ୍ କୋରିଆଙ୍କୁ ୬-୨, ୬-୧, ୭-୫ରେ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଜେନସନ ବ୍ରୁକ୍ସବାଏଙ୍କୁ ଭେଟିବେ। ଆମେରିକାର ଏହି ଖେଳାଳି କ୍ରୋଏସିଆର ସିନ୍‌ସିନାଟି ବିଜେତା ବୋର୍ନା କୋରିକ୍‌ଙ୍କୁ ୬-୪, ୭-୬ (୧୨-୧୦) ୬-୧ରେ ହରାଇ ଦେଇଛନ୍ତି। ପୋଲାଣ୍ଡର ୮ମ ସିଡ୍ ହୁବର୍ଟ ହୁର୍କାଜ୍ ଆଶ୍ଚର୍ଯ୍ୟଜନକ ଭାବେ ବେଲାରୁଷର ଇଲ୍ୟା ଇଭାସ୍କାଙ୍କଠାରୁ ହାରିଯାଇଛନ୍ତି। ରୁଷିଆର ୯ମ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଓ ୧୧ତମ ସିଡ୍ ଇଟାଲୀର ଜାନିକ ସିନର, ଇଟାଲୀର ଲୋରେଞ୍ଜୋ ମୁସେଟି ପୁରୁଷ ସିଙ୍ଗଲ୍ସରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇଥର ଫ୍ରେଞ୍ଚ ଓପନ ଚାମ୍ପିୟନ ସ୍ୱିଟେକ୍ ୨୦୧୭ ୟୁଏସ୍ ଓପନ ବିଜୟିନୀ ସ୍ଲୋଏନ୍ ଷ୍ଟିଫେନ୍ସଙ୍କ ବିପକ୍ଷରେ ୬-୩, ୬-୨ରେ ବିଜୟ ହାସଲ କରିଛନ୍ତି। ଇତିମଧ୍ୟରେ ଦ୍ୱିତୀୟ ସିଡ୍ ଆନେଟ କୋଣ୍ଟାଭିଟ୍, ବିଶ୍ୱର ୩ ନମ୍ବର ଖେଳାଳି ମାରିଆ ସାକାରି ପ୍ରତିଯୋଗିତାରୁ ବିଦାୟ ନେଇସାରିଛନ୍ତି। ଫଳରେ ସ୍ୱିଟେକଙ୍କ ପାଇଁ ଚଳିତ ବର୍ଷ ୭ମ ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି ହୋଇଛି, ଯାହାକି ୨୦୧୪ରେ ୱିଲିୟମ୍ସଙ୍କ ପକ୍ଷରେ ସମ୍ଭବ ହୋଇଥିଲା। ପୂର୍ବତନ ୟୁଏସ୍ ଚାମ୍ପିୟନ ନାଓମି ଓସାକା ଓ ଇମା ରାଡୁକାନୁ ଏବଂ ୨୦୨୧ ରନର-ଅପ୍ ଲେଲା ଫର୍ନାଣ୍ଡିଜ ମଧ୍ୟ ବିଦା ହୋଇସାରିଛନ୍ତି।

# ରବିବାର ଭାରତ-ପାକିସ୍ତାନ ଭେଟ

ଶାରଜା, ୨।୯ (ପି.ଟି.)

ଏସିଆ କପ୍ ଟି୨୦ କ୍ରିକେଟ ଗ୍ରୁପ୍ ଲିଗ୍‌ରେ ଶୁକ୍ରବାର ହଂକଂ ବିପକ୍ଷ ମ୍ୟାଚରେ ପାକିସ୍ତାନ ୧୫୫ ରନରେ ବିଜୟ ଲାଭ କରି ସୁପର-୪ରେ ପ୍ରବେଶ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୯୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ହଂକଂ ୧୦.୪ ଓଭରରେ ମାତ୍ର ୩୮ରନରେ ଅଲଆଉଟ ହୋଇଯାଇଥିଲା। ଦଳର ଜଣେ ହେଲେ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପାକିସ୍ତାନ ପକ୍ଷରୁ ସାଦାବ ଖାନ୍ ୪, ମହମ୍ମଦ ନୱାଜ ୩ ଓ ନସିମ ଶାହା ୨ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ମହମ୍ମଦ ରିଜୱାନ ଓ ଫଖର ଜମାନଙ୍କ ଅର୍ଦ୍ଧଶତକ ସହାୟତାରେ ପାକିସ୍ତାନ ୨ ଉଇକେଟ ବିନିମୟରେ ୧୯୩ ରନ କରିଛି। ରିଜୱାନ ୫୭ ବଲ୍‌ରୁ ୭୮ ରନ କରି ଅପରାଜିତ ରହିଥିବା ବେଳେ ଜମାନ ୪୧ ବଲ୍‌ରୁ ୫୩ ରନ କରିଥିଲେ। ହଂକଂ ତରଫରୁ ଏହେସାନ ଖାନ୍ ୨୮ ରନ ବିନିମୟରେ ୨ଟି ଯାକ ଉଇକେଟ ନେଇଥିଲେ। କ୍ରିକେଟର କ୍ଷୁଦ୍ରତମ ଫର୍ମାଟରେ ପାକିସ୍ତାନର ଏହା ହେଉଛି ସର୍ବ ବୃହତ୍ ବିଜୟ। ଦଳ ରବିବାର ଭାରତ ସହ ମୁକାବିଲା କରିବ।



ଭାରୋତ୍ତୋଳନ ଅବସରରେ ଜଣେ ପ୍ରତିଯୋଗୀ।

# ଅଲ୍ ଓଡ଼ିଶା ଆନ୍ତଃକ୍ଲବ ଭାରୋତ୍ତୋଳନ ଆରମ୍ଭ

ଭୁବନେଶ୍ୱର, ୨।୯ (କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଭାରୋତ୍ତୋଳନ ସଙ୍ଘ ଏବଂ ଓଡ଼ିଶା ଏଚପିସିର ମିଳିତ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଆନ୍ତଃକ୍ଲବ ସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଛି। କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ ପରିସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଉଦଘାଟନ କରିଥିଲେ। ରାଜ୍ୟର ୧୮ଟି କ୍ଲବରୁ ମୋଟ ୧୯୦ ବାଳିକା ଓ ବାଳକ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ପରିଚାଳନା ପାଇଁ ୧୫ ଜଣ ଅଫିସିଆଲ ନିୟୋଜିତ ହୋଇଛନ୍ତି। ୟୁଥ, ଜୁନିୟର ଏବଂ ସିନିୟର ବର୍ଗର ମୋଟ ୬୦ଟି ଓଜନ ବର୍ଗରେ ଏହି ପ୍ରତିଯୋଗିତା ତିନି ଦିନ ଧରି ହେବ। ଉଦଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ବୈଷୟିକ ନିର୍ଦ୍ଦେଶକ କର୍ଣ୍ଣେଲ ରାଜେଶଙ୍କ ସମେତ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ନାରାୟଣ ସାହୁ, କୋଚ କେ. ରବି କୁମାର, ପି. ଧର୍ମାରାଓଙ୍କ ସମେତ ବିଭିନ୍ନ କ୍ଲବର ସଦସ୍ୟଙ୍କ ଉପସ୍ଥିତ ଥିଲେ।







# ଚୌବେ ଏଆଇଏଫ୍‌ଏଫ୍ ନୂଆ ସଭାପତି

- ୮୫ ବର୍ଷର ଇତିହାସରେ ପ୍ରଥମ
- ଭୂଟିଆଙ୍କୁ ମାତ୍ର ଗୋଟିଏ ଭୋଟ

ନୂଆଦିଲ୍ଲୀ, ୨।୯(ପି.ଟି.)

କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ସେ କିମ୍ବଦନ୍ତୀ ଖେଳାଳି ବାଇଚୁଙ୍ଗ ଭୂଟିଆଙ୍କୁ ୩୩-୧ ଭୋଟ ବ୍ୟବଧାନରେ ହରାଇ ଦେଇଛନ୍ତି। ଜଣେ ପୂର୍ବତନ ଫୁଟ୍‌ବଲ ଖେଳାଳି ସଭାପତି ପଦ ଅଳଙ୍କୃତ କରିବା ଏଆଇଏଫ୍‌ଏଫ୍ ୮୫ ବର୍ଷର ଇତିହାସରେ ପ୍ରଥମ। ୪୫ ବର୍ଷୀୟ ଚୌବେ ହେଉଛନ୍ତି ଜଣେ ପୂର୍ବତନ ଗୋଲ୍‌କିପର। ରାଜ୍ୟ ଆସୋସିଏଶନଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଗଠିତ ୩୪ଜଣିଆ ଭୋଟର ତାଲିକାରେ ପୂର୍ବତନ ଅଧିନାୟକ ଭୂଟିଆଙ୍କର ଯଥେଷ୍ଟ ସମର୍ଥକ ନ ଥିବାରୁ ଏହି ଫଳାଫଳ ପୂର୍ବରୁ ଆଶା କରାଯାଉଥିଲା। ଚୌବେଙ୍କ ଦୁଇ ପୂର୍ବାଧିକାରୀ ପ୍ରିୟରଞ୍ଜନ ଦାସମୁନ୍‌ସୀ ଓ ପ୍ରଫୁଲ୍ଲ ପଟେଲ ପୂର୍ଣ୍ଣକାଳୀନ ରାଜନେତା ଥିଲେ। 'ସିକିମର ସ୍ନାଇପର' ଭାବେ ପରିଚିତ ଭୂଟିଆଙ୍କ ବୟସ ମଧ୍ୟ ୪୫ ବର୍ଷ। ଭାରତୀୟ ଫୁଟ୍‌ବଲର ସେ ଅନ୍ୟତମ ମହାନ୍ ଖେଳାଳି। ସେ ପ୍ରାର୍ଥୀ ହେବା ଦ୍ୱାରା ନିର୍ବାଚନର ଆକର୍ଷଣ ବଢ଼ିଥିଲା। ଚୌବେ ହେଉଛନ୍ତି ଜଣେ ଭାଜପା ରାଜନେତା। ଗତ ପାର୍ଲାମେଣ୍ଟ ନିର୍ବାଚନରେ ସେ ପଶ୍ଚିମବଙ୍ଗର କ୍ରିଷ୍ଣନଗର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେ ସିନିୟର ଦଳରେ କେତେଥର ସ୍ଥାନ ପାଇଥିଲେ ହେଁ ଥରେ ହେଲେ ଭାରତ ପାଇଁ ଖେଳିବାର ସୁଯୋଗ ପାଇନାହାନ୍ତି। ତେବେ ସେ ଏଜ୍ ଗ୍ରୁପ୍ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟଗୁଡ଼ିକରେ ଭାରତ ପାଇଁ ଖେଳିଛନ୍ତି। ସେ ଭାରତର ଦୁଇ ହେଭିୱେଟ୍ ଫୁଟ୍‌ବଲ ଟିମ୍ ମୋହନବାଗାନ ଓ ଇଷ୍ଟବେଙ୍ଗଲର ପୂର୍ବତନ ଗୋଲ୍‌କିପର। ଭୂଟିଆ ଓ ଚୌବେ ଏକଦା ଇଷ୍ଟବେଙ୍ଗଲର ଟିମ୍‌ମେଟ ଥିଲେ। କର୍ଣ୍ଣାଟକ ଫୁଟ୍‌ବଲ ଆସୋସିଏଶନ ସଭାପତି ତଥା ବର୍ତ୍ତମାନ ବିଧାୟକ ରହିଥିବା ଏନ୍. ଏ. ହାରିସ ଏକମାତ୍ର ଉପସଭାପତି ପଦ ହୋଇଥିବା ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ସେ ରାଜସ୍ଥାନ ଫୁଟ୍‌ବଲ ଆସୋସିଏଶନର ମାନବେନ୍ଦ୍ର ସିଂଙ୍କୁ ୨୯-୫ ଭୋଟରେ ପରାସ୍ତ କରିଛନ୍ତି। ଅରୁଣାଚଳ ପ୍ରଦେଶର କିପା ଅଜୟ ଆନ୍ଧ୍ର ପ୍ରଦେଶର ଗୋପାଳକ୍ରିଷ୍ଣ କୋସାରାଜୁଙ୍କୁ ୩୨-୧ରେ ହରାଇ ଏଆଇଏଫ୍‌ଏଫ୍‌ର କୋଷାଧ୍ୟକ୍ଷ ହୋଇଛନ୍ତି। ଏଥିରେ ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପଦବୀ ପାଇଁ ସମସ୍ତ ୧୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ଭୂଟିଆ ତାଙ୍କ ପ୍ରଥମ ପ୍ରତିକ୍ରିୟା ରଖି କହିଛନ୍ତି, ଭବିଷ୍ୟତରେ ସେ ଭାରତୀୟ ଫୁଟ୍‌ବଲର ଉନ୍ନତି ପାଇଁ ତାଙ୍କ କାର୍ଯ୍ୟ ଜାରି ରଖିବେ। କଲ୍ୟାଣଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଭାରତୀୟ ଫୁଟ୍‌ବଲକୁ ସେ ଆଗେଇ ନେବେ ବୋଲି ଆଶା ପ୍ରକାଶ କରିଛନ୍ତି।


କଲ୍ୟାଣ ଚୌବେ

**ବିବାଦୀୟ ଅଧ୍ୟାୟର ପରିସମାପ୍ତି**

ଏଆଇଏଫ୍‌ଏଫ୍‌ର ନିର୍ବାଚନ ଫଳରେ ଏକ ବିବାଦୀୟ ଅଧ୍ୟାୟର ପରିସମାପ୍ତି ଘଟିଛି। ପୂର୍ବତନ ସଭାପତି ପ୍ରଫୁଲ୍ଲ ପଟେଲ ୨୦୨୦ ଡିସେମ୍ବରରେ ନିର୍ବାଚନ କରାଇବାରେ ବିଫଳ ହେବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ତାଙ୍କୁ ବହିଷ୍କାର କରି ଫୁଟ୍‌ବଲ ମହାସଂଘର କାମଚଳା ଦାୟିତ୍ୱ ନେଇଥିଲା। ମାତ୍ର ଏଥିରେ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ଅସନ୍ତୋଷ ପ୍ରକାଶ କରିବା ସହ ତୃତୀୟ ପକ୍ଷ ହସ୍ତକ୍ଷେପ ଦର୍ଶାଇ ଭାରତକୁ ନିଲମ୍ବନ କରିଥିଲା। ନୂଆ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟଭାବେ ଯେଉଁମାନେ ନିର୍ବାଚିତ ହୋଇଛନ୍ତି ସେମାନେ ହେଲେ ଜି.ପି. ପାଲ୍‌ଗୁନା, ଅଭିଜିତ୍ ପଲ୍, ପି. ଅନିଲ କୁମାର, ଭାଲାଙ୍କା ନାତାଶା ଆଲେମାଓ, ମାଲୋଜି ରାଜେ ଛତ୍ରପତି, ମେନ୍‌ଲା ଇଥେନ୍‌ପା, ମୋହନ ଲାଲ, ଅରିଫ ଅଲି, କେ. ନିମ୍ଫୋ ସେଖୋସ୍, ଲାଲଙ୍ଗହିଙ୍ଗ୍ଲୋଭା ହିମାର, ଦୀପକ ଶର୍ମା, ବିଜୟ ବାଲି ଓ ସୟଦ ଇମତିଆଜ ହୁସେନ। ଭୂଟିଆଙ୍କ ସମେତ ଆଇ.ଏମ୍ ବିଜୟନ, ଶବିର ଅଲି ଓ କ୍ଲାଇମାକ୍ସ ଲରେନ୍ସ ପ୍ରମୁଖ ଇଲେକ୍ଟୋରାଲ କଲେଜରେ ଖେଳାଳିଙ୍କ ପ୍ରତିନିଧି ରହିବେ।

**ଚୌବେଙ୍କ ଫୁଟ୍‌ବଲ କ୍ୟାରିୟର**

କଲ୍ୟାଣ ଚୌବେ ଟାଟା ଫୁଟ୍‌ବଲ ଏକାଡେମୀରେ ସ୍ନାତକ ହାସଲ କରିଛନ୍ତି। ତାଙ୍କ ସହପାଠୀମାନଙ୍କ ମଧ୍ୟରେ ଦୀପେନ୍ଦୁ ବିଶ୍ୱାସ, ରେନେଡି ସିଂ, ଲୋଲେନ୍ଦ୍ରୋ ସିଂ ଓ ପୂର୍ବତନ ମୋହନବାଗାନ କୋଚ୍ ଶଙ୍କରଲାଲ ଚକ୍ରବର୍ତ୍ତୀ ଅନ୍ୟତମ ଥିଲେ। ଚୌବେ ତାଙ୍କ ସିନିୟର ଫୁଟ୍‌ବଲ ପଦାର୍ପଣ ୧୯୯୬ରେ ମୋହନବାଗାନ ସହ କରିଥିଲେ। ୧୯୯୭ରୁ ୨୦୦୩ ମଧ୍ୟରେ ସେ ଇଷ୍ଟବେଙ୍ଗଲ, ଜେସିଟି ଓ ସାଲଗାଓକାର ତରଫରୁ ଖେଳିଛନ୍ତି। ଏହି ପୂର୍ବତନ ଗୋଲ୍‌କିପର ୩ଥର ସାଫ୍ ଚାମ୍ପିୟନଶିପ୍ ଜିତିଥିବା ଦଳର ଅନ୍ୟତମ ସଦସ୍ୟ ଥିଲେ। ସେ ତାଙ୍କ କ୍ୟାରିୟରରେ ଜାତୀୟ ଚାମ୍ପିୟନଶିପ୍‌ରେ ବିଭିନ୍ନ ରାଜ୍ୟ ତରଫରୁ ଖେଳିଛନ୍ତି। ଚୌବେ ତାଙ୍କ ୧୫ବର୍ଷର ପ୍ରଫେସନାଲ କ୍ୟାରିୟରରେ ଆଇ-ଲିଗ୍/ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ୫ଥର ରନର୍ସଅପ୍ ହୋଇଛନ୍ତି। ସେ କାର୍ଲ ବୁଶର ଏସ୍‌ସି ଓ ଭିଏଫ୍‌ଆର ହିଲ୍‌ବ୍ରୋନ୍ ଭଳି ବୁନ୍ଦେସ ଲିଗା ଖେଳିବା ପାଇଁ ଅନୁଷ୍ଠିତ ଟ୍ରାଏଲରେ ଭାଗ ନେବାକୁ ଜର୍ମାନୀ ଯାଇଥିଲେ। ଖେଳାଳି ଭାବେ ଅବସର ନେବା ପରେ ସେ ୨୦୧୯ ଲୋକ ସଭା ନିର୍ବାଚନରେ କ୍ରିଷ୍ଣନଗର ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ‘ପାଇକ ବିଦ୍ରୋହ ରାଷ୍ଟ୍ରୀୟତାର ପରିଚୟ ଦିଏ’

ଖୋର୍ଦ୍ଧା ଅଫିସ,୨।୯: ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ ଅବସରରେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଓ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ୍ କ୍ଲବ ପାଇକ ବିଦ୍ରୋହ ସଂଗ୍ରାମରେ ନିଜିଗଡ଼ ତାପଙ୍ଗ ଦଳବେହେରାଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ନିଜିଗଡ଼ ତାପଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦ ସମ୍ପାଦକ ସଂଗ୍ରାମ ଜଗଦ୍ଦେବ କହିଥିଲେ, ପାଇକ ବୀରଙ୍କ ବୀରତ୍ୱ ଆଗରେ ବ୍ରିଟିଶ୍ ଥରହର ହୋଇ ଉଠିଥିଲା। ତାପଙ୍ଗ ଗଡ଼ର ଦଳବେହେରା ମାଧବ ଚନ୍ଦ୍ର ରାଉତରା ମେଳିକରି ଇଂରେଜଙ୍କୁ ଅଡୁଆରେ ପକାଇଥିଲେ। ଦଳବେହେରା ମାଧବ ଚନ୍ଦ୍ର ରାଉତରାଙ୍କ ବୀରତ୍ୱ, ବଳିଦାନ ଆଜି ବି ସ୍ମରଣୀୟ ହୋଇ ରହିଛି। ଏ ମାଟି ଦଳବେହେରାଙ୍କ ପାଇଁ ଧନ୍ୟ ହୋଇଛି ବୋଲି କହିଥିଲେ। କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। ମୁକ୍ତି ସଂଗ୍ରାମରେ ପାଇକ ବୀରଙ୍କ ତ୍ୟାଗ ଅତୁଳନୀୟ। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, କୃତ୍ତିବାସ ପାଟଶାଣୀ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଭୂମିକା ଅବିସ୍ମରଣୀୟ। ପାଇକ ବିଦ୍ରୋହ କେବଳ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସଂଗ୍ରାମ ନ ଥିଲା, ଏହା ପଛରେ ରହିଛି ପାଇକ ବୀରଙ୍କ ଦେଶପ୍ରୀତି, ମମତା, ଜାତୀୟତାବାଦ, ରାଷ୍ଟ୍ରୀୟତାର ଭାବ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ କେଏନ ସାମନ୍ତରାୟ, ଜିତେନ୍ଦ୍ର ବେହେରା, ମୀନକେତନ ସୁବୁଦ୍ଧି, ଗତିକୃଷ୍ଣ ସେଠୀ, ପୁରୁଷୋତ୍ତମ ମାଝି, ଅରୁଣ ମାନ୍ଧାତା, ବୈଦ୍ୟନାଥ ବରାଳ, ପାଇକ ଗୁରୁ କବିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ପଦବୀ ବଜାୟ ରଖିଲେ ବାସନ୍ତୀ



ଖୋର୍ଦ୍ଧା ଅଫିସ/ ନିରାକାରପୁର, ୨।୯ (ଡି.ଏନ୍.ଏ.): ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ଭାବେ ପୁଣି ବାସନ୍ତୀ ମହାପାତ୍ର ମନୋନୀତ ହୋଇଛନ୍ତି। ଦଳ ତାଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଛି। ଏନେଇ ମହାପାତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଜିଲା ସଭାପତି ବିଭୂତି ବଳବନ୍ତରାୟ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ମହାପାତ୍ର ଜଣେ ଦକ୍ଷ ସଙ୍ଗଠିକା ଭାବେ ପରିଚିତ। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ କର୍ମୀଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିଲେ। ତୃଣମୂଳସ୍ତରରେ ମହିଳାଙ୍କୁ ସଙ୍ଗଠିତ କରି ଦଳକୁ ସୁଦୃଢ଼ କରିବାରେ ବାସନ୍ତୀଙ୍କ ପ୍ରମୁଖ ଭୂମିକା ରହିଛି। ୧୯୯୧-୯୫ ପର୍ଯ୍ୟନ୍ତ ବାସନ୍ତୀ ବିଜେଡି ଜିଲା ସାଧାରଣ ସମ୍ପାଦିକା ରହିଥିଲେ। ୨୦୦୧-୦୬ ରାଜ୍ୟ ପରିଷଦ ସଭ୍ୟ, ୨୦୦୩-୦୯ ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି, ୨୦୦୯-୧୨ ଜିଲା ପରିଷଦ ସଭାପତି, ୨୦୧୩-୧୪ ବାଲେଶ୍ୱର ଉପନିର୍ବାଚନ ପର୍ଯ୍ୟବେକ୍ଷକ, ୨୦୧୫-୨୧ ବିଜୁ ମହିଳା ଜନତା ଦଳ ଖୋର୍ଦ୍ଧା ଜିଲା ସଭାପତି, ୨୦୧୭-୧୮ ନୟାଗଡ଼ ଜିଲା ପର୍ଯ୍ୟବେକ୍ଷକ, ୨୦୧୯-୨୦ ଖୋର୍ଦ୍ଧା ଜିଲା ସଂଯୋଜକ, ୨୦୨୦-୨୧ ଗଜପତି ଜିଲା ପର୍ଯ୍ୟବେକ୍ଷକ, ୨୦୨୧ରେ ବାଲେଶ୍ୱର ଉପନିର୍ବାଚନ ପର୍ଯ୍ୟବେକ୍ଷକ ଏବଂ ୨୦୨୧ରୁ ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟ କରିଛନ୍ତି।

### ଶିବଶକ୍ତି କ୍ଲବ ବିଜୟୀ ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ

ଝାଁଳା,୨।୯(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟରେ ଶୁକ୍ରବାର ଶିବଶକ୍ତି କ୍ଲବ ଭୁବନେଶ୍ୱର ଏବଂ ମା’ ଭୋଳେଶ୍ୱରୀ କ୍ଲବ ମଦନପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶିବଶକ୍ତି କ୍ଲବ ପକ୍ଷରୁ ସୂର୍ଯ୍ୟ ବାସ୍କେ ୪୦ ମିନିଟ୍‌ରେ ଓ ୪୬ ମିନିଟ୍‌ରେ ରାକେଶ ସେଠୀ ଗୋଟିଏ ଲେଖାଏ ଗୋଲ ଦେବାରୁ ଦଳ ବିଜୟୀ ହେବା ସହିତ ୨ ପଏଣ୍ଟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ମା’ ଫୁଲବତି ଅନ୍ଧାରୁଆ ଓ ପାୱାର କ୍ଲବ କରଡ଼ାପଲ୍ଲୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ମ୍ୟାଚ୍ ଶେଷପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଉଭୟ ଟିମ୍ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ମନୋରଞ୍ଜନ ଖୁଣ୍ଟିଆ, ବିଶ୍ୱମୋହନ ବିଦ୍ୟାଧର ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟ ପ୍ରଭାବିତ, ବଢୁଛି ଅସନ୍ତୋଷ

- ପ୍ରସ୍ତାବିତ ପାଇକ ଏକାଡେମୀ ପ୍ରତିଷ୍ଠା ହୋଇପାରିନି
- କୁଞ୍ଜବିହାରୀ ମଠ ଅବହେଳିତ
- ବଢ଼ିଚାଲିଛି ଖଣିଜ ସମ୍ପଦ ହରିଲୁଟ୍

ଖୋର୍ଦ୍ଧା ଅଫିସ,୨।୯:

ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ୮ଟି ରାଜସ୍ୱ ଗ୍ରାମକୁ ନେଇ ୧୯୬୦ ମସିହା ଜୁଲାଇ ୧୨ ରେ ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲା। ଜନସଂଖ୍ୟା ଏବଂ କାର୍ଯ୍ୟକାରିତାର ବୃଦ୍ଧିକୁ ନେଇ ସରକାରଙ୍କ ପୁନଃ ଚିଠି ଅନୁଯାୟୀ ଖୋର୍ଦ୍ଧା ଏନ୍ଏସିର ୨୨ଟି ୱାର୍ଡକୁ ନେଇ ୨୦୦୦ ମସିହାରେ ପୌର ପରିଷଦର ମାନ୍ୟତା ମିଳିଥିଲା। ଇତି ମଧ୍ୟରେ ଖୋର୍ଦ୍ଧା ପୌର ପରିଷଦ ୬୩ ବର୍ଷରେ ପଦାର୍ପଣ କରିଛି। ରାଜଧାନୀ ଜିଲା ଖୋର୍ଦ୍ଧା ସଦର ମହାକୁମା ଭୁବନେଶ୍ୱର ଠାରୁ ୩୦କିମି ଦୂରରେ ଅବସ୍ଥିତ। କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପ୍ରାଚୀନ କୀର୍ତ୍ତିରାଜୀ, ଐତିହ୍ୟରେ ଭରପୁର ଖୋର୍ଦ୍ଧା। ତଥାପି ଦୀପ ତଳ ଅନ୍ଧାର ଭଳି ଖୋର୍ଦ୍ଧା ସହରର ଉନ୍ନୟନ କାର୍ଯ୍ୟର ବିକାଶ ହୋଇପାରୁ ନାହିଁ। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୁଇ ବିଧାୟକଙ୍କ ମଧ୍ୟରେ କ୍ଷମତା ଲାଳସାକୁ ନେଇ ଚାଲିଥିବା ଛକାପଞ୍ଝା ମଧ୍ୟରେ ଖୋର୍ଦ୍ଧା ସହରର ବିକାଶ ବାଧକ ସାଜିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ପାଇକ ବୀରଙ୍କ ପାଇଁ ଏ ମାଟିର ଗୌରବ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରସ୍ତାବିତ ପାଇକ ଏକାଡେମୀ ପ୍ରତିଷ୍ଠା ହୋଇପାରିଲା ନାହିଁ। ୧୮୧୭ର ପାଇକ ବିଦ୍ରୋହ ଓଡ଼ିଶା ତଥା ଜାତୀୟ ସ୍ତରରେ ଇତିହାସରେ ଲିପିବଦ୍ଧ ହୋଇରହିଛି। ଏହି ଐତିହାସିକ ସଂଗ୍ରାମର ଶୌର୍ଯ୍ୟ, ବିକ୍ରମ ଓ ତ୍ୟାଗର ଏକ ଗୌରବମୟ ଗାରିମା ରହିଛି। ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୩ ବର୍ଷ ବିତିଲାଣି। ହେଲେ ଇଟାଖଣ୍ଡ ପଡିପାରିଲା ନାହିଁ। ଗଡ଼ଖୋର୍ଦ୍ଧା ଏବଂ ଏହାର ସଲଗ୍ନ ପାର୍ଶ୍ୱରେ ରହିଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ବିପର୍ଯ୍ୟସ୍ତ ହୋଇ ରହିଛି। ଓଡ଼ିଶା ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ହେଉଛି ବରୁଣେଇ ପୀଠ। ମା ବରୁଣେଇ ଓ କରୁଣେଇଙ୍କ ମହିମା ଏବଂ ପାହାଡ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଗର। ପାହାଡ ଉପରେ ସୀତାକୁଣ୍ଡ, ଗୁମ୍ଫା ଏବଂ ବୌଦ୍ଧ କୀର୍ତ୍ତିରାଜୀର ଦୁଇହାଜର ବର୍ଷ ତଳର ଶୀଳଲେଖା ରହିଥିବା ଗବେଷକ ମାନେ ମତପ୍ରକାଶ କରିଛନ୍ତି।। ପାହାଡ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦେଖାଯାଏ ବୋଲି ବିଶ୍ୱାସ ରହିଛି। ତେବେ ଏହା ଉପରକୁ ଯିବା ପାଇଁ କୌଣସି ଚଲା ରାସ୍ତା ନିର୍ମାଣ କରାଯାଇନାହିଁ। ପ୍ରସ୍ତାବିତ ରୋପୱେ ପ୍ରସ୍ତାବରେ ଅଟକି ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡଖୋର୍ଦ୍ଧା ସ୍ଥିତ କୁଞ୍ଜବିହାରୀ ମଠ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଖୋର୍ଦ୍ଧା ସ୍ଥିତ ବିଜେବି ହାଇସ୍କୁଲ ଆସନ୍ତା ବର୍ଷ ୧୨୫ବର୍ଷରେ ପଦାର୍ପଣ କରିବ। ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିଦ୍ୟାଳୟର ଖେଳପଡିଆ ଏକ ଘରୋଇ କ୍ରୀଡାନୁଷ୍ଠାନ ହାତରେ ରହିଛି। ସେହିପରି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଜିଲା ମୁଖ୍ୟଚିକିତ୍ସାଳୟରେ ଭିତ୍ତିଭୂମି ଓ ଆବଶ୍ୟକ ଡାକ୍ତର ଅଭାବରୁ ରୋଗୀ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଛନ୍ତି। ଜିଲାର ବହୁ ମୂଲ୍ୟବାନ ଲଘୁଖଣିଜ ସମ୍ପଦ ମାଫିଆଙ୍କ ଦ୍ୱାରା ହରିଲୁଟ ଚାଲିଛି। ଖୋର୍ଦ୍ଧାର ବିକାଶରେ ଅନ୍ୟତମ ବାଧକ ହେଉଛି ଉଠାଦୋକାନ ଏବଂ କ୍ୟାବିନ। ଉଠାଦୋକାନୀଙ୍କୁ ଥଇଥାନ ଲାଗି ଦୀର୍ଘ ବର୍ଷ ଧରି ଚାଲିଥିବା ସମସ୍ୟା ସମାଧାନ ହୋଇପାରୁନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଅବହେଳା ଏଥିରେ ବାଧକ ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଖୋର୍ଦ୍ଧା ସହରର ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଖୋର୍ଦ୍ଧା ସହରକୁ ଏକ ସବୁଜ ସୁନ୍ଦର ସହର ଭାବେ ଗଢି ତୋଳିବାକୁ ଚେଷ୍ଟା ଜାରି ରହିଛି। ସହର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଯୋଜନାରେ ସହରର ଦ୍ରୁତ ବିକାଶ ଘଟିଛି ବୋଲି ସେ କହିଛନ୍ତି।

## ଅଳିଆ ଗାଡ଼ିକୁ ଧକ୍କା ଦେଲା ବ୍ୟାଟେରି ଚାଳିତ ଗାଡ଼ି

ବାରଙ୍ଗ,୨।୯(ଡି.ଏନ୍.ଏ.)

ନନ୍ଦନକାନନରେ ଶୁକ୍ରବାର ଏକ ବ୍ୟାଟେରିଚାଳିତ ଗାଡି ଦ୍ରୁତଗତିରେ ଯାଇ ଅଳିଆଗାଡିର ପଛପଟରୁ ଧକ୍କା ଦେଇଛି। ଫଳରେ ଅଳିଆଗାଡି ଚାଳକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଦ୍ୱିପ୍ରହର ସମୟରେ ନନ୍ଦନକାନନ ଓଡି୦୨-ବିବି-୬୫୩୫ନଂ ଅଳିଆ ବୋଝେଇ ଗାଡିଟି ଅଳିଆ ନେଇ କାର୍ଯ୍ୟାଳୟ ପାଖରୁ ୯ନଂ. ଫାଟକ ଆଡକୁ ଯାଉଥିଲା। ଏହି ସମୟରେ ପଛପଟରୁ ହଠାତ୍ ଏକ ବ୍ୟାଟେରି ଚାଳିତ ଗାଡିଟି ଦ୍ରୁତଗତିରେ ଆସି ଧକ୍କାଦେଇଥିଲା। ଏଥିରେ ଅଳିଆଗାଡି ଚାଳକ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନନ୍ଦନକାନନ ପକ୍ଷରୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି। ସବୁଠାରୁ ବଡକଥା ହେଲା ଏହି ଦୁର୍ଘଟଣା ସମୟରେ ବ୍ୟାଟେରି ଚାଳିତ ଗାଡିରେ କୌଣସି ପର୍ଯ୍ୟଟକ ନ ଥିଲେ। ଫଳରେ ଏକ ଦୁର୍ଘଟଣାରୁ ନନ୍ଦନକାନନ ବର୍ତ୍ତିଯାଇଛି। ସ୍ୱତନ୍ତ୍ର ପ୍ରକଳ୍ପ ରେଞ୍ଜର ରଞ୍ଜିତ ମହାନ୍ତି କୁହନ୍ତି, ଅଳିଆଗାଡି ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ନୂଆଁଖାଇ ମହୋତ୍ସବ ଉଦ୍‌ଯାପିତ



ନୂଆଁଖାଇ ମହୋତ୍ସବର ଉଦ୍‌ଯାପନୀରେ ଉପସ୍ଥିତ ଅତିଥି ଓ ରଘୁନାଥ ଯୁବକ ସଂଘର କର୍ମକର୍ତ୍ତା ।

ବୋଲଗଡ଼,୨।୯(ଡି.ଏନ୍.ଏ.):

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ନୟାପାଟଣା ଠାରେ ଅନୁଷ୍ଠିତ ନୂଆଁଖାଇ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରଘୁନାଥ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଅବସରରେ ରଘୁନାଥ ଦେବ ଓ ମଞ୍ଚରେ ବିରାଜମାନ କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରଘୁନାଥ ଯୁବକ ସଂଘର ବରିଷ୍ଠ ସଦସ୍ୟ ବୈକୁଣ୍ଠ ଜେନାଙ୍କ ସଭାପତିତ୍ୱରେ ଅତିଥିଭାବେ ସମାଜିକକର୍ମୀ ନିରଞ୍ଜନ ନାୟକ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଦସ୍ୟ ଏମ୍ ଆଲୋକ କୁମାର ମଞ୍ଚ ପରିଚାଳନା କରିଥିଲେ। କୁନି କଳାକାରଙ୍କ ଦ୍ୱାରା ପରିବେଷିତ ଦେଶାତ୍ମକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ବୋଲଗଡ଼ ଆରାଧନା ପ୍ରିନ୍ସ ଡ୍ୟାନ୍ସ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଆଧୁନିକ ଡ୍ୟାନ୍ସ ଓ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। କୁଇଜ ପ୍ରତିଯୋଗୀ ଓ ବିଭିନ୍ନ କାର୍ଯ୍ୟରେ ସୁନାମ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ କୁମାର ଜେନା, ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ଅସିତ୍ ଦାସ, ଏମ ଅଶୋକ କୁମାର ଓ ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରଞ୍ଜିତା ଦାସଙ୍କୁ ‘ପରିବେଶ ରତ୍ନ’ ସମ୍ମାନ

ଭୁବନେଶ୍ୱର,୨।୯(ବ୍ୟୁରୋ)

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନଠାରେ ଶୁକ୍ରବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋନୀତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ପରିବେଶବିତ୍ ତଥା ପରିଚିତାର ସାଧାରଣ ସମ୍ପାଦିକା ରଞ୍ଜିତା ଦାସଙ୍କୁ ‘ପରିବେଶ ରତ୍ନ’ ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଜଳ ସଂରକ୍ଷଣ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନ ସଭାପତି ଡ. ବିପିନ ବିହାରୀ ମିଶ୍ର, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର, କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପରିବେଶବିତ୍ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା, ଡିଏଫ୍ଓ ଅଜିତ କୁମାର ଶତପଥୀ, ଆୟୋଜକ ରବୀନ୍ଦ୍ରନାଥ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

## ଜିଲା ପରିଷଦ ସଭ୍ୟାଙ୍କ କାର୍ ଜାଳିଦେଲେ ଦୁର୍ବୃତ୍ତ



ନିରାକାରପୁର,୨।୯(ଡି.ଏନ୍.ଏ.):

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୯ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହଙ୍କ କାର୍‌କୁ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏ ନେଇ ମିତାଞ୍ଜଳିଙ୍କ ସ୍ୱାମୀ ସାଗର ବଳିୟାରସିଂହ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୭୩/୨୨) ରୁଜୁ କରିବା ସହ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁବାର ମିତାଞ୍ଜଳିଙ୍କ କାର୍ (ଓଡି-୦୨-ବିଏନ୍-୨୬୩୪) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିଲା। ତେବେ କୌଣସି କାରଣକୁ ନେଇ ଦୁର୍ବୃତ୍ତ ରାତିରେ ସେଥିରେ ନିଆଁ ଲଗାଇ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ବ୍ୟକ୍ତି କାର୍ ଜଳୁଥିବା ଦେଖି ସାଗରଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ସଂସ୍କୃତି ସମ୍ପର୍କକୁ ସୁଦୃଢ଼ କରେ

## ଗଣପତି ମହୋତ୍ସବ ଉଦ୍‌ଘାଟିତ



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଶୁଭାରମ୍ଭ କରୁଛନ୍ତି ।

ଖୋର୍ଦ୍ଧା ଅଫିସ,୨।୯:

ନବୀନାବାଗ୍‌ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ପୂଜାମଣ୍ଡପ ଠାରେ ଗଣପତି ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ହେଉଛି କଳା, ସଂସ୍କୃତିର ମାଟି। ପାଇକ ବିଦ୍ରୋହର ଏନ୍ତୁଡ଼ିଶାଳ ହେଉଛି ଖୋର୍ଦ୍ଧା। ଏ ମାଟିର ପାଇକ ବୀରଙ୍କ ବୀରତ୍ୱର ଗାଥା ଜାତୀୟସ୍ତରରେ ଲିପିବଦ୍ଧ ହୋଇ ରହିଛି। ସଂସ୍କୃତି, ପରମ୍ପରା ହେଉଛି ଗୋଟିଏ ଜାତିର ପରିଚୟ। ସଂସ୍କୃତି ପରମ୍ପରା ସମ୍ପର୍କର ସେତୁକୁ ମଜଭୁତ କରିଥାଏ ବୋଲି ମତପ୍ରକାଶ ପାଇଥିଲା। କ୍ଲବ ସଭାପତି ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ ଏବଂ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସନ୍ଧ୍ୟାରେ କଳାହାଣ୍ଡିର କସ୍ତୁରୀ କଳା ପରିଷଦର କଳାକାରଙ୍କ ଆଦିବାସୀ ଲୋକନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପରେ ଜଟଣୀ ନୃତ୍ୟପ୍ରଭା ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଡାଲ୍‌ଖାଇ ପରିବେଷଣ କରିଥିଲେ। ଭୁବନେଶ୍ୱର ଶିଳ୍ପିକା ଅନୁଷ୍ଠାନର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।

## କଣ୍ଟାବାଡ଼ ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୨।୯(ଡି.ଏନ୍.ଏ.):

ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ଗ୍ରାମସ୍ଥିତ ଗଣେଶ ପୂଜା ପେଣ୍ଡାଲ ପରିସରରେ ଅନୁଷ୍ଠିତ ଶ୍ରୀଗଣେଶ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ପରିଚାଳନା ପରିଷଦ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମାନସ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ଉଲ୍ଲାସ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତା ଭାବେ ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ବେଗୁନିଆ ପଞ୍ଚାୟତ ସମିତି ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ବ୍ରହ୍ମପୁର ଇଣ୍ଡିଆନ ବ୍ୟାଙ୍କ ଆଞ୍ଚଳିକ ସହ ଅଧିକାରୀ ଶଶିଭୂଷଣ ମିଶ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଆଧୁନିକତାର ଚାକଚକ୍ୟ ମଧ୍ୟରେ ଏବେବି ପୁରପଲ୍ଲୀରେ ପାରମ୍ପରିକ ଉତ୍ସବ ବଞ୍ଚି ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ ପରିଚାଳନା ପରିଷଦର ସଭାପତି ଶ୍ରୀକାନ୍ତ ବାହିନୀପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାମାଜିକକର୍ମୀ ଦିଲ୍ଲୀପ କୁମାର ପାଣିଗ୍ରାହୀ ଅତିଥି ପରିଚୟ, ସନ୍ତୋଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସୁଶ୍ରୀ ଦିପାଳୀ ସୁନ୍ଦରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଧୁନିକ ନୃତ୍ୟ, ଢୋଲ ମହୁରୀ, ଗୋଟିପୁଅ, ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ।





କଣ୍ଟାବାଡ଼ ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

## ରଙ୍ଗବତୀ ଗୀତରେ ଝୁମିଲେ ଦର୍ଶକ

ଜଟଣୀ,୨।୯(ଡି.ଏନ୍.ଏ.):

ଶ୍ରୀଗଣେଶ ପୂଜା ଉତ୍ସବର ଶୁକ୍ରବାର ତୃତୀୟ ଦିନରେ ଜଟଣୀରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆକର୍ଷଣୀୟ ତୋରଣ ସହ ରଙ୍ଗୀନ ଆଲୋକମାଳାରେ ପୂଜାମଣ୍ଡପ ଗୁଡିକ ଝଲସୁଛି। ସନ୍ଧ୍ୟା ଆଳତି ଦର୍ଶନ ଲାଗି ପୂଜା ମଣ୍ଡପରେ ଭିଡ଼ ଜମିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟାରେ ସ୍ଥାନୀୟ ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ସଂଘ ସଭାପତି ହେମନ୍ତ ସୁନ୍ଦରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନଗରପାଳ ଅନନ୍ତ ବେହେରା, ‘ଧରିତ୍ରୀ’ର ଡେପୁଟି ନ୍ୟୁଜ୍ ଏଡିଟର ଲାଲା ସୁନୀଲ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଓଡିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହାୟତାରେ ବଲାଙ୍ଗୀର ଜିଲାର ଢୋଲ ନିଶାନ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ସମ୍ବଲପୁରୀ ରଙ୍ଗବତୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ସେହିପରି ସ୍ଥାନୀୟ କୁଦିଆରୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ମୀନାବଜାରକୁ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବଭୂତି ଭୂଷଣ ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଥାନା ଛକ ନିକଟରେ କୋଣାର୍କ ଗଣନାଟ୍ୟ ଯାତ୍ରା ପାର୍ଟି ଏବଂ ମୋ ଜଟଣୀ ପୋଷ୍ଟ ଅଫିସ ଛକ ଗଣେଶ ମଣ୍ଡପରେ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା।







ଖୋର୍ଦ୍ଧା: ନବୀନାବାଗ୍‌ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଗଣେଶ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି । ଜଟଣୀ: ପୋଷ୍ଟ ଅଫିସ୍ ଛକ ବଜାର କମିଟି ପକ୍ଷରୁ ଅନୁଷ୍ଠିତ ଗଣେଶ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ବିନାନୁମତିରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍

**ପୁରୀ ଅଫିସ,୨।୯:**

ଭୋଟର ପରିଚୟପତ୍ରରେ ଆଧାର କାର୍ଡ ଲିଙ୍କ୍ ବାଧ୍ୟତାମୂଳକ ହୋଇନାହିଁ। ହେଲେ ପୁରୀ ଜିଲାରେ ଭୋଟରଙ୍କ ବିନା ଅନୁମତିରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ନାଗରିକଙ୍କୁ ଏ ସମ୍ପର୍କରେ ଅବଗତ କରା ନ ଯାଇ, ସମ୍ପୂର୍ଣ୍ଣ ସୂଚନାଠାରୁ ଆଢୁଆଳରେ ରଖାଯାଇ ପ୍ରମାଣପତ୍ରକୁ ଲିଙ୍କ୍ କରିଦିଆଯାଉଛି। ଫଳରେ ନାଗରିକଙ୍କର ଗୋପନୀୟ ଅଧିକାର (ରାଇଟ୍ ଟୁ ପ୍ରାଇଭେସି) କ୍ଷୁଣ୍ଣ ହେଉଥିବା ନେଇ ପୁରୀର ସ୍ୱପ୍ନ ସାର୍ଥକ ନାୟକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ, ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଆଧାର ପ୍ରମାଣପତ୍ରର ୟୁନିକ୍ ନମ୍ବରଟି ମାଗି ନେଉଛନ୍ତି। ଗ୍ରାମାଞ୍ଚଳର ଲୋକେ ନିଜର ଗୋପନୀୟତା ଅଧିକାର ପ୍ରତି ସଚେତନ ନ ଥିବା ହେତୁ ତଥ୍ୟ ପ୍ରଦାନ କରୁଛନ୍ତି। ଅନେକ ସ୍ଥଳରେ ବ୍ୟକ୍ତି ଉପସ୍ଥିତ ନ ଥିଲେ ମଧ୍ୟ ତାଙ୍କ ଆଧାର ନମ୍ବର ପରିବାରର ଅନ୍ୟ ସଦସ୍ୟମାନଙ୍କଠାରୁ ନିଆଯାଉଛି। ବିନା ଅନୁମତିରେ ସରକାର ଆଧାର ନମ୍ବରକୁ ଏକପାଖିଆ ଭାବେ ଭୋଟର ପରିଚୟ ପତ୍ର ସହ ଲିଙ୍କ୍ କରୁଛନ୍ତି। ଏପରିକି ସରକାରୀ ସ୍ତରରେ ଜିଲାପାଳ ଓ ଉପଜିଲାପାଳ ଆଧାର ଲିଙ୍କ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ତାଗିଦ କରୁଛନ୍ତି ଓ ଅଧିକରୁ ଅଧିକ ଲୋକଙ୍କର ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ କରାଇନେବା ପାଇଁ ବାଧ କରୁଛନ୍ତି। ଭୋଟର ତାଲିକା ପାଇଁ ଚାଲିଥିବା ପ୍ରାକ୍ ସଂଶୋଧନ କାର୍ଯ୍ୟରେ କେବଳ ଆଧାର ଲିଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି। ଫର୍ମ ନମ୍ବର- ୬(ବି) ଆଧାର ଲିଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଏହା ବାଧ୍ୟତାମୂଳକ ନୁହେଁ ବୋଲି ସରକାର ସ୍ପଷ୍ଟ କରିସାରିଛନ୍ତି। ମାତ୍ର ତଦନୁଯାୟୀ ଆଚରଣ ନ କରି ଆଧାର ଲିଙ୍କ୍ କରାଯାଉଛି।

- ଗୋପନୀୟତା ଅଧିକାରକୁ କ୍ଷୁଣ୍ଣ କରୁଛି ପ୍ରଶାସନ
- ସଚେତନତା ଅଭାବରୁ ଲୋକେ ଜାଣିପାରୁ ନାହାନ୍ତି

୨୦୧୯ରେ ପୁଟ୍ଟୁ ସ୍ୱାମୀ ନାମକ ବ୍ୟକ୍ତି ଏ ବିଷୟରେ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଜଣେ ବ୍ୟକ୍ତି ନିଜର ବାୟୋମେଟ୍ରିକ୍ ଓ ଆନୁଷଙ୍ଗିକ ତଥ୍ୟ ସରକାରଙ୍କୁ ଦେବାକୁ ବାଧ ନୁହନ୍ତି। ବ୍ୟକ୍ତି ଗୋପନୀୟତା ଅଧିକାର ବଳରେ ସମସ୍ତ ନାଗରିକଙ୍କୁ ଏହି କ୍ଷମତା ଦିଆଯାଇଛି। ସରକାରଙ୍କ ଯୋଜନା ଦ୍ୱାରା ଉପକୃତ ହେଉଥିବା ବ୍ୟକ୍ତିଙ୍କୁ ସରକାର ସ୍ୱତନ୍ତ୍ର ଭାବେ ଆଧାର ତଥ୍ୟ ମାଗିପାରିବେ। ମାତ୍ର ଜଣେ ବ୍ୟକ୍ତି ଯଦି ସରକାରୀ ଯୋଜନାର ସୁବିଧା ନେଉନାହାନ୍ତି ତେବେ ସେ କାହିଁକି ଭୋଟର ପ୍ରମାଣପତ୍ରରେ ଆଧାର ଲିଙ୍କ୍ କରିବେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସେହିଭଳି ଆଧାର ନାଗରିକଙ୍କର ଡେମୋଗ୍ରାଫିକ୍ ପରିଚୟ ପତ୍ର ହୋଇଥିବା ବେଳେ ଭୋଟର କାର୍ଡ ନାଗରିକ ପ୍ରମାଣପତ୍ର ଭାବେ ବିବେଚନା କରାଯାଇଥାଏ। ଦୁଇ ପ୍ରକାରର ପ୍ରମାଣପତ୍ରକୁ ଏକତ୍ରିତ କରିବା ପାଇଁ ସରକାର ଆଇନକୁ ଜଳାଞ୍ଜଳି ଦେଇସାରିଲେଣି ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି। ସେହିଭଳି ପ୍ରଶାସନିକ ସେବାର ପ୍ରସ୍ତୁତି କରୁଥିବା ପୁରୀର ସ୍ଥାନୀୟ ବାସିନ୍ଦା ଫାଲଗୁନୀ ହରିଚନ୍ଦନ ଏସମ୍ପର୍କରେ କହିଛନ୍ତି, ସରକାର ହୁଅନ୍ତୁ ଅବା ଯେକେହି ତଥ୍ୟ ଦେବା ଆଗରୁ ସବିଶେଷ ସୂଚନା ପାଇବା ନାଗରିକର ଅଧିକାର। ମାତ୍ର ଆଧାର ଲିଙ୍କ ବେଳେ ତାହା କରାଯାଉନାହିଁ। ସରକାରଙ୍କ ପକ୍ଷରୁ ଠିକ୍ ଭାବେ ସଚେତନତା କରାଯାଇ ନ ଥିବାରୁ ଲୋକେ ମଧ୍ୟ ନ ଜାଣିପାରି ଆଧାର ନମ୍ବର ଦେଇଦିଅନ୍ତି। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ବୈଠକ ଡକାଯାଇ ଆଧାର ଲିଙ୍କରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ତାଗିଦ କରିବା ସହ ଅଧିକ ଆଧାର ଲିଙ୍କ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, କାହାରି ଆଧାର କାର୍ଡ ଲିଙ୍କ୍ ପାଇଁ ବାଧ କରାଯାଉ ନାହିଁ। କିନ୍ତୁ ସାଧାରଣ ଲୋକଙ୍କୁ ଆଧାର ଲିଙ୍କ୍ ପାଇଁ ଅପିଲ କରୁଛୁ। ଫଳରେ ନକଲି ଭୋଟରଙ୍କୁ ଚିହ୍ନଟ କରିବା ସମ୍ଭବ ହେବ।

## କମେଣ୍ଟ ମାରି ଗଛରେ ବନ୍ଧା ହେଲେ ଯୁବକ

**ବ୍ରହ୍ମଗିରି,୨।୯(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ଛାତ୍ରୀକୁ କମେଣ୍ଟ ମାରିବା ସହିତ ଅସଦାଚରଣ କରିଥିବାରୁ ଜଣେ ଯୁବକଙ୍କୁ ସ୍ଥାନୀୟ ଗ୍ରାମବାସୀ ଗଛରେ ବାନ୍ଧି ମାଡ ମାରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହିତ ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳର ଜଣେ ଦଶମ ଶ୍ରେଣୀର ଛାତ୍ରୀ ଟିଉସନରୁ ଫେରୁଥିବା ସମୟରେ ସ୍ଥାନୀୟ ବିଜିପୁର ଗ୍ରାମର ଏକ ବିବାହିତ ଯୁବକ ଛାତ୍ରୀଜଣଙ୍କୁ ଏକାକୀ ଦେଖି ଅସଦାଚରଣ କରିଥିଲେ। ଫଳରେ ଛାତ୍ରୀଜଣକ ପାଟି କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ କାବୁ କରିବା ସହିତ ଏକ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୯।୨୦୨୨

| | |
|---|---|
| ୨,୯୩,୧୯୦ ଟଙ୍କା | |
| ସୁନା | ୨.୩୦୦ ଗ୍ରାମ |
| ରୁପା | ୩୨.୪୦୦ ଗ୍ରାମ |

## ସଂକ୍ଷେପରେ

### ୧୨ ଗ୍ରାମ୍ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ,୨।୯- ବଳିଆପଣ୍ଡା ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଶୁକ୍ରବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବଳିଆପଣ୍ଡା ବସ୍ତି ମଙ୍ଗଳା ସାହିର ଗଣେଶ ମଲ୍ଲିକ୍ (୨୮)। ପୋଲିସ ଅଭିଯୁକ୍ତଙ୍କଠାରୁ ୧୨.୫ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହ ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୪ହଜାର ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୧୦୯/୨୨ରେ ଏକ ମାମଲା ରୁଜୁ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ସାଢ଼େ ୧୨ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଜଣେ ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର କାରବାର କରିବା ନିମନ୍ତେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବନଦୁର୍ଗା ମନ୍ଦିର ନିକଟରେ ଅଞ୍ଚଳରେ ରହିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ସକାଳ ପ୍ରାୟ ୯ ଟା ୩୦ ମିନିଟ୍ ସମୟରେ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ପରେ ଥାନାକୁ ଆଣି ପଚାରିବାରେ ସେ ବ୍ରାଉନ ସୁଗାର କାରବାର କରୁଥିବା ସ୍ୱୀକାର କରିଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୀ ସହର,୨।୯: ପୁରୀ ଷ୍ଟର୍ଲିଂ ରିସୋର୍ଟ ମୁହାଣ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ବଳିଆପଣ୍ଡା ଥାନା ପୋଲିସ ଜବତ କରିଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ୨୫ ବର୍ଷ ପାଖାପାଖି ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ପୋଲିସ ମୃତଦେହକୁ ସଦର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆଇଆଇସି ସୁଶାନ୍ତ ସାହୁଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ସାଢ଼େ ୩ଟା ସମୟରେ ପୁରୀ ଷ୍ଟର୍ଲିଂ ରିସୋର୍ଟ ମୁହାଣ ନିକଟରେ ପର୍ଯ୍ୟଟକ ବୁଲୁଥିବା ବେଳେ ଏକ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେକରେ ଗାମୁଛା ବାନ୍ଧି ଝୁଲୁଥିବା ମୃତଦେହକୁ ଜବତ କରିଥିଲା। ଘଟଣାସ୍ଥଳରୁ ଏକ ସାଇକେଲ ଓ ଚପଲ ମିଳିଛି। ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି କି କେହି ହତ୍ୟା କରି ଏଠି ଝୁଲାଇ ଦେଇଛି ସେନେଇ ତଦନ୍ତ ଚାଲିଛି।



ଆସନ୍ତା ଶାରଦୀୟ ପୂଜା ପାଇଁ ମା'ଜହ୍ନିଖାଇଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ଅନୁକୂଳ କରାଯାଉଛି ।

## ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ପାଳିଲେ କୁକ୍କୁଟି ବ୍ରତ

**ପୁରୀ ଅଫିସ,୨।୯**

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ବା ଶ୍ରୀଦେବୀ କୁକ୍କୁଟି ବ୍ରତ ପାଳନ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ବା ମହାଲକ୍ଷ୍ମୀ କୁକୁଟୀ ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ପାଖେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଶ୍ରୀଦେବୀଙ୍କୁ ନେଇ ଶ୍ରୀମନ୍ଦିର ବେଢାରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଅଭିମୁଖେ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ମା'ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ଥିବା ଖଟ ଶେଜ ଉପରେ ବିଜେ କରାଇଥିଲେ। ପରେ ସେଠାରେ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇ ବେଶ ବଢିଥିଲା। ପରେ ଅନ୍ୟାନ୍ୟ ନୀତି ସହ ବ୍ରତ ନୀତି ସମ୍ପନ୍ନ ହୋଇଥିଲା।

## ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଘାଟିତ

**ସାକ୍ଷୀଗୋପାଳ, ୨।୯(ସ୍ୱ.ପ୍ର./ଡି.ଏନ୍.ଏ.):**

ସାକ୍ଷୀଗୋପାଳ ସିଂହଦ୍ୱାର ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଶୁକ୍ରବାର ଶ୍ରୀରାଧା ଜନ୍ମ ମହୋତ୍ସବ ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ଏଥିସହ କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ପ୍ରଶଂସା କରିଥିଲେ। ଅତିଥି ରୂପେ ପୁରୀ ଜିଲା ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ଏନ୍‌ଟିପିସିର ଏଚ୍. ଆର. ନିହାର ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର ସମ୍ମୁଖରେ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିସହିତ ସିଂହଦ୍ୱାର ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ କରାଯାଇଥିବା ସାଂସ୍କୃତିକ ମଞ୍ଚରେ ତିନିଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିବସରେ ମଞ୍ଚରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ପୁରସ୍କାର ବିତରଣ, ବିଭିନ୍ନ ଅନୁଷ୍ଠାନକୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ, ମ୍ୟାଜିକ ଶୋ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମ ଦିବସର ଭଜନ କମିଟି ସମ୍ପାଦକ ଦିବାକର ମହାପାତ୍ର ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ଆଲୋକ କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିପିଲି-କୋଣାର୍କ ମୁଖ୍ୟରାସ୍ତା ଶୋଚନୀୟ

**ପିପିଲି,୨।୯(ଡି.ଏନ୍.ଏ.):**

ପିପିଲି-କୋଣାର୍କ ଓ କାକଟପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ସାରା ଗୋଡ଼ି, ଚିପ୍ସ ଉଠିଯାଇଥିବାରୁ ଯାତାୟାତ ବେଳେ ପଥଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିପ୍ରତି ପିଡବ୍ଲୁଡି ବିଭାଗ ଦୃଷ୍ଟି ଦେଇ ଶୀଘ୍ର ମରାମତି କରୁ ବୋଲି ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ପିପିଲିଠାରୁ କୋଣାର୍କ, ନିମାପଡ଼ା, ଅସ୍ତରଙ୍ଗ, କାକଟପୁର ମୁଖ୍ୟ ରାସ୍ତା ପିପିଲି ଓଭରବ୍ରିଜଠାରୁ ହରିପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ରାସ୍ତା ଦେଇ ଦୈନନ୍ଦିନ କୋଣାର୍କ ଅଞ୍ଚଳକୁ ବହୁ ପର୍ଯ୍ୟଟକ ଯାତାୟାତ କରୁଛନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ପିଚୁ ଉଠିଗଲାଣି। ଯାତାୟାତ କରିବା ବେଳେ ଖାଲଖମା ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ନିମ୍ନମାନର କାମ ଯୋଗୁ କାମର ଅଳ୍ପ କିଛି ମାସ ଭିତରେ ପିଚୁ ରାସ୍ତାରୁ ଉଠିଯାଉଛି। ତେଣୁ ଏଭଳି କାର୍ଯ୍ୟ ପ୍ରତି ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ପିପିଲି-କୋଣାର୍କ, କାକଟପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଖାଲଖମା ସହିତ ପିଚୁ ଉଠିଯାଇଛି ।

## ଜମି ବିବାଦକୁ ନେଇ ୨ ପରିବାର ମଧ୍ୟରେ ମାରପିଟ: ୧୧ ଆହତ

**ନିମାପଡ଼ା,୨।୯(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ପଞ୍ଚାୟତର ବାହଣପଡ଼ା ଗ୍ରାମରେ ଜମି ବିବାଦକୁ ନେଇ ଗୁରୁବାର ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଉଭୟ ପରିବାରର ୧୧ଜଣ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଗୋଟିଏ ପରିବାରର ଅକ୍ଷୟ ମଲ୍ଲିକ ୧୦ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପରିବାରର ପ୍ରମୋଦ ମଲ୍ଲିକ ୧୭ଜଣଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ ପୋଲିସ ୨ଟି ପୃଥକ୍ ମାମଲା (ନଂ.୨୯୫, ୨୯୬/୨୨) ରୁଜୁ କରିଛି। ସୂଚନାଥାଉକି, ଜମି ବିବାଦକୁ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗିରହିବା ସହ ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ଘଟୁଛି।

## ଗୋଦର ଗୋଡ଼ର ଯତ୍ନ ସମ୍ବନ୍ଧିତ ପ୍ରଶିକ୍ଷଣ ଶିବିର

**ପୁରୀ ଅଫିସ,୨।୮**

ଜିଲା ସ୍ୱାସ୍ଥ୍ୟ ସମିତି ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଗୋଦର ଗୋଡର ଯତ୍ନ, ପରିଚାଳନା, ପ୍ରତିରୋଧ ଓ ନିରାକରଣ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସ୍ଥାନୀୟ ଭିଆଇପି ରୋଡ୍‌ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ ବାତ ଜ୍ୱର ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶା ଶାଖାର ସଂଯୋଜକ ଡା. ବି. ପି. ଦତ୍ତ ବାତ ଜ୍ୱରର କାରଣ, ଲକ୍ଷଣ, ଜ୍ୱରର ତୀବ୍ରତା, ଏହି ସମୟରେ ଔଷଧ ସେବନର ପ୍ରଣାଳୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସଂଯୋଜକ ଡା. ସମ୍ବିତ ପ୍ରଧାନ ଗୋଦର ଗୋଡର ଚିକିତ୍ସା ଓ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିପାଇଁ ୨ଜଣ ଗୋଦର ଗୋଡ ରୋଗୀଙ୍କର ଗୋଡ ଧୁଆଯାଇ ଏହାର ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା। ଜିଲାରେ ୬୦୦୦ ଗୋଦର ଗୋଡ ରୋଗୀ ରହିଥିବାବେଳେ ୨୦୦୦ ଅଣ୍ଡକୋଷ ବୃଦ୍ଧି ରୋଗୀ ରହିଥବା ନେଇ ପ୍ରଶିକ୍ଷଣ ଶିବିରରେ ସୂଚନା ଦିଆଯାଇଥିଲା। ପୁରୀ ଲେପ୍ରା ସୋସାଇଟିର ମେଡିକାଲ ପରାମର୍ଶଦାତା ଡା. ଗଗନ ବିହାରୀ ଆଚାର୍ଯ୍ୟ ଓ ଜିଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ନିମାଇଁଚରଣ ଜେନା ଅଣ୍ଡକୋଷ ବୃଦ୍ଧି ଚିହ୍ନଟ ଓ ସରକାରୀ ସ୍ତରରେ ମିଳୁଥିବା ମାଗଣା ଚିକିତ୍ସା ସୁବିଧା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଶିବିର ଜିଲା ସ୍ୱାସ୍ଥ୍ୟ ବିଭାଗର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପ୍ରବନ୍ଧକ, ଆୟୁଷ ଡାକ୍ତର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଅଂଶଗ୍ରହଣ କରିଥିଲେ। ଶିବିରକୁ ପୁରୀ ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପରାମର୍ଶଦାତା ଶକ୍ତି ପ୍ରସନ୍ନ ମିଶ୍ର, ବାତ ଜ୍ୱର ନିରୀକ୍ଷକ ଗଙ୍ଗାଧର ଦାଶ ଏବଂ ଡ୍ରେସର ନେତ୍ରାନନ୍ଦ ସାହୁ ପରିଚାଳନା କରିଥିଲେ।

# ବାରବାଟୀ ଷ୍ଟାଡିୟମରେ ହେବ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

**ନିମାପଡ଼ା,୨।୯(ଡି.ଏନ୍.ଏ.):**

ନିମାପଡ଼ା ବାରବାଟୀ ଷ୍ଟାଡିୟମରେ ଅକ୍ଟୋବରରେ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଓ ନିମାପଡ଼ା ଫୁଟବଲ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ନିମାପଡ଼ାରେ ଜୋରଦାର ପ୍ରସ୍ତୁତି ଚାଲିଛି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ନିମାପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ନିମାପଡ଼ାର ଗର୍ବ ଗୌରବ ଦୃଷ୍ଟିରୁ ଏହି ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସଫଳ ରୂପାୟନ ପାଇଁ ମନ୍ତ୍ରୀ ଦାଶ ନିମାପଡ଼ାର କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀର ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି। ଏହି ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ଏକ ୧୩ଜଣିଆ କମିଟି ଗଠନ କରାଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଫୁଟବଲ ଟିମ୍ ଅଂଶଗ୍ରହଣ କରିବେ। ମନ୍ତ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ନିମାପଡ଼ା ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ, ଉପସଭାପତି ଦୋଳଗୋବିନ୍ଦ ସେଠୀ, ମେଜର ଅମରେଶନନ୍ଦନ ସାହୁ, ଫୁଟବଲ କୋଚ ପ୍ରକାଶ ବରାଳ, କ୍ରୀଡ଼ା ଶିକ୍ଷକ ରଣଜିତ କେଶରୀ ନାୟକ, ରେଫରି ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନ ସମାରୋହରେ କୃତୀ କ୍ରୀଡ଼ାବିତ, ରେଫରି, ଖେଳାଳିଙ୍କୁ ସମ୍ବର୍ଦ୍ଧନା କରାଯିବ।



ନିମାପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆଥଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସମୀରରଞ୍ଜନ ଦାଶ ଓ ଅନ୍ୟମାନେ ।

# ବସ୍ତିରେ ପୋଲିସ ସଚେତନତା ହେଉ

**ପୁରୀ ଅଫିସ,୨।୯**

ସହରର ବସ୍ତି ଅଞ୍ଚଳରେ ଜନତା-ପୋଲିସ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରି ସାମାଜିକ ଅନୁଷ୍ଠାନ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ଶୁକ୍ରବାର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନୁଷ୍ଠାନ ଟୁଇଟର ଆକ୍ଟିଭିଷ୍ଟସ୍ ଦାବିପତ୍ରରେ ଉଲେଖ କରିଛି ଯେ, ପୁରୀ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ତଥା ଚାରିଧାମ ମଧ୍ୟରୁ ଏକ ପ୍ରମୁଖ ଧାମ। ତେବେ ସହରରେ ଅନେକ ବସ୍ତି ବହୁଦିନରୁ ଗଢି ଉଠିଛି। ସେହି ବସ୍ତିରେ ଅନେକ ଲୋକ ବସବାସ କରୁଛନ୍ତି। ଅଧିକାଂଶ ସମୟରେ ଟିଭି ଓ ଖବରକାଗଜରେ ଦେଖିବାକୁ ମିଳିଛୁ ବସ୍ତି ଗୁଡିକରେ ଅପରାଧ ଓ ଆପରାଧିକ ମାମଲା ଅଧିକ ଘଟୁଛି। ବେଳେବେଳେ ବସ୍ତିରୁ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ମଧ୍ୟ ପୋଲିସ ଜବତ କରୁଛି। ତେଣୁ ବସ୍ତି ଅଞ୍ଚଳରେ ସଚେତନତା ଅଭିଯାନ ଆରମ୍ଭ କରିବାର ଆବଶ୍ୟକ ରହିଛି। ଯାହାଦ୍ୱାରା ବସ୍ତି ବାସିନ୍ଦା ଓ ପୋଲିସ ଉଭୟ ନିକଟତର ହୋଇପାରିବେ। ଅନେକ ନିରୀହ ବସ୍ତିବାସିନ୍ଦାଙ୍କ ମନରେ ମଧ୍ୟ ଦୀର୍ଘଦିନରୁ ପୋଲିସ ପ୍ରତି ଏକ ନକାରାତ୍ମକ ବିଚାରା ଧାରା ରହିଯାଇଛି। ଏଥିପାଇଁ ସାଧାରଣ ବସ୍ତି ବାସିନ୍ଦାଟିଏ ମଧ୍ୟ ନ୍ୟାୟ ପାଇଁ ଥାନାକୁ ନ ଆସି ଅନ୍ୟାୟ ସହିବାକୁ ବାଧ ହୋଇପଡୁଛି। ଛୋଟ ପିଲା, ମହିଳା, ଦିବ୍ୟାଙ୍ଗ ଓ ବୃଦ୍ଧ ଲୋକମାନେ ନିଜକୁ ଅସହାୟ ମଧ୍ୟ ମନେ କରୁଛନ୍ତି। ଏହି ବିଷୟଗୁଡିକ ପ୍ରତି ଧ୍ୟାନ ଦେଲେ ପୁରୀରେ ଅପରାଧ ନିୟନ୍ତ୍ରଣ ହୋଇପାରିବ। ପୋଲିସ ପକ୍ଷରୁ କାର୍ଯ୍ୟକ୍ରମ କରାଗଲେ ଏଥିପାଇଁ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏସ୍‌ପିଙ୍କୁ ଅନୁରୋଧ ପତ୍ର ଦେବା ସମୟରେ ଅନୁଷ୍ଠାନ ସଭାପତି ବିସ୍ମୟ ମିଶ୍ର, ବଳରାମ ନାୟକ, ଦେବେନ୍ଦ୍ର ସୁବୁଦ୍ଧି, ପପୀୟା ବାନାର୍ଜୀ, କେ.କୃପା ରାଓ, ଟିଟିଲି ଦାସ, ହରିଶ୍ଚନ୍ଦ୍ର ନାୟକ, ସତ୍ୟାନନ୍ଦ ପରିଡା ଏବଂ ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଟୁଇଟ୍‌ର ଆକ୍ଟିଭିଷ୍ଟସ୍ ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା**



ବସ୍ତିରେ ଜନତା- ପୋଲିସ ସଚେତନତା କର୍ଯ୍ୟକ୍ରମ ପାଇଁ ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ କର୍ମକର୍ତ୍ତା ।

## ସଂକ୍ଷେପରେ

### ମହିମା ଧର୍ମାବଲମ୍ବୀଙ୍କ ନୂଆଖାଇ ପର୍ବ

**ନିଶ୍ଚିନ୍ତକୋଇଲି,୨।୯(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କେନ୍ଦିଲୋଠାରେ ଥିବା ଅବଧୂତ ତାରକ ଦାସଙ୍କ ପ୍ରତିଷ୍ଠିତ ମହିମା ଆଶ୍ରମରେ ଅଲେଖ ଧର୍ମାବଲମ୍ବୀମାନେ ନୂଆଖାଇ ପର୍ବ ପାଳନ କରିଛନ୍ତି। ବ୍ରହ୍ମ ଅବଧୂତ ତାରକ ଦାସଙ୍କ ପଞ୍ଚ ଶିଷ୍ୟ ବାବା କେଶବ ଦାସ ଏହାର ନେତୃତ୍ୱ ନେଇଥିଲେ। ନୂଆଖାଇ ପାଇଁ ନୂଆ ଧାନରେ ଚୂଡ଼ା ପ୍ରସ୍ତୁତ କରାଯାଇ ପ୍ରଭୁଙ୍କ ନିକଟରେ ନବାନ୍ନ ଲାଗି ହୋଇଥିଲା। ଏହି ନୂଆଖାଇ ପର୍ବରେ ଦୂର ଦୂରାନ୍ତର ବହୁ ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜଗତର କଲ୍ୟାଣ ନିମନ୍ତେ ସାଧୁସନ୍ଥ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା। ଗୁରୁ କେଶବଚନ୍ଦ୍ର ଦାସ ଅଖଣ୍ଡ ଧୂନି ଜଳାଇଥିଲେ। ଏହି ସମୟରେ ସାଧୁସନ୍ଥଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯାଇଥିଲା।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମାହାଙ୍ଗା,୨।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଅଳିଯୋଡା ଜେଏନ କଲେଜ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୩୦୦,ମାନସିକ ଅନଗ୍ରସରରେ ୧୨୨, ଚକ୍ଷୁରେ ୬୪, ଗଳା,କର୍ଣ୍ଣ ,ନାସାରେ ୫୧ଜଣଙ୍କ ଚିକିତ୍ସା କରାଯାଇଥିବାବେଳେ ୩୮ ଜଣ ଭିନ୍ନକ୍ଷମଙ୍କ ଆବେଦନ ରଦ୍ଦ କରାଯାଇଥିଲା। ସେହିପରି ୧୮ ଜଣଙ୍କୁ କଟକ ମେଡିକାଲକୁ ପରାମର୍ଶ ନିମନ୍ତେ ପଠାଯାଇଛି। ଡା. ଆୟୁଷମାନ ମିଶ୍ର,ଡା. ଅର୍ଦ୍ଧେନ୍ଦୁ ଶେଖର ଶତପଥୀ,ଡା. ପଲ୍ଲବୀ ସାହୁ, ଡା. ସିଦ୍ଧାର୍ଥ ଶଙ୍କର ଜେନା, ବିଷ୍ଣୁ ପ୍ରସାଦ ସର ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଅବସରରେ ୨୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ୪୧ ଜଣଙ୍କୁ ବସ୍ ପାସ, ୨୨ ଜଣଙ୍କୁ ଋଣ ପ୍ରଦାନ ନିମନ୍ତେ ବ୍ୟାଙ୍କକୁ ସୁପାରିଶ କରାଯାଇଛି ।

### ପୁରାତନ ଛାତ୍ର ସଂସଦକୁ ସରକାରୀ ସ୍ୱୀକୃତି

**ବାଙ୍କୀ,୨।୯(ସ୍ୱ.ପ୍ର.):** ବାଙ୍କୀ କଲେଜ ପୁରାତନ ଛାତ୍ର ସଂସଦଙ୍କୁ ସରକାରୀ ସ୍ୱୀକୃତି ମିଳିଛି। ଏହାର ନମ୍ବର ହେଉଛି (୧୯୧୫୨/୫୮/୨୦୨୨-୨୩)। ଏହାକୁ ନେଇ ପୁରାତନ ଛାତ୍ର ସଂସଦ ତରଫରୁ ଆନନ୍ଦ ପ୍ରକାଶ ପାଇଛି। ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଶରତ ଚନ୍ଦ୍ର ବାରିକ, ସହସମ୍ପାଦକ ବୃନ୍ଦାବନ ପ୍ରଧାନ, ଡ. ଅମରେନ୍ଦ୍ର ମିଶ୍ର, ପ୍ରାଧାପକ ମନୋଜ କୁମାର ମହାପାତ୍ର, ଡ.ନିବାସିନୀ ପଣ୍ଡା ପ୍ରମୁଖ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ

**ବାଙ୍କୀ,୨।୯(ସ୍ୱ.ପ୍ର):** ବାଙ୍କୀ ଅଞ୍ଚଳର ବରିଷ୍ଠ ଖବରକାଗଜ ବିତରକ ସତ୍ୟପିର ମହାରିକଙ୍କ ମା'ସୋଦରିକ(୮୩)ଙ୍କ ପାଟପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ଧର୍ମପାରାୟଣ ମହିଳାଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତଦେହକୁ ନିକଟସ୍ଥ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ସତ୍ୟପିର ମୁଖାଗ୍ନି ଦେଇଥିଲେ। ଖବରପାଇ ବାଙ୍କୀ ଖବରକାଗଜ ବିତରକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଏଥିସହ ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ଗୌତମ ମିଶ୍ର, ଅନନ୍ତ ରଣା,ଅଶୋକ ରଣା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା

**ନିଶ୍ଚିନ୍ତକୋଇଲି,୨।୯(ସ୍ୱ.ପ୍ର.)**


କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

କେନାଲରେ ପାଣି ଆସୁ ନ ଥିବା ଅଭିଯୋଗ କରି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଚାଷୀ ଶୁକ୍ରବାର ଧାରଣା ଦେଇଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ୫ ନଂ. କେନାଲ ରହିଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ସିଡ୍ରୋ, ଛୋଟି ନଟରା ଓ କାଳିଦହି ଅଞ୍ଚଳର ଶହ ଶହ ଏକର ଚାଷ ଜମି ନିର୍ଭର କରିଥାଏ। ମାତ୍ର ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁ କେନାଲରେ ଠିକ୍ ଭାବେ ପାଣି ଆସୁନାହିଁ। ଜଳ ସମ୍ପଦ ବିଭାଗ ତରଫରୁ କେନାଲର

**କେନାଲରେ ପାଣି ଆସୁନି**

ରକ୍ଷଣାବେକ୍ଷଣ ଓ ତଦାରଖ କରାଯାଉ ନାହିଁ। ଫଳରେ ଧାନ ଜମିଗୁଡ଼ିକ ଫାଟି ଆଁ କଲାଣି। ଚାଷୀମାନେ ଜଳ ସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରୁନାହାନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ଶ୍ୱଶୁର ଗିରଫ

**କଣ୍ଟାପଡ଼ା,୨।୯(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ସାଦେଇପୁର ଗ୍ରାମର ବିକ୍ରମ ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଓଲଟପୁର ପୋଲିସ ତାଙ୍କ ଶ୍ୱଶୁରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଗଡ ଗ୍ରାମର ବିଜୟ ପାତ୍ର(୫୬)। ପୋଲିସ ସୂତ୍ରରୁ ପ୍ରକାଶ, ବିଜୟ ପାତ୍ରଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିକ୍ରମ କିଛିବର୍ଷ ତଳେ ଭଲପାଇ ବିବାହ କରିଥିଲେ। ବିକ୍ରମ ଓ ତାଙ୍କ ସ୍ତ୍ରୀ ଓଲଟପୁର ଥାନାସ୍ଥିତ ଦେଉଳି ଗ୍ରାମରେ ଘରକରି ରହୁଥିଲେ। ୧ ମାସ ତଳେ ପାରିବାରିକ କଳହ ହେବାରୁ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ଓଲଟପୁର ପୋଲିସ ବିକ୍ରମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୨୭ ତାରିଖରେ ବିକ୍ରମଙ୍କୁ ତାଙ୍କ ପରିବାର ଲୋକ ଜାମିନରେ ଆଣିବା ପରେ ସେ ନିଜ ଗାଁରେ ରହୁଥିଲେ। ୨୯ ତାରିଖରେ ଗୀତାଞ୍ଜଳି ଦେହ ଅସୁସ୍ଥ ଥିବା ଦର୍ଶାଇବା ସହ ତାଙ୍କୁ ମେଡିକାଲ ନେବା ପାଇଁ ଫୋନ୍ କରିବାରୁ ବିକ୍ରମ ଗୀତାଞ୍ଜଳିଙ୍କ ନିକଟକୁ ଆସିଥିଲେ। ପରଦିନ ରାତିରେ ବିକ୍ରମଙ୍କୁ ଆହତ ଅବସ୍ଥାରେ ଅତଶପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଉଛି ବୋଲି ଶ୍ୱଶୁର ଘର ପକ୍ଷରୁ ବିକ୍ରମଙ୍କ ପରିବାରକୁ ଫୋନ୍ ଯୋଗେ ଅବଗତ କରାଯାଇଥିଲା। ରାତି ହୋଇଥିବାରୁ ବିକ୍ରମଙ୍କ ପରିବାର ଲୋକେ ଘଟଣା ଦିନ ଅତଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିପାରି ନ ଥିଲେ। ଶ୍ୱଶୁର ଘର ଲୋକ ବିକ୍ରମଙ୍କୁ ମେଡିକାଲରେ ଛାଡି ପଳାଇ ଯାଇଥିଲେ। ପରେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଅକୁ ଶ୍ୱଶୁର ଘର ପରିବାର ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ବିକ୍ରମଙ୍କ ମା' ହେମଲତା ସ୍ୱାଇଁ ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୯୩/୨୨) ରୁଜୁ କରିଥିଲା। ଅନ୍ୟପକ୍ଷରେ ଗୀତାଞ୍ଜଳି ଅସୁସ୍ଥ ଥିବାରୁ ପୋଲିସ ହେପାଜତରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଯାଉଛି।

# ସାହିତ୍ୟ ସମାଜର ସୁପ୍ତ ଚେତନାକୁ ଜାଗ୍ରତ କରେ



ସମ୍ପର୍କ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସାଲେପୁର,୨।୯(ଡି.ଏନ୍.ଏ.)**

ସାହିତ୍ୟ ସମାଜର ସୁପ୍ତ ଚେତନାକୁ ଜାଗ୍ରତ କରିଥାଏ । ସୁପ୍ତ ଚେତନା ଜାଗ୍ରତ ହେଲେ ମଣିଷ ମନ ସୁସ୍ଥ ରହିବା ସହ ସାମାଜିକ ସମ୍ପର୍କରେ ଦୃଢ଼ତା ଆସିଥାଏ ବୋଲି ସମ୍ପର୍କ ସାହିତ୍ୟ ସଂସଦର ୧୯ତମ ବାର୍ଷିକ ଉତ୍ସବ ଉଦ୍‌ଘାଟନୀ ଅବସରରେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ପ୍ରକାଶ କରିଥିଲେ। ସାଲେପୁର ବ୍ଲକ ନାଦୋଳ ପଞ୍ଚାୟତର ଭାତପଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ପବିତ୍ର ନୂଆଖାଇରେ ସଂସଦର ସଭାପତି ପ୍ରଫୁଲ୍ଲ ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଖୋଲାଫର୍ଦ୍ଦର ମୁଖ୍ୟ ସମ୍ପାଦକ ତଥା ବରିଷ୍ଠ ଖବରଦାତା ବିମଳ କୁମାର ଭଞ୍ଜଦେଓ ଯୋଗଦେଇ ସାହିତ୍ୟ ସମସ୍ତଙ୍କୁ ସମ୍ପର୍କରେ ଯୋଡ଼ି ବନ୍ଧୁ ସାଜିଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଚଳିତ ବର୍ଷ ସଂସଦର ସମ୍ବର୍ଦ୍ଧିତ ପ୍ରତିଭା କବି ତଥା ବିଶିଷ୍ଟ ସାହିତ୍ୟ ସଂଗଠକ ବିପ୍ଳବ ଚୌଧୁରୀ ଯୋଗଦେଇ ସାହିତ୍ୟକୁ ଭଲ ପାଇବା ସମାଜ ପାଇଁ ଏକ ଶୁଭ ଲକ୍ଷଣ ବୋଲି ପ୍ରକାଶ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତୁଷାରକାନ୍ତ ମହାନ୍ତି ସ୍ୱାଗତ ସଂଗୀତ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଚନ୍ଦ୍ରମଣି ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ଉପଦେଷ୍ଟା ରଜନୀକାନ୍ତ ଦାଶ, ନାଦୋଳ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ସଂସଦର ଉପଦେଷ୍ଟା ଯଶୋବନ୍ତ ରାଉତ, ପ୍ରାଧ୍ୟାପିକା ଡ. ତରୁଲତା ଦେବୀ, କବି ଉଦୟ କେଶରୀ ବର୍ମା, କବି ରାଜୀବ ଷଡ଼ଙ୍ଗୀ, ପ୍ରାଧ୍ୟାପକ ନିଖିଳେଶ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ବିପ୍ଳବ ଚୌଧୁରୀଙ୍କୁ ସାରସ୍ୱତ ସମ୍ମାନ, ଶିବରାମ ବେହେରାଙ୍କୁ କଳାଗୌରବ ସମ୍ମାନ, ସନ୍ତୋଷ କୁମାର ମହାନ୍ତିଙ୍କୁ ଯୁବ ସମାଜସେବୀ ସମ୍ମାନ, ଉମେଶ ଚନ୍ଦ୍ର ଚାନ୍ଦଙ୍କୁ ଶିକ୍ଷକ ଗୌରବ ସମ୍ମାନ, ପ୍ରଫୁଲ୍ଲ ପଟ୍ଟନାୟକଙ୍କୁ ସମାଜସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଉ କେତେଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଉର୍ବଶୀ ସାହୁ, ପ୍ରାବନ୍ଧିକା କଲ୍ୟାଣୀ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ବାରିକ୍ ଓ କବୟିତ୍ରୀ ସ୍ନେହ ମିଶ୍ର ମାନପତ୍ର ପାଠ କରିଥିଲେ। ବଟକୃଷ୍ଣ ସ୍ୱାଇଁଙ୍କ ଲିଖିତ ପୁସ୍ତକ 'ପ୍ରପିତା ଭାରତୀ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉମେଶ ସାହୁ, ଶୁକଦେବ ଭୋଇ, ସୌମ୍ୟରଞ୍ଜନ ଭୂୟାଁ, ମନୋଜ ବେହେରା, ଅବତନ ଷଡ଼ଙ୍ଗୀ, ନିରଞ୍ଜନ ରାଉତ, ବିଶ୍ୱରଞ୍ଜନ ସାହୁ ଓ ମାନସ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

**ନିଶ୍ଚିନ୍ତକୋଇଲି,୨।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଫଗୋଲ ପଞ୍ଚାୟତ ଜଗନ୍ନାଥପୁର ଗାଁରେ ଗୁରୁବାର ରାତ୍ରିରେ ମା' କୋଳରେ ଶୋଇଥିବା ଜଣେ ୩ ବର୍ଷର ଶିଶୁ ପୁତ୍ରର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଜଗନ୍ନାଥପୁର ଗାଁର ପ୍ରମୋଦ କୁମାର ଓଝାଙ୍କ ପୁଅ ଆୟୁଷ। ପ୍ରମୋଦ ହାଇଦ୍ରାବାଦରେ ଏକ ହୋଟେଲରେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ଜଗନ୍ନାଥପୁର ଗାଁରେ ତାଙ୍କ ସ୍ତ୍ରୀ, ଶିଶୁ ପୁତ୍ର ଆୟୁଷ ଓ ୪ ମାସର ଶିଶୁ କନ୍ୟା ରୁହନ୍ତି। ରାତ୍ରରେ ମା', ପୁଅ ଓ ଝିଅ ଖାଇପିଇ ଶୋଇଥିଲେ। ଏହି ସମୟରେ ଆୟୁଷକୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଆୟୁଷ ପାଟି ଶୁଣି ତାଙ୍କ ମା' ଉଠିପଡି ସାପଟିକୁ ନିଜ ହାତରେ ଅନ୍ୟତ୍ର ଫିଙ୍ଗିଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଆୟୁଷକୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାର ମୃତ୍ୟୁ ହୋଇଥିଲା। ଆୟୁଷର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ମୃତଦେହ ଜଗନ୍ନାଥପୁର ଗ୍ରାମକୁ ଅଣାଯାଇଥିଲା। ଶୋକାକୁଳ ପରିବେଶରେ ଆୟୁଷଙ୍କ ମୃତଦେହକ ଦାହ କରାଯାଇଥିଲା।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସାଲେପୁର,୨।୯(ଡି.ଏନ୍.ଏ.)**

ସାଲେପୁର ଥାନା ମହଣ ଗାଁରେ ମା' ବାପା ବିଲକୁ କାମ କରିବାକୁ ଯାଇଥିବାବେଳେ ଜଣେ ଯୁବକ ରଶି ଲଗାଇ ଶୁକ୍ରବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ହାଫିଜ୍ ଖାଁଙ୍କ ପୁଅ ନୁର ସମସେଦ୍ ତବରେଜ୍(୨୧)। ସେ ସକାଳ ୮ଟାରେ ଶୋଇବା ଘରେ କୌଣସି କାରଣରୁ ରଶି ଲଗାଇ ଝୁଲି ପଡ଼ିଥିଲେ। ମା' ବାପା ବିଲରୁ କାମ ସାରି ଫେରିଲାବେଳକୁ ପୁଅକୁ ରଶିରେ ଝୁଲୁଥିବା ଦେଖି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଛି। ଯୁବକ ଜଣକ କ'ଣ ପାଇଁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

## ଚାରା ରୋପଣ କାର୍ଯ୍ୟକ୍ରମ

**ବାଙ୍କୀ,୨।୯(ସ୍ୱ.ପ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ଗ୍ରାମର ଅନୁଷ୍ଠାନ ମୋ ଗାଁ ଗ୍ରୁପ୍ ଓ ପଥୁରୀପଡାର ମା'ମଙ୍ଗଳା ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ବରପୁଟ-ପଥୁରୀପଡା ରାସ୍ତାର ଉଭୟ ପାର୍ଶ୍ୱରେ ବର ଏବଂ ଓସ୍ତ ଗଛ ଚାରା ରୋପଣ କରାଯାଇଛି। ଏଥିସହ ବୃକ୍ଷର ଆବଶ୍ୟକତା ଉପରେ ଜନସାଧାରଣଙ୍କୁ ସଚେତନତା କରାଯାଇଛି। ଯୁବ ସାମାଜିକ କର୍ମୀ ହରିବନ୍ଧୁ ପଣ୍ଡା ଓ ସୁରେଶ ପରିଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ତଥା ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଉଁସର ସବୁଜ ବାହିନୀର ଉପଦେଷ୍ଟା ସୁରେନ୍ଦ୍ର ପଣ୍ଡା, ଶିକ୍ଷକ ତଥା ମୋ ଗାଁ ଗ୍ରୁପ ଆବାହକ ଯୋଗିନ୍ଦ୍ର ମହାନ୍ତି ଓ ଶିକ୍ଷକ ରଘୁନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧନା ସଭାରେ ଜଣେ କୃତୀ ଛାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

**ବାଙ୍କୀ,୨।୯(ସ୍ୱ.ପ୍ର.)**

ଓଡ଼ିଶା କମ୍ପ୍ୟୁଟର ଏକାଡେମୀ ବାଙ୍କୀ ଶାଖା ତରଫରୁ ଚଳିତ ଯୁକ୍ତ୨ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ବାଙ୍କୀ ଶାଖା ନିର୍ଦ୍ଦେଶକ ଦେବୀଦତ୍ତବିଭୂତି ରାୟ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ଏନ୍ଏସି ଉପନଗରପାଳ ସନ୍ତୋଷ କୁମାର ରଣା, ମୁଖ୍ୟବକ୍ତା ସମବାୟବିତ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି କାଉନସିଲର ସନାତନ ବେହେରା, ଯାମିନିକାନ୍ତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ପରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସଂଗୀତ ପ୍ରତିଯୋଗିତାରେ ଆୟୁଷ ଦାଶ, ସଂଗୀତା ଶତପଥୀ, ମୌସମୀ ପଣ୍ଡା, ନୃତ୍ୟରେ ଜ୍ୟୋତିପ୍ରିୟଦର୍ଶିନୀ ବେଉରା, ଅର୍ଘ୍ୟରୂପା ସାମନ୍ତରାୟ, ଏସ.କେ. ଶୁଭ୍ରସରଗମ, ବକ୍ତୃତାରେ ସୁଶ୍ରୀଗାୟତ୍ରୀ ନାୟକ, ପ୍ରିୟାଂଶୁ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର, କୁଇଜ୍‌ରେ ଅଞ୍ଜନ ପରିଡ଼ା, ଉମାକାନ୍ତ ଦଳେଇ, ଆଲୋକ କୁମାର ସାମଲ, ସୁଜିତ ରଞ୍ଜନ ସାହୁ ଓ ସୁଶ୍ରୀ ଗାୟତ୍ରୀ ନାୟକଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆଡମିନ ଅଫିସର ପ୍ରଶାନ୍ତ କୁମାର ଜେନା, ଏକାଡେମୀ ମୁଖ୍ୟ ପାରମିତା ସାମଲ, ରଶ୍ମିତା ବେହେରା, ମନୋଜ ମହାପାତ୍ର, ପ୍ରଜ୍ଞାପ୍ରିୟଦର୍ଶିନୀ ଓ ଲୋକ ସମ୍ପର୍କ ଅଧିକାରୀ ଅନନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ।

# ୩ ଜଣଙ୍କୁ ପଚରାଉଚରା କଲା ପୋଲିସ

**କଟକ ସଦର,୨।୯(ଡି.ଏନ୍.ଏ.)**

**ଅଟୋଚାଳକ ହତ୍ୟା ମାମଲା**

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋଚାଳକ ଅବ୍‌ଦୁଲ୍ କାଦର ହତ୍ୟା ମାମଲାର ତଦନ୍ତ ଡିଏସ୍‌ପି ରଣଜିତ୍ ପୃଷ୍ଟି ଆରମ୍ଭ କରିଛନ୍ତି। ଶୁକ୍ରବାର ଉକ୍ତ ଗ୍ରାମର ୩ ଜଣଙ୍କୁ ଥାନାକୁ ଡକାଇ ଡିଏସ୍‌ପି ପୃଷ୍ଟି ପଚରାଉଚରା କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ପୋଲିସ ଏମାନଙ୍କଠାରୁ କିଛି ତଥ୍ୟ ହାସଲ କରିବା ପାଇଁ ଉଦ୍ୟମ କରୁଛି। ତଦନ୍ତ ଜାରି ରହିଥିବାରୁ କିଛି କହିବା ପାଇଁ ପୃଷ୍ଟି ମନା କରିଦେଇଥିଲେ। ସୂଚନାଯୋଗ୍ୟ, ଗତମାସ ୧୦ ତାରିଖ ରାତିରେ ଅବ୍‌ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ସ୍ଥାନୀୟ ନମାଜ ପଡିଆ ନିକଟ ପାଚେରି ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ୱାହିଦା ଖାତୁନ୍ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରି ୩ ଜଣଙ୍କୁ ଗିରଫ କରିଥିଲା।

# ଭୁବନେଶ୍ୱରରେ ଦ୍ୱିତୀୟ ପରିବାର ଅଦାଲତ ଉଦ୍‌ଘାଟିତ

**ଭୁବନେଶ୍ୱର,୨।୯ (ବ୍ୟୁରୋ)**

ରାଜଧାନୀରେ ଆଉ ଏକ ପରିବାର ଅଦାଲତ ଖୋଲିଛି। ଭୁବନେଶ୍ୱର କୋର୍ଟ ପରିସରରେ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପ୍ରଥମ କୋର୍ଟ ଉପରୁ ଚାପ ହଟିବା ସହ ପରିବାର ଅଦାଲତରେ ପଡି ରହିଥିବା ପୁରୁଣା ମାମଲାଗୁଡିକ ତୁରନ୍ତ ଫଇସଲା ହୋଇପାରିବ ବୋଲି ମୁଖ୍ୟ ବିଚାରପତି ଆଶା ପ୍ରକଟ କରିଛନ୍ତି। ଏହି ଅଦାଲତରେ ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଞ୍ଚଳର ମାମଲାଗୁଡ଼ିକ ବିଚାର କରାଯିବ। ବର୍ତ୍ତମାନ ଏହା ସିବିଆଇ ବିଲ୍ଡିଂରେ କାର୍ଯ୍ୟ କରିବ। ପରେ ଏହାକୁ ଜୁଡିସିଆଲ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନିକ ବିଚାରପତି ସୁବାଶିଷ ତାଳପତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରପତି ବି.ଆର୍. ଷଡଙ୍ଗୀ, କେ.ଆର. ମହାପାତ୍ର, ଆର.କେ ପଟ୍ଟନାୟକ, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ବି. ନରସିଂହା, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ ମୁରାହରି ଶ୍ରୀରମନ୍ ପ୍ରମୁଖ ଯୋଗଦେଇଥିଲେ। ଜିଲା ଜଜ୍ ନିଶିଥ୍ ନିଶଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଏସ୍‌ଡିଜେଏମ୍ ଆଲୋକ କୁମାର ପଣ୍ଡା ଓ ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ ପରିଚାଳନା କରିଥିଲେ। ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ରାଜ କିଶୋର ଦାସ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

# ବନ୍ଧକ ଥିବା ୨୧ବାଇକ୍, ୪ ଚାରିଚକିଆ ଗାଡ଼ି ଜବତ

**ମାହାଙ୍ଗା ପୋଲିସ ପକ୍ଷରୁ ଉମର ଗାଁରେ ଚଢାଉ**

**ମାହାଙ୍ଗା,୨।୯(ସ୍ୱ.ପ୍ର.)**


ଥାନାରେ ଜବତ ଗାଡ଼ିଗୁଡ଼ିକ ରଖାଯାଇଛି।

ମାହାଙ୍ଗା ଥାନା ଅନ୍ତର୍ଗତ ଉମର ଗାଁରୁ ଶୁକ୍ରବାର ୨୫ଟି ଗାଡି ଜବତ କରାଯାଇଛି। ଉମରରେ ଜଳେଶ୍ୱରପୁର ପଞ୍ଚାୟତ କାହ୍ନପୁର ଗାଁର ପ୍ରଭାକର ଭଞ୍ଜ (ଶଙ୍କରା) ଏକ ଘର ଭଡା ନେଇ ପରିବାର ସହ ରହୁଛନ୍ତି। ସେଠାରେ ବନ୍ଧକ ସୂତ୍ରରେ ଦୁଇ ଚକିଆଠାରୁ ଆରମ୍ଭ କରି ୬ ଚକିଆ ଗାଡି ପର୍ଯ୍ୟନ୍ତ ରଖିଥାନ୍ତି। ଏପରିକି ଶତାଧିକ ବନ୍ଧକ ଗାଡି ସେ ଉମର, ଗୋତରା ଓ ନାହଙ୍ଗଠାରେ ରଖିଥାନ୍ତି। ସେ ଦୀର୍ଘଦିନ ଏଠାରେ ରହି ବେଆଇନ ବନ୍ଧକ ବ୍ୟବସାୟ କରି ଆସୁଛନ୍ତି। ଏ ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ବିଳମ୍ବିତ ରାତ୍ରିରେ ପ୍ରଭାକରଙ୍କୁ ଉଠାଇ ନେଇଥିଲା। ପୋଲିସ ଫୋର୍ସ ସହ ସେ ରହୁଥିବା ଉମର ଏବଂ ତାଙ୍କ ସମ୍ପର୍କୀୟ ଗୋତରା ଓ ନାହାଙ୍ଗଠାରୁ ୨ ଚକିଆ ୨୧ଟି ଓ ୪ ଚକିଆ ୪ଟି ଗାଡି ଜବତ କରି ଥାନାକୁ ଆଣିଥିବା ଜଣାପଡିଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇପାରିନାହିଁ। ଶନିବାର ପୋଲିସ ପକ୍ଷରୁ ଏ ନେଇ ସବିଶେଷ ତଥ୍ୟ ଦିଆଯିବ ବୋଲି ଆଇଆଇସି ବିଜୟ ମଲିକ କହିଛନ୍ତି। ଏହି ଚଢାଉରେ ଏଏସ୍‌ଆଇ ପ୍ରୀତି ରଞ୍ଜନ ରାୟଙ୍କ ସମେତ ଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରରେ ଶିକ୍ଷାରମ୍ଭ

ପୁରୀ ଅଫିସ/କୃଷ୍ଣପ୍ରସାଦ, ୨।୯ (ଡି.ଏନ୍.ଏ.): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଗୋପାଳପୁରରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଥମ ଶିକ୍ଷା ବର୍ଷର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଛନ୍ତି, ଚିଲିକା ଦ୍ୱୀପାଞ୍ଚଳରେ ଥିବା ଏହି ଅନୁଷ୍ଠାନ ଓଡ଼ିଶାର କୋଣ ଅନୁକୋଣରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ତୁଲାଇବ। ଏଠାରେ ୧୦୪ଟି ସିଟ୍ ସହିତ ୪ଟି ବିଭାଗରେ ନାମଲେଖା ଆରମ୍ଭ ହୋଇଛି। ଏହାପରେ ଅନୁଷ୍ଠାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଜୁ ପଟ୍ଟନାୟକ ଶିଳ୍ପତାଲିମ କେନ୍ଦ୍ର ପ୍ରତିଷ୍ଠାନର ପ୍ରିନ୍ସପାଲ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପରିବର୍ତ୍ତନଶୀଳ ଶିକ୍ଷା ଉପରେ ସାରା ବିଶ୍ୱ ଗୁରୁତ୍ୱ ଦେଉଛି

ଭୁବନେଶ୍ୱର, ୨।୯(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର 'ପରିବର୍ତ୍ତନଶୀଳ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସହଭାଗିତାରେ ଦୃଷ୍ଟିକୋଣ' ଶୀର୍ଷକ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବର୍ତ୍ତନଶୀଳ ଶିକ୍ଷା ଉପରେ ସାରା ବିଶ୍ୱ ଗୁରୁତ୍ୱ ଦେଉଛି। ଏଥିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଦକ୍ଷତା, ଜ୍ଞାନକୁ ବଢ଼ାଇପାରିବେ। ଏଥିସହିତ ଟେକ୍ନୋଲୋଜି ଏବଂ ଶିକ୍ଷାର ମିଶ୍ରଣ ଉଚ୍ଚଶିକ୍ଷାକୁ ବହୁତ ଆଗକୁ ନେଉଛି। ତେଣୁ ଆମେ ସମସ୍ତ ଶିକ୍ଷାବିତ୍ ଏହି ବିଶ୍ୱସ୍ତରୀୟ ସୁଯୋଗ ନେଇ ଆଗକୁ ବଢ଼ିବା ଉଚିତ। କାର୍ଯ୍ୟକ୍ରମରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ କୁଳପତି(ଗବେଷଣା) ପ୍ରଫେସର ପ୍ରଶାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଅଭୟ କୁମାର, ସଂଯୋଜକ ପ୍ରଫେସର ଅସୀମ ରଞ୍ଜନ ପାରହି, ଏକାଡେମିକ ସଂଯୋଜକ ପ୍ରଫେସର ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ସହଭାଗିତାରେ କିପରି ପରିବର୍ତ୍ତନଶୀଳ ଶିକ୍ଷା ଉପରେ କାର୍ଯ୍ୟ କରିହେବ ସେ ଦିଗରେ ଆଲୋଚନା ହୋଇଥିଲା।

### ଭୁବନେଶ୍ୱରରେ ଦ୍ୱିତୀୟ ପରିବାର ଅଦାଲତ ଉଦ୍‌ଘାଟିତ

ଭୁବନେଶ୍ୱର,୨।୯ (ବ୍ୟୁରୋ): ରାଜଧାନୀରେ ଆଉ ଏକ ପରିବାର ଅଦାଲତ ଖୋଲିଛି। ଭୁବନେଶ୍ୱର କୋର୍ଟ ପରିସରରେ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପ୍ରଥମ କୋର୍ଟ ଉପରୁ ଚାପ ହଟିବା ସହ ପରିବାର ଅଦାଲତରେ ପଡି ରହିଥିବା ପୁରୁଣା ମାମଲାଗୁଡିକ ତୁରନ୍ତ ଫଇସଲା ହୋଇପାରିବ ବୋଲି ମୁଖ୍ୟ ବିଚାରପତି ଆଶା ପ୍ରକଟ କରିଛନ୍ତି। ଏହି ଅଦାଲତରେ ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଞ୍ଚଳର ମାମଲାଗୁଡ଼ିକ ବିଚାର କରାଯିବ। ବର୍ତ୍ତମାନ ଏହା ସିବିଆଇ ବିଲ୍ଡିଂରେ କାର୍ଯ୍ୟ କରିବ। ପରେ ଏହାକୁ ଜୁଡିସିଆଲ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନିକ ବିଚାରପତି ସୁବାଶିଷ ତାଳପତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରପତି ବି.ଆର୍. ଷଡଙ୍ଗୀ, କେ.ଆର. ମହାପାତ୍ର, ଆର.କେ ପଟ୍ଟନାୟକ, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ବି. ନରସିଂହା, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ ମୁରାହରି ଶ୍ରୀରମନ୍ ପ୍ରମୁଖ ଯୋଗଦେଇଥିଲେ। ଜିଲା ଜଜ୍ ନିଶିଥ୍ ନିଶଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଏସ୍‌ଡିଜେଏମ୍ ଆଲୋକ କୁମାର ପଣ୍ଡା ଓ ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ ପରିଚାଳନା କରିଥିଲେ। ଓକିଲ ସଂଘ ସଭାପତି ରବି ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ରାଜ କିଶୋର ଦାସ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# 'ପାଠ୍ୟକ୍ରମରେ ପାଇକ ବିଦ୍ରୋହକୁ ସ୍ଥାନ ଦିଆଯାଉ'

ଖୋର୍ଦ୍ଧା ଅଫିସ,୨।୯



ତାପଙ୍ଗ ଦଳବେହେରାଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ତାପଙ୍ଗ ଦଳବେହେରାଙ୍କ ୨୫୨ତମ ଜୟନ୍ତୀ ଉତ୍ସବ

ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଓ କଳିଙ୍ଗ ପାଇକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ନିଜିଗଡ ତାପଙ୍ଗ ସ୍ଥିତ ଶହୀଦ ସ୍ମୃତି ପୀଠରେ ତାପଙ୍ଗ ଦଳବେହେରାଙ୍କ ୨୫୨ତମ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପୀଠ ସ୍ଥିତ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ହସ୍ତିନେଶ୍ୱରୀ ପୀଠ ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ମୁଖ୍ୟ ଅତିଥି, ସ୍ମୃତି ପରିଷଦ ସଭାପତି ଇ.ଶିଶିର ନାୟକ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରତାପ କୁମାର ବ୍ରହ୍ମା, ମଧୁସୂଦନ ପାତାଳସିଂହ, ବିଭୁଦତ୍ତ ସଂଗ୍ରାମସିଂ, ଶ୍ରୀନିବାସ ଛୋଟରାୟ, ପ୍ରାଣନାଥ ସାହୁ, ଗତିକୃଷ୍ଣ ସେଠୀ, ପୁରୁଷୋତ୍ତମ ମାଝି, ଅରୁଣ ମାନଧାତା, ବୈଦ୍ୟନାଥ ବରାଳ, ପାଇକଗୁରୁ କବିରାଜ ପ୍ରଧାନ, ହରିବନ୍ଧୁ ଅରିସଲ, ଅଜିତ ରାଉତରାୟ, ହାରାମଣି ମହିଳା ସେବା ସମିତି ସଭାନେତ୍ରୀ ସୌଉକରା ଖାତୁନ, ସମ୍ପାଦିକା ଝିଲିରାଣୀ ସାମନ୍ତରାୟ, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୀଣାପାଣି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଯୋଗଦେଇଥିଲେ।

ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯିବ। ପାଇକ ବୀରଙ୍କ ବୀରତ୍ୱ, ବଳିଦାନ, ଶୌର୍ଯ୍ୟ ଅତୁଳନୀୟ। ଦେଶ ମାତୃକା ଲାଗି ଜୀବନକୁ ଉତ୍ସର୍ଗ କରିଥିବା ଏହି ଅମ୍ଳାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ପାଠ୍ୟପୁସ୍ତକରେ ସ୍ଥାନ ଦେବା ସହ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ଲାଗି ସରକାରଙ୍କ ନିକଟରେ ଦାବି କରାଯିବ। ବକ୍ସିଙ୍କ ପରେ ତାପଙ୍ଗ ଗଡର ଦଳବେହେରା ମାଧବ ଚନ୍ଦ୍ର ରାଉତରା ମେଳି କରି ଇଂରେଜ ମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ତାଙ୍କ ବୀରତ୍ୱ ଆଗରେ ଇଂରେଜ ସରକାର ମଥା ନୁଆଇଁବାକୁ ବାଧ୍ୟ ହୋଇଥିଲେ। ଜନ୍ମ ଜୟନ୍ତୀ ଉତ୍ସବରେ ମନେପକାଇବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ପଣ୍ଡିତ ହାଡିବନ୍ଧୁ ପଣ୍ଡା, ଚିନ୍ମୟ ମହାନ୍ତି, ସାମାଜିକ କର୍ମୀ ପଦ୍ମଚରଣ ରାୟ, ପାଇକ ଗୁରୁ କବିରାଜ ପ୍ରଧାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି ପରିଷଦ ସାଧାରଣ ସମ୍ପାଦକ ରମଜାନ ଖାନ, ସମ୍ପାଦକ ସଂଗ୍ରାମ ଜଗଦ୍ଦେବ ଏବଂ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ପାଳିଲେ କୁକ୍କୁଟୀ ବ୍ରତ

ପୁରୀ ଅଫିସ,୨।୯

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ବା ଶ୍ରୀଦେବୀ କୁକୁଟି ବ୍ରତ ପାଳନ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ବା ମହାଲକ୍ଷ୍ମୀ କୁକୁଟୀ ବ୍ରତ ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାର ପାଖେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ, ଛତା ସହ ବିମାନବଡୁ ସେବକ ମାନେ ଶ୍ରୀଦେବୀଙ୍କୁ ନେଇ ଶ୍ରୀମନ୍ଦିର ବେଢାରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଅଭିମୁଖେ ବିଜେ କରାଇଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ମା'ମହାଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନରେ ଥିବା ଖଟ ଶେଜ ଉପରେ ବିଜେ କରାଇଥିଲେ। ସେଠାରେ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇ ବେଶ ବଢିଥିଲା। ଅନ୍ୟାନ୍ୟ ନୀତି ସହ ବ୍ରତ ନୀତି ସମ୍ପନ୍ନ ହୋଇଥିଲା। ପରେ ଶୀତଳ ଭୋଗ ଲାଗି ହୋଇ ବନ୍ଦାପନା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ।

# ଢେମ୍‌ସା ନୃତ୍ୟରେ ଦର୍ଶକ ବିଭୋର


ଜଙ୍କିଆ ପଲ୍ଲୀ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଜଙ୍କିଆ ପଲ୍ଲୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ନିରାକାରପୁର,୨।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆରେ ଓଁ ଶ୍ରୀ ଗ୍ରୁପ୍ ଆନୁକୂଲ୍ୟରେ ଚାଲିଥିବା ପଲ୍ଲୀ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ସମ୍ମାନିତ ବକ୍ତା, ଈଶ୍ୱର ଚନ୍ଦ୍ର ମାର୍ଥା, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଓଁ ଶ୍ରୀ ଗ୍ରୁପ୍ ଗଣେଶ ପୂଜା କମିଟିର ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିଲେ। ପରେ ମଞ୍ଚରେ ନୃତ୍ୟଧାରା ଶ୍ରୀସାଇ ଡ୍ୟାନ୍ସ ଏକାଡେମୀ ନିରାକାରପୁର, ଶିଳ୍ପିକା ଏଣ୍ଟରଟେନ୍‌ମେଣ୍ଟ ପୁରୀ ଓ ଢେମ୍‌ସା ଆଦିବାସୀ ନୃତ୍ୟ, ରାୟଗଡ଼ା କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। କମଳେଶ ମହାରଣା, ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗୁରୁବାର ଏହି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ବକ୍ତା, ଖୋର୍ଦ୍ଧା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ଅକ୍ଷୟ କୁମାର ଉଦୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନୃତ୍ୟଧାରା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ଡିଆ, ଗୌରୀ ଫାଉଣ୍ଡେଶନ ଖୋର୍ଦ୍ଧା ଏବଂ ଗଡ୍‌ମେକର ପଟ୍ଟାମୁଣ୍ଡାଇ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବାରମ୍ବାର ଗର୍ଭନଷ୍ଟ, ପ୍ରେମିକ ଯବାନ ଗିରଫ

ଭୁବନେଶ୍ୱର,୨।୯(ବ୍ୟୁରୋ)

ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଲେ। ପ୍ରେମିକା ଗର୍ଭବତୀ ହେବା ନେଇ ଜାଣିବା ପରେ ଔଷଧ ଖୁଆଇ ବାରମ୍ବାର ଗର୍ଭ ନଷ୍ଟ କଲେ। ହେଲେ ବିବାହ କରିବାକୁ ମନା କରିବାରୁ ଶେଷରେ ପୀଡିତା ମହିଳାଙ୍କ ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଯବାନଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ବିଜାପାଲି ଗ୍ରାମର ଏଲ୍. ପବିତ୍ର ରେଡ୍ଡି (୨୪)। ଏନେଇ ପୋଲିସ ମାମଲା (ନଂ.୪୩୩/୨୨) ରୁଜୁକରି ଅଭିଯୁକ୍ତ ପବିତ୍ରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ପୀଡିତା ଜଣକ ଯୁବତୀ ଥିବାବେଳେ ୨୦୧୪ରେ ବିଜାପାଲି ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ପବିତ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ପ୍ରେମ ସମ୍ପର୍କ ବଢ଼ିବା ପରେ ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। ଯୁବତୀ ଜଣକ ଏ ବିଷୟରେ ପରିବାରବର୍ଗଙ୍କୁ ଜଣାଇଥିଲେ। କିନ୍ତୁ ପରିବାର ଲୋକ ତାଙ୍କୁ ତାଗିଦ କରିବା ସହ ୨୦୧୫ରେ ଅନ୍ୟତ୍ର ବିବାହ କରିଦେଇଥିଲେ। ଏହି ସମୟରେ ପବିତ୍ର ମିଲିଟାରିରେ ଚାକିରି ପାଇଥିଲେ। ପରେ ଉଭୟ ଫୋନରେ ବାର୍ତ୍ତାଳାପ କରୁଥିଲେ। ଏହା ଜାଣିବା ପରେ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଇଥିଲେ। ଏହାର ସୁଯୋଗ ନେଇ ପବିତ୍ର ତାଙ୍କ ଘରକୁ ନିୟମିତ ଆସିବା ସହ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସେ ୨ଥର ଗର୍ଭବତୀ ହୋଇଥିଲେ। ପବିତ୍ର ଔଷଧ ଦେଇ ତାଙ୍କ ଗର୍ଭ ନଷ୍ଟ କରିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

## ସ୍ୱାମୀ, ଶ୍ୱଶୁର ଗିରଫ

ବାଲୁଗାଁ,୨।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଶ୍ୱଶୁରଘର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରିଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମ ହୋତାଙ୍କ ସ୍ତ୍ରୀ ସ୍ୱାଗତିକା ପଣ୍ଡା। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ପ୍ରୀତମ ଓ ଶ୍ୱଶୁର ଅରୁଣ ହୋତାଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମର ସ୍ୱାଗତିକା ଦୁଇ ବର୍ଷ ପୂର୍ବେ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ସୁନାଗହଣା, ଟଙ୍କା ଓ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର ତିନିମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାଗତିକାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ସ୍ୱାଗତିକା ବାପଘରକୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ଶାଶୁଘର ଲୋକେ ମାରପିଟ୍ କରୁଥିବା ନେଇ ସ୍ୱାଗତିକା ଫୋନରେ ଭାଇ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ଜଣାଇଥିଲେ। କିଛି ସମୟ ପରେ ଗୋପାଳ ଫୋନରେ ସ୍ୱାଗତିକାଙ୍କ ଶ୍ୱଶୁର ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ରାତି ପ୍ରାୟ ୧୦ ଟାରେ ସ୍ୱାଗତିକାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଗୋପାଳ ପରିବାର ଓ ସମ୍ପର୍କୀୟ ବାଲୁଗାଁ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱାଗତିକାଙ୍କ କାନପାର୍ଶ୍ୱ, ବେକ ଓ ପିଠିରେ କ୍ଷତ ଚିହ୍ନ ଏବଂ ମାଡ଼ ଦାଗ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୁକ୍ରବାର ସକାଳେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରଶ୍ମିରଞ୍ଜନ ଦାସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୪୯୮(କ), ୩୦୨, ୩୦୪(ଖ)ରେ ଏକ ମାମଲା (ନଂ.୧୭୨/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# 'ବିମଳ ଥିଲେ ସେବାର ଅନନ୍ୟ ପୂଜାରୀ'

## ଭୋଳେଶ୍ୱର, ବସନ୍ତ, ଦ୍ୱାରିକାନାଥ ସମ୍ମାନିତ

ଖୋର୍ଦ୍ଧା ଅଫିସ,୨।୯

ବିମଳ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଡା. ବିମଳ ରଥଙ୍କ ୬୬ତମ ଜୟନ୍ତୀ ଉତ୍ସବ ଜୟୀ ରାଜଗୁରୁ ଭବନ (ଟାଉନ୍ ହଲ୍)ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କୁଳପତି ମେଜର କ୍ଷୀରୋଧ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟ୍ରଷ୍ଟି କବିତାରାଣୀ ରଥ ମଞ୍ଚାସୀନ ଥିଲେ। ବିମଳ ସେବା ଓ ସମର୍ପଣର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ। ଗରିବ, ଅସହାୟଙ୍କ ପ୍ରତି ତାଙ୍କ ସହାନୁଭୂତି ରହିଥିଲା। ଅନେକ ସମୟରେ ସେ ମାଗଣାରେ ରୋଗୀ ସେବା କରୁଥିଲେ। ଜୀବନବ୍ୟାପୀ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ସର୍ବଦା ଗଠନମୂଳକ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିଲେ। ନିଃସ୍ୱାର୍ଥ ଭାବେ ସେବା ମନୋଭାବ ନେଇ କାମ କର। ଆଗାମୀ ଯୁବପିଢ଼ି ବିମଳଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଭୋଳେଶ୍ୱର ପଣ୍ଡା, ବିଶିଷ୍ଟ ନିଶ୍ଚେତକ ବିଶେଷଜ୍ଞ ଏବଂ ପୂର୍ବତନ ସିଡିଏମ୍‌ଓ ଡା. ଦ୍ୱାରିକାନାଥ ଶତପଥୀଙ୍କୁ ବିମଳ ରଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଏହାକୁ ପରିଚାଳନା କରିଥିବା ବେଳେ ଶିଶିର ପରିଡ଼ା, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବିମଳ ରଥଙ୍କ ପରିବାର ଓ ସମ୍ପର୍କୀୟଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩ ମୋବାଇଲ ଫୋନ ଜବତ, ୨ ଗିରଫ

ଭୁବନେଶ୍ୱର,୨।୯ (ବ୍ୟୁରୋ)

ଧଉଳି ଥାନା ପୋଲିସ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ଗଣେଶ ମଲ୍ଲିକ (୨୭) ଓ ଚନ୍ଦନ ସାମଲ (୩୦)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୧୩ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜୈବିକ କୃଷି ଉପରେ ଗୁରୁତ୍ୱ



ଖୋର୍ଦ୍ଧା ଅଫିସ,୨।୯

ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀତିଥିରେ ଭାରତୀୟ କିଷାନ ସଂଘର ଆରାଧ୍ୟ କୃଷି ଦେବତା ଭଗବାନ ବଳରାମଙ୍କ ଜୟନ୍ତୀକୁ ଚାଷୀ ଦିବସ ଭାବେ ଶୁକ୍ରବାର ସ୍ଥାନୀୟ ଗୀତା ଭବନରେ ପାଳିତ ହୋଇଯାଇଛି। ଏଥିରେ ଭାରତୀୟ କିଷାନ ସଂଘର କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ ମୁଖ୍ୟ ବକ୍ତା, ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ବିଭାଗ ସଂଯୋଜକ ମଧୁସୂଦନ ଦାସ, ସଙ୍ଗଠନ ମନ୍ତ୍ରୀ ଜୟନ୍ତ ସାହୁ, ଖୋର୍ଦ୍ଧା ଜିଲା ସଭାପତି ଗୁରୁ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ଏକ କୃଷିପ୍ରଧାନ ରାଷ୍ଟ୍ର। ପାରମ୍ପରିକ ପଦ୍ଧତିରେ ଚାଷ, ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଜୈବିକ ପ୍ରଣାଳୀରେ ଚାଷକାର୍ଯ୍ୟ କରି ଯେପରି ନିଜ ଆୟକୁ ଦ୍ୱିଗୁଣିତ କରିପାରିବା ସେନେଇ ଗୁରୁତ୍ୱ ଦେଇଥିଲେ। ଜିଲା ସମ୍ପାଦକ ଅକ୍ଷୟ ଦାସ ଅତିଥି ପରିଚୟ ଓ ଜିଲା ଉପଦେଷ୍ଟା ବୈକୁଣ୍ଠନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୁରୀ ଜିଲା ସଭାପତି ନବକୃଷ୍ଣ ମହାପାତ୍ର, ଜିଲା ଜୈବିକ କୃଷି ପ୍ରମୁଖ ସଂଗ୍ରାମ କେଶରୀ ବଳିୟାରସିଂ, ଚିତ୍ରସେନ ପାଲ୍‌ଟାସିଂ, ଅସୀମାନନ୍ଦ ପଟ୍ଟନାୟକ, ଆଇନଜୀବୀ ବିକ୍ରମ ଚମ୍ପତି, ଆଇନଜୀବୀ ବସନ୍ତ ଦାସ, ପ୍ରଦୀପ କୁମାର ସାହୁ, ସଞ୍ଜୟ ବିଶ୍ୱାଳ, ମିହିର ବିଧାର, ସନ୍ତୋଷ ଶ୍ରୀଚନ୍ଦନ, ବିଭୁଧେନ୍ଦ୍ର ବିଦ୍ୟାଧର, ପ୍ରଦୀପ ସ୍ୱାଇଁ ଯୋଗଦେଇଥିଲେ।

## ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଜାନନ


**ଜଟଣୀ:** ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି।


ରାଜା ବଜାର ମାର୍କେଟ ବ୍ୟବସାୟୀ ସଂଘ।


ରେଳ କର୍ମଚାରୀ ସଂଘ ପୂଜା କମିଟି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ମହିଳା ମୃତ

ଡେଲାଙ୍ଗ,୨।୯(ଡି.ଏନ୍.ଏ.)- କଣାସ ରୋଡ୍ ରେଳ ଷ୍ଟେଶନ ସନ୍ନିକଟରେ ଶୁକ୍ରବାର ଏକ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲାଙ୍ଗ -କୋଠବାଡ ପଞ୍ଚାୟତର ଗୋଲାସାହି ଗ୍ରାମର ପମା ବେହେରା(୩୩)। ଖବରପାଇ ସ୍ଥାନୀୟ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ପମା ସକାଳେ ତାଙ୍କ ୩ଜଣ ସାଥୀଙ୍କ ସହିତ ନିକଟସ୍ଥ ଧାନ କ୍ଷେତକୁ ଧାନ ରୋଇବାକୁ ଯାଉଥିଲେ। ସକାଳ ୭ଟା ସମୟରେ ପୂର୍ବତଟ ରେଳପଥର ଅପଲାଇନରେ ହାୱଡା-ପୁରୀ ଏକ୍ସପ୍ରେସ ପୁରୀ ଅଭିମୁଖେ ଯାତ୍ରା କରୁଥିଲା। ଏହି ସମୟରେ ୪ଜଣ ସାଥୀ ଡାଉନଲାଇନର ରେଳ ଧାରଣାରେ ଚାଲିଚାଲି ଯାଉଥିଲେ। ହେଲେ ଡାଉନଲାଇନରେ ପୁରୀ -ବଡବିଲ ଟ୍ରେନ ଖୋର୍ଦ୍ଧାରୋଡ ଅଭିମୁଖେ ଯାତ୍ରା କରୁଥିଲା। ୨ଟି ଟ୍ରେନର ଶବ୍ଦରେ ୪ଜଣ ମହିଳା ହଡ଼ବଡ଼ ହୋଇ ୩ଜଣ ଲାଇନ ତଳକୁ ଡେଇଁପଡିଥିବା ବେଳେ ପମା ବେହେରାଙ୍କୁ ବଡ଼ବିଲ ଟ୍ରେନ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ପୁରୀରେ ଷଷ୍ଠୀ ଓଷା ପାଳିତ

ପୁରୀ ଅଫିସ,୨।୯- ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀକ୍ଷେତ୍ରର ଘରେ ଘରେ ସନ୍ତାନମାନଙ୍କ ଦୀର୍ଘାୟୁ କାମନା କରି ମା'ମାନେ ଷଷ୍ଠୀ ଓଷା ବା ଷଠୀ ଓଷା ପାଳନ କରିଛନ୍ତି। ଶ୍ରୀକ୍ଷେତ୍ରରେ ମହିଳାମାନେ ପୁଅଝିଅଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର କାମନା କରି ମା' ଷଠୀ ଦେବୀଙ୍କୁ ପୂଜିଛନ୍ତି। ପୂଜାର ବିଧି ସ୍ୱତନ୍ତ୍ର ରହିଥାଏ। ଶିଳ ଏବଂ ପୁଆରେ ବଟା ହଳଦୀରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଏ। ସେଥିରେ ହଳଦୀ କନା ମଧ ରଖାଯାଏ। କଉଡ଼ି ସାହାଯ୍ୟରେ ପ୍ରତିମାର ବିଭିନ୍ନ ଅଂଶ ନିର୍ମାଣ କରାଯାଇଥାଏ। ଓଡ଼ିଶାର ଏହା ଏକ ପାରମ୍ପରିକ ଓଷା ଅଟେ। ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତି ନିକଟରେ ୬ ପ୍ରକାରର ଡାଳରେ ନିର୍ମିତ ଗଛ ରଖାଯାଇଥାଏ। ଏହି ୬ପ୍ରକାର ଡାଳ ମଧରେ ବରକୋଳି, ବଜ୍ରମୂଳି, ବାଉଁଶପତ୍ର, ଓଲୁଅ, ପେଡିପେଡିକା, କଇଁ ଫୁଲ ପରି ବିଭିନ୍ନ ଡାଳ ରହିଥାଏ। ସେହିପରି ଠାକୁରାଣୀଙ୍କ ନିକଟରେ ୬ପ୍ରକାର ଶାଗ ଓ ୬ ପ୍ରକାର ପରିବା ପଡ଼ିଥିବା ତରକାରି ଦେବୀଙ୍କ ପାଖରେ ଭୋଗ ଲାଗି କରାଯାଇଥାଏ। ଏଥିସହ ଖିରି, ଖେଚୁଡ଼ି, ଶାଗ ଓ ପରିବା ତରକାରି ଭୋଗ ହୁଏ। ଏପରିକି ଆମିଷ ଭୋଗ ମଧ କରାଯାଇଥାଏ। ଷଠୀ ଦେବୀଙ୍କୁ ପୂଜା ପରେ ସନ୍ତାନମାନଙ୍କୁ ବନ୍ଦାପନା କରାଯାଏ। ବନ୍ଦାପନା ପରେ ଷଠୀ ଠାକୁରାଣୀଙ୍କୁ ଲାଗି ହୋଇଥିବା ୬ ପ୍ରକାର ଡାଳକୁ ପିଲାଙ୍କ ମୁଣ୍ଡ ଓ ପିଠିରେ ଧୀରେ ଧୀରେ ଆଘାତ କରାଯାଏ। ବିଶ୍ୱାସ ରହିଛି ଏହାଦ୍ୱାରା ପିଲାଙ୍କ ସମସ୍ତ ରିଷ୍ଟ ଖଣ୍ଡନ ହେବା ସହିତ ସେମାନଙ୍କ ଶରୀର ବଜ୍ର ହେବା ସଙ୍ଗେ ସଙ୍ଗେ ପିଲାମାନେ ଦୀର୍ଘାୟୁ ହୋଇଥାନ୍ତି ।

### ବଟି ଆଦାୟ ଅଭିଯୋଗରେ ୪ ଗିରଫ

ପୁରୀ ଅଫିସ,୨।୯- ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନଥାନା ଅନ୍ତର୍ଗତ ଚୁଡଙ୍ଗ ସାହିର ବୁଧିଆ ସ୍ୱାଇଁ (୨୩) ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ମଙ୍ଗଳାସାହିର ଏମଡି ମଜିତ୍ (୨୨) । ପୋଲିସ ସେମାନଙ୍କଠାରୁ ଗୋଟିଏ ଛୁରି ଏବଂ ନଗଦ ୨୫୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୨୦୨ /୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ସ୍ୱର୍ଗଦ୍ୱାର ସମ୍ମୁଖରେ ଛୁରି ଦେଖାଇ ଲୋକଙ୍କଠାରୁ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ସେହିପରି ଶୁଭ ପ୍ୟାଲେସ୍ ଛକ ନିକଟରେ ଯାତ୍ରୀବାହୀ ଗାଡିଙ୍କଠାରୁ ବଟି ଆଦାୟ କରିବା ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୌଡବାଡ ସାହି ଶାନ୍ତି ଗେଷ୍ଟ ହାଉସ ଗଳିରେ ରହୁଥିବା କେନ୍ଦୁଝର ଜିଲା ଦଇତାରୀ ଗ୍ରାମର ଶଙ୍କର ଦାଶ (୨୫) ଏବଂ ବଳିଆପଣ୍ଡା ବସ୍ତି ୭ ନଂ. ୱାଟର ଚାମ୍ବର ନିକଟର ଅପନା ବେହେରା (୨୯)। ପୋଲିସ ସେମାନଙ୍କଠାରୁ ନଗଦ ୩୦୦ ଟଙ୍କା ଓ ଦୁଇଟି ଛୁରି ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରିଛି।

# ନୂଆ ସଫେଇ ସଂସ୍ଥାକୁ ନେଇ ବଢୁଛି ଅସନ୍ତୋଷ

**ଭୁବନେଶ୍ୱର, ୨।୯ (ବ୍ୟୁରୋ)**



- ୱାର୍ଡରୁ ଠିକ୍ ଭାବେ ଉଠୁନି ଅଳିଆ
- କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା ଦେଖାଉଛି ବିଏମ୍‌ସି
- ଆଜି ଆୱାରଲ୍ୟାଣ୍ଡ ସହ ସଫେଇ ସଂଘର ଆଲୋଚନା

ପରିମଳ ବ୍ୟବସ୍ଥାକୁ ନେଇ ବାରମ୍ବାର ସମାଲୋଚନାର ଶିକାର ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ତଥାପି ଏହାକୁ ଗୁରୁତର ସହ ନ ନେଇ ନୂଆ ସଫେଇ ସଂସ୍ଥାଗୁଡ଼ିକୁ ଅନୁକମ୍ପା ଦେଖାଇ ଚାଲିଛି। ଫଳରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମନମୁଖୀ କାର୍ଯ୍ୟ କରୁଥିବାରୁ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇ ରହୁଛି। ଫଳରେ ସହରର ପରିବେଶ ସୁଧୁରୁ ନ ଥିବାବେଳେ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗତ କିଛିଦିନ ଧରି ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ଦାରୁଠେଙ୍ଗବାସୀ ବାରଣ କରିଥିଲେ। ଫଳରେ ରାଜଧାନୀ ଏକ ପ୍ରକାର ଆର୍ବଜନାମୟ ହୋଇ ପଡିଥିଲା। ତେବେ ୩୧ ତାରିଖରେ ବିଏମ୍‌ସି ଓ ଦାରୁଠେଙ୍ଗ ଗ୍ରାମବାସୀଙ୍କ ମଧରେ ଲାଗିଥିବା ବିବାଦର ସମାଧାନ ହୋଇଛି। ଏବେ ପ୍ରତିଦିନ ସହରର ଅଳିଆ ଡମ୍ପିଂୟାର୍ଡକୁ ଯାଉଛି। ଏହାସତ୍ତ୍ୱେ ସହରର ବିଭିନ୍ନ ୱାର୍ଡରେ ଅଳିଆ ଗଦା ହୋଇ ରହିଥିବା ଦେଖାଯାଉଛି। ବିବାଦ ତୁଟିଥିଲେ ବି ସଫେଇ ଦାୟିତ୍ୱରେ ଥିବା ନୂଆ ସଂସ୍ଥା ଆୱାରଲ୍ୟାଣ୍ଡ ଏବଂ ଗ୍ରୀନ୍ ସର୍କଲ ସେମାନଙ୍କ କାର୍ଯ୍ୟ ଠିକ୍ ଭାବେ ତୁଲାଇ ପାରୁ ନ ଥିବାରୁ ଏପରିସ୍ଥିତି ଲାଗି ରହିଥିବା ଅଭିଯୋଗ ହେଉଛି। ସଂସ୍ଥାର କାର୍ଯ୍ୟ ପ୍ରଣାଳୀରେ ସଫେଇ କର୍ମଚାରୀମାନେ ମଧ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ଶନିବାର ବିଏମ୍‌ସି ମଜଦୁର ସଂଘ ସହିତ ଆୱାରଲ୍ୟାଣ୍ଡ ସଂସ୍ଥାର ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଆବଶ୍ୟକ ମେଶିନ ଓ ଅନ୍ୟାନ୍ୟ ଜିନିଷପତ୍ର ଅଭାବରୁ ଅଧିକାଂଶ ସ୍ଥାନରୁ ଅଳିଆ ଉଠିପାରୁ ନାହିଁ। ଏପରିକି ସମସ୍ତ ସଫେଇ କର୍ମଚାରୀଙ୍କୁ ସଂସ୍ଥା ପକ୍ଷରୁ ଝାଡୁ ମଧ ପ୍ରଦାନ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। କେବଳ କାମଚଳା ଭାବେ ଅଳିଆ ଓଳାଇ ଗୋଟିଏ ଗୋଟିଏ ସ୍ଥାନରେ ଜମା କରାଯାଉଛି। କହିବାକୁ ଗଲେ ନୂଆ ସଂସ୍ଥାଗୁଡ଼ିକ ଏ ପର୍ଯ୍ୟନ୍ତ ପୂରା ପ୍ରସ୍ତୁତ ହୋଇ ନାହାନ୍ତି।

ଅଗଷ୍ଟ ୧୬ରୁ ନୂଆ ସଂସ୍ଥା ଆୱାରଲ୍ୟାଣ୍ଡ ଏବଂ ଗ୍ରୀନ୍ ସର୍କଲ ୨ଟି ଜୋନ୍‌ର ୧୩ଟି ୱାର୍ଡରେ ସଫେଇ ଦାୟିତ୍ୱ ନେଇଛନ୍ତି। ଆୱାରଲ୍ୟାଣ୍ଡ ଅଧୀନରେ ୱାର୍ଡ ନଂ. ୪୬, ୫୨, ୬୩, ୬୨, ୬୪, ୬୫ ଏବଂ ୬୬ ଥିବାବେଳେ ପ୍ରାୟ ୪ଶହ ସଫେଇ କର୍ମଚାରୀ ରହିଛନ୍ତି। ସେହିପରି ଗ୍ରୀନ୍ ସର୍କଲକୁ ୱାର୍ଡ ନଂ. ୫୪, ୫୮, ୫୯, ୬୦, ୬୧ ଏବଂ ୬୭ର ସଫେଇ ଦାୟିତ୍ୱ ଦିଆଯାଇଛି। ସଂସ୍ଥା ଅଧୀନରେ ପ୍ରାୟ ୨୮୦ କର୍ମଚାରୀ କାମ କରୁଛନ୍ତି। ନୂଆ ସଂସ୍ଥାର କାମକୁ ଅନେକ କର୍ପୋରେଟରମାନେ ନାପସନ୍ଦ କରିଛନ୍ତି। ସରଞ୍ଜାମ ଅଭାବ ସହ ୫ଟି ଲୋକ ସ୍ଥାନରେ ଏହି ସଂସ୍ଥାମାନେ ଗୋଟିଏ ଲୋକ ଲଗାଉଛନ୍ତି। ଫଳରେ ଶତପ୍ରତିଶତ ସଫେଇ ହୋଇ ପାରୁନାହିଁ। ଏନେଇ ବିଏମ୍‌ସିର କର୍ପୋରେଶନ ବୈଠକରେ ମଧ କର୍ପୋରେଟର୍‌ମାନେ ପ୍ରଶ୍ନ ଉଠାଇଥିଲେ। କର୍ପୋରେଶନ ଗଠନ ହେବା ପରେ ବି କର୍ପୋରେଟଙ୍କ ସହ କୌଣସି ଆଲୋଚନା ନ କରି ନୂଆ ସଫେଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ କରାଯାଇ ଯୋଗ୍ୟତା ନ ଥିବା ବିଭିନ୍ନ ସଂସ୍ଥାକୁ କାମ ଦିଆଯାଇଥିବାରୁ କର୍ପୋରେଟରମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏତେ ଅଭିଯୋଗ, ଅସନ୍ତୋଷ ପରେ ବି ବିଏମ୍‌ସି ନୂତନ ସଂସ୍ଥାର କାର୍ଯ୍ୟକୁ ତଦାରଖ କରୁ ନାହିଁ କି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବଳାତ୍କାର ଅଭିଯୋଗରେ ଫେରାର ଯୁବକ ଗିରଫ

**ନିମାପଡ଼ା,୨।୯(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅନ୍ତର୍ଗତ ଜଣେ ୨୦ ବର୍ଷୀୟ ଯୁବତୀଙ୍କୁ ବଳାତ୍କାର କରି ୪ ବର୍ଷ ଧରି ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଶିଶୁପାଳଗଡ଼ ଅଞ୍ଚଳର ପ୍ରଶାନ୍ତ ଭୋଇ ଓରଫ କାଳିଆ। ପୋଲିସ ଅଭିଯୁକ୍ତ କାଳିଆଙ୍କୁ ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲକୁ ପଠାଇ ଦିଆଯାଇଛି। ସୂଚନାଥାଉକି, ଗତ ୪ବର୍ଷ ତଳେ ଅଭିଯୁକ୍ତ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ସେଠାରେ ଯୁବତୀଙ୍କୁ ବଳାତ୍କାର କରିଥିଲେ। ପରେ ସେ ଅନ୍ତଃସତ୍ତ୍ୱା ହେବାରୁ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ତାଙ୍କ ବାପା ୧୮ ଫେବୃୟାରୀ ୨୦୧୮ରେ ଯୁବକଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୩୭/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ୪ ବର୍ଷ ପରେ ଅଭିଯୁକ୍ତ ଭୁବନେଶ୍ୱରରେ ଥିବା ପୋଲିସ ଜାଣିବା ପରେ ଶୁକ୍ରବାର ସେଠାରେ ଚଢ଼ାଉ କରି ଗିରଫ କରିଥିଲା।




ପୁରୀ ରେଲୱେ ଷ୍ଟେଶନସ୍ଥିତ ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ସଂସ୍କୃତ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍‌ରୁ ହରେକୃଷ୍ଣ ବରଖାସ୍ତ

**ପୁରୀ ଅଫିସ,୨।୯:**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୧୨ଜଣିଆ ସିଣ୍ଡିକେଟ୍‌ରୁ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ବରଖାସ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସେ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତାଙ୍କୁ ପଦରୁ ହଟାଇଥିବା ନେଇ ବିଜ୍ଞପ୍ତି ଜାରି କରି ଘୋଷଣା କରିଛି। ପ୍ରଫେସର ଶତପଥୀ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ ଉପକୁଳପତି ଭାବେ କାର୍ଯ୍ୟ ସମ୍ପାଦନ କରି ଅବସର ନେଇଥିଲେ। ଅବସର ପରେ ସେ ଏକ ଘରୋଇ ବିଶ୍ୱବିଦ୍ୟାଳୟର ଉପକୁଳପତି ଭାବେ କାର୍ଯ୍ୟ କରିବା ସହ ଗତ ବର୍ଷ ଏପ୍ରିଲ ୩୦ ତାରିଖରୁ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍‌କୁ ମନୋନୀତ ହୋଇଥିଲେ। ସମ୍ପ୍ରତି ସଂସ୍କୃତ ମହାବିଦ୍ୟାଳୟର କୁଳପତି ହରିହର ହୋତା ଏସମ୍ପର୍କରେ କହିଛନ୍ତି, ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ବଳରେ ସିଣ୍ଡିକେଟ୍‌ମାନେ ମନୋନୀତ ହୋଇଥାନ୍ତି। ପରୀକ୍ଷା ପ୍ରଶ୍ନ ପତ୍ର ନିର୍ଦ୍ଧାରଣ କରିବାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସିଣ୍ଡିକେଟ୍ ଉପରେ ନ୍ୟସ୍ତ ରହିଥାଏ। ବିଶ୍ୱବିଦ୍ୟାଳୟ ସ୍ତରରେ ସିଣ୍ଡିକେଟ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ହରେକୃଷ୍ଣ ଶତପଥୀଙ୍କୁ ବରଖାସ୍ତ କରାଯିବା ବିଜ୍ଞପ୍ତି ବିଶ୍ୱବିଦ୍ୟାଳୟ ହସ୍ତଗତ ହୋଇସାରିଛି ବୋଲି ସେ କହିଛନ୍ତି।

## ଚାଷୀଙ୍କୁ କୀଟ ପରିଚାଳନା ତାଲିମ

**କଣାସ,୨।୯(ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ପଞ୍ଚାୟତର ଲୋକାପାଳଠାରେ ଚାଷୀମାନଙ୍କୁ ନେଇ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସମନ୍ୱିତ କୀଟ ପରିଚାଳନା କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ୫୦ଜଣ ଚାଷୀଙ୍କୁ କୀଟ ପରିଚାଳନା ଉପରେ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ପ୍ଲାଣ୍ଟ ପ୍ରୋଟେକ୍ସନ ଅଧିକାରୀ ରାଜେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ବିଜୟ କେତନ ସାହୁ ଯୋଗ ଦେଇଥିବାବେଳେ ବ୍ଲକ କୃଷି ଅଧିକାରୀ ଏବଂ ବିଶ୍ୱ ଜୀବନ ସେବା ସଂଘ ଏନ୍‌ଜିଓର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଚାଷୀମାନଙ୍କର ପଞ୍ଜୀକରଣ କରାଯାଇ ସେମାନଙ୍କର ପୂର୍ବ ମୂଲ୍ୟାଙ୍କନ ପରୀକ୍ଷା ନିଆଯାଇଥିଲା। ଏହି ଅବସରରେ ସହାୟକ ପ୍ଲାଣ୍ଟ ପ୍ରୋଟେକ୍ସନ ଅଧିକାରୀ ମଧୁମିତା ପାତ୍ର, ଶୁଭାଶିଷ ସ୍ୱାଇଁ, ବୈଷୟିକ ଅଧିକାରୀ ଧ୍ରୁବଚରଣ ରାୟ, ବୈଜ୍ଞାନିକ ସହାୟକ ଅରିନ୍ଦମ ବାନାର୍ଜୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମରେ ରାଜେନ୍ଦ୍ର ପ୍ରଧାନ ବିହନ ବିଶୋଧନ ମଧୁମିତା ପାତ୍ର କରସାଇରା କୀଟର ବହୁଳ ଉତ୍ପାଦନ ଏବଂ ଉପକାରୀ କୀଟ ଉତ୍ପାଦନ ଏନ୍‌ଏସ୍‌କେଇ ଉପରେ ଆଲୋକପାତ କରିଥିଲେ। ଚାଷୀମାନେ କିପରି କମ୍ ଖର୍ଚ୍ଚ କରି ଅଧିକ ଅମଳ ପାଇପାରିବେ ତାହା ବିଷୟରେ ମଧ ଆଲୋଚନା କରାଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ ।

## ଏଟିଏମ୍ ଲୁଟ୍ ଉଦ୍ୟମ

**ପୁରୀ ଅଫିସ,୨।୯:**

ପୁରୀ ବଳିଆପଣ୍ଡା ରାସ୍ତା ଦାମୋଦର ରୋଡ୍ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍‌ରୁ ଦୁର୍ବୃତ୍ତ ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏଟିଏମ୍‌ର ସାମ୍ନା ପଟ କାଚକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ବେଳେ ଟଙ୍କା ନ ପାଇବାରୁ ଏଟିଏମ୍ ମେଶିନ ଓ ସିସିଟିଭିକୁ ଭାଙ୍ଗି ନାହାନ୍ତି। ଘଟଣା ବିଷୟରେ ଏସ୍‌ବିଆଇ କର୍ତ୍ତୃପକ୍ଷ ଜାଣିବା ପରେ ପୁରୀ ଟାଉନ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବଳିଆପଣ୍ଡା ରାସ୍ତା ଦାମୋଦର ରୋଡ୍ ସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ କେତେଜଣ ଲୋକ ଶୁକ୍ରବାର ଟଙ୍କା ଉଠାଇବାକୁ ଆସିଥିବା ବେଳେ ଏଟିଏମ୍ କାଚ ଭଙ୍ଗାଯାଇଥିବା ଦେଖିଥିଲେ। ଲୁଟ୍ ଉଦ୍ୟମ ହୋଇଥିବା ସନ୍ଦେହ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଆସିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏସବିଆଇ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ଏଟିଏମ୍ ପରିସରକୁ ସଫା କରିଥିଲେ। ଏସ୍‌ବିଆଇ ପୁରୀର ମୁଖ୍ୟ ପ୍ରବନ୍ଧକ ବିଜୟ ଶତପଥୀ କହିଛନ୍ତି, ଏଟିଏମ୍ ଅବସ୍ଥା ଦେଖି, କେହି ନିଶାସକ୍ତ ହୋଇ ଏଭଳି କାଣ୍ଡ ଘଟାଇଛନ୍ତି ଅଥବା ଲୁଟ୍ ଉଦ୍ଦେଶ୍ୟରେ ଏଭଳି କରାଯାଇଛି। ଏ ସମ୍ପର୍କରେ ଥାନାକୁ ଜଣାଇ ଦିଆଯାଇଛି।

## ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରରେ ଶିକ୍ଷାରମ୍ଭ

**ପୁରୀ ଅଫିସ/କୃଷ୍ଣପ୍ରସାଦ, ୨।୯(ଡି.ଏନ୍.ଏ.)**

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଗୋପାଳପୁରରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଥମ ଶିକ୍ଷା ବର୍ଷର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଛନ୍ତି, ଚିଲିକା ଦ୍ୱୀପାଞ୍ଚଳରେ ଥିବା ଏହି ଅନୁଷ୍ଠାନ ଓଡ଼ିଶାର କୋଣ ଅନୁକୋଣରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ତୁଲାଇବ। ଏଠାରେ ୧୦୪ଟି ସିଟ୍ ସହିତ ୪ଟି ବିଭାଗରେ ନାମଲେଖା ଆରମ୍ଭ ହୋଇଛି। ଏହାପରେ ଅନୁଷ୍ଠାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଜୁ ପଟ୍ଟନାୟକ ଶିଳ୍ପତାଲିମ କେନ୍ଦ୍ର ପ୍ରତିଷ୍ଠାନର ପ୍ରିନ୍ସପାଲ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ବିଜୁ ପଟ୍ଟନାୟକ ଆଇଟିଆଇ କଲେଜର ଶିକ୍ଷାରମ୍ଭ ଅବସରରେ ଉପସ୍ଥିତ ଅତିଥି ।

## ୪ରେ ଏଏପିର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ପୁରୀ ଅଫିସ,୨।୯**

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ରାଜ୍ୟ ସଭାପତିଙ୍କ ଆହ୍ୱାନକ୍ରମେ ଓଡ଼ିଶାର ସବୁ ଜିଲାରେ ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୁରୀରେ ୪ ତାରିଖରେ ଏହି ସମ୍ମିଳନୀ ହେବ। ଏ ନେଇ ଶୁକ୍ରବାର ପାର୍ଟି ପକ୍ଷରୁ ଜିଲା କାର୍ଯ୍ୟାଳୟ ପରିସରରେ ଏକ ଜିଲା କୋର କମିଟି ବୈଠକ ସହ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଜିଲା କୋଅର୍ଡିନେଟର ଭାବେ ଦାୟିତ୍ୱ ଗ୍ରହଣ କରିଥିବା କଟକର ଯୁବ ସଭାପତି ଆଶୁତୋଷ ପରିଡ଼ା ଯୋଗଦେଇଥିଲେ। ୪ ତାରିଖ ତଥା ରବିବାର ପୌର ସଦନ (ଟାଉନ ହଲ)ରେ ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ବାର୍ତ୍ତା ମେକ୍ ଇଣ୍ଡିଆ ନଂ.୧ ପୁରୀ ଜିଲାର ଘରେ ଘରେ ପହଞ୍ଚିବ ସେଥିପାଇଁ ପୁରୀ ଜିଲା କାର୍ଯ୍ୟକର୍ତ୍ତାଙ୍କ ସହ ମିଶି କାମ କରିବେ ବୋଲି ପୁରୀ ଜିଲା କୋର୍ଡିନେଟର ପରିଡ଼ା କହିଛନ୍ତି। ସମ୍ମିଳନୀରେ ଜିଲାର ପ୍ରତ୍ୟେକ ବ୍ଲକରୁ ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ଜିଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି।




ପୁରୀର ସୂଚନା ଅଧିକାରୀ କର୍ମୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ପୁରୀ ସଦରଥାନା ସମ୍ମୁଖରେ ଶନିବାର ଓଡ଼ିଶା ସୂଚନା ଅଧିକାରୀ ସଦସ୍ୟମାନେ ଧାରଣା ଦେଇଛନ୍ତି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

**ବାଲୁଗାଁ,୨।୯(ଡି.ଏନ୍.ଏ.):**

**ସ୍ୱାମୀ, ଶ୍ୱଶୁର ଗିରଫ**

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଶ୍ୱଶୁରଘର ଲୋକେ ସଂଘବଦ୍ଧ ଭାବେ ହତ୍ୟା କରିଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମ ହୋତାଙ୍କ ସ୍ତ୍ରୀ ସ୍ୱାଗତିକା ପଣ୍ଡା। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ପ୍ରୀତମ ଓ ଶ୍ୱଶୁର ଅରୁଣ ହୋତାଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡ଼ା ଗ୍ରାମର ସ୍ୱାଗତିକା ଦୁଇ ବର୍ଷ ପୂର୍ବେ ସିଙ୍ଗେଶ୍ୱର ଅଞ୍ଚଳର ପ୍ରୀତମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ସୁନାଗହଣା, ଟଙ୍କା ଓ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର ତିନିମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାଗତିକାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ସ୍ୱାଗତିକା ବାପଘରକୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ଶାଶୁଘର ଲୋକେ ମାରପିଟ୍ କରୁଥିବା ନେଇ ସ୍ୱାଗତିକା ଫୋନରେ ଭାଇ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ଜଣାଇଥିଲେ। କିଛି ସମୟ ପରେ ଗୋପାଳ ଫୋନରେ ସ୍ୱାଗତିକାଙ୍କ ଶ୍ୱଶୁର ଘର ଲୋକଙ୍କୁ ଯୋଗାଯୋଗ କରିଥିଲେ ମଧ କେହି ଫୋନ ଉଠାଇ ନ ଥିଲେ। ରାତି ପ୍ରାୟ ୧୦ ଟାରେ ସ୍ୱାଗତିକାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଗୋପାଳ ପରିବାର ଓ ସମ୍ପର୍କୀୟ ବାଲୁଗାଁ ଡାକ୍ତରଖାନାରେ ପହଞ୍ଚିଥିଲେ। ସ୍ୱାଗତିକାଙ୍କ କାନପାର୍ଶ୍ୱ, ବେକ ଓ ପିଠିରେ କ୍ଷତ ଚିହ୍ନ ଏବଂ ମାଡ଼ ଦାଗ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୁକ୍ରବାର ସକାଳେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରଶ୍ମିରଞ୍ଜନ ଦାସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୪୯୮(କ), ୩୦୨, ୩୦୪(ଖ)ରେ ଏକ ମାମଲା (ନଂ.୧୭୨/୨୨) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ

**ଖୁଣ୍ଟୁଣୀ,(ଡି.ଏନ.ଏ.):** ଆଠଗଡ଼ ବ୍ଲକ ଗୁରୁଡିଝାଟିଆ ପଞ୍ଚାୟତ ଡବାଗାଡ଼ିଆସ୍ଥିତ ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଆଶ୍ରମର ତତ୍ତ୍ୱାବଧାରକ ସାଧୁ କୈଳାସ ଚନ୍ଦ୍ର ଦାଶଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଗୁରୁବାର ଆଶ୍ରମ ପରିସରରେ ଅଖଣ୍ଡ ଘିଅବତି ଜଳାଯିବା ସହିତ ମହିମା ଗୋସାଇଁଙ୍କ ନାମ ଭଜନ ପରିବେଷଣ କରାଯାଇଥିଲା। ଶୁକ୍ରବାର ସକାଳେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନରେ ନବାନ୍ନ ପ୍ରସ୍ତୁତ କରାଯାଇ ଅଲେଖ ସ୍ୱାମୀଙ୍କ ନିକଟରେ ଲାଗି କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆଶ୍ରମ ପରିସରରେ ନବାନ୍ନ ଭକ୍ଷଣ କରିଥିଲେ। ଅନାଦି ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ନୂଆସାହି ରାସ୍ତା ଶୋଚନୀୟ

### ମେୟରଙ୍କୁ ଭେଟିଲେ ବାସିନ୍ଦା

**କଟକ ଅଫିସ,୨।୯:** କଟକ ମହାନଗର ନିଗମ(ସିଏମ୍‌ସି)ର ୪୫ ନମ୍ବର ୱାର୍ଡ ଅନ୍ତର୍ଗତ ଖାନନଗର ନୂଆସାହି ଅଞ୍ଚଳ ରାସ୍ତା ଶୋଚନୀୟ ହୋଇପଡିଛି। ଠିକ୍ ଭାବେ ରାସ୍ତା ମରାମତି କରାଯାଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଡ୍ରେନ୍‌ଠାରୁ ରାସ୍ତାଗୁଡିକର ଉଚ୍ଚତା ଅଧିକ ଥିବାରୁ ବର୍ଷା ହେଲେ ଘର ଭିତରେ ଡ୍ରେନ୍ ପାଣି ପଶୁଛି। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦେବାଶିଷ ସାହୁଙ୍କ ନେତୃତ୍ୱରେ କେତେଜଣ ବାସିନ୍ଦା ଶୁକ୍ରବାର ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ସୁବାସ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ସୁକାନ୍ତ ସାହୁ, ରାକେଶ ସାହୁ, କାହ୍ନୁ ସାହୁ, ରଣଦୀପ କୁମାର ସାହୁ, ଶୁଭମ୍ ସାହୁ, ଶିବ ସାହୁ, ଶମ୍ଭୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରିମ୍‌ସରେ ଷ୍ଟାର୍ଟ ଅପ୍ ଓଡ଼ିଶା ରଥ

**କଟକ ଅଫିସ,୨।୯:** ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ବୈଷୟିକ ଦକ୍ଷତାସମ୍ପନ୍ନ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ପରିକ୍ରମାରେ ବାହାରିଥିବା ଷ୍ଟାର୍ଟ ଅପ୍ ଓଡ଼ିଶା ରଥ ଶୁକ୍ରବାର ଡ୍ରିମ୍‌ସ ଶିକ୍ଷାନୁଷ୍ଠାନରେ ପହଞ୍ଚିଥିଲା। ସେଠାରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଉକ୍ତ ରଥକୁ ସ୍ୱାଗତ କରାଯାଇଥିଲା। ଉକ୍ତ ରଥରେ ଭିଡିଓ ଚିତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ସହିତ ଉଦ୍ୟୋଗ ପ୍ରତି ଆଗ୍ରହ ରହିଥିବା ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଉପାଦେୟ ସୂଚନା ପ୍ରଦାନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଉପାଧ୍ୟକ୍ଷ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ଜୀବନାନନ୍ଦ ମେହେନା, ଡ. ସୁରଜିତ୍ ମହାନ୍ତି, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, କ୍ରିଷ୍ଟାପ୍ରଦା ଦାଶ, ଅନୁରେଖା ନାୟକ, ମମତା ରଥ, ସଚିବ ସୁଧାଂଶୁ ଭୂଷଣ କର, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨।୯(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତ କମପୁର ଗ୍ରାମରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ କୁମାର ମଲ୍ଲିକ(୪୩)। ୨ ବର୍ଷ ତଳେ ସାଲେପୁର ବଜାରରେ ଏକ ଗାଡି ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ। ତେବେ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପୁତ୍ର ସତ୍ୟ ରଞ୍ଜନ ମୁଖାଗ୍ନି ଦେଇଥିଲେ।

# ଏବେ ବି ଆକର୍ଷଣୀୟ ଜରିମେଢ଼

### ମୁସଲମାନ କାରିଗରଙ୍କ ପ୍ରମୁଖ ଭୂମିକା ରହିଛି



କଟକ ଅଫିସ, ୨।୯

ଐତିହାସିକ କଟକ ସହରରେ ଦୁର୍ଗାପୂଜାର ସ୍ୱତନ୍ତ୍ର ପରିଚୟ ରହିଛି । ଦଶହରା ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ଏଠାକୁ ମା'ଦୁର୍ଗାଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ସୁନା ମୁକୁଟ ସହ ଚାନ୍ଦିମେଢ଼ ପ୍ରସ୍ତୁତ କରାଯାଇଛି। ହେଲେ ଏହାରି ମଧ୍ୟରେ ଜରିମେଢର ଚମକ କମିନି। ଏବେ ବି କଟକର ବହୁ ପୂଜା ମଣ୍ଡପରେ ଆକର୍ଷଣୀୟ ଜରିମେଢ଼ ପ୍ରସ୍ତୁତ କରାଯାଉଛି। ଏହାକୁ ତିଆରି କରିବାରେ ମୁସଲମାନ କାରିଗରଙ୍କ ପ୍ରମୁଖ ଭୂମିକା ରହିଛି। ଏହାଦ୍ୱାରା ହିନ୍ଦୁ ଓ ମୁସଲମାନଙ୍କ ଭିତରେ ଭାଇଚାରା ମଜଭୁତ ହୋଇପାରିଛି। ଦୀର୍ଘବର୍ଷ ଧରି ଏହି କାରିଗରମାନେ ମା'ଙ୍କ ମେଢ଼ ତିଆରି କାମରେ ନିଜକୁ ନିୟୋଜିତ କରିଛନ୍ତି। ଏଥିରେ ସେମାନଙ୍କୁ ସେମାନଙ୍କ ପରିବାରର ମହିଳାମାନେ ସହାୟତା କରିଥାନ୍ତି। ଦୁର୍ଗାପୂଜାର ୨/୩ ମାସ ଆଗରୁ ସେମାନେ କାମରେ ଲାଗିପଡିଥାନ୍ତି। ସରିଫ୍ ଖାନ୍, ଆବିଦ୍ ଅଲ୍ଲୀ, ରେହେମ୍ ଖାନ୍, ସୟଦ୍ ଅସଲମ୍ ଅଲ୍ଲୀ ପ୍ରମୁଖ କାରିଗର ଓ ସେମାନଙ୍କ ପରିବାରବର୍ଗ ଜରିମେଢ ତିଆରି କରିଥାନ୍ତି। ସହରର ବାଙ୍କାବଜାର, ଓଡ଼ିଆ ବଜାର, ଭଣ୍ଡାରିସାହି, ବକ୍ସିବଜାର, ଫିରିଙ୍ଗିବଜାର ଭଳି ଅନେକ ସ୍ଥାନରେ ମା'ଙ୍କ ପାଇଁ ଉଭୟ ହିନ୍ଦୁ ଓ ମୁସଲମାନମାନେ ମେଢ଼ ତିଆରି କରିଥାନ୍ତି। ୨ ଫୁଟରୁ ୨୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାର ମେଢ ପ୍ରସ୍ତୁତ କରାଯାଇଥାଏ। ଏଥିପାଇଁ ୩୦ ହଜାରରୁ ଆରମ୍ଭ କରି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥାଏ। ଏନେଇ ଜରିମେଢ କାରିଗର ଜାହିର ଖାନ୍ କହିଛନ୍ତି, ଏବେ ବି ଦଶହରାରେ ଜରିମେଢର ଚାହିଦା ରହିଛି। ଅନେକ ଲୋକ ଜରିମେଢ ଦେଖିବାକୁ ବିଭିନ୍ନ ମଣ୍ଡପକୁ ଆସିଥାନ୍ତି। ସେହିପରି ରେହେମ୍ ଖାନ୍ କହିଛନ୍ତି, ମେଢ ସାଜସଜ୍ଜା କ୍ଷେତ୍ରରେ ଜରିମେଢ ଯେତିକି ପୁରୁଣା ସେତିକି ଆକର୍ଷଣୀୟ। ଚାନ୍ଦିମେଢ ଗୋଟିଏ ଡିଜାଇନରେ ପ୍ରତିବର୍ଷ ଶୋଭା ପାଉଥିବାବେଳେ ଜରିମେଢରେ ନୂଆ ନୂଆ ଡିଜାଇନ ଦେଖିବାକୁ ମିଳେ।

### ଜରିମେଢ଼ ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବାଉଁଶ କଣିରେ ବନ୍ଧାଯାଏ ମେଢ । ପରେ ଛାଞ୍ଚ ତିଆରି କରାଯାଏ। ଏହା ଉପରେ ଜରି, କାଗଜ ପ୍ଲେଟ୍ ଲଗାଯାଏ। ଏଥିରେ ଜରି, କାଗଜ, ଭେଲ୍‌ଭେଟ୍, ଜମ୍ଭୁରା, କାର୍ଡ ବୋର୍ଡ, ସୋଲ ବ୍ୟବହାର କରାଯାଏ। ମେଢରେ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରାଯାଏ, ଯାହା ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ।

## ୩୫, ୮୩୧ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

### ବନ୍ୟା କ୍ଷୟକ୍ଷତି ରିପୋର୍ଟ

### ଜିଲ୍ଲାରେ ୭୨.୧ କୋଟିର ସମ୍ପତ୍ତି ନଷ୍ଟ

କଟକ ଅଫିସ,୨।୯

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କଟକ ଜିଲ୍ଲାର ବିଭିନ୍ନ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷକରି ବାଙ୍କୀ, ଆଠଗଡ଼, ବଡ଼ମ୍ବା ବ୍ଲକରେ ଏହାର ଅଧିକ ପ୍ରଭାବ ଦେଖିବାକୁ ମିଳିଥିଲା । ବନ୍ୟାରେ ଜିଲ୍ଲାରେ ମୋଟ୍ ୭୨ କୋଟି ୧ ଲକ୍ଷ ୨୧ ହଜାର ୧୦୦ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେଥିମଧ୍ୟରେ ୪୭ କୋଟି ୬ ଲକ୍ଷ ୬୨ ହଜାର ଟଙ୍କାର ସର୍ବସାଧାରଣଙ୍କ ସମ୍ପତ୍ତି ରହିଛି। ଜିଲ୍ଲାର ୧୧ଟି ବ୍ଲକରେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଥିଲା । ୩୫ ହଜାର ୮୩୧ ହେକ୍ଟର ଚାଷଜମିରେ ବନ୍ୟାପାଣି ମାଡିଯିବାରୁ ୨୪ କୋଟି ୨୨ ଲକ୍ଷ ୮୭ ହଜାର ୩୦୦ ଟଙ୍କାର ଫସଲ ନଷ୍ଟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୪୪୬ ଗ୍ରାମର ୩ ଲକ୍ଷ ୨୩ ହଜାର ୩୮୯ ଲୋକ ପ୍ରଭାବିତ ହୋଇଛନ୍ତି। ୧୭୧୧ଟି ପକ୍କା ଓ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଛି। ୩ କୁଡିଆ ଓ ୬୧୯ ଗୁହାଳ ନଷ୍ଟ ହୋଇଛି। ବନ୍ୟା ଦ୍ୱାରା ମୋଟ୍ ୭୧ ଲକ୍ଷ ୭୧ହଜାର ୮୦୦ ଟଙ୍କାର ଆସବାବଜନିତ କ୍ଷତି ହୋଇଛି। ବନ୍ୟା ପ୍ରଭାବରେ ୩୬୦୦ କୁକୁଡାଙ୍କର ମୃତ୍ୟୁ ହୋଇଛି। ୧୧ଟି ବ୍ଲକରେ ମୋଟ୍ ୨୧୪. ୮୭ କିମି ରାସ୍ତା ନଷ୍ଟ ହୋଇଥିବା କ୍ଷୟକ୍ଷତି ରିପୋର୍ଟରେ ଦର୍ଶାଯାଇଛି। ତେବେ କ୍ଷତିଗ୍ରସ୍ତ ଲୋକମାନଙ୍କୁ କିଭଳି କ୍ଷତିପୂରଣ ମିଳିପାରିବ ସେନେଇ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। କ୍ଷୟକ୍ଷତିର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିବାବେଳେ କ୍ଷତି ଭରଣା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ମାଡ଼ ମାରି ଯୁବକ ଗିରଫ

କଟକ ସଦର,୨।୯(ଡି.ଏନ୍.ଏ.)

ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ କନ୍ଦରପୁର ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ସେକ୍ କଲିମୁଦ୍ଦିନ ଖାଁ। ୪ ଦିନ ତଳେ ଅଭିଯୁକ୍ତ ଜଣଙ୍କ ଗୁଲ୍‌ସନ୍ ବେଗମ୍ ନାମ୍ନୀ ମହିଳାଙ୍କୁ ମାଡ଼ କାରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୬/୨୨) ରୁଜୁ କରିଥିଲା।

# ଭାରତନାଟ୍ୟମ୍‌ରେ ଦର୍ଶକ ବିଭୋର






ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ। ସୌରଭ ମଜୁମ୍‌ଦାର ଭାରତ ନାଟ୍ୟମ ପରିବେଷଣ କରୁଛନ୍ତି।

### ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍ ଉଦ୍‌ଘାଟିତ

କଟକ ଅଫିସ,୨।୯

ଉତ୍କଳ ଯୁବ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ କଟକ ସାରଳା ଭବନରେ ୨୮ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଜଷ୍ଟିସ ଡି.ପି. ଚୌଧୁରୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଶାରେ ନାଟ୍ୟ ଆନ୍ଦୋଳନର ପୁରୋଧା ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ଏଭଳି ଅନୁଷ୍ଠାନ ମାଧ୍ୟମରେ ବିଶ୍ୱର କଳାକାରମାନଙ୍କୁ ଏକତାର ସୂତ୍ରରେ ବାନ୍ଧିବାର ପ୍ରୟାସ କରିଥିଲେ। ସମ୍ମାନିତ ଅତିଥି ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, କଳାକୁ ବିକଶିତ କରିବାରେ ଏଭଳି ଉଦ୍ୟମ ପ୍ରଶଂସନୀୟ। ଅନ୍ୟତମ ସମ୍ମାନିତ ଅତିଥି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ କହିଥିଲେ, କାର୍ତ୍ତିକ ଚନ୍ଦ୍ର ରଥଙ୍କ ଅବର୍ତ୍ତମାନରେ ଏହି କାର୍ଯ୍ୟକ୍ରମ ଚାଲୁରହିବା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ କାର୍ତ୍ତିକ ରଥଙ୍କୁ ସମର୍ପିତ ପୁସ୍ତକ 'କାର୍ତ୍ତିକର ଜହ୍ନ' ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଭା ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଡ. ସେକ୍ କଲିମୁଲ୍ଲା ସ୍ୱାଗତ ଭାଷଣ, ଅନୁରୂପା ରଥ ମଞ୍ଚ ପରିଚାଳନା ଓ ଅଭୀପ୍‌ସା ଦାସ ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ଶିଳାଦିତ୍ୟ ରଥ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ବିତ ଦାସ, ଅମରେନ୍ଦ୍ର ବେହୁରା ସହଯୋଗ କରିଥିଲେ। ଲେଖକ ସୌକତ୍ ଚଟ୍ଟୋପାଧ୍ୟାୟଙ୍କ ରଚିତ ଓ ଚାରୁ ଶ୍ରୀବାସ୍ତବଙ୍କ ନିର୍ଦ୍ଦେଶିତ ନାଟକ 'ଆପ୍ କୌନ ଚିଜ୍ କେ ଡାଇରେକ୍ଟର ହେ' ପରିବେଷିତ ହୋଇଥିଲା। ଏଥିରେ ଛତିଶଗଡ଼ ଇତା ଭିଲାଇ ନାଟ୍ୟସଂସ୍ଥାର କଳାକାରମାନେ ଅଭିନୟ କରିଥିଲେ। ଏଥିସହ ଆସାମର ବେଦାନ୍ତିକା ଦତ୍ତ କଥକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ପଶ୍ଚିମବଙ୍ଗର ସୁବ୍ରତ ପଲ ଓ ସୌରଭ ମଜୁମଦାରଙ୍କ ଭାରତନାଟ୍ୟମ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ବିଚାରକ ଭାବେ ବିନୋଦ ମହାପାତ୍ର, ଶରତ ଚନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା ଓଝା, ଶଶୀରେଖା ମିଶ୍ର ମୂଲ୍ୟାୟନ କରିଥିଲେ। ୭ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ଖ୍ୟାତି ଅର୍ଜନ କରିଥିବା ବହୁ ନାଟ୍ୟସଂସ୍ଥା ଓ କଳାକାର ଅଂଶଗ୍ରହଣ କରିଛନ୍ତି।

## ଶିଳାନ୍ୟାସ ଫଳକରେ ନାହିଁ ସ୍ଥାନୀୟ କର୍ପୋରେଟରଙ୍କ ନାଁ

### ସିଏମ୍‌ସି କର୍ତ୍ତୃପକ୍ଷ ପାତରଅନ୍ତର ନୀତି ଛାଡ଼ନ୍ତୁ

କଟକ ଅଫିସ, ୨।୯

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗତ ୩୧ ତାରିଖରେ କଟକ ମହାନଗର ନିଗମ(ସିଏମ୍‌ସି)ର ବିଭିନ୍ନ ୱାର୍ଡରେ ଅନେକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ଏହି ଫଳକରେ ସ୍ଥାନୀୟ କର୍ପୋରେଟରଙ୍କ ନାମ ରହିଥିଲା। ୨୬ନଂ. ୱାର୍ଡ ଝୋଲାସାହିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିଏମ୍‌ସି ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଯୋଗଦେଇଥିଲେ। ହେଲେ ଏହି ଶିଳାନ୍ୟାସ ଫଳକରେ ସ୍ଥାନୀୟ କର୍ପୋରେଟର ଗଗନ ଓଝାଙ୍କ ନାମ ନାହିଁ। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ସିଏମ୍‌ସି କର୍ତ୍ତୃପକ୍ଷ ପାତରଅନ୍ତର ନୀତି ଛାଡ଼ନ୍ତୁ ବୋଲି କହିଛନ୍ତି। ଏ ନେଇ ଓଝା କହିଛନ୍ତି, ୨୬ନଂ. ୱାର୍ଡରେ ଶିଳାନ୍ୟାସ କରାଯାଇଥିଲେ ମଧ୍ୟ ତାଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ଅନ୍ୟ ୱାର୍ଡଗୁଡିକରେ ସ୍ଥାପନ କରାଯାଇଥିବା ଭିତ୍ତିପ୍ରସ୍ତର ଫଳକରେ ସ୍ଥାନୀୟ କର୍ପୋରେଟରଙ୍କ ନାମ ଲେଖାଯାଇଛି। ହେଲେ ୨୬ନଂ. ୱାର୍ଡରେ ସେଭଳି କରାଯାଇନାହିଁ। ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇନି। ନୂତନ ଫଳକ କରାଯାଇ ଗଗନଙ୍କ ନାମ ଲେଖା ଯିବ। ଏହା କୌଣସି ଉଦ୍ଦେଶ୍ୟମୂଳକ ଭାବେ କରାଯାଇନାହିଁ ବୋଲି ସେ କହିଛନ୍ତି।

## 'ସମାଜର ପରିବର୍ତ୍ତନ ପାଇଁ ଉଦ୍ୟମ କରୁଥିଲେ ରଣଜିତ୍'



ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ,୨।୯

ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ୩୩ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଥିଲେ, ରଣଜିତ୍ ମହାନ୍ତି ଥିଲେ ଜଣେ ଦକ୍ଷ ଆଇନଜୀବୀ। ସମାଜରେ ପରିବର୍ତ୍ତନ ଆଣିବା ପାଇଁ ନିଜର କାର୍ଯ୍ୟଧାରା ମଧ୍ୟରେ ସେ ସର୍ବଦା ଉଦ୍ୟମ କରୁଥିଲେ। ସୁପ୍ରିମକୋର୍ଟ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ ମହେଶ ଜେଠ୍‌ମାଲିନୀ ଅନ୍‌ଲାଇନରେ ଯୋଗଦେଇ କହିଥିଲେ, ପୁରୁଣା ଆଇନ ବ୍ୟବସ୍ଥାରେ ସଂଶୋଧନ ଆବଶ୍ୟକ। ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିବା ଆବଶ୍ୟକ। ଏଥିରେ ବାର୍ ଆସୋସିଏଶନ ଉପସଭାପତି କ୍ଷୀରୋଦ କୁମାର ଅଧ୍ୟକ୍ଷତା କରିଥିଲେ। ଯୁଗ୍ମ ସମ୍ପାଦକ ଉଦିତ ରଞ୍ଜନ ଜେନା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ସ୍ମୃତି କମିଟି ଆବାହକ ସଞ୍ଜିତ ମହାନ୍ତି ସ୍ୱାଗତ ଭାଷଣ, ଆଇନଜୀବୀ ଶୁଭବିକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ବାର୍ ଆସୋସିଏଶନ ସହସମ୍ପାଦକ ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ବାର୍‌ର ଆଇନଜୀବୀଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟ ଅତିଥିମାନେ ପୂର୍ବାହ୍ନରେ ବାର୍ ଆସୋସିଏଶନ ପରିସରସ୍ଥ ରଣଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ୨ ବନ୍ଧୁକ, ସ୍କୁଟି ଜବତ: ଇଞ୍ଜିନିୟରିଂ ଛାତ୍ର ଗିରଫ

**ମଙ୍ଗୁଳି,୨।୯(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ଚଟିଲୋ ଗଡ଼ା ନିକଟରୁ ପୋଲିସ ଏକ ସ୍କୁଟି ସହ ଦୁଇଟି ବନ୍ଧୁକ ଜବତ କରିଛି। ଏହି ଘଟଣାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କହ୍ନେଇପୁର ପଞ୍ଚାୟତ ନିମିଶାପୁର ଗ୍ରାମର ମହେଶ୍ୱର ଷଡ଼ଙ୍ଗୀ। ଶୁକ୍ରବାର ଅପରାହ୍ନରେ ଚଟିଲୋ ଗଡା ନିକଟ ବଜାରରେ ମହେଶ୍ୱର ଦୋକାନୀମାନଙ୍କ ସହିତ ପାଟିତୁଣ୍ଡ କରୁଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଛାତ୍ରଙ୍କ ସ୍କୁଟି ଯାଞ୍ଚ କରିଥିଲା। ସେଥିରେ ଦୁଇଟି ବନ୍ଧୁକ ଥିବା ଦେଖିବାକୁ ମିଳିଥିଲା। ବନ୍ଧୁକ ସମ୍ପର୍କରେ ମହେଶ୍ୱରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୮୬/୨୨) ରୁଜୁ ହୋଇଛି।

## ନାରାୟଣ ପତି ପାଠାଗାର ଉଦ୍‌ଘାଟିତ

କଟକ ଅଫିସ,୨।୯

କଟକ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲର ନୂତନ ପାଠାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ନାରାୟଣ ପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପାଠାଗାର ନାମ ନାରାୟଣ ପତି ରଖାଯାଇଛି। ସ୍କୁଲର ପୁରାତନ ଛାତ୍ରୀ ତଥା ମୋ' ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଓ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସ୍କୁଲକୁ ବାଗ୍‌ଚୀ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୁମ୍‌ନିମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ, ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ, ଆଇନଜୀବୀ ପ୍ରସନ୍ନ ନନ୍ଦ, ଦିଲୀପ କର, ସୁଧୀର ମହାନ୍ତି, ସତ୍ୟଗୋପାଳ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।



ପାଠାଗାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୋ' ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଓ ଅନ୍ୟମାନେ।

### ସିଟି ହସ୍ପିଟାଲରେ ଅବ୍ୟବସ୍ଥା

## ଅଲଟ୍ରାସାଉଣ୍ଡ କରି ନ ପାରି ଫେରୁଛନ୍ତି ରୋଗୀ

କଟକ ଅଫିସ,୨।୯

କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲରେ ଅଲଟ୍ରାସାଉଣ୍ଡ ସେବା ପ୍ରଦାନରେ ଅବହେଳା କରାଯାଉଛି। ଗୁରୁତର ରୋଗୀମାନଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ଡାକ୍ତର ଅଲଟ୍ରାସାଉଣ୍ଡ କରାଇବାକୁ ପ୍ରେସ୍‌କ୍ରିପ୍‌ସନ ଲେଖୁଛନ୍ତି। ହେଲେ ଦୀର୍ଘଦିନ ବିତିଯାଉଥିଲେ ମଧ୍ୟ ରୋଗୀମାନେ ଉକ୍ତ ସେବା ପାଇବାରେ ବିଳମ୍ବ ହେଉଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ରୋଗୀମାନେ ସିଟି ହସ୍ପିଟାଲ ଉପରେ ନିର୍ଭରଶୀଳ ଥିବାବେଳେ ସେମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କିଛିଦିନ ଧରି ଅଲଟ୍ରାସାଉଣ୍ଡ କରିବାକୁ ଆସି ଫେରୁଥିବା ରୋଗୀମାନେ ଶୁକ୍ରବାର ପୁନର୍ବାର ସିଟି ହସ୍ପିଟାଲରେ ପହଞ୍ଚିଥିଲେ। ସେମାନେ ଓ ସେମାନଙ୍କ ସମ୍ପର୍କୀୟ ଦୀର୍ଘ ସମୟ ଧରି ଧାଡିରେ ଛିଡା ହୋଇଥିଲେ। ଅଲଟ୍ରାସାଉଣ୍ଡ୍ ଶୃଙ୍ଖଳିତ ଭାବେ କରାଇବା ଲାଗି ମେଡିକାଲ ପକ୍ଷରୁ ଟୋକନ୍ ଦିଆଯିବା ବ୍ୟବସ୍ଥା ରହିଛି। ସମସ୍ତେ ଅପେକ୍ଷା କରିଥିଲେ ଟୋକନ୍‌କୁ।




ଟୋକନ୍ ଦେବା ଆରମ୍ଭ ହେଲା, ସମସ୍ତେ ଟିକେ ଆଶ୍ୱସ୍ତ ଅନୁଭବ କଲେ। ହେଲେ ୨ ଜଣଙ୍କୁ ଟୋକନ୍ ଦିଆଯିବା ପରେ କୁହାଗଲା ଆଜି ଅଲଟ୍ରାସାଉଣ୍ଡ ହେବ ନାହିଁ। ଫଳରେ ସେଠାରେ ନିୟୋଜିତ ସୁରକ୍ଷା କର୍ମୀମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବାହାରକୁ ଯିବାକୁ କହିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନିରାଶରେ ଫେରିବାକୁ ବାଧ୍ୟ ହୋଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ କହିଛନ୍ତି, ଏନେଇ ମୋ ପାଖରେ କେହି ଅଭିଯୋଗ କରିନାହାନ୍ତି। ଅଲଟ୍ରାସାଉଣ୍ଡ ରୋଗ ଚିହ୍ନଟ କରିବା ନିମନ୍ତେ ଏକ ପରୀକ୍ଷା। କୌଣସି ରୋଗୀର ଜରୁରୀ ଥିଲେ ନିଶ୍ଚୟ କିଛି ବ୍ୟବସ୍ଥା କରାଯାଇଥାନ୍ତା। ତେବେ ପ୍ରକୃତରେ କ'ଣ ହୋଇଛି ଅନୁଧ୍ୟାନ କରିବି ବୋଲି ସେ କହିଛନ୍ତି।



" ଅଲଟ୍ରାସାଉଣ୍ଡ କରାଇବା ପାଇଁ ଗତ ୩୧ ତାରିଖଠାରୁ ପ୍ରତିଦିନ ସିଡିଏ ଅଞ୍ଚଳରୁ ଅଟୋ ଭଡ଼ା କରି ଏଠାକୁ ଆସୁଛି। ହେଲେ ନିରାଶରେ ଫେରିବାକୁ ବାଧ୍ୟ ହେଉଛି। ଆମେ ଖଟିଖିଆ ଲୋକ। ସରକାରୀ ମେଡିକାଲରେ ସୁବିଧାରେ ଚିକିତ୍ସା ପାଇବା ପାଇଁ ଆସି ହୀନସ୍ତା ହେବାକୁ ପଡୁଛି। ଗରିବ ରୋଗୀଙ୍କ ପ୍ରତି ଏଭଳି ଅବହେଳା ସେମାନଙ୍କୁ ଉପହାସ କରିବା ଭଳି ହେଉଛି।

—ବାସନ୍ତୀ ସାହୁ, ରୋଗୀ



" ମୋ ସ୍ତ୍ରୀଙ୍କର ଅଲଟ୍ରାସାଉଣ୍ଡ କରାଇବା ପାଇଁ ରାତି ୪ଟାରୁ ଆସି ଧାଡିରେ ଛିଡା ହୋଇଛି। ଆହୁରି ୨୦ ଜଣ ରୋଗୀ ଅଛନ୍ତି। ମୋତେ ୧ ନମ୍ବର ଟୋକନ୍ ମିଳିଥିଲା। ସିକ୍ୟୁରିଟି ଗାର୍ଡ କହିଲେ ଡାକ୍ତରଙ୍କ ଦେହ ଖରାପ ଅଛି ଆଜି ଅଲଟ୍ରାସାଉଣ୍ଡ ହେବ ନାହିଁ। ତେଣୁ ସମସ୍ତେ ବାହାରକୁ ଯାଅ। ଏତେ ଦୂରରୁ ରୋଗୀମାନେ ଆସି ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଏଭଳି କଥା ଶୁଣିବାକୁ ମିଳୁଛି।

—ଆରିଫ୍ ଖାନ୍, ରୋଗୀ ସମ୍ପର୍କୀୟ



" ଅଲଟ୍ରାସାଉଣ୍ଡ କରିବା ପାଇଁ ଡାକ୍ତର ପ୍ରେସ୍‌କ୍ରିପସନ ଲେଖି ଦେଇଛନ୍ତି। ଏଥିପାଇଁ ସିଟି ହସ୍ପିଟାଲକୁ ପୂର୍ବରୁ ୩ ଥର ଆସି ଫେରିବାକୁ ପଡିଛି। ଶୁକ୍ରବାର ମୁଁ ୨ ନମ୍ବର ସିରିଅଲରେ ଥାଇ ଟୋକନ୍ ପାଇଥିଲି। ହେଲେ ପୁଣି ସେହି ଅବସ୍ଥା। ଅଲଟ୍ରା ସାଉଣ୍ଡ ହେବ ନାହିଁ ବୋଲି କହୁଛନ୍ତି। ସରକାର ଯଦି ସେବା ଦେଇ ନ ପାରିବେ ତେବେ ବନ୍ଦ କରିଦିଅନ୍ତୁ। ଲୋକଙ୍କୁ କ'ଣ ପାଇଁ ହଇରାଣ କରାଯାଉଛି।

—ଦେବେନ୍ଦ୍ରନାଥ ରାଉତ, ରୋଗୀ